R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୩
ତିଥି : ଚତୁର୍ଥୀ
୧୮ ଜୁଲାଇ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 283
18 July 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଲା ତିନି ରଥ

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ମଣ୍ଡପ ବିଜେ

ପୁରୀ, ୧୭ ।୭ (ସବ୍ୟୁ) : ମାନବୀୟ ଲିଳା ଖେଳିବା ପାଇଁ ଶ୍ରୀମନ୍ଦିରରୁ ନବଦିନାତ୍ମକ ଗୁଣ୍ଡିଚା ଯାତ୍ରାରେ ବାହାରି ଗତକାଲି ଅଧା ବାଟରେ ଅଟକି ଥିବା ରଥାରୂଢ ବିଗ୍ରହମାନେ ଶୁକ୍ରବାର ଅପରାହ୍ନରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଛନ୍ତି। ଶୁକ୍ରବାର ସକାଳୁ ରଥ ଟଣା ଆରମ୍ଭ ହୋଇଥିଲା। ଅପରାହ୍ଣ ୩ଟା ସୁଦ୍ଧା ତିନି ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ରଥାରୂଢ ବିଗ୍ରହମାନେ ଆଜି ରଥ ଉପରେ ରହିବେ। ବିଗ୍ରହ ମାନଙ୍କର ସମସ୍ତ ନୀତିକାନ୍ତି ରଥ ଉପରେ ଅନୁଷ୍ଠିତ ହେବ।

ଆସନ୍ତା କାଲି ସନ୍ଧ୍ୟାରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପ ଜନ୍ମ ବେଦୀକୁ ପହଣ୍ଡି ବିଜେ କରିବେ। ରବିବାର ଦିନ ଗୁଣ୍ଡିଚା ମନ୍ଦିରରୁ ପ୍ରଥମ ଆଡ଼ପମଣ୍ଡପ ଅଛି ଅଭଡା ବାହାରିବ। ଶୁକ୍ରବାର ରଥାରୁଢ଼ ବିଗ୍ରହମାନଙ୍କର ନୀତିକାନ୍ତି ମଙ୍ଗଳ ଆଳତୀ, ଅବକାଶ, ତଡପଲାଗି, ମଇଲମ, ବେଶ ଅନୁଷ୍ଠିତ ହୋଇଥିଲା। ସକାଳ ପ୍ରାୟ ୧୦ ଟା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା। ମାର୍କେଟ ଛକ ନିକଟରେ ଅଟକିଥିବା ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା। ପରେ ମରିଚିକୋଟ ଛକ ନିକଟରେ ଅଟକିଥିବା ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇଥିଲା। ଶେଷରେ ବଡ ଦାଣ୍ଡରେ ଅଟକିଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇଥିଲା। ଅପରାହ୍ଣ ୨ ଟା ୫୦ ମିନିଟ ସୁଦ୍ଧା ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା। ଘଣ୍ଟୁଆ ମାନଙ୍କର ଘଣ୍ଟ ଘଣ୍ଟା ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ବଡ ଦାଣ୍ଡ। ପୋଲିସ ପକ୍ଷରୁ ରଥ ଗୁଡ଼ିକ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କର୍ଡନ କରାଯାଇ ଥିଲା। ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ରଥ ଟାଣି ଥିଲେ। ପ୍ରଥମେ ବଡ଼ ଠାକୁର ବଳଭଦ୍ରଙ୍କ ରଥ ତାଳଧ୍ୱଜ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗି ଥିଲା। ପରେ ଭଉଣୀ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗି ଥିଲା। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଲାଗିଥିଲା।

- ସକାଳୁ ଆରମ୍ଭ ହୋଇଥିଲା ରଥଟଣା
- ଅପରାହ୍ଣ ୨.୫୦ ସୁଦ୍ଧା ତିନି ରଥ ଶରଧାବାଲିରେ
- ରଥାରୁଢ଼ ଶ୍ରୀଜୀଉଙ୍କୁ ଦର୍ଶନ କରୁଛନ୍ତି ଲକ୍ଷାଧିକ ଭକ୍ତ



ରଥ ଗୁଡ଼ିକ ଲାଗିଲା ପରେ ପୋଲିସ ପକ୍ଷରୁ କର୍ଡନ୍ କରାଯାଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ରଥ ଗୁଡିକ ଉଜ୍ଜଳ ଆଲୋକ ଆଲୋକିତ କରାଯାଇଛି। ଉଜ୍ୱଳ ଆଲୋକରେ ରଥ ଗୁଡିକ ଅତ୍ୟନ୍ତ ଆକର୍ଷଣୀୟ ଓ ମନୋରମ ଦେଖାଯାଉଛି। ଆଜିର ରଥ ଟଣା ସମୟରେ ଅତିରିକ୍ତ ମୁଖ୍ୟଶାସନ ସଚିବ ତଥା ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡକଟର ଅରବିନ୍ଦ ପାଢୀ, ପୋଲିସ ଡିଜି ୱାଇ. ବି. ଖୁରାନିଆ, ଅତିରିକ୍ତ ପୁଲିସ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ସଞ୍ଜୟ କୁମାର, ଆଇଜି ଅନୁପ କୁମାର ସାହୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍ପି ପ୍ରତୀକ ସିଂହ ଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ବର୍ଷାରେ ବେହାଲ ଜନଜୀବନ

# ଉପକୂଳରେ କମିବ, ପଶ୍ଚିମରେ ବର୍ଷା ଜାରି

ଭୁବନେଶ୍ୱର, ୧୭ ।୭ (ସବ୍ୟୁ): ରାଜ୍ୟରେ ଲଘୁଚାପ ଯୋଗୁ ପ୍ରବଳ ବର୍ଷାରେ ବେହାଲ ଜନଜୀବନ । ଉପକୂଳଠୁ ଆଭ୍ୟନ୍ତରୀଣ ସବୁଠି ବର୍ଷାର ବିପ୍ରାତ ଦେଖିବାକୁ ମିଳିଛି । ତଳିଆ ଅଞ୍ଚଳରେ ଘରେ ପାଣି ପଶିଥିବା ବେଳେ ବିଭିନ୍ନ ନଦୀ ଜଳସ୍ତର ବୃଦ୍ଧି ପାଇବାରୁ ରାସ୍ତାରେ ଆଣ୍ଠୁଏ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଛି । ଫଳରେ ଜନଜୀବନ ବାଧାପ୍ରାପ୍ତ ହୋଇଛି । ତେବେ ଆସନ୍ତାକାଲି(ଶୁକ୍ରବାର) ଠାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର କହିବାନୁସାରେ, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ପାର୍ଶ୍ୱବର୍ତ୍ତୀ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା ଉପରେ ଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହେବ। ଶୁକ୍ରବାର ଅର୍ଥାତ ୧୮ ତାରିଖରେ ସୁନ୍ଦରଗଡ଼, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ସେହିପରି ୧୯ ଓ ୨୦ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ ।

- କେନ୍ଦୁଝରରେ ସର୍ବାଧିକ ୨୧୦ ମିମି ବର୍ଷା
- ଜୁଲାଇର ୧୭ ଦିନରେ ମାସକର ଭରଣା

ରାଜ୍ୟରେ ଜୁନ ୧ରୁ ୩୦ ମଧ୍ୟରେ ୧୧୦.୩ ମିମି ବର୍ଷା ରେକର୍ଡ ହୋଇଥିଲା। ଜୁଲାଇର ୩୧ଦିନରେ ସ୍ୱାଭାବିକ ବର୍ଷା ହେଉଛି ୩୪୧.୪ମିମି । କିନ୍ତୁ ଚଳିତ ବର୍ଷ ଜୁଲାଇ ମାସର ପ୍ରଥମ ୧୭ଦିନରେ ଏଯାବତ ୩୩୬.୬ ମିମି ବର୍ଷା ରେକର୍ଡ ହୋଇସାରିଥିବା ବେଳେ ମାସ ପୁରିବାକୁ ଆହୁରି ୧୪ଦିନ ବାକି ରହିଛି । ତେବେ ଏଲ-ନିନୋର ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି ।

ଗତ ୨୪ ଘଣ୍ଟା ଅର୍ଥାତ ଗୁରୁବାର ସକାଳ ସାଢ଼େ ୮ଟା ସୁଦ୍ଧା କେନ୍ଦୁଝର ଜିଲ୍ଲାର ହାଟଡିହି ଠାରେ ୨୧୦ ମିମି ବର୍ଷା ସର୍ବାଧିକ ରେକର୍ଡ ହୋଇଥିବା ବେଳେ ବରଗଡ଼ର ଅତାବିରାରେ ୧୬୦ ମିମି, ସମ୍ବଲପୁରର ବୁର୍ଲାରେ ୧୪୫ ମିମି, ହୀରାକୁଦରେ ୧୪୦ ମିମି, ସମ୍ବଲପୁରରେ ୧୩୮ ମିମି, ବଙ୍ଗମୁଣ୍ଡାରେ ( ୯ ପୃଷ୍ଠାରେ)

# ଇରାନର ଦାବି, ଧ୍ୱଂସ ହୋଇଛି ଆମେରିକାର ବହୁ ଯୁଦ୍ଧ ବିମାନ

ନୂଆଦିଲ୍ଲୀ, ୧୭ ।୭ : ଆମେରିକାର ଅନେକ ଯୁଦ୍ଧ ବିମାନକୁ ବାଲାଷ୍ଟିକ୍ ମିଶାଇଲ ଓ ଡ୍ରୋନ୍ ଆକ୍ରମଣରେ ଇରାନ ଧ୍ୱଂସ କରିଛି ବୋଲି ଦାବି କରିଛି । ଜୋର୍ଡାନର ବହୁ ସ୍ଥାନରେ ଥିବା ଆମେରିକାର ସାମରିକ ଘାଟି ଉପରେ ଇରାନ ଏହି ଆକ୍ରମଣ କରିଥିବା ଦାବି କରିଛି। ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଇରାନ ଉପରେ ଆମେରିକାର ପକ୍ଷରୁ ଏୟାର ଷ୍ଟ୍ରାଇକ୍‌ରେ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏହାର ପ୍ରତିଶୋଧରେ ଇରାନ ଏଭଳି ଆକ୍ରମଣ କରିଛି ବୋଲି କୁହାଯାଉଛି ।

ଆଇଆର୍‌ଜିସି ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି ଯେ ଆମେ ସେମାନଙ୍କର ଅନେକ ତେଲ ଯୋଗାଣ କରୁଥିବା ଏୟାରକ୍ରାଫ୍ଟ ଓ ଯୁଦ୍ଧ ବିମାନକୁ ଧ୍ୱଂସ କରିଛୁ। ସେମାନଙ୍କର ଅନେକ କ୍ଷୟକ୍ଷତି ହୋଇଛି। ଜୋର୍ଡାନକୁ ଏବେ ଟାର୍ଗେଟ କରାଯାଇଛି। ଜୋର୍ଡାନ ଏବେ ଆମେରିକା ସହ ମିଶି ତାଙ୍କ ଦେଶରେ ଇସ୍‌ଲାମିକ୍ ବିରୋଧରେ ପଦକ୍ଷେପ ନେଉଛି। ଅନ୍ୟ ଗଲ୍ଫ ରାଷ୍ଟ୍ରଗୁଡ଼ିକୁ ମଧ୍ୟ ଟାର୍ଗେଟ କରାଯାଇଛି। ଆଇଆର୍‌ଜିସି କହିଛି ଯେ ସେମାନେ ମଧ୍ୟ ଆମେରିକାର ସ୍ୱତନ୍ତ୍ର ଅପରେସନ୍ କମାଣ୍ଡ ସେଣ୍ଟର ଅଲ୍ ତନାବ ଜାହା ସିରିଆରେ ଅଛି ତାହାକୁ ଟାର୍ଗେଟ କରାଯାଇଛି। ତେବେ ସିରିଆ ସରକାରଙ୍କ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇନାହିଁ। ଆମେରିକା ସେନା ଫେବୃଆରୀରେ କହିଥିଲେ ଯେ ସେମାନେ ଜୋର୍ଡା ଓ ଇରାକ୍ ସୀମାନ୍ତରେ ଥିବା ଅଲ୍-ତାନଫର ସାମୟିକ ଘାଟିରୁ ନିଜର ସେନା ପ୍ରତ୍ୟାହାର ପ୍ରକ୍ରିୟା ଶେଷ କରିବା ନେଇ କହିଥିଲା। ସିରିଆ ବର୍ତ୍ତମାନ ଏଡି ଆଞ୍ଚଳିକ ମହାଯୁଦ୍ଧରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରୁଛି। ଅପରପକ୍ଷରେ ଇରାକ୍‌ର କୁରୁଦିସ୍ ଅଞ୍ଚଳରେ ଥିବା ଇରବିଲ୍ ଓ ସୁଲେମାନିଆ ସହରରେ ଶତ୍ରୁ ପକ୍ଷରୁ ମିଶାଇଲ ମାଡକୁ ପ୍ରତିହତ କରିବା ସମୟରେ ବ୍ୟାପକ ବିସ୍ଫୋରଣ ଶବ୍ଦ ମିଳିବାକୁ ମିଳିଛି। ଯେଉଁଥିରେ ପ୍ରାୟ ୯ ଜଣଙ୍କର ମୃତ୍ୟୁ ଘଟିଛି। ତେହେରାନ ପକ୍ଷରୁ ମଧ୍ୟପ୍ରାଚ୍ୟରେ ଥିବା ସହଯୋଗୀ ରାଷ୍ଟ୍ର କତାର ଉପରେ ମିଶାଇଲ ମାଡ କରାଯାଇଛି ଏବଂ କୁଏତ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଓ ଜଳଶୋଧନ ପ୍ରକଳ୍ପକୁ କ୍ଷତିଗ୍ରସ୍ତ କରାଯାଇଛି। ଅସ୍ଥାୟୀ ଅସ୍ତ୍ର ବିରତି ଚୁକ୍ତି ଏବେ ଭୁଷୁଡ଼ି ପଡ଼ିଛି। ଏୟାରଷ୍ଟ୍ରାଇକ୍ ପରିସରକୁ ବୃଦ୍ଧି କରି ଆମେରିକା-ଇରାନର ଗୁରୁତ୍ୱପୂର୍ଣ୍ଣ ପୋଲ, ବିଦ୍ୟୁତ୍ ଭିତ୍ତିଭୂମି ଓ ପ୍ରମୁଖ ବନ୍ଦର ଟାୱାରକୁ ଧ୍ୱଂସ କରିଦେଇଛି।




## ଆମେରିକା ଆକ୍ରମଣରେ ୮ ଇରାନୀଙ୍କ ମୃତ୍ୟୁ

## ୨୦ ଦିନରେ ୱାଙ୍ଗଚୁକ୍‌ଙ୍କ ଅନଶନ

# ପରିହାସରେ କହିଲେ 'ଭୂତ ହୋଇ ଫେରିବି'

ନୂଆଦିଲ୍ଲୀ, ୧୭ ।୭ : ୨୦ ଦିନରେ ସୋନମ ୱାଙ୍ଗଚୁକ୍‌ଙ୍କ ଅନଶନ ପହଞ୍ଚିଛି। ଶିକ୍ଷାବିତ୍ ଓ ପରିବେଶ କର୍ମୀ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନ ପ୍ରତ୍ୟାହାର ପାଇଁ ବିରୋଧୀ ଦଳ ନେତାଗୁଡ଼ିକ ନିବେଦନ କରିଛନ୍ତି। ମାତ୍ର ସେ କହିଛନ୍ତି ଯେ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସେ ଅନଶନରେ ବସିବେ ଓ ସଂସଦକୁ ହେବାକୁ ଥିବା ଶୋଭାଯାତ୍ରାରେ ଭାଗ ନେବେ। ତେବେ ଆଜି କଂଗ୍ରେସ ମୁଖପାତ୍ର ପୱନ ଖେରା ୱାଙ୍ଗଚୁକ୍‌ଙ୍କୁ ଭେଟିଛନ୍ତି। ସେ କଂଗ୍ରେସ ପକ୍ଷରୁ ଅନଶନ ପ୍ରତ୍ୟାହାର ନେଇ ଦିଆଯାଇଥିବା ବାର୍ତ୍ତାକୁ ତାଙ୍କୁ ଜଣାଇବା ସହ ଏଥିରୁ ଓହରିଯିବାକୁ ପରାମର୍ଶ ଦେଇଛନ୍ତି। ଖେରା କହିଛନ୍ତି ଯେ ସରକାର ସମ୍ବେଦନଶୀଳ ନୁହେଁ, ଗଣତାନ୍ତ୍ରିକ ଉପାୟର ଆନ୍ଦୋଳନକୁ ଏମାନେ ବୁଝନ୍ତି ନାହିଁ। ତେଣୁ ଜୀବନକୁ ବାଜି ଲଗାଇ ଆନ୍ଦୋଳନ ନ କରାଯାଉ।




ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବ୍ୟବସ୍ଥାରେ ତ୍ରୁଟିକୁ ନେଇ ସୋନମ୍ ୱାଙ୍ଗଚୁକ୍ ଅନିର୍ଦ୍ଦିଷ୍ଟ ପାଇଁ ଆମରଣ ଅନଶନରେ ବସିଛନ୍ତି। ସିଜେପି ପକ୍ଷରୁ ଆସନ୍ତା ୨୦ ତାରିଖରେ ସଂସଦକୁ ଶୋଭାଯାତ୍ରା କରାଯିବ। ଆସନ୍ତା ୨୦ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଛି। ୱାଙ୍ଗଚୁକ୍ ଏଥିରେ ଭାଗ ନେବେ ବୋଲି କହିଛନ୍ତି। ଯଦି ତାଙ୍କର କିଛି ହୋଇଯାଏ ତେବେ ସେ ଭୁତ ହୋଇ ଫେରିବେ ବୋଲି ପରିହାସରେ କହିଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ସିଜେପି ପକ୍ଷରୁ ୨୮ ଦିନ ହେବ ଏହି ଆନ୍ଦୋଳନ ଚାଲିଛି। ଜୁଲାଇ ୨୦ରେ ସଂସଦ ଚଲୋ ଡାକରା ଦିଆଯାଇଛି। ଜନ୍ତରମନ୍ତରରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ସୋନମ ୱାଙ୍ଗଚୁକ୍ ତାଙ୍କ ସମର୍ଥକମାନଙ୍କୁ କହିଛନ୍ତି ଯେ ସମସ୍ତ ଶକ୍ତି ଖଟାଇ ଅଧିକ ଲୋକଙ୍କୁ ସାମିଲ କରିବା ପାଇଁ ବ୍ୟବସ୍ଥା କର। ମୁଁ ସିନା ବାହାରକୁ ଦୁର୍ବଳ ଜଣାପଡୁଛି ମାତ୍ର ଭିତରେ ପୁରା ସବଳ ରହିଛି। ମୁଁ ନିଶ୍ଚିତ ଯେ ତୁମେ ସମସ୍ତେ ଶକ୍ତିଶାଳୀ ରହିଛ। ଆମକୁ ଏହି ଶକ୍ତି ଜୁଲାଇ ( ୯ ପୃଷ୍ଠାରେ)

- ୨୦ ତାରିଖ ସଂସଦ ଚଲୋ ଅଭିଯାନରେ ସାମିଲ ହେବି
- ୱାଙ୍ଗଚୁକ୍‌ଙ୍କୁ ଭେଟିଲେ କଂଗ୍ରେସ ଜାତୀୟ ମୁଖପାତ୍ର

## ପାଠ୍ୟପୁସ୍ତକ ତ୍ରୁଟି ମାମଲା

# ଚାରି କାର୍ଯ୍ୟାଳୟରେ କ୍ରାଇମ୍‌ବ୍ରାଞ୍ଚର ଛାନ୍‌ଭିନ

ଭୁବନେଶ୍ୱର, ୧୭ ।୭ (ସବ୍ୟୁ) : ପାଠ୍ୟପୁସ୍ତକ ତ୍ରୁଟି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ କରୁଥିବା ବେଳେ ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଶୁକ୍ରବାର ଚାରୋଟି କାର୍ଯ୍ୟାଳୟରେ ତଦନ୍ତକାରୀ ଟିମ୍ ଛାନ୍‌ଭିନ୍ କରିଛି। ପ୍ରିଣ୍ଟିଂ ଓ ଟେଣ୍ଡର ଫାଇଲ ଜବତ କରାଯାଇଥିବା ବେଳେ ଓଟିପିଏମ୍ ନିର୍ଦ୍ଦେଶକ ସମ୍ବିତ କୁମାର ନାୟକ ତ୍ରୁଟିକୁ ନେଇ ଶତ ମାନିଛନ୍ତି। ତାଙ୍କ କହିବାନୁଯାୟୀ ପ୍ରସ୍ତୁତି ପାଇଁ ସମୟ କମ୍ ଥିବାରୁ ଠିକ୍ ଭାବେ ତଦାରଖ କରିହେଲା ନାହିଁ । କିଛି ବହି ବାହାରକୁ ଯିବା ପରେ ତ୍ରୁଟି ଜଣାପଡିଥିଲା ।

କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଶୁକ୍ରବାର ପ୍ରଥମେ ଓପେସା ଅଫିସ୍‌କୁ ଯାଇଥିଲେ । ଉପନିର୍ଦ୍ଦେଶିକା ଇତିଶ୍ରୀ ନାୟକଙ୍କୁ ପଚରାଉଚରା କରି ବୟାନ ରେକର୍ଡ କରିଥିଲେ। ତାଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ କେତେ ବହି ଛପାଯାଇଛି, କେଉଁ କେଉଁ କ୍ଲାସ୍‌ର ବହି ଛପାଯାଇଛି ଓ କେତେ ଟଙ୍କା ଦେଣନେଣ ହୋଇଛି ସେ ସମ୍ପର୍କରେ ତଦନ୍ତକାରୀ ଟିମ୍ ପଚାରିଥିଲା । ଉପନିର୍ଦ୍ଦେଶିକା ଯାହା କହିଲେ ତାହା ରେକର୍ଡ କରାଯାଇଛି। ସେଠାରୁ ଏସ୍‌ସିଇଆର୍‌ଟି ଅଫିସ୍‌କୁ ଆସି ନିର୍ଦ୍ଦେଶିକା ଓ ଅନ୍ୟ ଅଧିକାରୀଙ୍କୁ ପଚରାଉଚରା କରି ତାଙ୍କ ବୟାନ ରେକର୍ଡ କରିଥିଲା ତଦନ୍ତକାରୀ ଟିମ୍। ଏହା ପରେ ଓଟିପିଏମ୍ ଓ ଟିବିପିଏମ୍ ଅଫିସ୍‌କୁ ଯାଇ ଛାନ୍‌ଭିନ୍ କରିଥିଲା ତଦନ୍ତକାରୀ ଟିମ୍ । ଓଟିପିଏମ୍‌ର ନିର୍ଦ୍ଦେଶକ ସମ୍ବିତ କୁମାର ନାୟକ ପାଠ୍ୟପୁସ୍ତକ ତ୍ରୁଟି କଥା ସ୍ୱୀକାର କରିଥିବା ତଦନ୍ତକାରୀ ଟିମ୍ ଗଣମାଧ୍ୟମକୁ କହିଛି । ଶୁକ୍ରବାର ତଦନ୍ତ କାର୍ଯ୍ୟ ସାରି ଯିବାବେଳେ ଡିଏସ୍‌ପି ନରେନ୍ଦ୍ର ବେହେରା ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଏତଲା ଅନୁଯାୟୀ ତଦନ୍ତ ଆଗକୁ ବଢୁଛି । ପ୍ରିଣ୍ଟିଂ ଓ ଟେଣ୍ଡର ଫାଇଲ ଜବତ କରାଯାଇଥିବା ସେ କହିଛନ୍ତି ।

### ପ୍ରିଣ୍ଟିଂ, ଟେଣ୍ଡର ଫାଇଲ ଜବତ

ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ଛପାଯିବାରେ ୧୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ବିଭିନ୍ନ ବିଭାଗ ଠିକ୍ ଭାବେ ତଦାରଖ ନକରିବାରୁ ପାଠ୍ୟପୁସ୍ତକରେ ୧୭୦୦ରୁ ଉର୍ଦ୍ଧ୍ୱ ଭୁଲ୍ ଥିବା ଜଣାପଡିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ରାଜ୍ୟ ସରକାର ଓ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ୪ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତଦନ୍ତ ଆଗକୁ ବଢିବା ପରେ ପାଠ୍ୟପୁସ୍ତକ ତ୍ରୁଟି ପାଇଁ ଆଉ ଯେଉଁମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବ ତାଙ୍କ ବିରୋଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।




# ରତ୍ନସିଂହାସନ

ଦାରୁବ୍ରହ୍ମ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେଉଁ ସିଂହାସନରେ ଅଧିଷ୍ଠିତ, ତାହା 'ରତ୍ନବେଦୀ', 'ରତ୍ନ ସିଂହାସନ', 'ରତ୍ନମଣ୍ଡପ' ବା 'ନୀଳାଦ୍ରି ମଣ୍ଡପ' ନାମରେ ନାମିତ । ଏହି ସ୍ଥାନ ଶ୍ରୀମନ୍ଦିରର ମୁଖ୍ୟ ସ୍ଥାନ । ଏହା ଏକ ପବିତ୍ର ସ୍ଥଳ । କେତେକ ଗବେଷକ ଏହି ସ୍ଥଳକୁ ମଧ୍ୟ କ୍ଷୀର ସାଗରର ଆଖ୍ୟା ଦେଇଛନ୍ତି । ସେମାନଙ୍କ ମତରେ, ଏହି ସ୍ଥାନରେ ମହାପ୍ରଭୁ, ଶ୍ରୀଦେବୀ ଓ ଭୂଦେବୀଙ୍କ ସହ ଅନନ୍ତ ଶୟନରେ ବିରାଜମାନ କରିଅଛନ୍ତି । ଜଗନ୍ନାଥ ସଂସ୍କୃତିର ଏକ ବିଶିଷ୍ଟ ସ୍ଥାନ ହେଉଛି ନୀଳାଦ୍ରିମଣ୍ଡପ । ମହାଭାରତର ବନପର୍ବରେ ଲୋମଶ ମୁନି ତୀର୍ଥ ପାଇଁ ବାହାରିଥିବା ମହାରାଜ ଯୁଧିଷ୍ଠିରଙ୍କୁ ସମ୍ବୋଧନ କରି କହିଛନ୍ତି, "ହେ ରାଜନ୍! ତୁମ ସମ୍ମୁଖରେ ଥିବା ସାଗର ସଂଲଗ୍ନ ବେଦୀରୂପା ଧରିତ୍ରୀକୁ ଦର୍ଶନ କର । ଏହି ସାଗର ସଂଲଗ୍ନା ଧରିତ୍ରୀ କାଶ୍ୟପ ଋଷିଙ୍କ ଅନୁରୋଧ କ୍ରମେ ଆବିର୍ଭୂତା ହୋଇଛନ୍ତି । ଏହି ବେଦୀକୁ ଆରୋହଣ କରିବା ବ୍ୟକ୍ତି ଧୀର୍ଯ୍ୟବାନ, ତେଜବାନ ତଥା ଦୀପ୍ତିମାନ୍ ହୁଅନ୍ତି । ଲୋମଶ ମୁନିଙ୍କ କଥାନୁସାରେ ପାଣ୍ଡବମାନେ ତୀର୍ଥାଟନ ସମୟରେ ସେହି ମହାବେଦୀକୁ ଆରୋହଣ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ ସେହି ମହାବେଦୀ ହେଉଛି 'ନୀଳାଦ୍ରି ମଣ୍ଡପ' । ଏହି ରତ୍ନସିଂହାସନର ପ୍ରାଚୀନତା ସମ୍ପର୍କରେ ମହାଭାରତର ବନପର୍ବରେ ଯେଉଁ 'ବେଦୀରୂପା ସ୍ଥିତା'ର ଉଲ୍ଲେଖ ରହିଛି, ତାହା କେତେକଙ୍କ ମତରେ ମହାପ୍ରଭୁଙ୍କ ରତ୍ନବେଦୀକୁ ବୁଝାଏ ବୋଲି କହିଛନ୍ତି । ମାତ୍ର ଅନ୍ୟ କେତେକ ଏହାକୁ ଅସ୍ୱୀକାର କରି କହିଛନ୍ତି ଯେ, ମହାରାଜ ଇନ୍ଦ୍ରଦ୍ୟୁମ୍ନ ଯେଉଁ ସ୍ଥଳରେ ସହସ୍ର ଅଶ୍ୱମେଧ ଯଜ୍ଞ କରାଇ ଚତୁର୍ଦ୍ଧା ମୂର୍ତ୍ତିକୁ ପ୍ରତିଷ୍ଠା କରିଥିଲେ, ତାହା 'ମହାବେଦୀ', ତାହା 'ରତ୍ନବେଦୀ' ନୁହେଁ । ତେଣୁ ମନରେ ସ୍ୱତଃ ପ୍ରଶ୍ନ ଉଠେ ମହାବେଦୀ ଓ ରତ୍ନବେଦୀ ଗୋଟିଏ ବେଦୀକୁ କୁହାଯାଏ କି? ଏହା ଗୋଟିଏ ବେଦିକୁ ବୁଝାଇ ନାହିଁ । ଏ ସମ୍ପର୍କରେ ପୁରାଣ କହେ, ମହାରାଜ ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଯେଉଁ ମନ୍ଦିର ନିର୍ମାଣ କରି ବିଷ୍ଣୁ ପ୍ରତିମାକୁ ସ୍ଥାପନ କରିଥିଲେ, ତାହା କାଳକ୍ରମେ ଧ୍ୱଂସ ପାଇଥିଲା ଏବଂ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରର ରତ୍ନସିଂହାସନ ଏକାଧିବାର ନିର୍ମିତ ହୋଇଥିବାର ଦୃଷ୍ଟାନ୍ତ ରହିଛି । ଏଥିରୁ ଆମେ ଏହି ସିଦ୍ଧାନ୍ତରେ ପହଞ୍ଚୁଥାଉ ଯେ, ମହାରାଜ ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ମିତ ମୂଳ ମନ୍ଦିରର ଯେଉଁ ସିଂହାସନରେ ପ୍ରଭୁ ଆଦ୍ୟରୁ ଅଧିଷ୍ଠିତ ହୋଇଥିଲେ, ତାହା ହିଁ 'ମହାବେଦୀ' ଅଟେ । ପରନ୍ତୁ ଶ୍ରୀମନ୍ଦିରର ସିଂହାସନ ରତ୍ନସିଂହାସନ, ରତ୍ନବେଦୀ ବା ରତ୍ନମଣ୍ଡପ ନାମରେ ଖ୍ୟାତ ଫଳରେ ମହାବେଦୀ ଓ ରତ୍ନବେଦୀ ଏକ ନୁହେଁ, ଏହା ପ୍ରତିପାଦିତ ହୋଇଅଛି ।

ଉପରୋକ୍ତ ଲେଖା ଶ୍ରୀମନ୍ଦିର ପୁସ୍ତକରେ ଲେଖିକା ବିଜୟଲକ୍ଷ୍ମୀ ଦାଶ (ମିଶ୍ର)ଙ୍କ ଲିଖିତ ରତ୍ନସିଂହାସନ ଲେଖାର କିୟଦଂଶ ।

# ବିଶ୍ୱ ନେଲସନ୍ ମାଣ୍ଡେଲା ଦିବସ



ପ୍ରତିବର୍ଷ ଜୁଲାଇ ୧୮ କୁ ବିଶ୍ୱ ନେଲସନ୍ ମାଣ୍ଡେଲା ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ବିଶ୍ୱର ଜଣେ ପ୍ରସିଦ୍ଧ ବ୍ୟକ୍ତିତ୍ୱ ନେଲସନ ମାଣ୍ଡେଲା ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମ ଦିନକୁ ବିଶ୍ୱ ନେଲସନ୍ ମାଣ୍ଡେଲା ଦିବସ ଭାବେ ୨୦୦୯ରୁ ପାଳନ କରାଯାଇଆସୁଛି । ସାଉଥ ଆଫ୍ରିକାରେ ଜନ୍ମିତ ମଣ୍ଡେଲା ସମଗ୍ର ବିଶ୍ୱପାଇଁ ଅନେକ କାମ କରିଛନ୍ତି । ସେ ପାଖାପାଖି ୬୭ ବର୍ଷ ଧରି ସୋସିଆଲ ଜଷ୍ଟିସ ପାଇଁ ନିଜ ଲଢେଇ ଜାରି ରଖିଥିଲେ । ସମାଜରେ ମଣିଷ୍ୱତକୁ ଜୀବନ୍ତ ରଖିବା ପାଇଁ ସେ ଜୀବନସାରା କାମ କରିଛନ୍ତି । ସମାଜ ପ୍ରତି ତାଙ୍କର ଅବଦାନ ଅନେକ କିଛି ରହିଛି । ସେ ହେଉଛନ୍ତି ସାଉଥ ଆଫ୍ରିକାର ପ୍ରଥମ ନିର୍ବାଚିତ ରାଷ୍ଟ୍ରପତି । କିଭଳି ଜୀବନରେ କିଛି କରିବାର ଇଚ୍ଛା ହିଁ ସମସ୍ତ ବାଧା ବିଘ୍ନକୁ ଏଡାଇ ଦିଏ ସେ ତାର ପ୍ରମାଣ ଦେଇଛନ୍ତି । ୧୯ ୯୩ରେ ତାଙ୍କୁ ତାଙ୍କ କାମ ପାଇଁ ନୋବେଲ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା । ୧୯୧୮ ରେ ଜନ୍ମହୋଇଥିବା ଏହି ମହାପୁରୁଷଙ୍କର ୨୦୧୩ରେ ମୃତ୍ୟୁ ହୋଇଥିଲା । ମୃତ୍ୟୁ ପରେ ମଧ୍ୟ ନିଜର ଆଦର୍ଶ ଓ ଲୋକଙ୍କ ପାଇଁ ଥିବା ଭଲପାଇବା କାରଣରୁ ଏବେ ମଧ୍ୟ ଲୋକତାଙ୍କୁ ମନେ ରଖିଛନ୍ତି । ଏହି ଦିବସ ଅବସରରେ ବିଭିନ୍ନ ସ୍କୁଲ କଲେଜରେ ତାଙ୍କୁ ବିଷୟରେ ପିଲାଙ୍କୁ ଜ୍ଞାନ ଦିଆଯାଇଥାଏ । ତାଙ୍କର ସମସ୍ତ ଭଲ କର୍ମ ଉପରେ ପିଲାଙ୍କୁ ସୂଚନା ଦିଆଯାଏ, ଯାହା ତାଙ୍କୁ ଜୀବନରେ ମାର୍ଗ ଦର୍ଶନ କରିବ ।

## ଦିବ୍ୟ ବ୍ୟଞ୍ଜନ

# ବେସର

**ସାମଗ୍ରୀ :** କଖାରୁ - ୧ କପ,କଞ୍ଚା କଦଳୀ - ୧/୨ କପ, ମାଟି ଆଳୁ - ୧/୨ କପ, ପୋଟଳ - ୧/୨ କପ, ସାରୁ - ୧/୨ କପ, ଭିଜା କଳା ଚଣା - ୨ ଚାମଚ, ବିରି ବଡ଼ି - ୫ ରୁ ୬ ଟି, ମସଲା ବଟା ପାଇଁ : ସୋରିଷ - ୧ ଛୋଟ ଚାମଚ, ଜିରା - ୧ ଛୋଟ ଚାମଚ, ଗୋଲମରିଚ - ଅଧା ଛୋଟ ଚାମଚ, କୋରା ନଡ଼ିଆ - ୩ ଚାମଚ, ଛୁଙ୍କ ପାଇଁ : ଶୁଦ୍ଧ ଦେଶୀ ଘିଅ - ୨ ଚାମଚ, ହେଙ୍ଗୁ - ୧/୪ ଛୋଟ ଚାମଚ, ହଳଦୀ ଗୁଣ୍ଡ - ୧ ଛୋଟ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ଗୁଡ଼ - ୧ ଛୋଟ ଚାମଚ, କଟା ଧନିଆ ପତ୍ର

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ ସୋରିଷ, ଜିରା, ଗୋଲମରିଚ ଏବଂ କୋରା ନଡ଼ିଆକୁ ଅଳ୍ପ ପାଣି ଦେଇ ଏକ ପେଷ୍ଟ ବା ବଟା ପ୍ରସ୍ତୁତ କରି ରଖନ୍ତୁ । ଏହାପରେ ଏକ ପାତ୍ର କିମ୍ବା ପାରମ୍ପରିକ ମାଟି ପାତ୍ରରେ ୧ ଚାମଚ ଘିଅ ଗରମ କରି ବିରି ବଡ଼ିଗୁଡ଼ିକୁ ଭାଜି ବାହାର କରି ରଖିଦିଅନ୍ତୁ । ବର୍ତ୍ତମାନ ସେହି ପାତ୍ରରେ ଅଧା କପ୍ ପାଣି, ସ୍ୱାଦ ଅନୁସାରେ ଲୁଣ ଏବଂ ହଳଦୀ ଗୁଣ୍ଡ ମିଶାନ୍ତୁ । ଏଥିରେ ପରିବାରେ ମାଟି ଆଳୁ, ସାରୁ ଏବଂ ଭିଜା କଳା ଚଣା ପକାଇ ଘୋଡ଼ଣୀ ଦେଇ ଅଧା ସିଝିବା ଯାଏଁ ରୋଷେଇ କରନ୍ତୁ । ଏହା ଅଧା ସିଝିଯିବା ପରେ ଏଥିରେ କଖାରୁ, କଞ୍ଚା କଦଳୀ ଓ ପୋଟଳ ଭଳି ଅନ୍ୟ ନରମ ପରିବାଗୁଡ଼ିକୁ ମିଶାଇ ସେଗୁଡ଼ିକ ସିଝିବା ପର୍ଯ୍ୟନ୍ତ ଧୀମା ଆଞ୍ଚରେ ରୋଷେଇ କରନ୍ତୁ । ପରିବା ସିଝିଗଲା ପରେ ଏଥିରେ ପୂର୍ବରୁ ପ୍ରସ୍ତୁତ ସୋରିଷ-ନଡ଼ିଆ ବଟା ମସଲା ଓ ଗୁଡ଼ ମିଶାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ । ୩ ରୁ ୪ ମିନିଟ୍ ପର୍ଯ୍ୟନ୍ତ ଧୀମା ଆଞ୍ଚରେ ଫୁଟିବାକୁ ଦିଅନ୍ତୁ । ଅନ୍ୟ ଏକ ଛୋଟ ପାତ୍ରରେ ୧ ଚାମଚ ଘିଅ ଗରମ କରି ସେଥିରେ ହେଙ୍ଗୁ ପକାଇ ଫୁଟାନ୍ତୁ ଏବଂ ଏହି ଛୁଙ୍କକୁ ପ୍ରସ୍ତୁତ ତରକାରୀରେ ଢାଳି ତୁରନ୍ତ ଘୋଡ଼ାଇ ଦିଅନ୍ତୁ । ଶେଷରେ ଏଥିରେ ପୂର୍ବରୁ ଭାଜି ରଖିଥିବା ବଡ଼ିଗୁଡ଼ିକୁ ମିଶାଇ ଆଉ ଏକ ମିନିଟ୍ ଫୁଟାଇବା ପରେ ଚୁଲି ବନ୍ଦ କରିଦିଅନ୍ତୁ ଏବଂ କଟା ଧନିଆ ପତ୍ର ପକାଇ ସଜାଇ ପରଷନ୍ତୁ ।



# ଘଣ୍ଟା ଘଉଡ଼ାଇବ ବୁଲା କୁକୁର



କେରଳର କେତେକ ଇଞ୍ଜିନିୟରିଂ ଛାତ୍ର ଏକ ଅଭିନବ ସ୍ମାର୍ଟୱାଚ୍ ପ୍ରସ୍ତୁତ କରିଛନ୍ତି, ଯାହା ଆକ୍ରମଣାତ୍ମକ ବୁଲା କୁକୁରମାନଙ୍କୁ କୌଣସି କ୍ଷତି ନପହଞ୍ଚାଇ ଦୂରକୁ ଘଉଡ଼ାଇ ପାରିବ । ଚେଙ୍ଗନ୍ନୁର ସ୍ଥିତ ସେଣ୍ଟ ଥୋମାସ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ ଇଞ୍ଜିନିୟରିଂ ବିଭାଗର କିଛି ଛାତ୍ରଙ୍କ ଦ୍ୱାରା ନିର୍ମିତ ଏହି ସ୍ମାର୍ଟୱାଚ୍‌ରେ ଏକ ସ୍ୱତନ୍ତ୍ର ବଟନ ଦିଆଯାଇଛି । ଯାହାକୁ ବିପଦ ସମୟରେ ଦବାଇବା ମାତ୍ରେ ୨୦ ରୁ ୪୦ କିଲୋହର୍ଟଜ୍‌ର ଅଲ୍ଟ୍ରାସୋନିକ ସାଉଣ୍ଡ ୱେଭ୍ ବା ଶବ୍ଦ ତରଙ୍ଗ ନିର୍ଗତ ହୋଇଥାଏ । ଏହାକୁ ଶୁଣି କୁକୁରମାନେ ଏକ ସୁରକ୍ଷିତ ଦୂରତାକୁ ଚାଲିଯାଆନ୍ତି । ଛାତ୍ରମାନେ ମାତ୍ର ୨ ମାସ ମଧ୍ୟରେ ଏହାର ପ୍ରୋଟୋଟାଇପ୍ ପ୍ରସ୍ତୁତ କରି ସେପ୍ଟେମ୍ବର ୨୦୨୫ରେ ଏହାକୁ ଚୂଡ଼ାନ୍ତ ରୂପ ଦେଇଥିଲେ । ସେମାନେ ଫେବୃଆରୀ ୨୦ରେ ଏହାର ପେଟେଣ୍ଟ ମଧ୍ୟ ହାସଲ କରିସାରିଛନ୍ତି । ଏବେ ଏହାକୁ ବଜାରକୁ ଆଣିବା ପାଇଁ କେରଳ ଷ୍ଟାର୍ଟଅପ୍ ମିଶନ ସହ ଆଲୋଚନା ଜାରି ରହିଥିବା ଜଣା ପଡିଛି ।

# ସହଜ ନଥିଲା ସଫଳତା



ଅଭିନେତ୍ରୀ ହେବାର ଚେହେରା ନାହିଁ କହି ଯେଉଁମାନେ ଦିନେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସେହି ରଶ୍ମିକା ମନ୍ଦାନା ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଦେଶର ଜଣେ ଆଗଧାଡ଼ିର ପାନ-ଇଣ୍ଡିଆ ସୁପରଷ୍ଟାର୍ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି । କର୍ଣ୍ଣାଟକରେ ଜନ୍ମିତ ରଶ୍ମିକାଙ୍କ ପିଲାଦିନ ଆର୍ଥିକ ସଂଘର୍ଷ ଭିତରେ କଟିଥିଲା, ଯେଉଁଠି ପରିବାର ପାଇଁ ଘରଭଡ଼ା ଦେବା କିମ୍ବା ତାଙ୍କ ପାଇଁ ଖେଳନାଟିଏ କିଣିବା ବି କଷ୍ଟକର ଥିଲା । ଛାତ୍ରାବାସର ଶୃଙ୍ଖଳିତ ପରିବେଶରେ ବଢ଼ିଥିବା ରଶ୍ମିକା ପାଠପଢ଼ା ଅପେକ୍ଷା ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧିକ ରୁଚି ରଖୁଥିଲେ । ଅଭିନେତ୍ରୀ ହେବାର ସ୍ୱପ୍ନ କେବେ ଦେଖି ନଥିବା ରଶ୍ମିକା କଲେଜ ସମୟରେ 'କ୍ଲିନ୍ ଆଣ୍ଡ କ୍ଲିଅର୍ ଟାଇମ୍ସ ଫ୍ରେଶ୍ ଫେସ୍' ପ୍ରତିଯୋଗିତା ଜିତିବା ପରେ ମଡେଲିଂ ଓ ଅଭିନୟର ସୁଯୋଗ ପାଇଥିଲେ । ତେବେ ସଫଳତାର ଏହି ବାଟ ଆଦୌ ସହଜ ନଥିଲା । କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାୟ ୨୦-୨୫ଟି ଅଡିସନରୁ ରିଜେକ୍ଟ ହେବାପରେ ମଧ୍ୟ ହାରି ନଥିଲେ ରଶ୍ମିକା । ନିଜର ପରିଶ୍ରମ ଜାରି ରଖିଥିଲେ । ସମସ୍ତ ବିଫଳତାକୁ ସଫଳତାର ସିଡି ଭାବେ ଗ୍ରହଣ କରି କ୍ୟାରିୟର ଆଗକୁ ବଢିଥିଲେ ଏବଂ ସଫଳତା ପାଇଥିଲେ ।

## ଇତିହାସ

୧୭୪୩-ସାପ୍ତାହିକ ଖବରକାଗଜ ନ୍ୟୁୟର୍କରେ ବିଶ୍ୱରେ ପ୍ରଥମକରି ଅଧପୃଷ୍ଠାର ବିଜ୍ଞାପନ ପ୍ରକାଶିତ ।

୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା ।

୧୮୬୧- ଭାରତର ପ୍ରଥମ ମହିଳା ସ୍ନାତକ ତଥା ଫିଜିକ୍ସିଆନ କାଦମ୍ବିନୀ ଗାଙ୍ଗୁଲିଙ୍କ ଜନ୍ମ ।

୧୮୭୨- ବ୍ରିଟେନ୍‌ରେ ପ୍ରଥମକରି ଗୁପ୍ତ ମତଦାନ ।

୧୯୪୭- ବ୍ରିଟିଶ ସଂସଦ ଦ୍ୱାରା ପାରିତ ଭାରତ ସ୍ୱାଧୀନତା ଅଧିନିୟମକୁ ବ୍ରିଟେନ ସମ୍ରାଟଙ୍କ ଦ୍ୱାରା ମଞ୍ଜୁରୀ ।

୧୯୫୫- ପରମାଣୁ ଉର୍ଜାରୁ ଉତ୍ପାଦିତ ବିଜୁଳିର ପ୍ରଥମ ବ୍ୟବସାୟିକ ବିକ୍ରି ।

୧୯୮୦- ପୂର୍ଣ୍ଣ ରୂପେ ଭାରତରେ ନିର୍ମିତ ଉପଗ୍ରହ ରୋହିଣୀ-୧ ପୃଥିବୀ କକ୍ଷରେ ସ୍ଥାପିତ ।

୨୦୦୨- ଡ. ଏପିଜେ ଅବଦୁଲ କଲାମ ଭାରତର ୧୨ତମ ରାଷ୍ଟ୍ରପତି ହେଲେ ।

୨୦୦୫- ପରମାଣୁ ଉର୍ଜା ଓ ଉଚ୍ଚ ଟେକ୍ନୋଲୋଜି ଯୋଗାଣ କ୍ଷେତ୍ରରେ ଭାରତ ଉପରୁ ପ୍ରତିବନ୍ଧକ ହଟାଇଲା ଆମେରିକା ।

୨୦୦୭- ବିଶ୍ୱପ୍ରସିଦ୍ଧ ଆମେରିକୀୟ କୃଷି ବୈଜ୍ଞାନିକ ନାର୍ମନ୍ ବୋରଲଗ୍‌ଙ୍କୁ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଗଲା ।

୨୦୦୮- ୫୭ ମିନିଟ୍‌ରେ ୧ ହଜାର ପୁସ୍ତକ ଉପରେ ସ୍ୱାକ୍ଷର କରି ଭାରତୀୟ ମୂଳ ସଲମାନ ରୁଶଦୀଙ୍କ ରେକର୍ଡ ।

୨୦୧୨- ଭାରତର ପ୍ରଥମ ସୁପରଷ୍ଟାର ରାଜେଶ ଖାନାଙ୍କ ପରଲୋକ ।



**ମେଷ:** ଯାତ୍ରାରେ ସତର୍କ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସମସ୍ୟା, ଶତ୍ରୁ ପରାଜିତ, ପରିଭ୍ରମଣଯୋଗ, ସନ୍ତାନଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଲୋକସମ୍ପର୍କ, ବିଶିଷ୍ଟ ବ୍ୟକ୍ତି ସାହାଯ୍ୟ, ଶୁଭଖବର, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କାର୍ଯ୍ୟରେ ଲାଭ, ଶରୀର ସୁସ୍ଥ, ବନ୍ଧୁସହାୟତା, ପାରିବାରିକ ସହଯୋଗ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମିଥୁନ:** ଶୁଭଖବର, କର୍ମକ୍ଷେତ୍ରେ ବ୍ୟସ୍ତତା ବିବାଦ ସମାଧାନ, ଦୂରଯାତ୍ରା ସଫଳ, ବ୍ୟବସାୟରେ ଶତ୍ରୁତା, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ ଲାଭ, ବନ୍ଧୁଲାଭ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**କର୍କଟ:** ବ୍ୟବସାୟେ ଲାଭ, ଦୂରଯାତ୍ରା ସଫଳ, ବିଦ୍ୟାରେ ସଫଳ, ପାରିବାରିକ କଷ୍ଟ, ଦାମ୍ପତ୍ୟକଳହ, ବନ୍ଧୁଲାଭ, ମାନସିକ ଅବସାଦ, ଲୋକସମ୍ପର୍କରେ ବାଧା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' ମାଣିକେଶ୍ୱରୀ ।

**ସିଂହ:** ଶାରୀରିକ କ୍ଳେଶ, ଶୁଭଆଲୋଚନା, ଦୂରଯାତ୍ରାରେ ବିଳମ୍ବ, ହେବାକାର୍ଯ୍ୟରେ ଅସନ୍ତୁଷ୍ଟ, ଲୋକସମ୍ପର୍କ ବୃଦ୍ଧି, ଶତ୍ରୁସମସ୍ୟା, ଅର୍ଥଲାଭ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ମା' ମହାଲକ୍ଷ୍ମୀ ।

**କନ୍ୟା:** ଶରୀର ସୁସ୍ଥ, ମାନସିକ ଶାନ୍ତି, ଦୂରଯାତ୍ରା ସଫଳ, ବ୍ୟବସାୟରେ ଉନ୍ନତି, ସ୍ୱାଦିଷ୍ଟ ଭୋଜନ, ମାନସମ୍ମାନପ୍ରାପ୍ତି, ବନ୍ଧୁସାହାଯ୍ୟ, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା-ମା' କୋଟିଲାଇ ।

**ତୁଳା:** ଶତ୍ରୁବୃଦ୍ଧି, ଶରୀର ଅସୁସ୍ଥ, ସନ୍ତାନଲାଭ, ଶୁଭଖବର, ଦୂରଯାତ୍ରାରେ ଲାଭ, ନୂତନ କର୍ମଆରମ୍ଭ, ଦେବଦର୍ଶନ, ବ୍ୟବସାୟରେ ଆନନ୍ଦ, ମାନସିକଖୁସି, ଲୋକସମ୍ପର୍କ ବୃଦ୍ଧି, ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୫, ଆରାଧନା-ଶଙ୍କର ଭଗବାନ ।

**ବିଛା:** ବ୍ୟବସାୟରେ ଲାଭ, ସମ୍ପତ୍ତିଲାଭ, ଅର୍ଥସମସ୍ୟା ସମାଧାନ, ସମ୍ପର୍କରେ ଉନ୍ନତି, ଶତ୍ରୁ ପରାଜିତ ଦାମ୍ପତ୍ୟଖୁସି, ଶୁଭଖବର, ନୂତନ ନିଯୁକ୍ତି, ଅନୁଷ୍ଠାନରୁ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ନୃସିଂହ ଭଗବାନ ।

**ଧନୁ:** ଶୁଭକାର୍ଯ୍ୟରେ ଧନବ୍ୟୟ, ବ୍ୟବସାୟରେ କଷ୍ଟ, ଦେବକାର୍ଯ୍ୟରେ ଆନନ୍ଦ, ବିବାଦ ସମାଧାନ, ଶରୀର ସୁସ୍ଥ, ଅନୁଷ୍ଠାନରୁ ଲାଭ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' କୁତାମଚଣ୍ଡୀ ।

**ମକର:** ଅର୍ଥଲାଭ, ଦୂରଯାତ୍ରା ସଫଳ, ସମ୍ମାନପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ସନ୍ତାନଲାଭ, ବ୍ୟବସାୟରେ ସନ୍ତୁଷ୍ଟ, ବ୍ୟକ୍ତିସାହାଯ୍ୟ, ଦାମ୍ପତ୍ୟଖୁସି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ବଗଳାମୁଖୀ ।

**କୁମ୍ଭ:** ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ଅଳ୍ପ ମାନସିକ ଅବସାଦ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା ସଫଳ, ଅନୁଷ୍ଠାନରୁ ଲାଭ, ସମ୍ପତ୍ତିବାବଦ, ଶତ୍ରୁସମସ୍ୟା, ବ୍ୟବସାୟିକକଷ୍ଟ, ବିବାଦ ସମାଧାନ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ମୀନ:** ଦେବକାର୍ଯ୍ୟରେ ଆଗ୍ରହ, ବନ୍ଧୁସାହାଯ୍ୟ, ଦୂରଯାତ୍ରା ସଫଳ, ସମ୍ମାନବୃଦ୍ଧି, ସ୍ୱାଦିଷ୍ଟ ଭୋଜନ, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଶୁଭଖବର, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଦୌପଦୀ ।

**ଆଷାଢ଼ ଶୁକ୍ଳପକ୍ଷ ପଞ୍ଚମୀ**
**୧୮.୭.୨୦୨୬, ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ସରକାରୀ-ବେସରକାରୀ ସହଭାଗିତା ପରିବେଶକୁ ସୁଦୃଢ଼ କରିବାକୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ

# ଓଡ଼ିଶା ସରକାର ଏବଂ ଅନ୍ତର୍ଜାତୀୟ ଅର୍ଥ ନିଗମଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ସରକାର ଏବଂ ଆନ୍ତର୍ଜାତୀୟ ଅର୍ଥ ନିଗମ ( ଆଇଏଫସି) ମଧ୍ୟରେ ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରୋଗ୍ରାମେଟିକ ଟ୍ରାନଜାକ୍ସନ ଆଡଭାଇଜରୀ ସର୍ଭିସେସ୍ ଏଗ୍ରିମେଣ୍ଟ (ଟିଏଏସ୍ଏ) ସ୍ୱାକ୍ଷରିତ ହୋଇଛି । ଏହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓ ବେସରକାରୀନିବେଶ ପାଇଁ କାର୍ଯ୍ୟକ୍ରମଭିତ୍ତିକ ପରାମର୍ଶ ସେବା ଚୁକ୍ତି । ଏହି ଚୁକ୍ତି ସ୍ୱାକ୍ଷରରୁ ଅନ୍ୟାନ୍ୟ କାର୍ଯ୍ୟାବଳୀ ମଧ୍ୟରେ ରାଜ୍ୟର ସରକାରୀ-ବେସରକାରୀ ସହଭାଗିତା(ପିପିପି) ପରିବେଶକୁ ସୁଦୃଢ଼ କରିବା ମୁଖ୍ୟତଃ ଫଳାଫଳ ଆଶା କରାଯାଇଛି । ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ସାଧନ ପାଇଁ ବେସରକାରୀ ପୁଞ୍ଜି ନିବେଶ ସଂଗ୍ରହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହା ଫଳରେ ବିଭିନ୍ନ ଅଗ୍ରାଧିକାର କ୍ଷେତ୍ର ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ଓଡ଼ିଶାକୁ ଜାତୀୟ ଏବଂ ବିଶ୍ୱସ୍ତରରେସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ବିଶ୍ୱ ବ୍ୟାଙ୍କ ଗ୍ରୁପର ବେସରକାରୀ ଅର୍ଥପୂରଣ ଅଂଶ ବିଶେଷ ଆଇଏଫସି, ରାଜ୍ୟର ପିପିପି ପରିବେଶକୁ ଶକ୍ତିଶାଳୀ କରିବା ପାଇଁ ଜ୍ଞାନ ସହଯୋଗୀ ଭାବରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମୁଖ୍ୟ ଶାସନ ସଚିବ ଆଲୋକପାତ କରିଥିଲେ ।

ଆଇଏଫସିର ଆଞ୍ଚଳିକ ପରିଚାଳନା ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଅ°ଚଳିକ ନିର୍ଦ୍ଦେଶକ (ଦକ୍ଷିଣ ଏସିଆ) ଶଲଭ ଟଣ୍ଡନ ତାଙ୍କ ବକ୍ତବ୍ୟରେ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟକରିବା ସେମାନଙ୍କର ପ୍ରମୁଖ ପ୍ରାଥମିକତା ଏଜେଣ୍ଡାରେ ରହିଛି ଏବଂ ଏ ଦିଗରେ ଆଇଏଫସିଅଧିକ ଦକ୍ଷତା ଓ ଫଳପ୍ରଦ ଭାବେ କାର୍ଯ୍ୟ କରିବବୋଲି ଆଶା ପ୍ରକାଶ କରିଥିଲେ । ଏହି ମିଳିତ ସହଯୋଗର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟକ୍ଷମ ସରକାରୀ-ଘରୋଇ ଭାଗିଦାରିତାରେ (ପିପିପି) ପ୍ରକଳ୍ପର ଏକ ସଂସ୍ଥାଗତ ବ୍ୟବସ୍ଥା ସୁଦୃଢ଼ କରି କରି ରାଜ୍ୟର ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପରେ ଘରୋଇ ନିବେଶ ସଂଗ୍ରହ ବୃଦ୍ଧି କରିବା । ଆସନ୍ତା ଏକ ବର୍ଷ ମଧ୍ୟରେ ଆଇଏଫସି ସାମଗ୍ରିକ ଭାବେ ଅକ୍ଷୟ ଶକ୍ତି, ଉର୍ଜ୍ଜା, ଲଜିଷ୍ଟିକ୍ସ ଓ ପରିବହନ, ସହରାଞ୍ଚଳ ଭିତ୍ତିଭୂମି, ଇ-ମୋବିଲିଟି ଆଦି ପ୍ରମୁଖ ପ୍ରାଥମିକତା କ୍ଷେତ୍ର ପାଇଁ ୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୨୦ଟି ପ୍ରକଳ୍ପକୁ ଚିହ୍ନଟ କରିବ ବୋଲି ଅନୁଷ୍ଠିତ ବୈଠକରୁ ଜଣାଯାଇଛି ।

# ଜିଙ୍ଗାରା ଓ ଜିଙ୍ଗାରା ଲାଇଫ୍ ଲାଇନର ଶୁଭାରମ୍ଭ




କଟକ,(ସବ୍ୟୁ): ଜିଙ୍ଗାରା କ୍ଲବ୍ ପ୍ରାଇଭେଟ୍ ଲିମିଟେଡ୍ ଆଜି ତାର ଶୁଭାରମ୍ଭ, ଭୁବନେଶ୍ୱର ଠାରେ କରିଛି । ଏହାକୁ ବିଧାୟକ ବାବୁ ସିଂ ଉଦଘାଟନ କରିଥିଲେ । ରାଜ୍ୟର ସର୍ବବୃହତ ଡିଜିଟାଲ ଇକୋସିଷ୍ଟମ୍ ଗଠନର ଦୂରଦୃଷ୍ଟି ଓ କାର୍ଯ୍ୟ ଯୋଜନା ଉନ୍ମୋଚନ କରାଯାଇଛି । ଏହି ଅବସରରେ ଜିଙ୍ଗାରା ଏବଂ ଏହାର ପ୍ରମୁଖ ସାମାଜିକ ପଦକ୍ଷେପ ଜିଙ୍ଗାରା ଲାଇଫ୍ ଲାଇନ୍ ର ଭବ୍ୟ ଶୁଭାରମ୍ଭ ହୋଇଯାଇଛି । ଜିଙ୍ଗାରା ହେଉଛି ଏକ ଅତ୍ୟାଧୁନିକ ଡିଜିଟାଲ ପ୍ଲାଟଫର୍ମ, ଯାହା ସ୍ଥାନୀୟ ବ୍ୟବସାୟୀ, ଦୋକାନୀ, ସେବା ପ୍ରଦାନକାରୀ, ଉଦ୍ୟୋଗୀ, ପେଶାଜୀବୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ଉପଭୋକ୍ତାଙ୍କୁ ଏକକ ପ୍ରଯୁକ୍ତି ଭିତ୍ତିକ ମଞ୍ଚରେ ସଂଯୋଗ କରିବ । ଏହି ପ୍ଲାଟଫର୍ମର ଲକ୍ଷ୍ୟ ହେଉଛି ସ୍ଥାନୀୟ ବାଣିଜ୍ୟକୁ ସୁଦୃଢ଼ କରିବା, ନୂତନ ରୋଜଗାର ସୃଷ୍ଟି କରିବା, ଉଦ୍ୟୋଗିତାକୁ ପ୍ରୋତ୍ସାହନ ଦେବା, ଡିଜିଟାଲ ସମାବେଶକୁ ବଢ଼ାଇବା ଏବଂ ଓଡ଼ିଶା ତଥା ସମଗ୍ର ଭାରତରେ ସ୍ଥାୟୀ ସାମାଜିକ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ବୋଲି ଜିଙ୍ଗାରାର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବି. ସାହୁ କହିଛନ୍ତି । ଏହି ଅବସରରେ ଦିନେଶ କୁମାର ଆଚାର୍ଯ୍ୟ , ବଦ୍ରୀ ନାରାୟଣ ସାମଲ,ସତ୍ୟଜିତ ସାହୁ,ଚିନ୍ମୟୀ ସାହୁ,ରନି ଏସ୍. ଦାସ,ଅଭିଜିତ ମିଶ୍ର, ଚୌଧୁରୀ ଆଶିଷ କୁମାର ଦାଶ, ସୌମେନ୍ଦ୍ର ମହାନ୍ତି ଏବଂ ଦେବରାଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

### ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ବିବାଦ ମାମଲା

# କାଏମ୍ ରହିଲା ହାଇକୋର୍ଟଙ୍କ ଆଦେଶ, ୨୮ ରୁ ପ୍ରଦର୍ଶନ ହୋଇପାରିବ: ସୁପ୍ରିମକୋର୍ଟ

କଟକ,(ସବ୍ୟୁ): ବିବାଦୀୟ ଆନିମେଟେଡ୍ ଫିଲ୍ମ 'ମହାପ୍ରଭୁ ଜଗନ୍ନାଥ' ରଥଯାତ୍ରା ମଧ୍ୟରେ ରିଲିଜ୍ ହୋଇପାରିବ ନାହିଁ । ଏହି ଫିଲ୍ମ ରିଲିଜ୍ ଉପରେ ହାଇକୋର୍ଟ କଟକଣା ଲଗାଇବା ପରେ ପ୍ରଯୋଜକ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଟ ଆଜି ଏହି ମାମଲାର ଶୁଣାଣି କରି ହାଇକୋର୍ଟଙ୍କ ଆଦେଶକୁ କାଏମ୍ ରଖିଛନ୍ତି । ତେବେ ଚଳଚ୍ଚିତ୍ର ପ୍ରଦର୍ଶନ ଉପରେ ହାଇକୋର୍ଟ ଅଗଷ୍ଟ ୫ ପର୍ଯ୍ୟନ୍ତ ଲଗାଇଥିବା କଟକଣାକୁ ସୁପ୍ରିମ୍‌କୋର୍ଟ ହଟାଇ ଦେଇଛନ୍ତି । ନବଦିନ ଧରି ଚାଲିଥିବା ରଥଯାତ୍ରା ପରେ ଅର୍ଥାତ ୨୮ ତାରିଖ ପରେ ଅବା ସେହିଦିନଠାରୁ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇପାରିବ ବୋଲି ସୁପ୍ରିମ୍‌କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେବାସହ ମାମଲାର ଅନ୍ତ ଘଟାଇଛନ୍ତି । ଏହି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରି ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର ସଦସ୍ୟ ମହେଶ ସାହୁ, ଡକ୍ଟର ପ୍ରମୋଦ ଆଚର୍ଯ୍ୟ, ଉମାଶଙ୍କର ଆଚାର୍ଯ୍ୟ ଓ ଶାଶ୍ୱତ ସାହୁଙ୍କ ପକ୍ଷରୁ ପୃଥକ ପୃଥକ୍ ଭାବେ ଦୁଇଟି ମାମଲା କରିଥିଲେ । ଠିକ୍ ରଥଯାତ୍ରା ପରଦିନ ଅର୍ଥାତ ୭ତାରିଖ ଦିନ ଏହି ଚଳଚ୍ଚିତ୍ର ରିଲିଜ୍ କରାଯିବ ବୋଲି ପ୍ରଯୋଜକ ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଥିଲା । ଏହି ଚଳଚ୍ଚିତ୍ର ଯଦି ରିଲିଜ୍ ହୁଏ ତାହେଲେ ଏହା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବ ବୋଲି କୁହାଯାଇଥିଲା । ଏହି ଚଳଚ୍ଚିତ୍ରକୁ କଦର୍ଥ ଭାବେ ପ୍ରସ୍ତୁତ କରାଯାଇଥିବାରୁ ଏଥିରୁ ବିବାଦୀୟ ଅଂଶ ହଟାଇବା ପରେ ପ୍ରଦର୍ଶନ କରାଯାଉ ବୋଲି ଆବେଦନକାରୀମାନେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଚଳଚ୍ଚିତ୍ରର ରିଲିଜ୍ ଉପରେ ରୋକ୍ ଲଗାଇବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହାର ପ୍ରଦର୍ଶନ କରାଯାଇ ପାରିବ ନାହିଁ ବୋଲି କହିଥିଲେ । ଏହି ଆଦେଶ ବିରୋଧରେ ପ୍ରଯୋଜକ ସଂସ୍ଥା ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମ୍‌କୋର୍ଟ ଆଜି ଏହି ମାମଲାର ଶୁଣାଣି କରି ପ୍ରଯୋଜକ ସଂସ୍ଥାକୁ ନବଦିନ ବ୍ୟାପୀ ରଥଯାତ୍ରା ମଧ୍ୟରେ ଫିଲ୍ମ ରିଲିଜ୍ କରିବାକୁ ମନା କରି ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର, ଆଇନଜୀବୀ ସମ୍ବିତ୍ ପତ୍ରୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡେପୁଟି ସଲିସିଟର୍ ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ ମାମଲା ପରିଚାଳନା କରୁଥିଲେ ।

### ମିଶନ ଶକ୍ତି-ଇକ୍ରିସାଟ୍ ମଧ୍ୟରେ ଏମଓୟୁ

# କୃଷି ଉଦ୍ୟୋଗରେ ମହିଳାଙ୍କ ଲାଗି ଖୋଲିଲା ସଫଳତାର ନୂଆ ଦିଗନ୍ତ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଏବଂ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଗୁରୁବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ମିଶନ ଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ କୃଷି ଅନୁସନ୍ଧାନ ସଂସ୍ଥା "ଇକ୍ରିସାଟ୍" ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ବାଲଙ୍କ ଉପସ୍ଥିତିରେ ଏହି ଐତିହାସିକ ଚୁକ୍ତି ସମ୍ପାଦିତ ହୋଇଛି । ଶ୍ରୀମତୀ ନିମ୍ବାଲ କହିଛନ୍ତି, ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷିମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଏବଂ ବଜାର ସହ ସଂଯୋଗ କରିବା ଅତ୍ୟନ୍ତ ଜରୁରୀ ।



ଇକ୍ରିସାଟ୍ ସହ ଏହି ସହଭାଗିତା ରାଜ୍ୟର ଲକ୍ଷାଧିକ ଏସ୍ଏଚ୍‌ଜି ସଦସ୍ୟାଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ । ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ "ଲକ୍ଷପତି ଦିଦି', "ବିକଶିତ ଭାରତ' ଏବଂ "ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ଏହି ବୁଝାମଣାପତ୍ର ଅନୁଯାୟୀ, ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କୃଷି-ଆଧାରିତ ପ୍ରକଳ୍ପ ହାତକୁ ନିଆଯିବ । ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜଳାଶୟଗୁଡ଼ିକରେ ଥିବା ଦଳଜାତୀୟ ଗୁଳ୍ମକୁ ସଫା କରି ସେଥିରୁ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯିବ । ଯାହା ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ପନ୍ଥା ହେବା ସହ ଜଳାଶୟଗୁଡ଼ିକର ପରିବେଶକୁ ସୁରକ୍ଷିତ ରଖିବ । ସେହିପରି ରାୟଗଡ଼ା ଜିଲ୍ଲାରେ ଉପଲବ୍ଧ କପା ଓ ହରଡ଼ ଡାଳରୁ ବାୟୋଚାର ପ୍ରସ୍ତୁତିକୁ ପ୍ରୋତ୍ସାହନ ଦିଆଯିବ, ଯାହା ମୃତ୍ତିକାର ଉର୍ବରତା ବୃଦ୍ଧି ଏବଂ କାର୍ବନ ସଂରକ୍ଷଣରେ ସହାୟକ ହେବଛ ଏହାବ୍ୟତୀତ ତିନୋଟି ଯାକ ଜିଲ୍ଲାରେ ଉନ୍ନତମାନର ଗ୍ରାଫେଫଡ୍ ପନିପରିବା ଚାରା ଚାଷକୁ ବ୍ୟାପକ କରାଯିବ ।

ଏହି ସହଯୋଗ ମାଧ୍ୟମରେ ମହିଳାମାନଙ୍କୁ ମାଣ୍ଡିଆ, ଡାଲିଜାତୀୟ ଫସଲ, ତୈଳବୀଜ ଏବଂ ପ୍ରାକୃତିକ କୃଷି ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଇକ୍ରିସାଟ୍ ଦ୍ୱାରା ବିକଶିତ ଜଳବାୟୁ-ସ୍ମାର୍ଟ କୃଷି ପ୍ରଯୁକ୍ତି, ଡିଜିଟାଲ କୃଷି ପରାମର୍ଶ ଏବଂ ଉନ୍ନତ ବିହନ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବ । ଏଥିସହ ଉତ୍ପାଦର ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ବୈଷୟିକ ଓ ବ୍ୟବସାୟିକ ସହାୟତା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଇକ୍ରିସାଟର ଉପନିର୍ଦ୍ଦେଶକ ଜେନେରାଲ ଡାଃ ଷ୍ଟାନଫୋର୍ଡ ବ୍ଲେଡଙ୍କ ସମେତ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ଇକ୍ରିସାଟ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସମୁଦ୍ରରେ ଭାସି ଯାଇଥିବା ମୃତଦେହ ଉଦ୍ଧାର

ଅସ୍ତରଙ୍ଗ,(ସବ୍ୟୁ): ସମୁଦ୍ରରେ ଭାସି ଭାସିଯାଇଥିବା ଏକ ମୃତ ଦେହ ଉଦ୍ଧାର କରାଯାଇଛି । ମୃତକ ଜଣଙ୍କ ମଙ୍ଗରାଜ ଭୁୟାଁଙ୍କ ପୁଅ ରାମ ଚନ୍ଦ୍ର ଭୂଇଁୟା (୩୮) ଅସ୍ତରଙ୍ଗ ଥାନା ଅଧୀନ ଛୁରୀଆନା ପଞ୍ଚାୟତ ଦାଲୁଅକଣି ଗ୍ରାମର ଅକ୍ଷୟ କାଣ୍ଡି ଘେରି ରେ କାର୍ଯ୍ୟ କରିବା ପାଇଁ ସୁଦୂର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ରାକାଗୁଡା ଗ୍ରାମରରୁ ୨ଯୁବକଙ୍କୁ ଆଣି କାର୍ଯ୍ୟରେ ଲଗାଇ ଥିଲେ । ଗୁରୁବାର ପୂର୍ବାହ୍ନ ୧୧ଟାରେ ସେମାନେ କୋଣାର୍କ ଯିବା ପାଇଁ ମୁହାଁଣ ମୁହଁରେ ପଶି ଥିଲେ । ହେଲେ, ନଦୀ ଓ ସମୁଦ୍ର ର ସଂଯୋଗ ସ୍ରୋତ ଥିବାରୁ ମୃତକ ଜଣଙ୍କ ମଙ୍ଗରାଜ ଭୁୟାଁଙ୍କ ପୁଅ ରାମ ଚନ୍ଦ୍ର ଭୂଇଁୟା (୩୮) ପ୍ରବଳ ସ୍ରୋତରେ ଭାଶି ଯାଇ ନିଖୋଜ ରହିଥିବା ବେଳେ, ଅନ୍ୟ ଜଣଙ୍କୁ ମାଛ ଧରୁଥିବା ଧିବର ସ୍ରୋତରୁ ଉଦ୍ଧାର କରିଥିଲେ । ଶୁକ୍ରବାର ଦିନ ତାର ରାମଚନ୍ଦ୍ରଙ୍କ ଶରୀର ଅଣକଣା ଗ୍ରାମ ନିକଟ ସମୁଦ୍ର ତଟରେ ଲାଗି ଥିବାର ଦେଖିବାକୁ ମିଳି ଥିଲା ।

# ପୋଲକୁ ଧକ୍କା ଦେଲା ପିକ୍‌ଅପ୍ : ଶ୍ରମିକ ମୃତ

ସୋର,(ସବ୍ୟୁ): ଅନନ୍ତପୁର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଶ୍ରମିକଙ୍କୁ ନେଇ ଫେରୁଥିବା ଏକ ପିକଅପ ପୋଲକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ଶ୍ରମିକଙ୍କର ମୃତ୍ୟୁ ଘଟିଛି । ମୟୁରଭଞ୍ଜ ଜିଲା ଖୁଣ୍ଟା ଅଞ୍ଚଳର ଓଡି ୧୧ଜେଡ ୦୬୧୦ ନମ୍ବର ବିଶିଷ୍ଟ ଏକ ପିକ୍‌ଅପ୍‌ରେ ୧୭ଜଣ ଶ୍ରମିକ ବିଲ କାମ କରିବାକୁ ସୋର ଆସିଥିଲେ । ସଂଧ୍ୟାରେ ଘରକୁ ଫେରିବା ବେଳେ ପିକ୍‌ଅପ୍‌ଟି ଅନନ୍ତପୁର ଥାନା ଅଧିନ ବିଦୁ ନିକଟରେ ପୋଲକୁ ଧକା ଦେଇଥିଲା । ଫଳରେ ଏଥିରେ ଥିବା ଶ୍ରମିକ କଣ୍ଠା ସିଂ(୩୫) ପିକଅପରୁ ରାସ୍ତା ଉପରକୁ ଖସି ପଡି ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଖବର ପାଇ ଅନନ୍ତପୁର ପୁଲିସ ଓ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରାଫିକ ଜାମ ହଟାଇବା ସହିତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ନେଇଥିଲେ । ଅନନ୍ତପୁର ପୁଲିସ ପିକଅପଟିକୁ ଜବତ କରି ଥାନାରେ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମହିଳା କଲେଜ ହଷ୍ଟେଲରେ ପଶିବା ଘଟଣା : ଯୁବକ ଗିରଫ

କଟକ,(ସବ୍ୟୁ): ମହିଳା କଲେଜ ହଷ୍ଟେଲର ପାଚେରୀ ଡେଇଁ କ୍ୟାମ୍ପସ ଭିତରେ ପଶିଥିବା ଯୁବକ ଶେଷରେ ଗିରଫ ହୋଇଛି । ଅଭିଯୁକ୍ତ ଜଣକ ହେଉଛି ଆଲାମଚାନ୍ଦ ବଜାରର ବାପି ଓରଫ ରୁଦ୍ରନାରାୟଣ ସାହୁ(୨୪) । ଶୁକ୍ରବାର ଲାଲବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ୧୦ ତାରିଖ ବିଳମ୍ବିତ ରାତିରେ ଅଭିଯୁକ୍ତ ବାପି ସାଇକେଲରେ ଲାଲବାଗ ଥାନା ଅଞ୍ଚଳରେ ଥିବା ଏକ ମହିଳା କଲେଜ ହଷ୍ଟେଲ କ୍ୟାମ୍ପସ ପାଖକୁ ଆସିଥିଲା । ଏହା ପରେ ସେ ପାଚେରୀକୁ ଲାଗି ରଖାଯାଇଥିବା ଏକ କାର ଉପରେ ଚଢି ପାଚେରୀ ଡେଇଁ ହଷ୍ଟେଲ କ୍ୟାମ୍ପସ ଭିତରକୁ ଡେଇଁ ପଡ଼ିଥିଲା । କ୍ୟାମ୍ପସ ଭିତରେ କିଛି ସମୟ ଏପଟସେପଟ ହେବା ପରେ ପୁଣିଥରେ ପାଚେରୀ ଡେଇଁ ବାହାରି ଯାଇଥିଲା । ବାହାରେ କିଛି ସମୟ ଧରି ସାଇକେଲ ଉପରେ ବସି ଅଶାଳୀନ ହରକତ କରିବା ପରେ ସେଠାରୁ ଚାଲିଯାଇଥିଲା । ଏହି ସମୟର ସମସ୍ତ ଦୃଶ୍ୟକୁ ହଷ୍ଟେଲର ଜଣେ ଅନ୍ତେବାସୀ ନିଜ ମୋବାଇଲରେ ରେକର୍ଡ କରିଥିଲେ । ଅନ୍ୟପଟେ, ଯୁବକ ଜଣକ କ୍ୟାମ୍ପସ ଭିତରେ ପଶିଥିବା ଜାଣି ସମସ୍ତ ଅନ୍ତେବାସୀ ଭୟଭୀତ ହୋଇପଡିଥିଲେ । କୌଣସି ଅଘଟଣ ଆଶଙ୍କା କରି ହଷ୍ଟେଲର ସମସ୍ତ ରୁମର କବାଟ ଝରକା ବନ୍ଦ କରିଦେଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏନେଇ ଗତ ୧୫ ତାରିଖରେ କଲେଜ ଅଧ୍ୟକ୍ଷ ଲାଲବାଗ ଥାନାରେ ଏତଲା ଦେଇଥିଲେ । ଯେହେତୁ ଉକ୍ତ କଲେଜ ହଷ୍ଟେଲରେ ପ୍ରାୟ ୮୦୦ ଛାତ୍ରୀ ରହୁଥିବାରୁ ପୁଲିସ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲା । ପୁଲିସ ଭାଇରାଲ ଭିଡିଓ ସହିତ ଆଖପାଖ ଅଞ୍ଚଳର ସମସ୍ତ ସିସିଟିଭି ଫୁଟେଜ ଆଣି ଯାଞ୍ଚ କରିଥିଲା ।

### ଅସୁସ୍ଥତା ପାଇଁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ହସ୍ପିଟାଲରେ ଭର୍ତ୍ତି

# ପ୍ରଫୁଲ୍ଲଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର, (ସବ୍ୟୁ): ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ



ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ହସ୍ପିଟାଲକୁ ଯାଇ ତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ । ଶ୍ରୀ ସାମଲଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି । ହସ୍ପିଟାଲରେ ଶ୍ରୀ ସାମଲଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ବିଜେଡି ପ୍ରତିନିଧି ମଣ୍ଡଳୀ । ସେହିପରି ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ମା ଅସୁସ୍ଥ ହୋଇ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ମଧ୍ୟ ବିଜେଡି ପ୍ରତିନିଧି ମଣ୍ଡଳୀ ଭେଟିଛନ୍ତି । ସ୍ୱାସ୍ଥ୍ୟାବସ୍ଥା ବାବଦରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ବିଜେଡି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଓ ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ସାମିଲ ଥିଲେ । ତେବେ ପରବର୍ତ୍ତୀ ସମୟରେ ସୁଜାତା ରାଉତ ହସ୍ପିଟାଲ ଯାଇ ଶ୍ରୀ ସାମଲଙ୍କୁ ସାକ୍ଷାତ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଛନ୍ତି । ଶ୍ରୀମତୀ ରାଉତ ତାଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି ।

# ଅବସର ନେଲେ ଜଷ୍ଟିସ୍ କେ.ଏସ୍.ଦୀକ୍ଷିତ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ କ୍ରିଷ୍ଣା ଶ୍ରୀପଦ ଦୀକ୍ଷିତ ଅବସର ଗ୍ରହଣ କରିଛନ୍ତି । ଯଦିଓ ସେ ଆସନ୍ତା ୧୯ ତାରିଖରେ ଅବସର ଗ୍ରହଣ କରିଥାନ୍ତେ କିନ୍ତୁ ଆଜି ଶେଷ କାର୍ଯ୍ୟ ଦିବସ ଥିବାରୁ ହାଇକୋର୍ଟ ଏବଂ ହାଇକୋର୍ଟ ବାର୍ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଜଷ୍ଟିସ୍ ଦୀକ୍ଷିତ ୧୯୬୪ ମସିହା ଜୁଲାଇ ୨୦ରେ ଜନ୍ମଗ୍ରହଣ କରି କର୍ଣାଟକ ବିଶ୍ୱବିଦ୍ୟାଳୟରୁ ୧୯୮୬ ମସିହାରେ ଲ' ଡିଗ୍ରୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୮୯ କର୍ଣ୍ଣାଟକ ଆଇନଜୀବୀ ପରିଷଦରେ ଜଣେ ଆଇନଜୀବୀ ଭାବେ ସେ ନିଜ ନାମ ପଞ୍ଜୀକରଣ କରାଇଥିଲେ । ସେ ବିଭିନ୍ନ ସାମ୍ପ୍ରତିକ ଇସ୍ୟୁ ଉପରେ ବିଭିନ୍ନ ଖବରକାଗଜରେ ନିଜର ଆଲେଖ୍ୟ ଦେଉଥିଲେ । ଟିଭି ଆଦିରେ ବିଭିନ୍ନ ବିତର୍କରେ ମଧ୍ୟ ଭାଗ ନେଉଥିଲେ । ୨୦୧୮ ମସିହା ଫେବୃଆରୀ ୧୪ ତାରିଖରେ କର୍ଣ୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ । ୨୦୨୦ ଜାନୁଆରୀ ୭ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇବା ପରେ ଓଡ଼ିଶା ହାଇକୋର୍ଟକୁ ୨୦୨୫ ମସିହା ମେ' ରେ ବଦଳି ହୋଇଥିଲେ । ଏଠାରେ ମେ' ୧୨ ତାରିଖରେ ବିଚାରପତି ପଦରେ ଶପଥଗ୍ରହଣ କରିଥିଲେ । ଓଡ଼ିଶା ହାଇକୋର୍ଟରେ ତାଙ୍କର ଏହି ସ୍ୱଳ୍ପକାଳୀନ ବିଚାରପତି ପଦରେ ରହିବା ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସେ ମହକିଲ ଏବଂ ଓକିଲଙ୍କ ମଧ୍ୟରେ ପ୍ରିୟଭାଜନ ହୋଇପାରିଥିଲେ ।

### ସୋଆର ୨୦ତମ ପ୍ରତିଷ୍ଠା ଦିବସରେ

# ବିଶ୍ୱବିଦ୍ୟାଳୟର ସଫଳତା, ଉତ୍କର୍ଷତା ଓ ଅଗ୍ରଗତିର ସ୍ମୃତିଚାରଣ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟିର ୨୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ୨୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟର ୪ ଜଣ ପୂର୍ବତନ କୁଳପତି ନିଜ ଅଭିଜ୍ଞତା ବଖାଣିବା ସହ ସୋଆର ଉଲ୍ଲେଖନୀୟ ଅଗ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ସୋଆର କୁଳାଧିପତି ପ୍ରଫେସର (ଡାକ୍ତର) ଅମିତ ବାନାର୍ଜୀ ସଭାପତିତ୍ୱ କରି ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଆସନ୍ତା ୨୦ ବର୍ଷ ମଧ୍ୟରେ ସୋଆକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ବିଶ୍ୱବିଦ୍ୟାଳୟ ଭାବେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ "୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ପୂରଣରେ ସୋଆ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବା ସହ ଦେଶର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟରେ ସ୍ଥାନ ପାଇବା ଉଚିତ ।

ପୂର୍ବତନ କୁଳପତି ଭାବେ ଦାୟିତ୍ୱ ତୁଲାଇଥିବା ପ୍ରଫେସର (ଡାକ୍ତର) ବାନାର୍ଜୀଙ୍କ ସମେତ ପୂର୍ବତନ କୁଳପତି ପ୍ରଫେସର ମହୀପାଲ ଜୈନ, ପ୍ରଫେସର ରାଜେନ୍ଦ୍ର ପ୍ରସାଦ ମହାନ୍ତି ଏବଂ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ । ସୋଆର ବର୍ତ୍ତମାନ କୁଳପତି ଭାବେ




ଅବସ୍ଥାପିତ ଥିବା ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମଧ୍ୟ ଏହି ଅବସରରେ ଉଦ୍‌ବୋଧନ ଦେଇଥିଲେ । ପ୍ରଫେସର ନନ୍ଦ କହିଥିଲେ ଯେ, ପୂର୍ବତନ କୁଳପତିମାନେ ବିଭିନ୍ନ କଠିନ ପରିସ୍ଥିତିରେ ସୋଆକୁ ସଫଳତାର ସହ ଆଗେଇ ନେଇଥିଲେ । "ସୋଆର ବିଶେଷତ୍ୱ ହେଉଛି, ଏହା ପ୍ରତ୍ୟେକ ଆହ୍ୱାନର ସାମ୍ନା କରି ସଫଳତାର ସହ ଆଗକୁ ବଢ଼ିଛି," ବୋଲି ସେ କହିଥିଲେ । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ସୋଆକୁ ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଭାବେ ପ୍ରଶଂସା କରିଥିବା ସେ ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଓଡ଼ିଶାରେ ବୈଷୟିକ ଶିକ୍ଷାର ପ୍ରତିଷ୍ଠା ନେଇ ଯେଉଁ ଦୂରଦୃଷ୍ଟି ରଖିଥିଲେ ତାହା ବର୍ତ୍ତମାନ ୨୦ ବର୍ଷ ପରେ ସ୍ପଷ୍ଟ ପ୍ରତିଫଳିତ ହେଉଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସୋଆର ରେଜିଷ୍ଟ୍ରାର ତଥା ଉପ-କୁଳପତି ପ୍ରଫେସର ବିଭୂତି ଭୂଷଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପକୁଳପତି ପ୍ରଫେସର ନୀତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାର ଶ୍ରୀମୁଖକୁ ଶ୍ରୀହୀନ କରି ଦେଇଛନ୍ତି : ଭକ୍ତ

ଭୁବନେଶ୍ୱର,(ସବ୍ୟୁ): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁଁ ରାଜ୍ୟବାସୀଙ୍କ ଭାବାବେଗରେ ହୋଇଥିବା ଦାରୁଣ ଆଘାତକୁ ନେଇ କଂଗ୍ରେସ ଭବନଠାରେ ସଭାପତି ଭକ୍ତ ଚରଣ ଦାସ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଓପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରି ଓଡ଼ିଆଙ୍କ ଭାବାବେଗକୁ କିପରି ଡବଲ ଇଞ୍ଜିନ ସରକାର କ୍ରମାଗତ ଆଘାତ କରିଚାଲିଛି ସୂଚନା ଦେଇଥିଲେ । ଓପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ, ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ସମସ୍ତ ଜନତାଙ୍କ ଭାବାବେଗ ସହ ଜଡିତ ଏବଂ ରଥଯାତ୍ରା ପର୍ବ ପାଇଁ କେବଳ ଓଡିଶାରୁ ନୁହେଁ ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ । କିନ୍ତୁ ଏଇ ସରକାର କ୍ରମାଗତ ଭାବରେ ତିନିବର୍ଷ ହେଲା ଜଗନ୍ନାଥଙ୍କ ପରିଚାଳନାରେ ଗୁରୁତର ତ୍ରୁଟି କରି ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମୁଖକୁ ଶ୍ରୀହୀନ କରି ଦେଇଛନ୍ତି । ପରିତାପର ବିଷୟ ସରକାର ଲୋକଙ୍କ ଭାବାବେଗକୁ ଖାତିର କରୁ ନାହାନ୍ତି । ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁ



ଜଗନ୍ନାଥ ଶ୍ରୀମନ୍ଦିରରୁ ବିନା ଟାହିଆରେ ରଥାରୁଢ଼ ହେଲେ । ରଥଯାତ୍ରା ଓ ବାହୁଡ଼ାରେ ଟାହିଆ ବ୍ୟବହାର କରିବା ବାଧ୍ୟତାମୂଳକ ଶାସ୍ତ୍ରୀୟ ପରମ୍ପରା ରହି ଆସିଛି ଏବଂ ଶହ ଶହ ବର୍ଷ ଧରି ବିନା ବ୍ୟତିକ୍ରମରେ ଚାଲି ଆସିଛି । କିନ୍ତୁ ଏଥର ଟାହିଆ ପ୍ରଭୁ ବ୍ୟବହାର କରି ପାରିଲେ ନାହିଁ । ପରମ୍ପରାରେ ବ୍ୟତିକ୍ରମ ଘଟିଲା କାହିଁକି । ଏହି ଗୁରୁତର ନୀତିକାନ୍ତି ତ୍ରୁଟି ସମସ୍ତ ରାଜ୍ୟବାସୀଙ୍କୁ ହତବାକ କରିବା ସହ ଅତ୍ୟନ୍ତ ବ୍ୟଥିତ କରିଛି । ମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ କାହାର ପରାମର୍ଶ କ୍ରମେ ଶ୍ରୀ ଜଗନ୍ନାଥଙ୍କୁ ଟାହିଆ ପିନ୍ଧିବାରୁ ବଞ୍ଚିତ କରାଗଲା । ଏଥିପାଇଁ ଶ୍ରୀ ପାଢ଼ୀ ଅନୁତପ୍ତ ହେବା ଉଚିତ ବୋଲି ଶ୍ରୀ ଦାସ କହିଥିଲେ ।ସେ ପୁଣି କହିଥିଲେ, ବହୁ ଆଡମ୍ବର ମଧ୍ୟରେ ପ୍ରସ୍ତୁତି ସଭା ହେଉଛି । ଖୋଦ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ସଭାପତିତ୍ୱ କରୁଛନ୍ତି ଓ ବ୍ୟାପକ ପ୍ରସ୍ତୁତିର ଭାଷଣ ଦେଉଛନ୍ତି କିନ୍ତୁ ଫଳାଫଳ ଆପଣଙ୍କ ଆଗରେ । ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜାଯାଇ ମଧ୍ୟ ଭିଡ଼ ନିୟନ୍ତ୍ରଣରେ ସମ୍ପୂର୍ଣ୍ଣ ଫେଲ ମାରିଛି ସରକାର । ଦଳା ଚକଟାରେ ତିନିଜଣଙ୍କ ମୃତ୍ୟୁ ଘଟିଥିବାବେଳେ ପ୍ରାୟ ୧୫୦ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଓପିସିସିର ବରିଷ୍ଠ ମୁଖପାତ୍ର ଆଡ଼ଭୋକେଟ ଲଲାଟେନ୍ଦୁ ଦାସ ,ମୁଖପାତ୍ର ଡଃ ଦେବାଶିଷ ଭୂୟାଁ ଓ ମୁଖପାତ୍ର ଜୟଶ୍ରୀ ପାତ୍ର ମଧ୍ୟ ଉପସ୍ଥିତ ଥିଲେ ।

# କିସ୍‌ର ୧୧ ଛାତ୍ରଛାତ୍ରୀ ନିଟ୍ ରେ କୃତକାର୍ଯ୍ୟ

ଭୁବନେଶ୍ୱର, (ସବ୍ୟୁ): ଡାକ୍ତର ହେବେ କିସର ୧୧ ଛାତ୍ରଛାତ୍ରୀ। ଗତକାଲି ନିଟ୍ ଫଳାଫଳ ପ୍ରକାଶ ପାଇଥିବା ବେଳେ କିସ୍‌ର ୧୧ ଜଣ ଛାତ୍ରଛାତ୍ରୀ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଲକ୍ଷ୍ମୀ ବିରୁଆ, ଜୟାବ ମାଝି, ଅନିତା ବଇପାଇ, ଗଣେଶ ହେମ୍ବ୍ରମ, ମୁସ୍କାନ ମହାନନ୍ଦିଆ, ଲକ୍ଷ୍ମୀ ବାନରା, ଡାଙ୍ଗି ଟୁଡୁ, ସରିବାଳା ମୁଣ୍ଡା, ମୌସୁମୀ ମାଝି, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଓ ସନ୍ତୋଷୀ ମାର୍ଡି। ଚଳିତ ବର୍ଷ ଛାତ୍ରଙ୍କ ଅପେକ୍ଷା ଛାତ୍ରୀମାନେ ଅଧିକ ଭଲ ପ୍ରଦର୍ଶନ କରିଛନ୍ତି। ଏଥିରେ କିସ୍ ରେ ପଢୁଥିବା ଓଡ଼ିଶା ସମେତ ଝାଡ଼ଖଣ୍ଡର ଛାତ୍ରଛାତ୍ରୀମାନେ ମଧ୍ୟ ଅଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିସରେ ସେମାନଙ୍କ ଗୁଣାତ୍ମକ ଶିକ୍ଷା, କୋଚିଂ ଓ ଉପଯୁକ୍ତ ଯତ୍ନ ତଥା ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇଥିବାରୁ ସେମାନେ ଏଭଳି ସଫଳତା ପାଇ ପାରୁଛନ୍ତି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଜନଜାତି ସଂପ୍ରଦାୟର ପ୍ରଥମ ପିଢୀର ଶିକ୍ଷା ପାଉଥିବା ଏହି ଛାତ୍ରଛାତ୍ରୀମାନେ ନିଟ୍ ରେ ସଫଳତା ପାଇବା ସମଗ୍ର ଜନଜାତି ସମାଜ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି । ସେହିପରି ଛାତ୍ରଛାତ୍ରୀଙ୍କ ସଫଳତା ପଛରେ ଚେଷ୍ଟା ଜାରି ରଖିଥିବା ଶିକ୍ଷକ ଓ କର୍ମଚାରୀମାନଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । କିସ୍ ରେ ପିଲାମାନେ ନିଟ୍ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରବେଶିକା ପରୀକ୍ଷାରେ କିଭଳି ଭଲ ପ୍ରଦର୍ଶନ କରିବେ



ସେଥିପାଇଁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ମେଧାବୀ ପିଲାଙ୍କୁ ସ୍ୱତନ୍ତ୍ର କୋଚିଂର ବ୍ୟବସ୍ଥା କରାଯାଇଥାଏ। ଫଳରେ ସେମାନେ ଉଚ୍ଚଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଭଲ ପ୍ରଦର୍ଶନ କରିଆସୁଛନ୍ତି ।

## ରାଜ୍ୟ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

# ବିକଶିତ ଭାରତ ଗଠନରେ ଓଡ଼ିଶାର ସର୍ବାଧିକ ଭାଗିଦାରୀ ରହିବ: ମନମୋହନ

ଭୁବନେଶ୍ୱର, (ସବ୍ୟୁ): ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣୁପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ମମତା ଗୌଡ, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡଙ୍କ ସମେତ ୧୦ ଜଣ କାଉନସିଲର; ଗୁଣୁପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର; ଗୁଡାରୀ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ଶବର; ନୂଆପଡା ଜିଲ୍ଲା ଖରିଆର ଏନଏସିର ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ଉପାଧ୍ୟକ୍ଷ ଶ୍ରୀମତୀ ଶକୁନ୍ତଳା ରାଉତଙ୍କ ସମେତ ୭ ଜଣ କାଉନସିଲର; ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲିଟିର ପୂର୍ବତନ ଅଧ୍ୟକ୍ଷ ଓ ପୂର୍ବତନ ସଭାପତି ଜୟନ୍ତ କୁମାର ଦିକ୍ଷିତଙ୍କ ସମେତ ଶତାଧିକ ସଂଖ୍ୟାରେ ନେତୃବୃନ୍ଦ ଏବଂ କର୍ମୀ ବିଜେଡି ଛାଡି ବିଜେପିରେ ସାମିଲ ହୋଇଛନ୍ତି। ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣୁପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ମମତା ଗୌଡ, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡଙ୍କ ସମେତ ୧୦ ଜଣ କାଉନସିଲର ମଧ୍ୟ ବିଜେପିରେ ସାମିଲ ହୋଇଛନ୍ତି। ସେହିପରି ଗୁଣୁପୁର



ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ସରପଂଚ ଶ୍ରୀମତୀ କମଳା ଶବର, ଶ୍ରୀମତୀ ପ୍ରଭାବତୀ ଶବର, ଶ୍ରୀମତୀ ସନ୍ତୋଷୀ ଶବର, ରବି ଶବର, ନୀଳକଣ୍ଠ ଶବର, ଶ୍ରୀମତୀ ଶ୍ରୀମତୀ ମଦାଙ୍ଗୀ, ଦିବାକର ଶବର, କୃଷ୍ଣଚନ୍ଦ୍ର ପୁରୁଷୋତମ, ସମିତ ସଭ୍ୟ ଇଶ୍ରା ଶବର, ଶ୍ରୀମତୀ ନାଗେଶ୍ୱରୀ ଶବର, ଶ୍ରୀମତୀକୁଣ୍ଡିଗ୍ନି ଅନୁ, ସୁକାନ୍ତି ଶବର, ଶ୍ରୀମତୀ ସୁଜାତା ଉଲ୍‌କା ପ୍ରମୁଖ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା, ଗୋଟିଏ ପରେ ଗୋଟିଏ ପୂରଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛି। ଏହି ରାଜ୍ୟରେ ବିକାଶର ଅନେକ ସମ୍ଭାବନା ରହିଛି।

ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଘରେ ଘରେ ପହଂଚାଇବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେପି ପରିବାର ଦିନକୁ ଦିନ ବଢ଼ିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେପିରେ ନୂତନ କାର୍ଯ୍ୟକର୍ତାଙ୍କ ଯୋଗଦାନ ବଢ଼ିଚାଲିଛି। ବିଜେପି ସରକାର ଓଡ଼ିଶାର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ରାଜ୍ୟ ଉପସଭାପତି ରମେଶ ସାହୁ, ରାଜ୍ୟ ସାଧାରଣ ସଂପାଦକ ସୀମାଂଚଳ ଖଟେଇ ଓ ଶ୍ରୀମତୀ ପୂର୍ଣ୍ଣିମା ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ରାଜ୍ୟ ସଂପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ।

## ପୁରୀ ରଥଯାତ୍ରା ୨୦୨୬ ପାଇଁ ମଣିପାଲ ହସ୍ପିଟାଲ

# ଭୁବନେଶ୍ୱର ପକ୍ଷରୁ ଅସ୍ଥାୟୀ ୩-ଶଯ୍ୟା ବିଶିଷ୍ଟ ମେଡିକାଲ ସ୍ଥାପନ

ଭୁବନେଶ୍ୱର, (ସବ୍ୟୁ): ରଥଯାତ୍ରା ୨୦୨୬ ସମୟରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ପୁରୀ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କ ସହଯୋଗରେ ମଣିପାଲ ହସ୍ପିଟାଲ, ଭୁବନେଶ୍ୱର ପକ୍ଷରୁ ତାଳବଣିଆ ବସଷ୍ଟାଣ୍ଡ ନିକଟରେ ଏକ ଅସ୍ଥାୟୀ ୩-ଶଯ୍ୟା ବିଶିଷ୍ଟ ମେଡିକାଲ ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ସିଡିଏମଓ, ପୁରୀଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଜୁଲାଇ ୧୬ ରୁ ଜୁଲାଇ ୨୮, ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ, ଯାହା ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରାଥମିକ ଚିକିତ୍ସା, ଜରୁରୀକାଳୀନ ଚିକିତ୍ସା ସେବା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହାୟତା ପ୍ରଦାନ କରିବ। ଏଥିରେ ଅଭିଜ୍ଞ ଡାକ୍ତର ଓ ନର୍ସ ନିୟୋଜିତ ରହିବା ସହ ଜରୁରୀକାଳୀନ ଔଷଧପତ୍ର ମଧ୍ୟ ମହଜୁଦ ରହିଛି। ଏହା ସହିତ ଆବଶ୍ୟକ ସ୍ଥଳେ ରୋଗୀଙ୍କୁ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରିବା ପାଇଁ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ପାଇଁ ଉକ୍ତ ସ୍ଥାନରେ ଏକ




୫ଜି (୫ଏ)-ସକ୍ଷମ ଅତ୍ୟାଧୁନିକ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ମଧ୍ୟ ମୁତୟନ କରାଯାଇଛି। ଭେଣ୍ଟିଲେଟର, ଡିଫିବ୍ରିଲେଟର, ପେସେଣ୍ଟ ମନିଟରିଂ ସିଷ୍ଟମ ଏବଂ ଟେଲିମେଡିସିନ୍ ସୁବିଧା ଥିବା ଏହି ଆମ୍ବୁଲାନ୍ସ ଗୁରୁତର ରୋଗୀଙ୍କୁ ଶୀଘ୍ର ସ୍ଥିର କରିବାରେ ଏବଂ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ସହାୟକ ହେବ। ଡାକ୍ତର ଶକ୍ତିମୟ ମହାପାତ୍ର, କ୍ଲଷ୍ଟର ଡାଇରେକ୍ଟର, ସାଉଥ୍ ଇଷ୍ଟ, ମଣିପାଲ ହସ୍ପିଟାଲ୍ସ,ଭୁବନେଶ୍ୱର ରଥଯାତ୍ରା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଏକତ୍ରିତ କରିଥାଏ, ଯେଉଁଥିପାଇଁ ସଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇଦେବା ଅତ୍ୟନ୍ତ ଆବଶ୍ୟକ। ଏହି ପଦକ୍ଷେପ ମାଧ୍ୟମରେ ଆମେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ସହିତ ମିଳିତ ଭାବେ କାର୍ଯ୍ୟ କରୁଛୁ ଯେପରି ଜରୁରୀକାଳୀନ ସେବା ସହଜରେ ଉପଲବ୍ଧ ହୋଇପାରିବ ଏବଂ ଶ୍ରଦ୍ଧାଳୁମାନେ ପର୍ବ ସମୟରେ ଆବଶ୍ୟକ ସ୍ଥଳେ ତୁରନ୍ତ ଚିକିତ୍ସା ସୁବିଧା ପାଇପାରିବେ।

# ବନ୍ଧରୁ ବର୍ଷାପାଣି ଉଛୁଳି ଚାଷଜମି ଜଳମଗ୍ନ : କ୍ଷତି ପୂରଣ ଦାବି

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ବଡ଼ ଜାମବଣି ଫାଣ୍ଡି ଅଧୀନ ଖେଜୁରିଆ ଅଞ୍ଚଳରେ ଖେଜୁରିଆ ବନ୍ଧରୁ ବର୍ଷାପାଣି ଉଛୁଳି ଏକର ଏକର ଚାଷଜମି ଜଳମଗ୍ନ ହୋଇଯାଇଥିବା ବେଳେ କ୍ଷତିପୂରଣ ଦାବିରେ ଅଞ୍ଚଳର ଏକାଧିକ ଚାଷୀ ଶୁକ୍ରବାର ଅପରାହ୍ନ ଚାରିଟାରେ କୃଷିଜିଲ୍ଲା ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ମୁତାବକ ଲଘୁଚାପଜନିତ ଲଗାଣ ବର୍ଷାରେ ଖେଜୁରିଆ ବନ୍ଧପାଣି ମାଡିଯାଇ ଖେଜୁରିଆ ଏବଂ ରାମନଗର ଗ୍ରାମର ଚାଷୀମାନଙ୍କ ଏକର ଏକର ଜମିକୁ ଜଳମଗ୍ନ କରିଦେଇଥିବା ବେଳେ ଏହା ସେମାନଙ୍କ ଜୀବନଜୀବିକାକୁ ପ୍ରଭାବିତ କରିବାର ପରିସ୍ଥିତି ସୃଷ୍ଟି କରିଛି ୫ ବଢ଼ିପାଣି ସାଙ୍ଗକୁ ବାଲିଚର ମାଡିଯାଇ ଧାନଚାଷ ନଷ୍ଟ କରିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଚାଷିକୂଳ ହତାଶ ହୋଇପଡିଥିବା ବେଳେ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଚାଷୀମାନଙ୍କୁ ଉଚିତ ପରାମର୍ଶ ଦେବାପାଇଁ କୃଷି ବିଭାଗରେ କ୍ଷେତ୍ରୀୟ କର୍ମଚାରୀଙ୍କ ଦେଖା ନଥିବାରୁ ଚାଷୀମାନେ ଦିଶାହୀନ ହୋଇପଡିଛନ୍ତି ।

# ୧୪ ଲକ୍ଷର ବ୍ରାଉନସୁଗର ଜବତ: ନିଶା ବେପାରୀ ଗିରଫ

କଟକ,(ସବ୍ୟୁ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଜଣେ ପେସାଦାର ନିଶା ବେପାରୀକୁ ଗିରଫ କରିଛି । ଅଭିଯୁକ୍ତ ହେଉଛି ବଡମ୍ବା ଥାନା ରତାପଟ ଗ୍ରାମର ସନାତନ ନାୟକ(୩୧) । ତା' ପାଖରୁ ୧୪୪ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରାଯାଇଛି । ଆଜି ପୂର୍ବାହ୍ନରେ ମର୍କତନଗର ସେକ୍ଟର ୬ କାଠଯୋଡି ବିହାର ଗଡା ନିକଟରେ ଅଭିଯୁକ୍ତ ସନାତନ ନିଶାଦ୍ରବ୍ୟ ଧରି ଛିଡା ହୋଇଥିଲା । ଏହି ସୂଚନା ପାଇବାମାତ୍ରେ ଅବକାରୀ ଟିମ ତୁରନ୍ତ ସେଠାରେ ପହଞ୍ଚି ତାକୁ ଗିରଫ କରିଥିଲା । ତଲାସି ପରେ ତା' ପାଖରୁ ଏକ ଜରି ପୁଡିଆରେ ଥିବା ୧୪୪ ଗ୍ରାମର ବ୍ରାଉନସୁଗର ମିଳିଥିଲା । ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ସନାତନ ମର୍କତନଗର କାଠଯୋଡି ବିହାର ବସ୍ତିରେ ରହୁଛି । ଗତ କିଛି ମାସ ହେବ ସେ ବାଲେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି କଟକରେ କାରବାର କରୁଥିବା ଜଣାପଡିଛି । ଶୁକ୍ରବାର ସେ ଜଣେ ଗ୍ରାହକଙ୍କୁ ନିଶାଦ୍ରବ୍ୟ ଦେବା ଉଦ୍ଦେଶ୍ୟରେ ନିଜ ଘର ପାଖରେ ଛିଡା ହୋଇଥିଲା ବୋଲି ଜେରା ବେଳେ ସ୍ୱୀକାର କରିଛି । ଗିରଫ ପରେ ତାକୁ କୋର୍ଟ ଚାଲାଣ କରାଯାଇଛି । ଏସଆଇ ଅମିତ କୁମାର ବିଶ୍ୱାଳ, ସନ୍ତୋଷ ସ୍ୱାଇଁ, କନଷ୍ଟେବଲ ଦିଲଜିତ ଦାସ, ଗୌରାଙ୍ଗ ନାୟକ, ପବିତ୍ର ଦାଶ, ସୁମିତ ନାୟକ, ଚନ୍ଦ୍ରକାନ୍ତ ସାହୁ, ରୋଜାଲିନ ବେହେରା, କୃଷ୍ଣମୋହନ ଦାସ ପ୍ରମୁଖ ଚଢଉରେ ସାମିଲ ହୋଇଥିଲେ ।

# କସ୍ମୋପଲିସ୍ ସୋସାଇଟିରେ ରଥଯାତ୍ରା

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ସ୍ଥିତ ପ୍ରତିଷ୍ଠିତ କସ୍ମୋପଲିସ୍ ସୋସାଇଟି ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରଠାରେ ପବିତ୍ର ରଥଯାତ୍ରା ଉତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ମଧ୍ୟ ଏହି ପାରମ୍ପରିକ ମହୋତ୍ସବକୁ ନେଇ ଆବାସିକମାନଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ଉତ୍ସବର ମୁଖ୍ୟ ଆକର୍ଷଣ ସ୍ୱରୂପ, ସୁସଜ୍ଜିତ ପୁଷ୍ପମାଲ୍ୟରେ ସୁଶୋଭିତ ରଥରେ ଶ୍ରୀବିଗ୍ରହମାନଙ୍କର ପାରମ୍ପରିକ 'ପହଣ୍ଡି ବିଜେ' ନୀତି ଅତ୍ୟନ୍ତ ଶ୍ରଦ୍ଧାର ସହ ସମ୍ପାଦନ କରାଯାଇଥିଲା। ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହେବା ପରେ, ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳାର ସହ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି



ଶୁଭ ଅବସରରେ କସ୍ମୋପଲିସ୍ ପରିସର ଶତାଧିକ ଭକ୍ତଙ୍କର ଘଣ୍ଟ, ହୁଳହୁଳି ଓ ଆନନ୍ଦମୟ 'ହରିବୋଲ' ଧ୍ୱନିରେ ସମ୍ପୂର୍ଣ୍ଣ ମୁଖରିତ ହୋଇ ଆଧ୍ୟାତ୍ମିକମୟ ହୋଇଉଠିଥିଲା। ସୋସାଇଟି କର୍ମକର୍ତ୍ତା ଓ ସ୍ଥାନୀୟ ସେବାୟତମାନଙ୍କର ସୁପରିଚାଳନା ଯୋଗୁଁ ସନ୍ଧ୍ୟା ସୁଦ୍ଧା ସମସ୍ତ ନୀତିକାନ୍ତି ସହ ରଥଟଣା କାର୍ଯ୍ୟ ସଫଳତାର ସହ ସମାପନ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୋସାଇଟିର ସାମୂହିକ ଏକତା ଓ ସାଂସ୍କୃତିକ ଭାବନାକୁ ଆହୁରି ସୁଦୃଢ଼ କରିଛି।

# ଜଳ ନିଷ୍କାସନ ପଥ ଅବରୋଧ ହଟାଇବା ପାଇଁ ଦାବି

ଜଟଣୀ (ସବ୍ୟୁ) : ଜଟଣୀ ହରିଭାଇନା ଛକ ଠାରୁ ତଳକ୍ଷେତା ଛକକୁ ସଂଯୋଗ କରୁଥିବା ରାସ୍ତାର ଷଣ୍ଢପୁର ଗ୍ରାମ ନିକଟରେ ଥିବା



ରାସ୍ତା ପାର୍ଶ୍ୱର ଜଳ ନିଷ୍କାସନ ପଥକୁ ଅବରୋଧ କରି ଜନୈକ ବ୍ୟକ୍ତି ଏକ ଆଜବେଷ୍ଟସ ଗୃହ ନିର୍ମାଣ କରିଛନ୍ତି । ଫଳରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ରାସ୍ତାର ଗୋଟିଏ ପାର୍ଶ୍ୱରେ ପାଣି ଜମା ହୋଇ ରହିବା ଫଳରେ ବହୁ ଚାଷଜମି ଜଳମଗ୍ନ ହେବା ସହ ନିକଟବର୍ତ୍ତୀ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏ ନେଇ ଷଣ୍ଢପୁର ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ପାଣି ନିଷ୍କାସନ ପଥରୁ ଅବରୋଧ ହଟାଇବା ନିମନ୍ତେ ପୌର ଉପାଧ୍ୟକ୍ଷା ଆରତୀ ରାଉତ ପୁଲିସ ଥାନା, ପୌର ଅଧିକାରୀ ଏବଂ ଜଟଣୀ ତହସିଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଥବା ଜଣାପଡ଼ିଛି। ପ୍ରକାଶ ଥାଉକି କିଛିମାସ ତଳେ ଉକ୍ତ ବ୍ୟକ୍ତି ଜଣଙ୍କ ଷଣ୍ଢପୁର ମୌଜାର ପ୍ଲଟ ନଂ ୨୭୧,ଖାତା ନଂ ୩୩୪,କିସମ ପାଣିନାଳ ଯାହାର ଓସାର ୨୦ ଫୁଟ ତାକୁ ଅବରୋଧ କରି ୪ ଫୁଟ ରେ ସୀମିତ କରିବା ଯୋଗୁଁ ଜଳ ନିଷ୍କାସନ ପଥ ଅବରୋଧ ହୋଇଛି,ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ତେବେ ବିଲଡର ଜଣକ ଉଦ୍ଦେଶ୍ୟ ମୂଳକ ଉକ୍ତ ଜଳ ନିଷ୍କାସନ ପଥକୁ ଅବରୋଧ କରିଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ପାଣି ନିଷ୍କାସନ ପଥରୁ ତୁରନ୍ତ ଅବରୋଧ ହଟାଇବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ବିଶାଖାପାଟଣାରେ ରଥଯାତ୍ରା ।

# ଏମ୍ସ ଭୁବନେଶ୍ୱରରେ ଷଷ୍ଠ ସମାବର୍ତ୍ତନ ଉତ୍ସବ ଆଜି

## ସ୍ଥାପିତ ହେବ ନବଜାତ ଶଲ୍ୟଚିକିତ୍ସା ଆଇସିୟୁ

ଭୁବନେଶ୍ୱର, (ସବ୍ୟୁ): ଏମ୍ସ ଭୁବନେଶ୍ୱର, ଚଳିତ ମାସ ଶନିବାର ଦିନ ଏହାର ଷଷ୍ଠ ସମାବର୍ତ୍ତନ ସମାରୋହ ପାଳନ କରିବ । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାନେଇ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି । ପୂର୍ବାହ୍ନ ୧୦ ଡିଏମ୍/ଏମ୍ସିଏଚ୍, ୧୭ ଜଣ ପୋଷ୍ଟ-ଡକଫରାଲ୍ ଫେଲୋ (ପିଡିଏଫ୍), ୪ ଜଣ ପିଏଚ୍‌ଡି ସ୍କଲାର, ୧୩୪ ଜଣ ବିଏସ୍ସି (ଅନର୍ସ) ନର୍ସିଂ ଛାତ୍ରଛାତ୍ରୀ, ୭୫ ଜଣ ବିଏସ୍ସି (ସମ୍ମାନ) ପାରାମେଡିକାଲ୍ ଏବଂ ୩୯ ଜଣ ଏମଏସ୍ସି ନର୍ସିଂ ଛାତ୍ରଛାତ୍ରୀ ଅଛନ୍ତି। ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ । ମଙ୍ଗରାଜ (ଡିନ୍, ପରୀକ୍ଷା), ଡ. ବୈଜୟନ୍ତୀମାଳା ମିଶ୍ର (ଡିନ୍, ଗବେଷଣା), ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ (ମେଡିକାଲ୍ ଅଧୀକ୍ଷକ), ଡ. ସୁଦୀପ୍ତ ରଞ୍ଜନ ସିଂହ (କୁଳସଚିବ), ଲେଫଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର (ଡିଡିଏ), ଡ. ମନୋଜ କୁମାର ମହାନ୍ତି, ଡ. ସଞ୍ଜୟ କୁମାର ଗିରି, ଡ. ସୌଭାଗ୍ୟ କୁମାର ଜେନା ଏବଂ ଡ. ବି. ବି. ତ୍ରିପାଠି



ଘଟିକାରେ ଆରମ୍ଭ ହେବାକୁ ଥିବା ଏହି ଉତ୍ସବ ଅବସରରେ, ଶ୍ରୀମତୀ ପଟେଲ କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରିବେ । ଏନେଇ ସୂଚନା ପ୍ରଦାନ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ସିଇଓ ଡ. ଆଶୁତୋଷ ବିଶ୍ୱାସ । ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ । ସ୍ନାତକ ବ୍ୟାଚରେ ୧୯୨ ଜଣ ଏମବିବିଏସ ଛାତ୍ରଛାତ୍ରୀ, ୧୬୩ ଜଣ ଏମ୍‌ଡି/ଏମ୍ଏସ, ୬୦ ଜଣ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକେଟ୍ରାନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ଏବଂ ଭୁବନେଶ୍ୱର ସାଂସଦ (ଲୋକସଭା), ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେବା ନେଇ ସୂଚନା ଦେଇଛନ୍ତି ଡ. ବିଶ୍ୱାସ । ଏନେଇ ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ. ଦିଲ୍ଲୀପ କୁମାର ପରିଡ଼ା (ଡିନ୍, ଏକାଡେମିକ୍), ଡ. ମନସ୍ୱିନୀ ପ୍ରମୁଖ ଉପସ୍ଥିତ ଥିଲେ । ଉନ୍ନତ ରୋଗୀ ସେବା ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି, ଏମ୍ସ ଭୁବନେଶ୍ୱର ସମ୍ପ୍ରତି ଶିଶୁ ଶଲ୍ୟଚିକିତ୍ସା (ପେଡିଆଟ୍ରିକ୍ସ ସର୍ଜରୀ) ବିଭାଗ ଅଧୀନରେ ଏକ ଉତ୍ସର୍ଗୀକୃତ ନବଜାତ ଶଲ୍ୟଚିକିତ୍ସାୟୁନିଟ୍ (ନିଓନାଟାଲ୍ ସର୍ଜିକାଲ୍) ଆଇସିୟୁ ପ୍ରତିଷ୍ଠା କରାଯିବା ନେଇ ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାର ପ୍ରଥମ ଦିନରେ ଗଡ଼ିଲା ତାଳଧ୍ୱଜ, ଦର୍ପଦଳନ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ହରିବଳଦେବ ଜାଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ବାରିପଦା ବଡଦାଣ୍ଡରେ ଆଜି ପ୍ରଥମ ଦିନରେ ରଥ ଗଡିଥିଲା । ଶୁକ୍ରବାର ରଥଟଣା ପୂର୍ବରୁ ମେଘୁଆ ପାଗ ଓ ଗୁଲୁଗୁଲି ଅନୁଭୂତ ହେଉଥିବା ବେଳେ ରଥଟଣା ଆରମ୍ଭ ହେବା ପାଇଁ ପ୍ରସ୍ତୁତ ହେବାକ୍ଷଣି ହଠାତ୍ ପାଗ ଅନୁକୂଳ ହୋଇଯାଇଥିଲା । ଯାହାକି ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ରଥ ଟାଣିବା ଲାଗି ବାରିପଦା ସହରର ତଥା ଆଖପାଖ ତଥା ଦୂରଦୂରାନ୍ତରୁ ଭକ୍ତଙ୍କ ସୁଅ ଛୁଟିଥିଲା ବଡଦାଣ୍ଡକୁ । ପ୍ରଥମେ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥକୁ ଶ୍ରୀମନ୍ଦିର ନିକଟରୁ ଟାଣି ଭକ୍ତମାନେ ମାଉସୀ ମାଁ ମନ୍ଦିର ନିକଟରେ ପହଞ୍ଚାଇ ଥିଲେ । ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳା ଭକ୍ତମାନେ ବର୍ଷାରେ ଭିଜିଭିଜି ଟାଣି ଟାଉନ ଥାନା ପର୍ଯ୍ୟନ୍ତ ପହଞ୍ଚାଇ ଥିଲେ । ଅପରାହ୍ନରେ ରଥ ପାହଚରେ ତାରାକଟା ଓ ଘୋଡାଲାଗି ନୀତି ପରେ ସାରଥୀ ଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ । ଆସନ୍ତାକାଲି ଶୁକ୍ରବାର ଦେବୀ ଶୁଭଦ୍ରାଙ୍କ ରଥକୁ ଟାଉନଥାନା ପାଖରୁ ମହିଳାମାନେ ଟାଣି ମାଉସୀ ମାଁ ମନ୍ଦିର ନିକଟରେ ପହଞ୍ଚାଇବେ । ତା'ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରୀମନ୍ଦିର ନିକଟରୁ ଟଣାଯାଇ ମାଉସୀ ମାଁ ମନ୍ଦିର ନିକଟରେ ପହଞ୍ଚାଇବେ । ପରମ୍ପରା ଅନୁସାରେ ଜଗନ୍ନାଥ ରଥ ମାଉସୀ ମାଁ ମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଉପରୁ ଗୁଡ଼ଲଡ଼ୁ ଭକ୍ତଙ୍କ ଉପରକୁ ଫିଙ୍ଗାଯିବ । ଶୁକ୍ରବାର ଦିନ ଅନୁଷ୍ଠିତ ରଥ ଟଣାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ରଥଟଣା ସମୟରେ ରଥ ଉପରୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଭାଗବତ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ ।



ବ୍ରହ୍ମପୁର : ମହାପ୍ରଭୁଙ୍କ ମୀନ ଅବତାର , ଗୋସାଣୀ ନୂଆ ଗ୍ରାମ

## ପୂର୍ବ ଶତ୍ରୁତାରୁ ମାରଣାନ୍ତକ ଆକ୍ରମଣ : ୫ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ କରିବା ଘଟଣାରେ ସଦର ଥାନା ପୋଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଘଟଣାରେ ବ୍ୟବହୃତ ୩ଟି କାଠ ବାଡ଼ି ଜବତ କରାଯାଇଛି ।

ଗିରଫ ଅଭିଯୁକ୍ତମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପାଣ୍ଡିଆଖୋଲ ଗ୍ରାମର ପପୁ ବେହେରା (୨୪), ଅଲୟ କୁମାର ବେହେରା (୨୭), ସନ୍ତୋଷ ବେହେରା ଓରଫ ବାପା (୩୨), ସରୋଜ କୁମାର ବେହେରା ଓରଫ ଗୁଡୁ ଓରଫ କାଳିଆ (୨୦) ଏବଂ ଦେବେନ୍ଦ୍ର ମହାନ୍ତି (୨୬) । ମାମଲା ନଂ ୪୫୫/୨୬ ରେ ଉକ୍ତ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି ।

ଘଟଣାରୁ ପ୍ରକାଶ ଯେ, ପାଣ୍ଡିଆଖୋଲ ଗ୍ରାମର ଶମ୍ଭୁ ଦାସ ଗତ ୧୪ ସନ୍ଧ୍ୟାରେ ଗାଁ ପୋଖରୀରୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କ ରାସ୍ତା ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କାଠ ବାଡ଼ିରେ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ । ଶମ୍ଭୁ ମରିଯିବା ଭାବି ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ । ଖବର ପାଇ ପରିବାର ଲୋକେ ସେଠାରୁ ଗୁରୁତର ଶମ୍ଭୁଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଆହତ ଶମ୍ଭୁ ଦାସ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ୨୦୨୪ ମସିହାରୁ ପୂର୍ବ ଶତ୍ରୁତା ରହିଥିଲା ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

## ମହୁଲ ବୋଝେଇ ପିକଅପ ଜବତ
## ୪ କୋର୍ଟ ଚାଲାଣ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବାରିପଦା -ଉଦଳା ରାଜ୍ୟ ରାଜପଥରେ ପିଛାକାଟି ହାତିବନ୍ଧା ଛକରେ ଏକ ଚୋରା ମହୁଲ ବୋଝେଇ ପିକଅପ ଭ୍ୟାନକୁ ଜବତ କରିବା ସହିତ ଚାରିଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ସୂଚନା ମୁତାବକ କପ୍ତିପଦା ଇଲାକାରୁ ଚୋରା ମହୁଲ ଚାଲାଣ ହେଉଥିବା ବାବଦରେ ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ସଦଳବଳେ ପିଛାକାଟି ହାତିବନ୍ଧା ଛକରେ ଓଡି -୧୧ସି- ୪୪୧୯ ବିଶିଷ୍ଟ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ସେଥିରେ ୫୦ ପାକେଟ ଚୋରା ମହୁଲ ଭର୍ତ୍ତି ଥିବାର ଦେଖିବାକୁ ପାଇଥିବା ବେଳେ ମୋଟ ପରିମାଣ ୧୯ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରହିଛି । ଏନେଇ ଏକ ମାମଲା ରୁଜୁକରି ଚୋରା ମହୁଲ ବୋଝେଇ ପିକଅପ ଭ୍ୟାନକୁ ଜବତକରି ବେତନଟୀ ଅବକାରୀ ଥାନାକୁ ଅଣାଯାଇ ଥିବାବେଳେ ଏହି ଚୋରାଇ କାରବାରରେ ଜଡ଼ିତ କପ୍ତିପଦା ଥାନା ଅଧିନ ବଡଖଇଡି ଉପରବେଡ଼ା ବଉଳାଜାଡି ଗ୍ରାମର ସର୍ବେଶ୍ୱର ଜେନା, ଘୋଡାଡେଇ ଉପରବେଡ଼ା ପାଟପୁର ଗ୍ରାମର ସତ୍ୟଜିତ ଦାସ, ଖେତପଦା ଗ୍ରାମର ଅରୁଣ ମଣ୍ଡଳ ଏବଂ ବିକ୍ରମ ଦାସଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରା ସୂଚନା ଦେଇଛନ୍ତି ।

## ବାରିପଦା ରେଳ ଷ୍ଟେସନର ଭର୍ଚୁଆଲ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ବାରିପଦା, (ସବ୍ୟୁ): ଭାରତୀୟ ରେଳବାଇର ଆଧୁନିକୀକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅମୃତ ଷ୍ଟେସନ ଯୋଜନା ଅଧୀନରେ ପୁନଃବିକଶିତ ବାରିପଦା ରେଳଷ୍ଟେସନର ଭର୍ଚୁଆଲ ଉଦ୍‌ଘାଟନ କରିଛନ୍ତି । ବାରିପଦା ରେଳ ଷ୍ଟେସନ ଦେଶର ୭୫ଟି ପୁନଃ ବିକଶିତ ଅମୃତ ଷ୍ଟେସନ ମଧ୍ୟରୁ ଅନ୍ୟତମ, ଯାହାର ଏକକାଳୀନ ଉଦ୍‌ଘାଟନ ପ୍ରଧାନମନ୍ତ୍ରୀ କରିଥିଲେ। ଏହା ଭାରତୀୟ ରେଳବାଇର ଆଧୁନିକୀକରଣ ଏବଂ ଯାତ୍ରୀକେନ୍ଦ୍ରିକ ଭିତ୍ତିଭୂମି ବିକାଶରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି ।

ଏହି ଅବସରରେ ବାରିପଦା ରେଳ ଷ୍ଟେସନ ପରିସରରେ ଏକ ଭବ୍ୟ ଉଦ୍‌ଘାଟନ ସମାରୋହର ଆୟୋଜନ କରାଯାଇଥିଲା । ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଉଦବୋଧନର ସିଧାସଳଖ ପ୍ରସାରଣ ଉପଭୋଗ କରିବା ପାଇଁ ଜନ ପ୍ରତିନିଧି, ରେଳ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ । ଖଡ଼ଗପୁର ରେଳ ମଣ୍ଡଳର ବିଭିନ୍ନ ରେଳବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଦ୍‌ଘାଟନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ ।

ସମାରୋହରେ ଓଡ଼ିଶା ସରକାରଙ୍କ ଗୃହ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦାଃ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ଖଡ଼ଗପୁର ରେଳ ମଣ୍ଡଳ ପ୍ରବନ୍ଧକ (ଡିଆରଏମ) ଲଳିତ ମୋହନ ପାଣ୍ଡେ, ଦକ୍ଷିଣ-ପୂର୍ବ ରେଳର ମୁଖ୍ୟ ଇଞ୍ଜିନିୟର (ଜେନେରାଲ) ବିଜୟ ପ୍ରକାଶ ସରାପିଙ୍କ ସମେତ ବରିଷ୍ଠ ରେଳ ଅଧିକାରୀ ଏବଂ ବହୁ ବିଶିଷ୍ଟ ଅତିଥି ଉପସ୍ଥିତ ଥିଲେ ।

ପ୍ରାୟ ୯ କୋଟି ଟଙ୍କା ବ୍ୟୟରେ ପୁନଃ ବିକଶିତ ବାରିପଦା ରେଳ ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ସହ ମୟୂରଭଞ୍ଜର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟର ଝଲକକୁ ସୁନ୍ଦର ଭାବେ ପ୍ରତିଫଳିତ କରାଯାଇଛି । ନବରୂପ ପାଇଥିବା ଏହି ଷ୍ଟେସନ ଏବେ ଯାତ୍ରୀମାନଙ୍କ ପାଇଁ ଅଧିକ ସୁରକ୍ଷିତ, ସୁବିଧାଜନକ, ଦିବ୍ୟାଙ୍ଗ-ଅନୁକୂଳ ଏବଂ ଆଧୁନିକ ପରିବହନ କେନ୍ଦ୍ରରେ ପରିଣତ ହୋଇଥିବା ବେଳେ ଆଞ୍ଚଳିକ ବିକାଶ ଓ ପର୍ଯ୍ୟଟନକୁ ମଧ୍ୟ ନୂଆ ଗତି ପ୍ରଦାନ କରିବ । ପୁନଃ ବିକଶିତ ବାରିପଦା ରେଳ ଷ୍ଟେସନର ସଫଳ ଉଦ୍‌ଘାଟନ ଖଡ଼ଗପୁର ରେଳ ମଣ୍ଡଳର ଆଧୁନିକ ରେଳ ଭିତ୍ତିଭୂମି, ଉନ୍ନତ ଯାତ୍ରୀ ସୁବିଧା ଏବଂ ସୁରକ୍ଷିତ, ଆରାମଦାୟକ ଓ ନିରବଚ୍ଛିନ୍ନ ଯାତ୍ରା ସେବା ପ୍ରଦାନ ପ୍ରତି ଥିବା ଅଙ୍ଗୀକାରକୁ ପୁଣିଥରେ ପ୍ରତିପାଦିତ କରିଛି ।

## ରଥଯାତ୍ରାରେ ଏମ୍‌ସିଏମ୍‌ର ଜଳଛତ୍ର ଉଦ୍‌ଘାଟିତ

ବାରିପଦା, (ସବ୍ୟୁ) : ବାରିପଦାର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରବଳ ଗ୍ରୀଷ୍ମ ଓ ଭିଡ଼କୁ ଦୃଷ୍ଟିରେ ରଖି ଭକ୍ତମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମୟୂରଭଞ୍ଜ କଲେଜ ଅଫ୍ ଆଡଭାନ୍ସଡ଼ ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏମ୍) ର ଏନ୍‌ଏସ୍‌ଏସ୍ ରେଡକ୍ରସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ଏକ ଜଳଛତ୍ର ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଛି । ପୂର୍ବାହ୍ନ ୧୧ଟାରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡାଃ ବୁଦ୍ଧାନ ମୁର୍ମୁ, ଏମ୍‌ସିଏମ ଶାସନ ପରିଷଦର ସଭାପତି ଡଃ ବେଦେଶ୍ୱର ଚନ୍ଦ୍ର ହୋତା, କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ମେରା ଯୁବା ଭାରତର ଜାତୀୟ ସ୍ତରର ସ୍ୱେଚ୍ଛାସେବକ ସାଇ ରଞ୍ଜନ ଲେଙ୍କା, ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସୁଶ୍ରୀ ନାୟକ, ୟୁଥ୍ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପୂଜା ଶତପଥୀଙ୍କ ସମେତ କଲେଜର ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବକମାନେ ଉପସ୍ଥିତ ଥିଲେ ।


## ବୁଗୁଡ଼ା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ପଞ୍ଚାୟତ ସମିତି ପଅରୁ ସମ୍ମିଳନୀ କକ୍ଷରେ ଶୁକ୍ରବାର ଦିନ ନବମ ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ଶ୍ରୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବୁଗୁଡ଼ା ବ୍ଲକ ଅଧୀନସ୍ଥ ସମସ୍ତ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ, ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସରକାରୀ ଯୋଜନାଗୁଡ଼ିକୁ ସଠିକ ଭାବେ ତୃଣମୂଳ ପର୍ଯ୍ୟାୟରେ ରହୁଥିବା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି କାର୍ଯ୍ୟଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ସହ ତୁରନ୍ତ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ବୁଗୁଡ଼ା ବ୍ଲକର ଅଧିକାଂଶ ପଞ୍ଚାୟତରେ ପିଇବା ପାଣିର ଅସୁବିଧା ଲାଗିରହିଥିବା ବେଳେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଓ ଦାୟିତ୍ୱହୀନତା ପାଇଁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବା ପଞ୍ଚାୟତ ସରପଞ୍ଚ ଓ ସମିତି ମେମ୍ବର ଅସନ୍ତୋଷ ପ୍ରକାଶ କରିଥିଲେ । ଏପରିକି ପଞ୍ଚାୟତ ପ୍ରତିନିଧିଙ୍କୁ କୌଣସି ସରକାରୀ ଯୋଜନା ସମ୍ପର୍କରେ ବ୍ଲକ ପ୍ରଶାସନ ଅବଗତ କରାଉ ନଥିବା ଅଭିଯୋଗ କରିଥିଲେ । ଯାହାକୁ ନେଇ ବ୍ଲକ ଅଧ୍ୟକ୍ଷା ଶ୍ରୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆଗାମୀ ଯୋଜନା ସମ୍ପର୍କରେ ଅବଗତ କରାଇବା ପାଇଁ କହିଥିଲେ । ସେହିପରି ଗ୍ରାମ୍ୟ ଜଳଯୋଗାଣ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ସୋଲାର ପାନେଲ ମାଧ୍ୟମରେ ଜଳଯୋଗଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା କାମରେ ଆସୁନଥିବା ଅଭିଯୋଗ ହୋଇଥିଲା । ଉକ୍ତ ବୈଠକରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ,ବିଡ଼ିଓ ଦୁତିକୃଷ୍ଣ ପାତ୍ର,ଏବିଡିଓ ଧର୍ମରାଜ ପରିଡ଼ା, ଜିଲ୍ଲା ପରିଷଦ ମେମ୍ବର ଗଙ୍ଗାପାଣି ଜେନା ଓ ଚାନ୍ଦିନୀ ନାୟକ, ସାଂସଦ ପ୍ରତିନିଧି ଉତ୍ତମ ଦାସ,ଥାନାଧିକାରୀ ସୀତାଂଶୁ ଶେଖର ମାନ୍ଧାତା ପ୍ରମୁଖ ମଞ୍ଚାସୀନ ହୋଇଥିଲା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ରେବ, କପାଳିରେ ବନ୍ୟା ସ୍ଥିତି: ବ୍ୟାପକ ଚାଷଜମି ଜଳମଗ୍ନ

# ହାତିଆପଡା ଗାଁରେ ପଶିଲା ପାଣି



ଅସୁରାଳି, (ସବ୍ୟୁ): ଲଗାଣ ବର୍ଷା ଯୋଗୁଁ ରେବ ଓ କପାଳି ନଦୀ ଉଛୁଳିଛି । ଦୁଇ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଧାମନଗର ବ୍ଲକର ଅସୁରାଳି ସମେତ ଛଅ ପଂଚାୟତର ବିସ୍ତୃତ ଚାଷଜମି ଜଳମଗ୍ନ ହୋଇଥିବା ଜଣାପଡିଛି । ଏଭଳି ସ୍ଥିତିରେ ଖରିଫ ଧାନ ଚାଷ ଅନେକାଂଶରେ ପ୍ରଭାବିତ ହେବାର ଆଶଙ୍କା ପ୍ରକାଶ ପାଇଛି ।

ଗତ ଚାରିଦିନ ଧରି ଲଘୁଚାପଜନିତ ପ୍ରବଳ ବର୍ଷା ହେତୁ ଧାମନଗର ବ୍ଲକରେ ପ୍ରବାହିତ ରେବ ଏବଂ କପାଳି ଭଳି ଛୋଟ ନଦୀରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ବନ୍ୟା ପରିସ୍ଥିତି ଉପୁଜୁଛି । ରେବର ବଢ଼ି ପାଣି ଗୁରୁବାର ରାତିରୁ ଅସୁରାଳି ପଞ୍ଚାୟତର ସାହୁ ସାହି, ମଲ୍ଲିକ ପାଟଣା, ହଂସପୁର, ଶ୍ରୀନାଥ ନଗର, ମହାଦେବ ନଗର, ଗାନ୍ଧି ନଗର, ମଦନ ନଗର, କଲ୍ୟାଣ ନଗର, ଶାନ୍ତି ନଗର, ବଙ୍କି ଫତେପୁର ପଞ୍ଚାୟତର ଦିନାଜପୁର, ଲେଞ୍ଜରା, ଶ୍ରୀରାମପୁର, ଫତେପୁର, ନାଉଗଡ଼ିଆ ଗଡିଆଳି ପଞ୍ଚାୟତର ଉଚ୍ଚପଦା, କାକୁଡିଗଡ଼ିଆ ଗଡ଼ିଆଳି, ସୁବାନପୁର ସହିତ କାସିମପୁର ଏବଂ କୋଠାର ପଞ୍ଚାୟତର କେତେକ ଚାଷ ଜମିରେ ପ୍ରବେଶ କରିଛି ।

ସେହିପରି କପାଳି ନଦୀର ବନ୍ୟା ଜଳ ମୁଖ୍ୟତଃ ଖପରପଦା ପଞ୍ଚାୟତର ସରପୁର, ମଙ୍ଗଳପୁର, ଖପରପଦା ସମେତ କଟସାହି ପଞ୍ଚାୟତର ଶ୍ରୀଗଙ୍ଗା, ଶ୍ୟାମଚାନ୍ଦ ପାଟଣା, ଧରିତ୍ରୀ ନଗର ଆଦି ଅଂଚଳର ବ୍ୟାପକ ଜମିକୁ ଜଳମଗ୍ନ କରି ଦେଇଥିବା ଦେଖିବା ପାଇଁ ମିଳିଛି । କପାଳି ନଦୀର ବନ୍ୟା ଜଳ ସ୍ଥାନୀୟ ହାତିଆପଡା ଗ୍ରାମ ମଧ୍ୟରେ ପ୍ରବେଶ କରିଛି ।

ରେବ କପାଳିର ବନ୍ୟା ପରିସ୍ଥିତି ଯୋଗୁଁ ଶତାଧିକ ହେକଟର ଚାଷଜମି ଜଳମଗ୍ନ ହୋଇଥିବା ହେତୁ ଅନେକ ଜମିରେ ପଡିଥିବା ଧାନ ବିହନ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏଥି ସହିତ ଏବେ ଯେଉଁ ଜମିରେ ଦିନେ ଦୁଇଦିନ ମଧ୍ୟରେ ଧାନ ରୁଆପୋତା କରାଯାଇଛି । ସେଗୁଡିକ ପଚି ନଷ୍ଟ ହେବାର ସମ୍ଭାବନା ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି । ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଦୁଇ ନଦୀର ଜଳସ୍ତର ବୃଦ୍ଧି ପାଉଛି ବୋଲି ଜଣାପଡିଛି। ବନ୍ୟା ସ୍ଥିତିକୁ କୃଷକ ନେତା ସତ୍ୟମୂର୍ତ୍ତି ବେହେରା ମନୁଷ୍ୟକୃତ କହି ଏଥିପାଇଁ ଡ୍ରେନେଜ ବିଭାଗକୁ ଦାୟୀ କରିଛନ୍ତି ।


କାନାରା ବ୍ୟାଙ୍କ Canara Bank | ସିଣ୍ଡିକେଟ Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ୧୫୬୧(ଅଂଶ), କେଏଚ୍: ୧୧୫୨, ଜାଗମରା, ଖଣ୍ଡଗିରି ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ.: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି । ନିମ୍ନଲିଖିତ ଋଣଗ୍ରହୀତାମାନଙ୍କ ଠାରୁ **କାନାରା ବ୍ୟାଙ୍କର ସମ୍ପୃକ୍ତ ଶାଖାଗୁଡିକର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା୨୪.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୩୦ଘଟିକାରୁ ପୂର୍ବାହ୍ନ ୧୧.୩୦ଘଟିକା (Baanknet ପୋର୍ଟାଲ ମାଧ୍ୟମରେ)** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ। ଅମାନତ ରାଶି **ତା୨୩.୦୮.୨୦୨୬ରିଖ ଅପରାହ୍ନ ୫.୦୦ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ। ଇଚ୍ଛୁକ ନିଲାମଧାରୀମାନେ ପୋର୍ଟାଲ: **https://baanknet.com/eauction-psb/bidder-registration**ରେ ସେମାନଙ୍କର ନାମକୁ ପଞ୍ଜୀକୃତ କରିବେ ଏବଂ **ୟୁଜର ଆଇଡ଼ି ଓ ପାସୱାର୍ଡ** ବିନା ମୂଲ୍ୟରେ ପାଇବେ।

| ଶାଖା / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| **ନୂଆଗାଁ ଶାଖା / ମୋ.: ୭୬୦୫୦୦୦୯୧୬୯** **ଋଣଗ୍ରହୀତା: ଶ୍ରୀ ଦଣ୍ଡପାଣି ନାୟକ,** ପିତା: ରଘୁନାଥ ନାୟକ/ **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ପୁଷ୍ପାଞ୍ଜଳି ନାୟକ,** ସ୍ୱାମୀ: ଦଣ୍ଡପାଣି ନାୟକ, ଉଭୟଙ୍କ ଠିକଣା- ସା/ପୋ: ନହଡୋଟା ସାହି, ସିଟୀ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬ | **ଶ୍ରୀମତୀ ପୁଷ୍ପାଞ୍ଜଳି ନାୟକ,** ସ୍ୱାମୀ: ଶ୍ରୀ ଦଣ୍ଡପାଣି ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୦୭, ପ୍ଲଟ୍ ନଂ.: ୬୨୫, କ୍ଷେତ୍ର: ଏକର୦.୦୦୫ ଡିସିମିଲି ଏବଂ ଖାତା ନଂ.: ୧୪୦୭, ପ୍ଲଟ୍ ନଂ.: ୬୨୪, କ୍ଷେତ୍ର: ଏକର୦.୦୧୫ ଡିସିମିଲି, ମୌଜା: ଭଞ୍ଜନଗର, ତହସିଲ: ଘୁମୁସର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ମାର୍କଣ୍ଡ ଚୌଧୁରୀଙ୍କ ପ୍ଲଟ, ଦକ୍ଷିଣ: ଦୟା ନାୟକଙ୍କ ପ୍ଲଟ, ପୂର୍ବ: ବଞ୍ଚାନିଧି ଚୌଧୁରୀଙ୍କ ପ୍ଲଟ, ପଶ୍ଚିମ: ସୁଦାମ ଚୌଧୁରୀଙ୍କ ପ୍ଲଟ | ୧୫.୦୭.୨୦୨୬ ସୁଦ୍ଧା ଟ.୭,୨୨,୮୩୨.୬୬ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୮,୭୦,୦୦୦/-<br>ଟ.୮୭,୦୦୦/-<br>ଟ.୧୦,୦୦୦/- |
| **ନୂଆଗାଁ ଶାଖା / ମୋ.: ୭୬୦୫୦୦୦୯୧୬୯** **ଋଣଗ୍ରହୀତା: ଶ୍ରୀ ଚିତ୍ରସେନ ମାଝୀ,** ପିତା: ଇନ୍ଦ୍ରମଣି ମାଝୀ, ସା: ଡ଼ିମିରିପଲ୍ଲି, ପୋ: ଧୁମୁଛାଇ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଚରଣ ମାଝୀ,** ପିତା: ତ୍ରିନାଥ ମାଝୀ, ସା: ପାଟୁକି ସାହି, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ | ଶ୍ରୀ ଚରଣ ମାଝୀଙ୍କ ନାମରେ ଥିବା ଜମି ଏବଂ ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର୦.୦୨୬ ଡିସିମିଲି, ଖାତା ନଂ.: ୯୦/୩୧, ପ୍ଲଟ୍ ନଂ.: ୨୫୩/୭୧୯, କିସମ: ଘରବାରି, ମୌଜା: ପାଟୁକି ସାହି, ତହସିଲ: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଦେବରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଗାୟତ୍ରୀ ସ୍ୱାଇଁଙ୍କ ପ୍ଲଟ, ପଶ୍ଚିମ: ବନମାଳୀ ନାୟକଙ୍କ ଜମି | ୧୫.୦୭.୨୦୨୬ ସୁଦ୍ଧା ଟ.୧୧,୬୦,୧୮୬.୬୬ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୮,୩୦,୦୦୦/-<br>ଟ.୮୩,୦୦୦/-<br>ଟ.୧୦,୦୦୦/- |
| **ନୂଆଗାଁ ଶାଖା / ମୋ.: ୭୬୦୫୦୦୦୯୧୬୯** **ଋଣଗ୍ରହୀତା: ଶ୍ରୀ କାହ୍ନୁ ଚରଣ ଶତପଥି,** ପିତା: ସୁରେନ୍ଦ୍ର ଶତପଥି / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ନିନି ଶତପଥି,** ସ୍ୱାମୀ: କାହ୍ନୁ ଚରଣ ଶତପଥି, ଉଭୟଙ୍କ ଠିକଣା- ସା: ଡ଼ିମିରିପଲ୍ଲି, ପୋ: ଧୁମୁଛାଇ, ତନରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦ | ଶ୍ରୀମତୀ ନିନି ଶତପଥିଙ୍କ ନାମରେ ଥିବା ଜମି ଏବଂ ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୨୦ଡିସିମିଲି, ଖାତା ନଂ.: ୧୯୬/୨୦, ପ୍ଲଟ୍ ନଂ.: ୪୪୪, କିସମ: ଘରବାରି, ମୌଜା: ଡ଼ିମିରିପଲ୍ଲୀ, ତହସିଲ: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ସମ୍ପତ୍ତିର ଚତୁଃପାର୍ଶ୍ୱରେ- ଉତ୍ତର: ଖଦାଳ ସ୍ୱାଇଁ, ଦକ୍ଷିଣ: ସକୁଲା ତ୍ରିପାଠୀଙ୍କ ଗୃହ, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା | ୧୫.୦୭.୨୦୨୬ ସୁଦ୍ଧା ଟ.୭,୫୨,୦୧୩.୩୬ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୩,୨୯,୦୦୦/-<br>ଟ.୩୨,୯୦୦/-<br>ଟ.୧୦,୦୦୦/- |
| **ନୂଆଗାଁ ଶାଖା / ମୋ.: ୭୬୦୫୦୦୦୯୧୬୯** **ଋଣଗ୍ରହୀତା: ଶ୍ରୀମତୀ ବୁନି ଆରୁଖ,** ସ୍ୱାମୀ: ଶ୍ରୀ ପ୍ରମୋଦ କୁମାର ଆରୁଖ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ଉଭୟଙ୍କ ଠିକଣା- ସା/ପୋ: ଖମାରପଲ୍ଲୀ, ବରଗାଁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୦ | **ଶ୍ରୀ ପ୍ରମୋଦ କୁମାର ଆରୁଖଙ୍କ** ନାମରେ ଥିବା ଜମି ଏବଂ ବାସୋପଯୋଗୀ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର୦.୦୩୫ଡିସିମିଲି, ଖାତା ନଂ.: ୪୦୫/୧୨୩, ପ୍ଲଟ୍ ନଂ.: ୫୮୪, କିସମ: ଘରବାରି, ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥ ପ୍ରସାଦ, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଖାଲି ଜମି, ଦକ୍ଷିଣ: ରାସ୍ତା, ପୂର୍ବ: ଦ୍ୱିତୀକୃଷ୍ଣ ଆରୁଖ, ପଶ୍ଚିମ: ବଂଶୀଧର ଆରୁଖ | ୧୫.୦୭.୨୦୨୬ ସୁଦ୍ଧା ଟ.୧୧,୦୧,୩୬୪.୨୯ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୫,୪୯,୦୦୦/-<br>ଟ.୫୪,୯୦୦/-<br>ଟ.୧୦,୦୦୦/- |
| **ନୂଆଗାଁ ଶାଖା / ମୋ.: ୭୬୦୫୦୦୦୯୧୬୯** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରବୀନ୍ଦ୍ର ନାୟକ,** ପିତା: ଶ୍ରୀ ବିଜୟ ନାୟକ, ସା: ଗାଇପଲି, ପୋ: ତିନିସିଙ୍ଗି, ଥାନା: ଭଞ୍ଜନଗର, ଭାୟା: କୁଲାଡ, ଜିଲ୍ଲା: ଗଞ୍ଜାମ (ଓଡ଼ିଶା), ପିନ୍-୭୬୧୧୩୧ | ଶ୍ରୀ ରବୀନ୍ଦ୍ର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୧୭, କ୍ଷେତ୍ର: ଏକର୦.୨୪୦ଡିସିମିଲି, କିସମ: ଘରବାରି, ମୌଜା: ବାଲିଆପଟା, ଥାନା: ତାରାସିଙ୍ଗି, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଶଙ୍କର ପ୍ରଧାନ ଏବଂ ଅନ୍ୟମାନଙ୍କ ପ୍ଲଟ, ପୂର୍ବ: ଶଙ୍କର ପ୍ରଧାନ ଏବଂ ଅନ୍ୟମାନଙ୍କ ପ୍ଲଟ, ପଶ୍ଚିମ: ଶଙ୍କର ପ୍ରଧାନ ଏବଂ ଅନ୍ୟମାନଙ୍କ ପ୍ଲଟ | ୧୫.୦୭.୨୦୨୬ ସୁଦ୍ଧା ଟ.୧୨,୪୪,୬୦୮.୮୦ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୩,୮୫,୦୦୦/-<br>ଟ.୩୮,୫୦୦/-<br>ଟ.୧୦,୦୦୦/- |
| **ପଲ୍ଲିମାଲ ଶାଖା / ମୋ.: ୭୦୭୭୭୨୦୫୨୩** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ପଙ୍କଜ ମହାକୁର,** ପିତା: ଶ୍ରୀ ମନୁ ମହାକୁର, ସା/ପୋ: ଘାଗୁର୍ଲି, ବେଲପଡ଼ା, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୨୬ / **ଜାମିନ୍‌ଦାର: ଶ୍ରୀ ପ୍ରଦୀପ ବୁଡେକ,** ପିତା: ୰ ଉପେନ୍ଦ୍ର ବୁଡେକ, ସା/ପୋ: ବେଲପଡ଼ା, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ପିନ୍-୭୬୭୦୨୬ | ଶ୍ରୀ ପଙ୍କଜ ମହାକୁରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୧୦/୩୮୦, ପ୍ଲଟ୍ ନଂ.: ୪୮୬/୨୨୧୨/୨୩୯୧, କ୍ଷେତ୍ର: ଏକର୦.୦୪ଡିସିମିଲି, ମୌଜା: ଘାଗରୁଲ, ଥାନା: ବେଲପଡ଼ା, ତହସିଲ: ବେଲପଡ଼ା ନଂ. ୧୫୨, ଏସ୍‌ଆରଓ: ପାଟଣାଗଡ଼, ଜିଲ୍ଲା: ବଲାଙ୍ଗୀର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଜଗବନ୍ଧୁ ସାହୁଙ୍କ ଖାଲି ଜମି, ଦକ୍ଷିଣ: ସରୁ ସାହୁଙ୍କ ଖାଲି ଜମି, ପୂର୍ବ: ଘାଗୁର୍ଲିରୁ ମୁଣ୍ଡାଗାଁ ପଞ୍ଚାୟତ ରାସ୍ତା, ପଶ୍ଚିମ: କୌଶଲ୍ୟା ସାହୁଙ୍କ ଖାଲି ଜମି | ୧୪.୦୭.୨୦୨୬ ସୁଦ୍ଧା ଟ.୧୩,୪୩,୩୬୭.୩୫ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୨,୬୫,୦୦୦/-<br>ଟ.୨୬,୫୦୦/-<br>ଟ.୧୦,୦୦୦/- |
| **ଝାରସୁଗୁଡ଼ା-୨ ଶାଖା / ମୋ.: ୭୬୦୫୦୦୦୯୦୪୬** **ଋଣଗ୍ରହୀତା: ଶ୍ରୀମତୀ ରିଙ୍କି ଦାସ,** ସ୍ୱାମୀ: ଶ୍ରୀ ଶମ୍ଭୁନାଥ ଦାସ / **ଜାମିନ୍‌ଦାର: ଶ୍ରୀ ଶମ୍ଭୁନାଥ ଦାସ,** ପିତା: ଶ୍ରୀ ଯଶୋଦା ଜୀବନ ଦାସ, ଉଭୟଙ୍କ ଠିକଣା- ୱାର୍ଡ ନଂ. ୨୦, ମଙ୍ଗଳ ବଜାର, ଝାରସୁଗୁଡ଼ା-୭୬୮୨୦୧ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରବୀଣ କୁମାର ଦାସ,** ପିତା: ଶ୍ରୀ ପତଲୁ ଚନ୍ଦ୍ର ଦାସ, ଟାଉନ ହାଇସ୍କୁଲ ନିକଟ, ବାରଗଳିପଡା, ମଙ୍ଗଳ ବଜାର, ଝାରସୁଗୁଡ଼ା-୭୬୮୨୦୧ | ଶ୍ରୀ ପ୍ରବୀଣ କୁମାର ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୯୨୯/୧୦୮୪, ପ୍ଲଟ୍ ନଂ.: ୧୧୯୯/୫୫୬୬, କ୍ଷେତ୍ର: ଏକର୦.୦୩ଡିସିମିଲି, ମୌଜା: ଝାରସୁଗୁଡ଼ା ୟୁନିଟ୍ ନଂ. ୬, ନୂଆ ଝାରସୁଗୁଡ଼ା, ସା/ପୋ: ପୁରୁଣାବସ୍ତି, (ରାମ ପଡ଼ା), ଥାନା/ତହସିଲ/ଜିଲ୍ଲା: ଝାରସୁଗୁଡ଼ା, ଏହାର ଚାରିପାର୍ଶ୍ୱରେ (ଭ୍ୟାଲୁଏସନ୍ ରିପୋର୍ଟ ଅନୁଯାୟୀ)- ଉତ୍ତର: ଖାଲି ଜମିର ସୀମା, ଦକ୍ଷିଣ: ଖାଲି ଜମି, ପୂର୍ବ: ଖାଲି ଜମି, ପଶ୍ଚିମ: ଶ୍ରୀ ଶଙ୍କର ଦାସଙ୍କ ପ୍ଲଟ | ୧୪.୦୭.୨୦୨୬ ସୁଦ୍ଧା ଟ.୪୨,୨୬,୧୨୨.୦୬ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୩,୯୫,୦୦୦/-<br>ଟ.୩୯,୫୦୦/-<br>ଟ.୧୦,୦୦୦/- |
| **ଛେଣ୍ଡିପଦା-୨ ଶାଖା / ମୋ.: ୭୬୦୫୦୦୦୯୧୯୨** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀମତୀ ଗୀତା ନାୟକ,** ସ୍ୱାମୀ: ଜିଲେଶ୍ୱର ନାୟକ / **ଜାମିନ୍‌ଦାର: ଶ୍ରୀ ଜିଲେଶ୍ୱର ନାୟକ,** ପିତା: ବୃନ୍ଦାବନ ନାୟକ, ଉଭୟଙ୍କ ଠିକଣା- ସା: ରାଣୀଗୋଡ଼ା, ଶିଶକପଡ଼ା, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୨୨ | ଶ୍ରୀମତୀ ଗୀତା ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୨୪୧/୧୯ ପ୍ଲଟ୍ ନଂ.: ୧୭୨୯, କ୍ଷେତ୍ର: ଏକର୦.୧୭୫ ଡିସିମିଲି, ମୌଜା: ଟାଙ୍କୁଡିଆ, ତହସିଲ: ଛେଣ୍ଡିପଦା, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ (ବନ୍ଧକ ଅନୁଯାୟୀ)- ଉତ୍ତର: ହଳଧର ନାଏକଙ୍କ ଗୃହ, ଦକ୍ଷିଣ: ବାମଦେବ ନାଏକଙ୍କ ଗୃହ, ପୂର୍ବ: ଭିକିଗିରି ସୁନା ଏବଂ ନାରାୟଣ ସୁନାଙ୍କ ଖାଲି ଜମି, ପଶ୍ଚିମ: ଗ୍ରାମ କମ୍ପସଲା ଆଡକୁ ସାର୍ବଜନୀନ ରାସ୍ତା | ୧୪.୦୭.୨୦୨୬ ସୁଦ୍ଧା ଟ.୧୨,୫୭,୩୫୬.୦୫ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୬,୭୫,୦୦୦/-<br>ଟ.୬୭,୫୦୦/-<br>ଟ.୧୦,୦୦୦/- |
| **ସୋନପୁର-୧ ଶାଖା / ମୋ.: ୯୫୧୬୦୦୦୯୨୧୬** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଧରଣୀଧର ଲୁହା,** ପିତା: ବିଶିକେଶନ ଲୁହା, ସା: ଭୂତାଆପାଲି, ଗୋପପାଲି, ବୀରମହାରାଜପୁର, ସୋନପୁର-୭୬୭୦୧୮ / **ଜାମିନ୍‌ଦାର: ଶ୍ରୀ ବାବୁ ଅମାତ,** ପିତା: ଚମ୍ପା ଅମାତ, ସା: ମାଣିକପୁର, ମୁର୍ଛୁଣ୍ଡି, ବୀରମହାରାଜପୁର, ସୋନପୁର-୭୬୭୦୧୮ | ଶ୍ରୀ ଧରଣୀଧର ଲୁହାଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨, ପ୍ଲଟ୍ ନଂ.: ୯୭୬/୧୩୩୨, କ୍ଷେତ୍ର: ଏକର୦.୧୦ଡିସିମିଲି, ସା: ଗୋପପାଲି, ମୌଜା: ଭୂତାଆପାଲି, ଥାନା: ବୀରମହାରାଜପୁର ନଂ. ୧୬୭, ଜିଲ୍ଲା: ସୋନପୁର, ଏହାର ଚାରିପାର୍ଶ୍ୱରେ (ଭ୍ୟାଲୁଏସନ୍ ରିପୋର୍ଟ ଅନୁଯାୟୀ)- ଉତ୍ତର: ରାସ୍ତା, ଦକ୍ଷିଣ: ଧରଣୀଧର ଲୁହା, ପୂର୍ବ: ଧରଣୀଧର ଲୁହା, ପଶ୍ଚିମ: ବାହାଦୁର ଗଣ୍ଡ | ୧୪.୦୭.୨୦୨୬ ସୁଦ୍ଧା ଟ.୨୧,୪୮,୭୦୦.୭୭ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୪,୪୫,୦୦୦/-<br>ଟ.୪୪,୫୦୦/-<br>ଟ.୧୦,୦୦୦/- |
| **କୋଚିଣ୍ଡା ଶାଖା / ମୋ.: ୭୬୦୫୦୦୦୯୦୪୬** **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଧ୍ରୁବ କିଶୋର ମହାନନ୍ଦ,** ପିତା: ବିରଧା ମହାନନ୍ଦ, ସା/ପୋ.: ଭୋଜପୁର, ଥାନା: କୋଚିଣ୍ଡା, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୧୦୭ | ଶ୍ରୀ ଧ୍ରୁବ କିଶୋର ମହାନନ୍ଦଙ୍କ ନାମରେ ରେକର୍ଡଭୁକ୍ତ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୧୩୩/୪୭, ପ୍ଲଟ୍ ନଂ.: ୨୩୨୮/୨୩୫୨, କ୍ଷେତ୍ର: ଏକର୦.୦୫୦ଡିସିମିଲି, ମୌଜା: ଭୋଜପୁର, ତହସିଲ: ଜମନକିରା, ଜିଲ୍ଲା: ସମ୍ବଲପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୫୬୨ (ଅଂଶ), ଦକ୍ଷିଣ: ପ୍ଲଟ୍ ନଂ. ୫୬୩ ଏବଂ ୫୫୯, ପୂର୍ବ: ପ୍ଲଟ୍ ନଂ. ୫୬୨ (ଅଂଶ), ପଶ୍ଚିମ: ରାସ୍ତା | ୧୪.୦୭.୨୦୨୬ ସୁଦ୍ଧା ଟ.୧,୩୪,୮୪୫.୬୭ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୮,୦୦,୦୦୦/-<br>ଟ.୮୦,୦୦୦/-<br>ଟ.୧୦,୦୦୦/- |
| **ବରୀ ଶାଖା / ମୋ.: ୭୬୦୫୦୦୦୯୧୦୭** **ଋଣଗ୍ରହୀତାମାନେ: ୧) ମେସର୍ସ ପୂଜା ଫେବ୍ରିକେସନ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଫୁଲ୍ଲ ବେହେରା, ୨) ଶ୍ରୀ ପ୍ରଫୁଲ୍ଲ ବେହେରା,** ପିତା: ରାମଚନ୍ଦ୍ର ବେହେରା / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ପ୍ରହଲାଦ ବେହେରା,** ପିତା: ରାମଚନ୍ଦ୍ର ବେହେରା, ସମସ୍ତଙ୍କ ଠିକଣା- ସେରପୁର, କାଇପଡା, ଯାଜପୁର, ପିନ୍-୭୫୫୦୦୩ | ଶ୍ରୀ ପ୍ରହଲାଦ ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୩୪, ଖାତା ନଂ.: ୭୧୮, କ୍ଷେତ୍ର: ଏକର୦.୪୦ ଡିସିମିଲିର ଉତ୍ତର ପଶ୍ଚିମ କୋଣ ପାର୍ଶ୍ୱରୁ ଏକର୦.୦୪୦ ଡିସିମିଲି, ମୌଜା: ସେରପୁର, ତହସିଲ: ବରୀ, ଥାନା: ବିଂଝାରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ଦିବାକର ବେହେରା, ପୂର୍ବ: ଏହି ପ୍ଲଟର ଅବଶିଷ୍ଟ ଜମି, ପଶ୍ଚିମ: ରାସ୍ତା | ୧୫.୦୭.୨୦୨୬ ସୁଦ୍ଧା ଟ.୧୬,୩୧,୫୧୬.୫୯ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୩,୭୦,୦୦୦/-<br>ଟ.୩୭,୦୦୦/-<br>ଟ.୧୦,୦୦୦/- |
| **ବରୀ ଶାଖା / ମୋ.: ୭୬୦୫୦୦୦୯୧୦୭** **ଋଣଗ୍ରହୀତାମାନେ: ୧) ମେସର୍ସ ମା ସନ୍ତୋଷୀ ଟେଣ୍ଟ୍ ହାଉସ୍, ସ୍ୱତ୍ୱାଧିକାରୀ: ଦେବାଶିଷ ମଲିକ, ୨) ଶ୍ରୀ ଦେବାଶିଷ ମଲିକ,** ପିତା: ଶ୍ରୀ ମାନଗୋବିନ୍ଦ ମଲିକ, ଉଭୟଙ୍କ ଠିକଣା- ସା: ଚନ୍ଦନପୁର, ରାମଚନ୍ଦ୍ରପୁର, ଯାଜପୁର, ଓଡ଼ିଶା-୭୫୫୦୦୩, ୩) **ଶ୍ରୀ ଶିଶିର କୁମାର ଦାଶ,** ପିତା: ଶ୍ରୀ କାହ୍ନୁଚରଣ ଦାଶ, ମେଦୁଆକୁଳ, ଶୁକଳ, ଯାଜପୁର, ଓଡ଼ିଶା-୭୫୫୦୦୩ | ଶ୍ରୀ ଦେବାଶିଷ ମଲିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୧, ଖାତା ନଂ.: ୬୧୪, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ଚନ୍ଦନପୁର, ଥାନା: ବିଂଝାରପୁର, ତହସିଲ: ବରୀ, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ନିଜସ୍ୱ ପ୍ଲଟ, ଦକ୍ଷିଣ: ରାସ୍ତା ଏବଂ ଶତ୍ରୁଘ୍ନ ମଲିକ, ପୂର୍ବ: ଶତ୍ରୁଘ୍ନ ମଲିକ, ପଶ୍ଚିମ: ନିଜସ୍ୱ ପ୍ଲଟ | ୧୫.୦୭.୨୦୨୬ ସୁଦ୍ଧା ଟ.୨୦,୫୭,୯୯୬.୮୩ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୮,୩୦,୦୦୦/-<br>ଟ.୮୩,୦୦୦/-<br>ଟ.୧୦,୦୦୦/- |
| **ଯାଜପୁର ରୋଡ୍ ଶାଖା / ମୋ.: ୭୬୦୫୦୦୦୯୧୨୪** **ଋଣଗ୍ରହୀତା: ମେସର୍ସ କଳିଙ୍ଗ ବ୍ୟାଟେରୀ ସର୍ଭିସ୍, ସ୍ୱତ୍ୱାଧିକାରୀ: ମହମ୍ମଦ ଜାହିଦ ପରବେଜ୍,** ପିତା: ମହମ୍ମଦ ନସିମୁଦ୍ଦିନ / **ଋଣଗ୍ରହୀତା ଏବଂ ବନ୍ଧକଦାତା: ମହମ୍ମଦ ଜାହିଦ ପରବେଜ୍,** ପିତା: ମହମ୍ମଦ ନସିମୁଦ୍ଦିନ, ଉଭୟଙ୍କ ଠିକଣା- ସା: ଡାକବଙ୍ଗଳା ଛକ, ପୋ: ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ | ମହମ୍ମଦ ଜାହିଦ ପରବେଜ୍‌ଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୪୫/୧୬୬, ପ୍ଲଟ୍ ନଂ.: ୧୪୫୬/୧୯୧୨, ସମୁଦାୟ କ୍ଷେତ୍ର: ଏକର୦.୨୦ଡିସିମିଲି, ମୌଜା: ବଡ଼ପାଟୁକି, ଥାନା: କୋରେଇ, ଜିଲ୍ଲା: ଯାଜପୁର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪୫୪ର ଅବଶିଷ୍ଟ ଜମି, ଦକ୍ଷିଣ: ପ୍ଲଟ୍ ନଂ. ୧୪୫୭ ଏବଂ ପ୍ରସ୍ତାବିତ ରାସ୍ତା, ପୂର୍ବ: ସେକ୍ ଅଜିଜ ବକ୍ସ, ପଶ୍ଚିମ: ରିଆଜୁଦ୍ଦିନ ଅହମ୍ମଦ | ୧୫.୦୭.୨୦୨୬ ସୁଦ୍ଧା ଟ.୨୭,୧୭,୮୭୮.୭୦ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୧୭,୭୦,୦୦୦/-<br>ଟ.୧,୭୭,୦୦୦/-<br>ଟ.୧୦,୦୦୦/- |
| **ବାସୁଦେବପୁର ଶାଖା / ମୋ.: ୭୬୦୫୦୦୦୯୧୧୦** **ଋଣଗ୍ରହୀତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ମାଝୀ,** ପିତା: ଚିତ୍ତେଇ ମାଝୀ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ କ୍ଷେତ୍ରୀ ଦେଈ,** ସ୍ୱାମୀ: ଚିତ୍ତେଇ ମାଝୀ, ଉଭୟଙ୍କ ଠିକଣା- ସା/ପୋ.: କିସ୍ମତ କୃଷ୍ଣପୁର, ବାସୁଦେବପୁର, ପିନ୍-୭୫୬୧୨୫ | **ଶ୍ରୀମତୀ କ୍ଷେତ୍ରୀ ଦେଈ,** ସ୍ୱାମୀ: ଚିତ୍ତେଇ ମାଝୀଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୧୦୬, ଖାତା ନଂ.: ୨୪୯, କ୍ଷେତ୍ର: ଏକର୦.୧୧୦ଡିସିମିଲି, ମୌଜା: କିସ୍ମତ କୃଷ୍ଣପୁର, ଜିଲ୍ଲା: ଭଦ୍ରକ, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୨୧୦୮, ଦକ୍ଷିଣ: ପ୍ଲଟ୍ ନଂ. ୨୧୦୭ ଏବଂ ୨୧୦୮, ପୂର୍ବ: ପ୍ଲଟ୍ ନଂ. ୨୧୦୮, ପଶ୍ଚିମ: ପ୍ଲଟ୍ ନଂ. ୨୧୦୫ | ୧୫.୦୭.୨୦୨୬ ସୁଦ୍ଧା ଟ.୬,୦୬,୧୨୩.୯୪ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୩,୦୦,୦୦୦/-<br>ଟ.୩୦,୦୦୦/-<br>ଟ.୧୦,୦୦୦/- |
| **ଉଦଳା ଶାଖା / ମୋ.: ୯୧୨୪୭୫୩୧୮୦** **ଋଣଗ୍ରହୀତା: ଶ୍ରୀ କ୍ଷୀତିଶ ଚୌଧୁରୀ,** ପିତା: ଶ୍ରୀ ଭୀମ ଚରଣ ଚୌଧୁରୀ / **ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଭୀମ ଚରଣ ଚୌଧୁରୀ,** ପିତା: ୰ ବ୍ରହ୍ମାନନ୍ଦ ଚୌଧୁରୀ, ଉଭୟଙ୍କ ଠିକଣା- ସା: ଜୟୀଦା, ଥାନା: ଉଦଳା, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୪୧ | **ଶ୍ରୀ ଭୀମ ଚରଣ ଚୌଧୁରୀ,** ପିତା: ୰ ବ୍ରହ୍ମାନନ୍ଦ ଚୌଧୁରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୫୩୪, ଖାତା ନଂ.: ୨୫୧/୭୬, ସମୁଦାୟ କ୍ଷେତ୍ର: ଏକର୦.୦୬୦ ଡିସିମିଲି, ମୌଜା: ଜୟୀଦା, ତହସିଲ: ଗୋପବନ୍ଧୁନଗର, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ନିରଞ୍ଜନ ଚୌଧୁରୀ, ଦକ୍ଷିଣ: କାଞ୍ଚନମଣି ଚୌଧୁରୀ, ପୂର୍ବ: ରାସ୍ତା, ପଶ୍ଚିମ: ଭୀମ ଚରଣ ଚୌଧୁରୀ | ୧୫.୦୭.୨୦୨୬ ସୁଦ୍ଧା ଟ.୧୭,୨୩,୫୭୭.୬୨ ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ଟ.୨୨,୩୦,୦୦୦/-<br>ଟ.୨,୨୩,୦୦୦/-<br>ଟ.୧୦,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବସାଇଟ୍ **(www.canarabank.com)**ରେ **"https://canarabank.com/pages/orissa"** ଲିଙ୍କ୍ ଦେଖିପାରିବେ କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

**ସ୍ଥାନ: ଭୁବନେଶ୍ୱର**
**ତାରିଖ: ୧୭.୦୭.୨୦୨୬**

ସ୍ୱା- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

# ବାଲେଶ୍ୱର ପ୍ରେସ୍ କ୍ଲବ ନିର୍ବାଚନ



ବାଲେଶ୍ୱର,(ସବ୍ୟ): ଶୁକ୍ରବାର ଦିନ ମଧାହ୍ନ ସମୟରେ ବାଲେଶ୍ୱର ପ୍ରେସ କ୍ଲବର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଅଧିକାରୀଭାବେ ବରିଷ୍ଠ ସାମ୍ବାଦିକ ଲାଭା ପାଣ୍ଡେ ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ । ନିର୍ବାଚନରେ ସଭାପତି ଭାବେ ବିପ୍ଳବ କୁମାର ମହାନ୍ତି, ଉପସଭାପତି ଭାବେ ହିମାଂଶୁ ଦାସ ଓ ରତିକାନ୍ତ ପାତ୍ର, ସାଧାରଣ ସମ୍ପାଦକଭାବେ ରଂଜନ କୁମାର ବାଗ୍, ସମ୍ପାଦକ ଭାବେ ଗୋବିନ୍ଦ ରାଠୀ ଓ ମନୋଜ କୁମାର ବିଶ୍ୱାଳ, ଅଫିସ ସମ୍ପାଦକ ଭାବେ ଆଶୁତୋଷ ମଲ୍ଲିକ, ସଂଗଠନ ସମ୍ପାଦକ ଭାବେ ମହମ୍ମଦ ହାଇଦର ଖାନ୍, କୋଷାଧକ୍ଷଭାବେ ସପନ ବିଶ୍ୱାଳ ନିର୍ବାଚିତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ଲାଭା ପାଣ୍ଡେ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ଶିବଶଙ୍କର ଭୋଇ, ଅଧିପ କୁମାର ଜେନା, ବାଞ୍ଛାନିଧି ଦେ, ରମଣୀ ରଂଜନ ଦାସ, ଭବାନୀ ଶଙ୍କର ବେହେରା, କରୁଣାକର ସାହୁ, ଅଜିତ୍ ମୁଖାର୍ଜୀ ,ପ୍ରସନ୍ନ ଜିତ ଆଶ, ସତ୍ୟମ ଦାସ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ପ୍ରେସ କ୍ଲବର ଉପଦେଷ୍ଟା ଭାବେ ଦେଶପ୍ରିୟ ଦାଶ, ଦେବାଶିଷ ଦାସଗୁପ୍ତ, ବଂଶୀଧର ଜେନା, ଅମିୟ ରଂଜନ ମହାନ୍ତି ପ୍ରମୁଖ ମନୋନୀତ ହୋଇଛନ୍ତି । ଏହି ନିର୍ବାଚନ ସମୟରେ ସୁମନା ପରିଡ଼ା, ଜୀବନଜ୍ୟୋତି ନାୟକ,ଚକ୍ରଧର ସାହୁ, ଜିତେନ୍ଦ୍ର ଛାଟୋଇ, ପ୍ରସନ୍ନ ଜିତ ସେଠୀ, ଗଣେଷ ସେଠୀ ଏବଂ ଅବିନାଶ ଠାକୁର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ଥିଲେ ।

### ଲଘୁଚାପ ବର୍ଷାରେ ଉଜୁଡି ଗଲା ଚାଷୀଙ୍କ ମେରୁଦଣ୍ଡ

# ୨୨ଏକର ହରଡ ଓ ୫ ଏକର ବାଦାମ ଫସଲ ନଷ୍ଟ, କ୍ଷତିପୂରଣ ଦାବି

ଢେଙ୍କାନାଳ, (ସବ୍ୟ) : ଢେଙ୍କାନାଳ ଜିଲ୍ଲାରେ ଲଘୁଚାପ ଜନିତ ବର୍ଷାରେ ସଦରବ୍ଲକ ନୂଆଗାଁର ଚାଷୀମାନଙ୍କର ବିପୁଳ କ୍ଷତି ଘଟିଛି। ବର୍ଷାଯୋଗୁ ୨୨ଏକର ହରଡ ଏବଂ ୫ରୁ ୭ ଏକର ଚିନାବାଦାନ ପାଣିରେ ପଚିନଷ୍ଟ ହୋଇଯାଇଛି। ଚାଷୀମାନର ଆର୍ଥିକ ରୋଜଗାର ଭାଙ୍ଗି ଯାଇଥିବା ବେଳେ ସରକାର କ୍ଷତି ପୂରଣ ଦେବାକୁ ଦାବୀ ହୋଇଛି। ସଦର ବ୍ଲକରେ ଜୁଲାଇ ୧୫ରୁ ୧୭ ତାରିଖ ମଧ୍ୟରେ ମୋଟ ୧୫୩ ମିମି ବର୍ଷା ରେକର୍ଡ କରାଯାଇଛି। ଢେଙ୍କାନାଳରେ ରେକର୍ଡ ବର୍ଷା ହୋଇଥିବା ବେଳେ ଚାଷୀ ମାନଙ୍କର ନାହିଁନଥିବା କ୍ଷତି ହୋଇଛି। କେଉଁଠି ଧାନ ତଳି ପାଣିରେ ବୁଡି ରହିଛି ତ କେଉଁଠି ଅଣ ଧାନ ଫସଲ ନଷ୍ଟହୋଇଛି। ସଦରବ୍ଲକ ନୂଆଗାଁରେ ଚାଷୀମାନଙ୍କର ବିପୁଳ କ୍ଷତି ଘଟିଛି। ବଡଜୋରରେ ପ୍ରବଳ ପାଣି ଆସିବା ଫଳରେ ବିରି,ମୁଗ,ହରଡ,ଚିନାବାଦାମ ସହିତ ପନିପରିବାର ନଷ୍ଟ ହୋଇଯାଇଛି।ପାଣି ଯୋଗୁ ଗ୍ରାମର ୪୦ରୁ ୫୦ ଜଣ ଚାଷୀ ସରପଞ୍ଚଙ୍କ ଜରିଆରେ କୃଷି ବିଭାଗରୁ ହରଡ ଏବଂ ଚିନାବାଦାମ ବିହନ ଆଣି ୨୨ ଏକର ଜମିରେ ହରଡ ଏବଂ ୫ରୁ ୭ଏକର ଜମିରେ ଚିନାବାଦାମ ଚାଷ କରିଥିଲେ। କିନ୍ତୁ ପାଣି ଯୋଗୁ ତାହା ବୁଡି ଯାଇ ପଚିସଢି ନଷ୍ଟ ହୋଇଯାଇଛି। ଗ୍ରାମର ଚାଷୀ କାମାକ୍ଷା ପ୍ରଧାନଙ୍କ କହିବା ଅନୁସାରେ ସେମାନେ କୃଷିବିଭାଗରୁ



ବିହନ ଆଣି ଚାଷ କରିଥିଲେ। ବର୍ଷା ଯୋଗୁ ଫସଲ ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ସେହିପରି ଟୁଲୁ ଭୂୟାଁ ସମାନ କଥା କହିବା ସହିତ ୩ ଦିନ ହେବ ପାଣି ଘେରରେ ରହି ପଚି ଗଲାଣି। ପ୍ରଦ୍ୟୁମ୍ନ ସ୍ୱାଇଁ କହିଛନ୍ତି ଯେ ସେମାନେ ପ୍ରାୟ ୨୨ ଘଣ୍ଟା ୪୦ ମିନିଟ ଟ୍ରାକ୍ଟରରେ ଚାଷ କରିଥିବା ବେଳେ ପାଣି ସବୁକିଛି ନଷ୍ଟ କରିଦେଲା। ସରକାରଙ୍କ ତରଫରୁ ଗରୀବ ଚାଷୀ ମାନଙ୍କୁ ସହାୟତା ଯୋଗାଇଦେବାକୁ ଦାବୀ ହୋଇଛି। ଘଟଣାକୁ ନେଇ ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଦଳେଇ କହିଛନ୍ତି ଯେ,ଦୁଇ ତିନି ଦିନ ଧରି ଯେଉଁ ବର୍ଷା ହେଲା ସେଥିରେ ଧାନ ଫସଲ ପାଇଁ ଅନୁକୂଳ ହୋଇଥିବା ବେଳେ ମୋଟ ୩୪ ହଜାର ୫ଶହ ହେକ୍ଟର ଜମିରେ ଧାନ ଚାଷ ହୋଇଛି। କିନ୍ତୁ ଲଗାଣ ବର୍ଷାରେ ଅଣ ଧାନଫସଲ ବାଦାମ ଏବଂ ହରଡ ଫସଲ ବ୍ୟାପକ ଭାବରେ ନଷ୍ଟ ହୋଇଛି। ତହସିଲର ଆରଆଇ ମାନଙ୍କ ଜରିଆରେ ଗ୍ରାମରେ ଥିବା କୃଷିକର୍ମଚାରୀଙ୍କ ସହଯୋଗରେ ଆକଳନ କରାଯାଇ ସରକାରଙ୍କୁପ୍ରଦାନ କରାଯିବା ସରକାର ଯାହା ନିଷ୍ପତି ଗ୍ରହଣ କରିବେ ବୋଲି କହିଥିଲେ।

## ମଦ ଦୋକାନରୁ ଟଙ୍କା ଲୁଟ୍ ଘଟଣା : କର୍ମଚାରୀ ଗିରଫ

ତିହିଡି,(ସବ୍ୟ): ତିହିଡିରେ ଥିବା ସରକାରୀ ବିଦେଶୀ ମଦ ଦୋକାନରୁ ଗତ ୧୨ତାରିଖ ଦିନ ନଗଦ ୯ଲକ୍ଷ ୮୦ହଜାର ଟଙ୍କା ଲୁଟ ଘଟଣାରେ ପୋଲିସ ଅଭିଯୁକ୍ତ କର୍ମଚାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ କର୍ମଚାରୀ ହେଉଛନ୍ତି ବାସୁଦେବପୁର ଥାନା ବାସୁଦେବପୁର ୱାର୍ଡ ନଂ –୧୧ର ବାସିନ୍ଦା ସୁଦର୍ଶନ ସାହୁଙ୍କ ପୁଅ ରାଜ କିଶୋର ସାହୁ(୩୮)। ତାନିକତନ୍ତ୍ର ପୋଲିସ ନଗଦ ୬ଲକ୍ଷ ୫୦ହଜାର ଟଙ୍କା,ଗୋଟେ ହୋଣ୍ଡା ୟୁନିକନ୍ ବାଇକ୍ ଓ କିଛି ଆଧାର କାର୍ଡ ଜବତ କରିଛି। ରାଜକିଶୋର ଗତ ୧୦ତାରିଖରୁ ମଦ ଦୋକାନରେ କର୍ମଚାରୀ ଭାବେ କାମ କରିବା ସହିତ ମାଲିକ ରହୁଥିବା ତିହିଡି ବଜାରରେ ଏକ ଭଡା ଘରେ ରହୁଥିଲା। ୧୨ ତାରିଖ ସକାଳେ ମାଲିକ ଅଗୋଚରରେ ଦୋକାନ ଚାବିକାଠି ନେଇ ଦୋକାନ ଖୋଲି ସେଠାରେ ଥିବା ଟଙ୍କା ଲୁଟି ଆଣି ପୁନର୍ବାର ଦୋକାନ ତାଲା ପକାଇ ମାଲିକଙ୍କ ଘରେ ରଖି ଦେଇଥିଲା। ପରେ ଘରକୁ ଯିବ କହି ମାଲିକଙ୍କ ଠାରୁ ୫ଶହ ଟଙ୍କା ଗାଡ଼ିଭଡା ନେଇ ଫେରାର ହୋଇଯାଇଥିଲା। ଦୋକାନ ମାଲିକ ରାଜକୁମାର ସାହୁ ପୂର୍ବାହ୍ନରେ ଦୋକାନ ଖୋଲି ଦେଖିଲାବେଳକୁ ଦୋକାନରେ ଗତ ରାତିରେ ସେ ରଖିଥିବା ଟଙ୍କା ନଥିଲା। ଏଥିନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ୨୮୫/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ପ୍ରଥମେ ସମ୍ପୃକ୍ତ କର୍ମଚାରୀଙ୍କୁ ସନ୍ଦେହକୁ ଆଣିଥିଲେ। ତା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରି ୧୫ତାରିଖ ରାତିରେ ତାକୁ ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ତା ଭଉଣୀ ଘରୁ ତାକୁ କାବୁ କରିଥିଲେ।

## ରାଣୀପାର୍କ ପାଚେରୀରୁ କଣ୍ଟାତାର, ଆଙ୍ଗେଲ ଚୋରି

ତାଳଚେର,(ସବ୍ୟ) : ତାଳଚେର ଅଂଚଳବାସୀଙ୍କ ବନ୍ଧୁ ଦାବିପରେ ପୌରପରିଷଦ ନିକଟରେ ରହିଥିବା ୭ଶହ ଏକର ଜମିରେ ବିଭିନ୍ନ ସଂଗଠନ ଓ ସ୍ଥାନୀୟ ପ୍ରଶାସନ ମିଳିତ ଉଦ୍ୟମରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇ ଏହାର ସୁରକ୍ଷା ପାଇଁ ଚତୁପାର୍ଶ୍ୱରେ ପାଚେରୀ ନିର୍ମାଣ ସହିତ ପାଚେରୀରେ ଆଙ୍ଗେଲ ଯୋଗେ କଂଟାତାର ଲୁଲାଯାଇଥିଲା । ମାତ୍ର ଏହି କିଛି ଦିନ ହେବ ଦୁର୍ବୃତ୍ତମାନେ ଆଙ୍ଗେଲ ସହ କଂଟାତାର କାଟି ନେଇଥିବା ଦେଖିବାକୁ ମିଳିଛି । ତାଳଚେର ପ୍ରଦ୍ୟୁଷଣ ମାତ୍ରା ଦିନକୁ ଦିନ ବୃଦ୍ଧି ପାଇବା, ଜଳବାୟୁ ପ୍ରଦ୍ୟୁଷିତ ହେବାରୁ ଏହାକୁ ଦୃଷ୍ଟିରେ ରଖି ଏହି ରାଣୀପାର୍କର ପୁନଉର୍ଦ୍ଧାର କରାଯିବାକୁ ଅଂଟା ଭି । ଆହୁରି ମଧ୍ୟ ତାଳଚେରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ଏହାକୁ ମିନି ନନ୍ଦନକାନନରେ ପରିଣତ କରିବାକୁ ସ୍ଥିରିକୃତ ହୋଇସାରିଛି । ଶେଷରେ ଏବେ ନୂତନ ନିର୍ମାଣ ପାଚେରୀକୁ କଣାକରି ଗଛକାଟିବା ସହିତ ବୁଲାଯାଇଥିବା କଂଟାତାର ଚୋରି କରିନେଇଥିବା ଅଭିଯୋଗ ହେବା ସହିତ ଏଥିପ୍ରତି ବନବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ନିଖୋଜ ବୃଦ୍ଧଙ୍କ ଗଳିତ ଶବ ଜଙ୍ଗଲରୁ ଉଦ୍ଧାର

କଣିହାଁ, (ସବ୍ୟ) : ଅନୁଗୋଳ ଜିଲା କଣିହାଁ ଥାନା ଅନ୍ତର୍ଗତ ରଞ୍ଜନା ଗ୍ରାମର କେଶବ ଶତପଥି(୮୨) ନାମକ ଜଣେ ବୃଦ୍ଧ ଗତ ୧୨ ତାରିଖ ରବିବାର ଦିନ ଜଙ୍ଗଲକୁ ଯାଇ ନିଖୋଜ ହୋଇଥିବାବେଳେ ଶୁକ୍ରବାର ଦିନ ତାଙ୍କର ଗଳିତ ଶବ ଜଙ୍ଗଲରୁ ଉଦ୍ଧାର କରାଯାଇଥିବା ଜଣାଯାଇଛି । ଶୁକ୍ରବାର ଦିନ ଅପରାହ୍ଣ ପ୍ରାୟ ୫ଘଟିକା ସମୟରେ ଜଙ୍ଗଲରୁ ଦୁର୍ଗନ୍ଧ ଆସୁଥିବା ଲୋକେ ଜାଣିବା ପରେ ତାଙ୍କର ଶବ ଚିହ୍ନଟ ହୋଇଥିଲା। ପରେ ପୁଲିସ ଶବ ଜବତ କରିଛି ଓ ଶନିବାର ଦିନ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ସୂଚନା ଅନୁଯାୟୀ ରବିବାର ସକାଳେ କେଶବ ଏକ ଟାଙ୍ଗିଆ ଧରି ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ଖୋଜା ଖୋଜି କରିଥିଲେ ମଧ୍ୟ କେଶବଙ୍କୁ ପାଇ ନଥିଲେ। ସୋମବାର ଦିନ ଅପରାହ୍ଣରେ କେଶବ ଧରିଥିବା ଗାମୁଛା ଓ ଟାଙ୍ଗିଆ ପାଇଥିଲେ ମାତ୍ର କେଶବଙ୍କ ଖୋଜ ପାଇ ନଥିଲେ। ଏଥି ନେଇ କଣିହାଁ ପୁଲିସ ଏକ ମୋକଦମା ରୁଜୁ କରି ତଦନ୍ତ ଚଳାଉଛନ୍ତି।

## ଜଙ୍ଗଲରୁ ହାତୀ ଛୁଆର ମୃତଦେହ ଉଦ୍ଧାର

କଣିହାଁ, (ସବ୍ୟ) : କଣିହାଁ ବ୍ଲକ ତାଳଚେର ବନଖଣ୍ଡ ଶିପୁର ସେକ୍ସନର କର୍ଣ୍ଣପାଳ ରଙ୍ଗିଆମୁଣ୍ଡା ଜଙ୍ଗଲରୁ ଗୁରୁବାର ଦିନ ଏକ ଅଣ୍ଡିରା ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀ ଛୁଆଟିର ବୟସ ପ୍ରାୟ ଦେଢ ବର୍ଷ ହେବ ଅନୁମାନ କରାଯାଉଛି। ସ୍ଥାନୀୟ ଲୋକେ ଜଙ୍ଗଲ ମଧ୍ୟରେ ହାତୀଟିର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ହାତୀଟିର ମୃତ୍ୟୁ ପ୍ରାୟ ଏକ ସପ୍ତାହ ପୂର୍ବରୁ ହୋଇଥିବା ସନ୍ଦେହ କରାଯାଉଛି। ଏଥି ନେଇ ବନ ବିଭାଗ କଣିହାଁ ବ୍ଲକ ପଶୁ ଚିକିତ୍ସକ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ ପ୍ରକାଶ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ : ଯୁବକ କୋର୍ଟଚାଲାଣ

ପାଲଲହଡା,(ସବ୍ୟ ): ଜନୈକା ନାବାଳିକାକୁ ଅପହରଣ ଓ ଧର୍ଷଣ ଅଭିଯୋଗରେ ଯାଜପୁର ଅଞ୍ଚଳର ଜନୈକ ବ୍ୟକ୍ତି ପୋକ୍ସୋ ଆଇନ ବଳରେ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ଏଠାରେ ଚାଞ୍ଚଲ୍ୟ ଖେଳାଇଦେଇଛି !ପ୍ରାପ୍ତ ପୋଲିସ ରିପୋର୍ଟରୁ ପ୍ରକାଶ ଯେ,ଗତ ୧୪.୦୭.୨୦୨୬ ରିଖ ଦିନ ପାଲଲହଡା ଥାନା ଅଞ୍ଚଳର ଜନୈକା ମହିଳା ତାଙ୍କର ନାବାଳିକା ଝିଅକୁ ଅପହରଣ ହୋଇଥିବା ନେଇ ସ୍ଥାନୀୟ ଥାନାରେ ଅଭିଯୋଗ କରାଯିବାପରେ ସ୍ଥାନୀୟ ପୋଲିସ ଥାନା କେଶ ନମ୍ବର ୧୯୦/୧୪.୦୭.୨୦୨୬ରେ ଏକ ମାମଲା ରୁଜୁ କରିଥିଲେ ।ମହିଳାଙ୍କ ଅଭିଯୋଗ ଆଧାରରେ ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ଖୁବ କମ ସମୟ ମଧ୍ୟରେ ଅଭିଯୋଗକାରୀଣିଙ୍କ ନାବାଳିକା ଝିଅକୁ ଉଦ୍ଧାର କରିଥିଲା । ଏହାପରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯିବା ସହ ତାଙ୍କର ଡାକ୍ତରୀ ମାଇନା(ମେଡିକାଲ ପରୀକ୍ଷା) କରାଯାଇଥିଲା । ପୀଡ଼ିତାଙ୍କ ବୟାନ ଏବଂ ମେଡିକାଲ ରିପୋର୍ଟ ଆଧାରରେ ଗତ ୧୭ ତାରିଖ ଦିନ ଅଭିଯୁକ୍ତକାରୀ ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ଜେନାପୁରର ପୁଷ୍କରୀ ଗ୍ରାମର ଚନ୍ଦନ କୁମାର ସାହୁଙ୍କ ପୁଅ ରଞ୍ଜନ କୁମାର ସାହୁ(୪୦)ଙ୍କୁ ଗିରଫ କରାଯାଇ ପକ୍ସୋ କୋର୍ଟ, ଅନୁଗୋଳକୁ ନିକଟକୁ ପଠାଇଦିଆଯାଇଛି ।

## ମାଉସୀ ମାଆଙ୍କ ମନ୍ଦିରରେ ରଥ

ଢେଙ୍କାନାଳ, (ସବ୍ୟ): ଢେଙ୍କାନାଳର ପ୍ରସିଦ୍ଧ ଶ୍ରୀ ଗୁଣ୍ଡିଚା ରଥଯାତ୍ରାରେ ଦୁଇ ରଥ ଅଧାରେ ଅଟକି ରହିଥିବା ବେଳେ ଆଜି ଭକ୍ତମାନେ ଟାଣି ଟାଣି ବାଜିଚୌକ ସ୍ଥିତ ମାଉସୀମାଆ ମନ୍ଦିର ନିକଟରେ ପହଞ୍ଚାଇ ଦେଇଛନ୍ତି। ଗୁରୁବାର ଶ୍ରୀଗୁଣ୍ଡିଚା ରଥଯାତ୍ରା ଅବସରରେ ଶ୍ରୀ ବଳରାମ ମନ୍ଦିରରୁ ଚତୁର୍ଦ୍ଧା ମୂରତୀଙ୍କୁ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା।ମୁଖ୍ୟ ମନ୍ଦିରରୁ ପୂର୍ବାହ୍ନ ୧୧ଟା ସମୟରେ ଚତୁର୍ଦ୍ଧା ମୂରତୀଙ୍କୁ ପହଣ୍ଡି ବିଜେ କରାଯାଇ ରଥ ଖଳାକୁ ଅଣାଯାଇଥିଲା।ସେଠାରେ ଦୁଇଟି ରଥରେ ପ୍ରଭୁଙ୍କୁ ରଥାରୁଢ କରାଯିବା ପରେ ମହାପ୍ରଭୁଙ୍କର ପୂଜା ଓ ରୀତିନୀତି କରିବା ପରେ ରାଜା କାମାକ୍ଷାପ୍ରସାଦ ସିଂହଦେଓଙ୍କ ସହିତ ସମ୍ପୂର୍ଣ୍ଣ ପରିବାର ଉପସ୍ଥିତ ରହିଥିଲେ। ପ୍ରବଳ ବର୍ଷା ଯୋଗୁ ରଥଟଣାରେ ବାଧା ସୃଷ୍ଟି ହୋଇଥିଲା। ବଡ ରଥକୁ ଭକ୍ତମାନେ ଟାଣି ଟାଣି ମୀନାବଜାର ଏବଂ ସାନରଥକୁ ମହିଳାମାନେ ଟାଣିଟାଣି ଜବାହରଚୌକ ପର୍ଯ୍ୟନ୍ତ ନେଇଥିଲେ। ଆଜି ଅଧାରେ ଅଟକି ରହିଥିବା ରଥକୁ ଭକ୍ତମାନେ ଟାଣି ଥିଲେ। ସକାଳ ୯ଟା ସମୟରେ ରଥଟଣା ଆରମ୍ଭ ହେବା ପରେ ଶାନ୍ତି ଶୃଙ୍ଖଳାର ସହିତ ରଥଖଳାରେ ପହଞ୍ଚାଇଥିଲେ। ଆଜି ମଧ୍ୟ ରଥଟଣାରେ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ, ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ସହିତ ପୋଲିସ ପ୍ରସାଶନ ଉପସ୍ଥିତ ରହିଥିଲେ। ରେଡକ୍ରସ ସହିତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଯୋଗଦେଇଥିଲେ। ରଥଯାତ୍ରା ସମୟରେ ଆଇନ୍ ଶୃଙ୍ଖଳା ଦୃଷ୍ଟିରୁ ପୋଲିସ କର୍ମଚାରୀମାନେ ମୁତୟନ ରହିଥିଲେ।

## ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ସୋର, (ସବ୍ୟ) : ସୋର ବ୍ଲକ ଅନନ୍ତପୁର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଭୋର ୫ ଟାରୁ ଶ୍ରୀଜୀଉ ମାନଙ୍କର ମଙ୍ଗଳ ଆଳତୀ ପରେ ସମସ୍ତ ନୀତି କାନ୍ତି ଓ ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଇଥିଲା। ରଥ ମାର୍ଜନା କରାଯାଇ ଚକ୍ରରାଜ ସୁଦର୍ଶନ, ବଡ଼ ଠାକୁର ବଳଦେବ, ମା ସୁଭଦ୍ରା,ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଗୋଟି ପହଣ୍ଡି ରେ ସେବାୟତ ମାନେ ରଥାରୁଢ଼ କରିଥିଲେ। ଅପରାହ୍ନ ୩ ଟାରେ ବରିଷ୍ଠ ସେବାୟତ ବିଜୟ କୁମାର କର ଛେରାପହଁରା କରିଥିଲେ।ସୋର ବିଧାୟକ ମାଧବ ଧଡ଼ା ମନ୍ଦିର ସମ୍ମୁଖରେ ଉଜ୍ଜ୍ୱଳ ଆଲୋକ ଲୋକାର୍ପଣ କରି ଥିଲେ।ପରେରଥଟଣା ହୋଇଥିଲା । ତାଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ ଓ ସୋର ପଞ୍ଚାୟତ ସମିତି ଅଧକ୍ଷା ଅନୁସୟା ମଳିକ ସେଠାରେ ଉପସ୍ଥିତ ଥିଲେ। ସନ୍ଧ୍ୟା ପୂର୍ବରୁ ତାରିଣୀ ମନ୍ଦିର ନିକଟରେ ରଥ ପହଂଚିବା ପରେ ଶ୍ରୀଜୀଉ ମାନଙ୍କୁ ଆଡପ ମଣ୍ଡପ ରେ ବିଜେ କରା ଯାଇ ସନ୍ଧ୍ୟା ଆଳତୀ କରାଯାଇଥିଲା।

## ଜୟ ଜଗନ୍ନାଥ ଧ୍ୱନିରେ ଇମାମିନଗର ପ୍ରକମ୍ପିତ

ବାଲେଶ୍ୱର, (ସବ୍ୟ): ରେମୁଣା ବାଲଗୋପାଳପୁରସ୍ଥିତ ଇମାମି ନଗର ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଦିବସ ଆଧାତ୍ମିକ ପରିବେଶ ମଧ୍ୟରେ ପାଳନ କରାଯାଇଛି। ଭକ୍ତି, ଶ୍ରଦ୍ଧା ଓ ଆଧାତ୍ମିକ ଉତ୍ସାହର ଅପୂର୍ବ ମିଳନ କ୍ଷେତ୍ର ପାଲଟିଥିଲା ଇମାମି ନଗର। ଘଂଟ, ଘଂଟା, କାହାଳୀ, ମୃଦଙ୍ଗ ଓ ଶଙ୍ଖନାଦ ସହିତ 'ଜୟ ଜଗନ୍ନାଥ' ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ମୁଖ୍ୟ ପୂଜକଙ୍କ ଦ୍ୱାରା ପୂର୍ବାହ୍ନରେ ରଥ ପ୍ରତିଷ୍ଠା, ଆଜ୍ଞାମାଳ ଅର୍ପଣ କରାଯାଇଥିଲା। ପରେ ମଙ୍ଗଳାର୍ପଣ, ଧାଡିପହଣ୍ଡି, ଟାହିଆ ଲାଗି ପୂଜାର୍ଚ୍ଚନା ନିଷ୍ଠାର ସହିତ କରାଯାଇଥିଲା । ଇମାମିର ମୁଖ୍ୟପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖୈତାନ ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ସୁସଜ୍ଜିତ ରଥରେ ଭାବବିନୋଦିଆ କଳା ଠାକୁର ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଓ ସୁଦର୍ଶନଙ୍କୁ ଭକ୍ତମାନଙ୍କର ହୃଦୟଭରା ଆହ୍ୱାନ ଓ ଭକ୍ତିର ଦୌଡ଼ିରେ ରଥ ଟାଣି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରାଯାଇଥିଲା। ଇମାମି ନଗର ଶ୍ରୀ ଜଗନ୍ନାଥ ମନ୍ଦିର ଇମାମି ଗ୍ରୁପର ପ୍ରତିଷ୍ଠାତା ରାଧେଶ୍ୟାମ ଅଗ୍ରୱାଲ ଓ ରାଧେଶ୍ୟାମ ଗୋଏଙ୍କାଙ୍କ ଗଭୀର ଧାର୍ମିକ ଚେତନା, ନିଷ୍ଠା ଓ ସେବାଭାବର ପବିତ୍ର ପରିଣାମ ଭାବେ ସ୍ଥାପିତ ହୋଇଥିଲା। ମନ୍ଦିର ପ୍ରଶାସନର ମୁଖ୍ୟପୁରୋଧା ସୁଶୀଲ ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଇମାମି ପେପର ମିଲ୍ସର ଲେଡିଜ୍ କ୍ଲବ୍ ଓ ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ମହାପର୍ବ ସୂଚାରୁ ଭାବେ ପରିଚାଳିତ ହୋଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ରଥ ଉତ୍ସବରେ ସାମିଲ ହୋଇଥିଲେ କମ୍ପାନୀର ବରିଷ୍ଠ କର୍ମକର୍ତ୍ତା କାର୍ଯ୍ୟକ୍ରରେ ସହାୟତା କରିଥିଲେ।

## ଆକ୍ଟିଭ ମିଡ଼ିଆ ପକ୍ଷରୁ ପ୍ରସାଦ ବଣ୍ଟନ

ତାଳଚେର ,(ସବ୍ୟ) : ପବିତ୍ର ଘୋଷଯାତ୍ରା ଉପଲକ୍ଷେ ତାଳଚେର ଟାଉନ ସ୍ଥିତ ଶ୍ରୀଶ୍ରୀ ନିତ୍ୟାନନ୍ଦ ଆଶ୍ରମ ପରିସର ମଧ୍ୟରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ରାମ ଖିଚି––, ଖିରୀ ଇତ୍ୟାଦି ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ରଥଯାତ୍ରା ଉପଲକ୍ଷେ ତାଳଚେର ଅଂଚଳରେ ବର୍ଷାକୁ ଖାତିରନକରି ଭକ୍ତଙ୍କ ଜନସମାଗମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଆକ୍ଟିଭ ମିଡ଼ିଆ,ଓ ମା'ସେବକସଂଘ ମିଳିତ ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପୂର୍ବତନ ଜିଲ୍ଲାପରିଷଦ ରାଜକିଶୋର ସାହୁ, ସମାଜସେବୀ ଭୂପେନ ଥମ୍ଭ, ବାପି ମହାନ୍ତି, ବ୍ୟବସାୟୀ ସୁଶିଲ ନାଥ, ଟୁଟୁ ମହାପାତ୍ର, ଜିତୁ ବେହେରା ପ୍ରମୁଖ ଉପସ୍ଥିତ ରହି ଉକ୍ତ ସଂଘର ଏହି କାର୍ଯ୍ୟକ୍ରମକୁ ପ୍ରସଂଶା କରିବା ସହିତ ଆଗାମୀ ଦିନରେ ସଂଘର ଉନ୍ନତି ପାଇଁ ଉତର ଉତର କାମନା କରିଥିଲେ । ଆକ୍ଟିଭ ମିଡ଼ିଆ ସଂଘର ସଭାପତି ସରୋଜ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ମନୋଜ ଶତପଥୀ, ସମ୍ପାଦକ ପ୍ରଦୀପ୍ତ ଜେନା, ତ୍ରିଲୋଚନ ସ୍ୱାଇ, ତ୍ରିପୁର ସାହୁ, ଦେବେନ୍ଦ୍ର ସାହୁ, ନ୍ୟୁଜ ଅପରେଟର୍ ରମେଶ କୁମାର ସେଠୀ, ସିରାଜ ଖାନ, ଲୁଲୁ ଦାସଙ୍କ ସମେତ ମା'ସେବକ ସଂଘର ଉପସଭାପତି ଦିଲ୍ଲୀପ ବେହେରା, ଉପସମ୍ପାଦକ ନିରୋଜ ବେହେରା, କୋଷାଧକ ଗୋବିନ୍ଦ ବେହେରା, ଦେବେନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ପ୍ରସାଦ ବଂଟନ କାର୍ଯ୍ୟକ୍ରମରେ ଆୟୋଜିତ ହୋଇଥିଲା । ସେହିଭଳି ସତ୍ୟ ସନାତନ ସଂଗଠନ ଓ ବିଭିନ୍ନ ସଂଗଠନ ମାନଙ୍କ ଦ୍ୱାରା ପ୍ରସାଦ ବଂଟନ କରାଯାଇଥିଲା

## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ



ଅନୁଗୋଳ, (ସବ୍ୟ) : ସୁଶ୍ରୀ ସନମସ୍ମିତା ସାହୁ ଆଜି ଅପରାହ୍ନରେ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରେ ଯୋଗଦେଇଛନ୍ତି। ଦାୟିତ୍ୱରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ଡେପୁଟି କଲେକ୍ଟର ଜୟଜିତ ଧଳଙ୍କ ଠାରୁ ସେ କାର୍ଯ୍ୟାଭାର ଗ୍ରହଣ କରିଛନ୍ତି। ପ୍ରକାଶ ଥାଉକି ସୁଶ୍ରୀ ସନମସ୍ମିତା ସାହୁ ଗତବର୍ଷ ନଭେମ୍ବର ୨୬ ତାରିଖ ଠାରୁ ଅନୁଗୋଳର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ଏହି ଅବସରରେ ସୁଶ୍ରୀ ସନମସ୍ମିତା ସାହୁ ଆଗାମୀ ଦିନରେ ନିଜର ଦାୟିତ୍ୱ ସୁଚାରୁରୂପେ ତୁଲାଇବା ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଏବଂ ସମସ୍ତ ଗଣମାଧ୍ୟମର ପ୍ରତିନିଧି ମାନଙ୍କ ସାହାଯ୍ୟ ସହଯୋଗ କାମନା କରିଛନ୍ତି।

## ପ୍ରତିକୂଳ ପାଗ ସତ୍ତ୍ୱେ ହିନ୍ଦୋଳରେ ରଥଯାତ୍ରା

ହିନ୍ଦୋଳ,(ସବ୍ୟୁ ):ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ମହକୁମାରେ ଆଜି ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀ ବିଗ୍ରହ ମାନଙ୍କ ପବିତ୍ର ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସଂପର୍ଣ୍ଣ ହୋଇଛି। ନୀତି ଅନୁସାରେ ସକାଳେ ସୂର୍ଯ୍ୟପୁଜା, ଗୋ ପୁଜା, ମନ୍ଦିରରେ ହୋମ ଯଜ୍ଞ ଓ ଯାବତୀୟ ରୀତି ନୀତି ଶେଷ ହେବା ପରେ ଦିନ ୧୨ ଟା ପରେ ଶ୍ରୀ ଜୀଉମାନଙ୍କୁ ଧାଡ଼ି ପହଣ୍ଡିରେ ନିଆଯାଇ ରଥାରୂଢ଼ କରା ଯାଇ ଥିଲା। ନଦିଆ ସଂକ୍ରିତନ ଓ ଭକ୍ତ ମାନଙ୍କ ହରିବୋଲ ଧ୍ୱନିରେ ରାସ୍ତା ଘାଟ ପ୍ରକମ୍ପିତ ହେଉଥିଲା। ହିନ୍ଦୋଳ ରାଜା ସାହେବ ଶୈଳେନ୍ଦ୍ର ନାରାୟଣ ସିଂହ ଦେଓ ତିନି ରଥରେ ଛେରାପହଁରା ନୀତି ଶେଷ କରିବା ପରେ ଦିନ ୪ ଟା ସମୟରେ ଝିପି ଝିପି ବର୍ଷାରେ ଶ୍ରୀ ଜୀଉ ମାନଙ୍କର ତିନି ରଥକୁ ଭକ୍ତମାନେ ଆନନ୍ଦରେ ଗୋଟିଏ ପରେ ଗୋଟିଏ ଟାଣି ନେଇ ଶ୍ରୀ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚାଇ ଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ସ୍ଥାନୀୟ ଏନ ଏ ସି ସମେତ ଆଖ ପାଖ ପଞ୍ଚାୟତ ଓ ଗ୍ରାମ ମାନଙ୍କରୁ ବହୁ ଶ୍ରଦ୍ଧାଳୁ ରଥଯାତ୍ରା ଉପଭୋଗ କରିବା ପାଇଁ ଭିଡ଼ ଜମାଇଥିବାର ଦେଖା ଯାଇଥିଲା। ସଂନ୍ଧ୍ୟା ପରଠାରୁ ରଥାରୂଢ଼ ଶ୍ରୀ ଜୀଉମାନଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ମାନଙ୍କ ଭିଡ ଲାଗିଥିବା ଦେଖାଯାଉଛି।

## ମାଉସୀ ବାଡ଼ିରେ ୩ ଠାକୁର

ଠାକୁରମୁଣ୍ଡା,(ସବ୍ୟ): ଠାକୁରମୁଣ୍ଡାରେ ଦ୍ୱିତୀୟ ଦିନ ରଥଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହୋଇଛି । ଠାକୁରମୁଣ୍ଡା ପଞ୍ଚାୟତ ଅଫିସ ନିକଟରେ ଅଟକିଛଥିବା ତିନି ଠାକୁର ଶୁକ୍ରବାର ଦିନ ମାଉସୀ ବାଡ଼ିରେ ପହଞ୍ଚିଛନ୍ତି । ଅପରାହ୍ନ ୫ଟାରେ ରଥ ପହଞ୍ଚିଯାଇଥିଲା ଠାକୁର ରାଜା ଭାବେ ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ ଛେରା ପହଁରା କରିଥିଲେ। ଦ୍ୱିତୀୟ ଦିନ ମଧ୍ୟ ପ୍ରବଳ ଜନଗହଳି ଦେଖିବାକୁ ମିଳିଥିଲା ।ଠାକୁରମୁଣ୍ଡା ଥାନାଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ପୋଲିସ ବାହିନୀ ଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।।

## ମଲ୍ଲିପଶରେ ଭକ୍ତ, ଭଗବାନ ଏକାକାର

ଢେଙ୍କିକୋଟ ,(ସବ୍ୟ): କେନ୍ଦୁଝର ଜିଲ୍ଲା ସାମପାଟଣା ବ୍ଲକ ଅନ୍ତର୍ଗତ ମଲ୍ଲିପଶି ଠାରେ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଧୁମଧାମରେ ପାଳନ କରାଯାଇଛି । ପାଗ ପ୍ରତିକୂଳ ସତ୍ତ୍ୱେ ଅନୁନ୍ୟ ୨୦ ହଜାର ରୁ ଉର୍ଦ୍ଧ ଭକ୍ତ ଙ୍କ ସମାଗମ ହୋଇଥିଲା ।ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀତିକାର୍ଯ୍ୟ ପରେ ପହଣ୍ଡି ହୋଇଥିଲା । ରାଜା ରବିନାରାୟଣ ସିଂ ଛେରାପହଁରା କରିଥିଲେ । ତିନି ତିନୋଟି ରଥ କୁ ସୁସଜ୍ଜିତ କରାଯାଇଥିଲା । ସୁଭଦ୍ରା ରଥକୁ ମହିଳାମାନେ ଟାଣିଲେ । ଆଦିତ୍ୟ ବାହିନୀର ଜିଲ୍ଲା ପ୍ରଭାରୀ ପ୍ରହଲ୍ଲାଦ ମହାନ୍ତ ଗୁପ୍ତପୂଜା କରିଥିଲେ ।ରଥଯାତ୍ରା କମିଟିର ଉଦ୍ୟୋକ୍ତା ପାର୍ଥ ସାରଥି ବେଜ ଓ ତାଙ୍କ ସହ ଧର୍ମିଣୀ ଦୀପ୍ତିମୟୀ ବାରିକ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ । ପୂଜକ କୁଳମଣି ଷଡଙ୍ଗୀ, କ୍ଷୀରୋଦ ମିଶ୍ର ଓ ପ୍ରହଲ୍ଲାଦ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ । ମଲ୍ଲିପଶି ରଥଯାତ୍ରା କମିଟ କର୍ମକର୍ତ୍ତା ମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ନିମନ୍ତ୍ରିତ ହୋଇ ସ୍ଥାନୀୟ ସରପଞ୍ଚ ଭାମାମଣି ଦାସ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ , ବର୍ତ୍ତମାନ ର ବିଧାୟକ ଅଖିଳ ନାୟକ, ଜିଲ୍ଲା ସାଂସଦ ଅନନ୍ତ ଚରଣ ନାୟକ, ସମାଜସେବୀ ବିଶ୍ୱନାଥ ନାଏକ , ଏରେଣ୍ଡଇ ପଞ୍ଚାୟତ ସରପଞ୍ଚ ପାର୍ବତୀ ଦେହୁରୀ,ଧାର୍ମିକ ବ୍ୟକ୍ତି କ୍ଷୀରୋଦ ଚନ୍ଦ୍ର ମିଶ୍ର ,ପ୍ରମୁଖ ଯୋଗଦେଇଥିଲେ ।

## ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବୃକ୍ଷରୋପଣ

କାମାକ୍ଷନଗର, (ସବ୍ୟ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ବିଜାଡ଼ିହି ଗ୍ରାମରେ ଆଇନ ସ୍ୱେଚ୍ଛାସେବୀ ସଂଗଠନ ଓ ୟୁଥ୍ ଫର୍ ୱାଟର ସଂଗଠନ ପକ୍ଷରୁ ନୀଳ ଆକାଶ ଶିଶୁଦଳ ଓ ବାଲ୍ ଗଣେଶ ୟୁଥ୍ କ୍ଲବ୍ ସାହାଯ୍ୟରେ ଗ୍ରାମ ନିକଟରେ ଅବସ୍ଥିତ ବାଲିସାଗର ପୋଖରୀ ହୁଡ଼ାରେ ଫଳବୃକ୍ଷ ରୋପଣ କରାଯାଇଥିଲା। ଓଉ ,ଡାଳିମ୍ବ,ଆତ,ପିଜୁଳି,ଆମ୍ବ ଇତ୍ୟାଦି ଫଳବୃକ୍ଷ ରୋପଣ କରାଯାଇଥିଲା ।ଏହି ଅବସରରେ ଆଇନା ଓ ୟୁଥ୍ ଫର୍ ୱାଟର ସଂଗଠନର ସଦସ୍ୟ ଚିତ୍ତରଞ୍ଜନ ଖଟୁଆ,ଶିଶୁଦଳ ସଭାନେତ୍ରୀ ସୁଶ୍ରିତା ସାହୁ ସମ୍ପାଦକ ତନ୍ମୟ ଖୁଣ୍ଟିଆ କୋଷାଧକ୍ଷ ପ୍ରଭାତ ସାହୁ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଓ କ୍ଲବର ବିଭୁଦତ୍ତ ମହାଭୋଇ, ବିଜନ କୁମାର ସାହୁ, ପ୍ରବୀଣ କୁମାର ଖଟୁଆ ବିକାଶ ଚନ୍ଦ୍ର ସାହୁ, ମଳୟ ରାଉଳ, ସୁପ୍ରଭାତ ମହାଭୋଇ, ସୌମ୍ୟଜିତ୍ ସାହୁ ପରେଶ ମହାଭୋଇ ଓ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

## ରଥଯାତ୍ରାରେ ରେଳଚାଳକ ସଂଘର ଦହି, ଟାଟା ଗ୍ଲୁକୋଜ ବଣ୍ଟନ

କେନ୍ଦୁଝର, (ସବ୍ୟ): ଲିମକା ବୁକ ଇଫ ରେକର୍ଡ ତଥା ଗ୍ରିନିଜ ବୁକ ଅଫ ରେକଡ଼ରେ ସ୍ଥାନ ପାଇଥିବା ବିଶ୍ୱର ସର୍ବ ବୃହତ ନନ୍ଦିଘୋଷ ରଥରେ ବିରାଜମାନ କରି ମହାପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ର ଗତକାଲି ରଥଯାତ୍ରାରେ କେନ୍ଦୁଝରଗଡ଼ ବଳଦେବ ଜୀଉ ମନ୍ଦିରରୁ ବାହାରି ମାଉସୀମାଙ୍କ ମନ୍ଦିରକୁ ଯାତ୍ରା କରିଛନ୍ତି। ଏହିଅବସରରେ ରଥଯାତ୍ରା ଦେଖିଗିବାକୁ କେନ୍ଦୁଝରଗଡ଼ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସର୍ ଭାରତୀୟ ରେଳ ଚାଳକ ସଙ୍ଘର ପୂର୍ବ ତଟ ରେଳପଥ ଅନ୍ତର୍ଗତ ଖର୍ଦ୍ଧା ମଣ୍ଡଳ କେନ୍ଦୁଝର ଶାଖାର ରେଳ ଚାଳକ ଓ ସହଚାଳକମାନେ ଯୋଗଦେଇ ପୂର୍ବାହ୍ନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ନିରବଛିନ୍ନ ଭାବରେ ପ୍ୟାକେଟ ଯୁକ୍ତ ଘୋଳ ଦହି, ଟାଟା ଗ୍ଲୁକଜ, ଓ ପାଣିବତଲ ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କୁ ବଣ୍ଟନ କରିବା ସହିତ ବିଭିନ୍ନ ସେବାରେ ନିୟୋଜିତ ଥିଲେ। ବରିଷ୍ଠ ରେଳ ଚାଳକ ଜଗନମୟ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦିତ ହୋଇଥଲା ।

## ତୃତୀୟ ଶ୍ରୀକ୍ଷେତ୍ର ଘୋଷଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ନୀଳଗିରି, (ସବ୍ୟ) :ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରା ଶୁକ୍ରବାର ଅପରାହ୍ନରେ ଭଜନ କୀର୍ତ୍ତନ ଓ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା।ନୀଳଗିରିର ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାସୁଦେବପୁର ବିଧାୟକ ଅଶୋକ ଦାସ, ଉପ–ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ, ପ୍ରଦୀପ୍ତ ମିଶ୍ର, ଶକ୍ତିପଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ସମେତ ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା।

# ଅନୁଗୋଳ ରଥଯାତ୍ରା ଉତ୍ସବରେ ସାମିଲ ହେଲେ ନବୀନ ଜିନ୍ଦଲ

ଅନୁଗୋଳ/ପୁରୀ, (ସବ୍ୟ) : ଆସ୍ଥା, ସମାନତା ଏବଂ ସାମୂହିକ ଭକ୍ତିର ମହାପର୍ବ ରଥଯାତ୍ରା ଅବସରରେ ଆଜି ଦେବଭୂମି, ଜିନ୍ଦଲ ନଗର, ଅନୁଗୋଳରେ ଆୟୋଜିତ ବାର୍ଷିକ ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ 'ଆଦ୍ୟ ସେବକ' ଭାବେ ଏହି ଆଧାତ୍ମିକ ଯାତ୍ରାର ନେତୃତ୍ୱ ନେଇଥିଲେ। ସେ ଭକ୍ତମାନଙ୍କ ସହ ମିଶି ରଥ ଟାଣି ସେବା ହିଁ ପ୍ରକୃତ ନେତୃତ୍ୱର ପରିଚୟ ବୋଲି ସୂଚୀତ କରିଥିଲେ।

ନିଜ ମାତା ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ଏବଂ ପତ୍ନୀ ତଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ସହ ନବୀନ ଜିନ୍ଦଲ ପାରମ୍ପରିକ 'ଛେରା ପହଁରା' ନୀତି ପାଳନ କରିଥିଲେ। ବଡ଼ ଠାକୁର ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥରେ ଏହି ପବିତ୍ର 'ଛେରା ପହଁରା' ପରମ୍ପରା ପ୍ରତି ବର୍ଷ ଭଳି ଅନୁଷ୍ଠିତ ହୋଇଥିଲା ।ଏହି ଭାବପ୍ରବଣ ଏବଂ ଏକତାର ପର୍ବ ସମ୍ପର୍କରେ ନିଜର ଅନୁଭୂତି ବ୍ୟକ୍ତ କରି ଶ୍ରୀ ଜିନ୍ଦଲ କହିଥିଲେ, ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ସୁଖ, ଶାନ୍ତି ଓ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରନ୍ତୁ । ଶ୍ରଦ୍ଧାଳୁମାନଙ୍କ ସହ ପବିତ୍ର ରଥ ଟାଣିବା ଏବଂ ମହାପ୍ରଭୁଙ୍କ ଆଶୀର୍ବାଦ ପ୍ରାପ୍ତ କରିବା ଆମ ସମସ୍ତଙ୍କ ପାଇଁ ପରମ ସୌଭାଗ୍ୟର ବିଷୟ। ଜିନ୍ଦଲ ପରିବାର ପକ୍ଷରୁ ସମସ୍ତଙ୍କୁ ପବିତ୍ର ଓ ମଙ୍ଗଳମୟ ରଥଯାତ୍ରାର ଅନେକ ଶୁଭେଚ୍ଛା।

ଏହି ଆଧାତ୍ମିକ ଭକ୍ତିକୁ ଅର୍ଥପୂର୍ଣ୍ଣ ସେବାରେ ପରିଣତ କରିବା ଉଦ୍ଦେଶ୍ୟରେ ଜିନ୍ଦଲ ଷ୍ଟିଲର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କ୍ରମାଗତ ୧୨ତମ ବର୍ଷ ପାଇଁ ପୁରୀରେ 'ଅନ୍ନ ସେବା' କାର୍ଯ୍ୟକ୍ରମର ଶୁଭାରମ୍ଭ



ହୋଇଛି । ୧୫ ଜୁଲାଇରୁ ୨୫ ଜୁଲାଇ, ୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବାକୁ ଥିବା ଏହି ସେବା କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ତାଜା ପୁଷ୍ଟିକର ଭୋଜନ ବଣ୍ଟନ କରିବା। ଅଧିକରୁ ଅଧିକ ଶ୍ରଦ୍ଧାଳୁଙ୍କ ପାଖରେ ସମ୍ମାନର ସହ ପହଞ୍ଚିବା ପାଇଁ ଫାଉଣ୍ଡେସନ ପକ୍ଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ବସଷ୍ଟାଣ୍ଡ, ପୁରୀ ରେଳ ଷ୍ଟେସନ ସ୍କ୍ୱାର ଏବଂ ଷ୍ଟେସନ ରୋଡ ନିକଟରେ ତିନୋଟି ରୋଷେଇ ଓ ବଣ୍ଟନ କେନ୍ଦ୍ର ସ୍ଥାପନ କରାଯାଇଛି।ଏହି କେନ୍ଦ୍ରଗୁଡ଼ିକ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହି ସମସ୍ତ ଖାଦ୍ୟ ସୁରକ୍ଷା ଏବଂ ସ୍ୱଚ୍ଛତା ନିର୍ଦ୍ଦେଶିକାକୁ କଡ଼ାକଡ଼ି ପାଳନ କରି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ଯଥା ଭାତ, ଡାଲମା ଓ ଖଟା ପ୍ରସ୍ତୁତ କରି ପରିବେଷଣ କରୁଛନ୍ତି।ଦଶ ବର୍ଷରୁ ଅଧିକ ସମୟ ଧରି ଜିନ୍ଦଲ ଫାଉଣ୍ଡେସନର ଏହି ରଥଯାତ୍ରା ସେବା ସହାନୁଭୂତି ଏବଂ ସାମୂହିକ ଦାୟିତ୍ୱବୋଧର ଏକ ପ୍ରତୀକ ଭାବେ ପରିଚିତ। ପବିତ୍ର ରଥଯାତ୍ରା ଅବସରରେ ଯେତେବେଳେ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ, ସେତେବେଳେ କୌଣସି ଶ୍ରଦ୍ଧାଳୁ ଯେପରି ଭୋକିଲା ନ ରୁହନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ।

## ଘର ଉପରେ ପଡିଲା ଆମ୍ବ ଗଛ

ଠାକୁରମୁଣ୍ଡା ,(ସବ୍ୟ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଭାରି ବର୍ଷା ଲାଗିରହିଛି। ଗୁରୁବାର ସନ୍ଧ୍ୟା ପ୍ରାୟ ୬ ଟାରେ ଜରକ ପଞ୍ଚାୟତ ଜରକ ଗ୍ରାମର ବାପାଲ ସାହିରେ ଏକ ବିରାଟ ଆମ୍ବ ଗଛ ଉପୁଡ଼ି ୨ ଜଣଙ୍କ ଦୁଇଟି ଟାଇଲ ଘର ଉପରେ ପଡ଼ି ଟାଇଲ ଭାଙ୍ଗି ଯାଇଛି। ଶଶିକାନ୍ତ ପୂର୍ତ୍ତି (୩୬) ଙ୍କ ୯ ଓ ମାଧବ ପୂର୍ତ୍ତି (୨୨)ଙ୍କ ୫ ପରିବାର ସଦସ୍ୟ ବାସଗୃହ ଭାଙ୍ଗି ଥିବାରୁ ମର୍ମାହତ ହୋଇ ପଡିଛନ୍ତି। ସ୍ଥାନୀୟ ଭଞ୍ଜକିଶୋର ଓ ସ୍ୱେଚ୍ଛାସେବୀ କୈଳାଶ ଚନ୍ଦ୍ର ମହାନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବା ସହିତ ବିଡ଼ିଓଙ୍କ ସହ ଯୋଗାଯୋଗ କରିଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ଅପସାରଣ ଆରମ୍ଭ କରିଛି । ଉଭୟଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବିସିଇଟିରେ ରଥଯାତ୍ରା ପାଳିତ



ବାଲେଶ୍ୱର, (ସବ୍ୟ୍ୟ): ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ଠାରେ ରଥଯାତ୍ରା ପାଳିତ ହୋଇଯାଇଛି। ଶ୍ରୀଜୀଉମାନଙ୍କୁ ପହଣ୍ଡିବିଜେ କରାଯାଇ ରଥାରୁଢ଼ କଲା ପରେ ଅନୁଷ୍ଠାନର ଉପସଭାପତି ଅଭିଷେକ ବିଶ୍ୱାଳ ଛେରା ପହଁରା କରିଥିଲେ। ବିସିଇଟିର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସଂପାଦିକା ସୁବ୍ରତା ବିଶ୍ୱାଳ ଓ ସହ ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶ୍ରୀଜୀଉଙ୍କ ରଥ କଲେଜ ପରିସରରୁ ବାହାରି ସେରଗଡ଼ ଫାଣ୍ଡି ନିକଟସ୍ଥ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଥିଲା। ପରିଶେଷରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଉପାଧକ୍ଷ ଜ୍ୟୋତିରଞ୍ଜନ ରାଉତ, ଡିନ୍ ଏକାଡେମି ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି.ର ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ପ୍ରଶାସନିକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।।

## ଲଘୁଚାପ ବର୍ଷାରେ ଶହ ଶହ ଏକର ଚାଷ ଜମି ଜଳମଗ୍ନ, ଧାନ ତଳି ନଷ୍ଟ

ବନ୍ତ,(ସବ୍ୟୁ) : ଲଘୁଚାପ ଚାପ ବର୍ଷାରେ ବନ୍ତ ତହସିଲ ନିଳୋକ ପଂଚାୟତ ଅଧିନ ଭଣ୍ଡାରଗଡିଆ, ସାହାଡ଼ାପଲ୍ଲୀ,ବେଗନା,ବାଲିଗଡିଆ,ମନହରପୁର ଆଦି ଗ୍ରାମର ଶହ ଶହ ଏକର ଚାଷ ଜମି ଜଳମଗ୍ନ ହେବା ସହ ଧାନ ତଳି ନଷ୍ଟ ହୋଇଥିବା ଜଣାଯାଇଛି।, ବନ୍ତ ତହସିଲ ଅଧିନ ହାଟଡିହି ଶାଖା କେନାଲ ଓ ନିଳୋକ-ଛତାବର ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଭଣ୍ଡାରଗଡିଆ, ସାହାଡ଼ାପଲ୍ଲୀ, ବେଗନା,ମନହରପୁର ଆଦି ଗ୍ରାମର ଚାଷୀମାନଙ୍କର ଶହ ଶହ ଏକର ଚାଷ ଜମି ରହିଛି। ବର୍ଷା ଦିନେ ଏସମସ୍ତ ଜମିର ବର୍ଷା ଜଳ ସାହାଡ଼ାପଲ୍ଲୀ ଛକ ଠାରେ ବସି ଥିବା ହୋମ ପାଇପ ଜରିଆରେ ନିଷ୍କାସିତ ହୋଇ ବାଲିଗଡିଆ ଦେଇ ନିକଟସ୍ଥ ରେବ ନଦୀକୁ ଯାଇଥାଏ। ମାତ୍ର ଗତ ୨ବର୍ଷ ତଳେ ନିଳୋକ-ଛତାବର ରାସ୍ତା ଉନ୍ନତିକରଣ ସମୟରେ ସାହାଡ଼ାପଲ୍ଲୀ ଛକ ଠାରେ ବସିଥିବା ହୋମ ପାଇପର ଜଳନିଷ୍କାସନ କ୍ଷମତା ବୃଦ୍ଧି କରାଯାଇନଥିଲା କି ରାସ୍ତା ପାର୍ଶ୍ୱରେ ଆବଶ୍ୟକ ଡ୍ରେନେଜ ବ୍ୟବସ୍ଥା ହୋଇନଥିଲା। ଫଳରେ ବର୍ଷା ଦିନେ ବାରମ୍ବାର ଏଭଳି ସମସ୍ୟା। ଦେଖିବାକୁ ମିଳୁଛି। ଗତ ୨/୩ ଦିନ ହେବ ଲଘୁଚାପ ବର୍ଷା ଯୋଗୁଁ ଶହ ଶହ ଏକର ଚାଷ ଜମି ଜଳମଗ୍ନ ହୋଇ ରହିବା ସହ ଧାନ ତଳି ସବୁ ନଷ୍ଟ ହୋଇଯାଇଛି। ଏଥିନେଇ ଚାଷୀମାନେ ବ୍ଲକ ଓ ଜିଲା ପ୍ରଶାସନ ଠାରେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେବେ ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର କରିବାକୁ ସରପଂଚ ପ୍ରତିନିଧି ରବିନ୍ଦ୍ର କୁମାର ସେଠୀ,ପୂର୍ବତନ ସରପଞ୍ଚ ଅଶୋକ କୁମାର ମହାନ୍ତି,ଚାଷୀ ସନାତନ ବାରିକ,ଦୀନବନ୍ଧୁ ନାୟକଙ୍କ ସମେତ ଶତାଧିକ ଚାଷୀ ଦାବି କରିଛନ୍ତି।

## ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା

ଭଣ୍ଡାରିପୋଖରୀ,(ସବ୍ୟୁ):ଗତ ଦୁଇ ଦିନ ଧରି ଲଘୁଚାପଜନିତ ବର୍ଷା ଯୋଗୁଁ ବିଭିନ୍ନ ସ୍ଥାନରେ ବର୍ଷା ଜଳନିଷ୍କାସନ ହୋଇନପାରି ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ ମଞ୍ଜୁରୀରୋଡ଼ ବଜାର ନିକଟରେ ଜନୈକ ବ୍ୟକ୍ତିଙ୍କ ଘର ଉପରେ ଗୁରୁବାର ସନ୍ଧ୍ୟାରେ ଗଛ ଉପୁଡ଼ି ପଡ଼ିଥିଲା। ଖବରପାଇ ଭଣ୍ଡାରିପୋଖରୀ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବର୍ଷାରେ ପହଂଚି ଗଛ କାଟି ସଫା କରିବା ସହ ଘରକୁ ବିପଦମୁକ୍ତ କରିଥିଲେ। ବଡ଼ କଣ୍ଟାପଡା ଗ୍ରାମରେ ନାରାୟଣ ପେରେଇଙ୍କ ଘର ଜଳବନ୍ଦୀ ହୋଇଛି। ଜନୈକ ପଡୋଶୀ ସରକାରୀ ଜମି ଜବରଦଖଲ କରି ରଖିଥିବାରୁ ଜଳ ନିଷ୍କାସନ ହୋଇ ନପାରି ସମସ୍ୟା ଉପୁଜିଥିବାରୁ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳ ଅନୁଧ୍ୟାନ କରିଛନ୍ତି। ନୀଳାଦ୍ରି ପାତାଳ ସିଂ ଗ୍ରାମରେ ମଧ୍ୟ ଜଳ ନିଷ୍କାସନ ହୋଇ ନପାରି ଗ୍ରାମ ରାସ୍ତାରେ ପାଣି ଜମିଥିଲା। ପାଣି ଜମି ରହିବା ଫଳରେ ଅନେକ ସ୍ଥାନରେ ଧାନ ତଳି ନଷ୍ଟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ଅନନ୍ତପୁର ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା

ସୋର, (ସବ୍ୟ) : ସୋର ବ୍ଲକ ଅନନ୍ତପୁର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଭୋର ୫ ଟାରୁ ଶ୍ରୀଜୀଉ ମାନଙ୍କର ମଙ୍ଗଳ ଆଳତୀ ପରେ ସମସ୍ତ ନୀତି କାନ୍ତି ଓ ଷୋଡଶ ଉପଚାର ପୂଜାର୍ଚ୍ଚନା କରାଯାଇଥିଲା। ରଥ ମାର୍ଜନା କରାଯାଇ ଚକ୍ରରାଜ ସୁଦର୍ଶନ, ବଡ଼ ଠାକୁର ବଳଦେବ, ମା ସୁଭଦ୍ରା,ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଗୋଟି ପହଣ୍ଡି ରେ ସେବାୟତ ମାନେ ରଥାରୁଢ଼ କରିଥିଲେ। ଅପରାହ୍ନ ୩ ଟାରେ ବରିଷ୍ଠ ସେବାୟତ ବିଜୟ କୁମାର କର ଛେରାପହଁରା କରିଥିଲେ।ସୋର ବିଧାୟକ ମାଧବ ଧଡ଼ା ମନ୍ଦିର ସମ୍ମୁଖରେ ଉଜ୍ଜ୍ୱଳ ଆଲୋକ ଲୋକାର୍ପଣ କରି ଥିଲେ।ପରେରଥଟଣା ହୋଇଥିଲା । ତାଙ୍କ ସହ ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ ଓ ସୋର ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୟା ମଲିକ ସେଠାରେ ଉପସ୍ଥିତ ଥିଲେ। ସନ୍ଧ୍ୟା ପୂର୍ବରୁ ତାରିଣୀ ମନ୍ଦିର ନିକଟରେ ରଥ ପହଂଚିବା ପରେ ଶ୍ରୀଜୀଉ ମାନଙ୍କୁ ଆଡପ ମଣ୍ଡପ ରେ ବିଜେ କରା ଯାଇ ସନ୍ଧ୍ୟା ଆଳତୀ କରାଯାଇଥିଲା।

## ଖୁଣ୍ଟାପଡ଼ାରେ ରଥଯାତ୍ରା

ଢେ଼ଙ୍କିକୋଟ ,(ସବ୍ଯୁ): ଘଟଗାଁ ବ୍ଲକ ଖୁଣ୍ଟାପଡା ଗ୍ରାମରେ ଅଞ୍ଚଳର ସର୍ବ ପୁରାତନ ରଥଯାତ୍ରା ଶେଷ ହୋଇଛି ।ଚୁର୍ଦ୍ଧା ବିଗ୍ରହ ତଥା ପାର୍ଶ୍ୱ ଦେବତାଙ୍କ ଯଥା ବିଧି ପୂଜା ପରେ ବହୁ ନରନାରୀଙ୍କ ଗହଣରେ ଅପରାହ୍ନ ୪ଟାରେ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିକୁ ରଥାରଢ କରାଗଲା ଶ୍ରୀ ଭିଷ୍ମସେନ ନାୟକ ଅପରାହ୍ନ ୫ ଘଟିକା ବେଳେ ଛେରାପହଁରା କରିଲେ ଓ ପରେ ଜୟ ଜଗନ୍ନାଥ' ଶବ୍ଦରେ ରଥ ପଡିଆକୁ ପ୍ରକମ୍ପିତ କରି ରଥ ଟଣା ଆରମ୍ଭ ହେଲା । ପ୍ରତିକୂଳ ପାଗ ସତ୍ତ୍ୱେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ମନ୍ଦିର କମିଟି ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା

## ସ୍ଥାପିତ ହେବ ସ୍ୱାଧୀନତା ସଂଗ୍ରାମୀଙ୍କର ପ୍ରତିମୂର୍ତ୍ତି

ବାସୁଦେବପୁର,(ସବ୍ୟୁ): ବାସୁଦେବପୁର ପୌରପାଳିକାର ସଭାଗୃହ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାର ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା ସଭାପତିତ୍ୱ କରିଥିଲେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ,ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ ଯୋଗଦେଇ ଉଦବୋଧନ ଦେଇଥିଲେ। ଭାରତ ବର୍ଷର ସ୍ୱାଧୀନତା ସଂଗ୍ରାମର ଭାରତଛାଡ ଆନ୍ଦୋଳନର ରକ୍ତତୀର୍ଥ ଇରମ ଠାରେ ବ୍ରିଟିଶ ଫୌଜ ଗୁଳିରେ ଶହୀଦ ହୋଇଥିବା ସର୍ବକନିଷ୍ଠ ମହିଳା ସଂଗ୍ରାମୀ ପରି ବେଓ୍ୱା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଦେଶ ପ୍ରେମ ଭାବନାର ଉଦ୍ଗୀରଣ ସୃଷ୍ଟି କରି କାଳଜୟୀ କବିତା ଶତ ସିଂହର ବଳ ଭରି ଦେଉଥିଲା। ରକ୍ତତୀର୍ଥ ଇରମ ମାଟିର ସୁଯୋଗ୍ୟ ସନ୍ତାନ ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କର ପ୍ରତିମୂର୍ତ୍ତିଟିକୁ ବାସୁଦେବପୁର କେଉଁ ସ୍ଥାନରେ ବସାଇବାକୁ ଆଲୋଚନା କରାଯାଇଥିଲା। ପୂଜ୍ୟପୂଜାକୁ ସମ୍ମାନ ଜଣାଇ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ଆବଶ୍ୟକ ସରକାରୀ ସ୍ଥାନ ନିରୂପଣ କରି ରାଜସ୍ୱ ନିରୀକ୍ଷକ ରିପୋର୍ଟ ପ୍ରଦାନ କଲେ ଚୁଡାନ୍ତ ନିଷ୍ପତ୍ତି ନିଆଯିବ। ଏହି ଆଲୋଚନାରେ ଯୁବ ନେତା ଉଦୟ ନାରାୟଣ ମଲ୍ଲିକ,ଆଇନଜୀବୀ ନିରୋଦ କୁମାର ଦାଶ,ମଧୁସୂଦନ ପାଢୀ,ସାମ୍ବାଦିକ ଓ ବୁଦ୍ଧିଜୀବୀ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## କେନ୍ଦୁଝର ଜିଲ୍ଲାର ଜନସାସ୍ଥ୍ୟ ବିକଳ ଚିତ୍ରକୁ ନେଇ ଜନପ୍ରତିନିଧିଙ୍କ ଉଦବେଗ ପ୍ରକାଶ

କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲାର ଜନସାସ୍ଥ୍ୟର ବିକଳ ଚିତ୍ରକୁ ନେଇ ଜନପ୍ରତିନିଧିମାନେ ଘୋର ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ଏହାର ସମାଧାନ କରିବା ଲାଗି ଦାବି କରିଛନ୍ତି। ଏକାଧିକ ଜିଲ୍ଲା ପରିଷଦ ସଦସ୍ୟ, ବିଧାୟକ ଏହି ସାସ୍ଥ୍ୟ ସମସ୍ୟାକୁ ନେଇ ବୁଧବାର ଆୟୋଜିତ ଜିଲ୍ଲାପରିଷଦ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିବାବେଳେ ଜିଲ୍ଲାରେ ଡିଏମଏଫ ଏବଂ ଓଏମସି ପାଣ୍ଠିରେ କୋଟି କୋଟି ଟଙ୍କା ଥାଇ ମଧ୍ୟ ଡାକ୍ତରଖାନା ଘରଗୁଡିକ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ଥିବା କଥା କହିଥିଲେ।ଅନେକ ପ୍ରାଥମିକ ସାସ୍ଥ୍ୟକେନ୍ଦ୍ରମାନଙ୍କରେ ଲାବୋରେଟାରୀ ଟେକନିସିଆନ ନଥିବାରୁ ଏହାକୁ ନେଇ ଜନମଞ୍ଚ ଜିଲ୍ଲା ପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀ ଉଦବେଗ ପ୍ରକାଶ କରିବା ସହିତ ସର୍ତ୍ତ ସଂସ୍ଥା ମାଧ୍ୟମରେ ଦୁଇ-ତିନୋଟି ପିଏଚସିକୁ ନେଇ ଜଣେ ଲାବ ଟେକନିସିଆନ ନିଯୁକ୍ତି ଦେବାକୁ ଦାବି କରିଥିଲେ। ସେହିପରି ଘଟଗାଁ ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ର ଲାଗି ମିଳିଥିବା ଶବ ବ୍ୟବଚ୍ଛେଦ ଗୃହର ଜମି ତୋଳି ହୋଇଛି ବୋଲି ଜିଲ୍ଲାପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା ପ୍ରକାଶ କରିଥିବା ବେଳେ ଘଟଗାଁ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଏକ ଗୁରୁତ୍ୱପୂର୍ଣ୍ଣ ସାସ୍ଥ୍ୟକେନ୍ଦ୍ର ହୋଇଥିଲେ ମଧ୍ୟ ଏଠାରେ ମହାପ୍ରୟାଣ ଗାଡି ନ ଥିବା ଓ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ ଛାଡି ଜିଲ୍ଲାର ଅନ୍ୟ ଏହି ସ୍ଥାନରେ ଥିବା ମହାପ୍ରୟାଣ ଗାଡି ସମ୍ପର୍କରେ ତଥ୍ୟ ଦେବାକୁ ସେ ଅନୁରୋଧ କରିଥିଲେ। ଜିଲ୍ଲା ମୁଖ୍ୟ ସାସ୍ଥ୍ୟ ଓ ଜନସାସ୍ଥ୍ୟ ଅଧିକାରୀ ଘଟଗାଁ ନିକଟସ୍ଥ ହରିଚନ୍ଦନପୁରରେ ଏହି ମହାପ୍ରୟାଣ ଗାଡି ଥିବା ଓ ଏହାର ନମ୍ବର ସାର୍ବଜନୀନ କରାଯିବ ବୋଲି ପ୍ରକାଶ କରିଥିଲେ।ସାଇଁକୁଳ ଡାକ୍ତରଖାନା ସମ୍ପର୍କରେ ନିଜ ମତ ରଖି ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଏହି ମେଡିକାଲରେ ଜଣେହେଲେ ବି ବିଶେଷଜ୍ଞ ନଥିବା କଥା ପ୍ରକାଶ କରିଥିଲେ। ।ଜିଲ୍ଲାପରିଷଦ ବୈଠକରେ ଯୋଡା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାୟକ ଯୋଡା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର, ଭୁଆଳି, ବଡବିଲ ସିଏଚସି, କମାରଯୋଡାରେ ଡାକ୍ତର ସମସ୍ୟା ନେଇ ଉଦବେଗ ପ୍ରକାଶ କରିଥିବାବେଳେ ଏହି ଅଞ୍ଚଳରୁ ଡିଏମଏଫ କୋଟି କୋଟି ଟଙ୍କା ରାଜସ ପାଉଥିବାବେଳେ ତୁରନ୍ତ ଡିଏମଏଫରୁ ଆମ୍ବୁଲାନ୍ସ ଦେବାକୁ ସେ ଦାବି କରିଥିଲେ। ଏହି ଦାବିକୁ ସମର୍ଥନ କରି ଚମ୍ପୁଆ ବିଧାୟକ ପ୍ରତିନିଧି ସଞ୍ଜୀବ ବେହେରା ଡିଏମଏଫରୁ ସବୁ ସିଏଚସିକୁ ଅତିରିକ୍ତ ଗୋଟିଏ ଲେଖାଏଁ ଆମ୍ବୁଲାନ୍ସ ଦେବାକୁ ଦାବି କରିଥିଲେ।ହାଟଡିହି ବ୍ଲକର ଜିଲ୍ଲାପରିଷଦ ସଦସ୍ୟ ବିଦ୍ୟାଧର ବିଶାଳ ଶାଳଣିଆ ସିଏଚସିରେ ମୋଟ ୧୨ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୫ଜଣ ଡାକ୍ତର ଥିବାକୁ ସେ ଉଦବେଗ ପ୍ରକାଶ କରିବା ସହିତ ୪ଟି ପ୍ରାଥମିକ ସାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନ ଥିବା କଥା ପ୍ରକାଶ କରି ୮ ଟି ମେଡିକାଲରେ ଗୋଟିଏ ଆମ୍ବୁଲାନ୍ସ ତାହା ପୁଣି ରାତିରେ ଉପଲବ୍ଧ ହେଉ ନ ଥିବା କଥା ପ୍ରକାଶ କରିଥିଲେ। ବାଂଶପାଳ ବ୍ଲକର ଜିଲ୍ଲା ପରିଷଦ ସଦସ୍ୟ ଅକ୍ଷୟ କୁମାର ବାରିକ ବାଂଶପାଳ ସିଏଚସିରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା କରିବାକୁ ଦାବି କରିଥିବାବେଳେ ଚମ୍ପୁଆ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଶିଶୁରୋଗ ବିଭାଗ ସମ୍ମୁଖରେ ଶବବ୍ୟବଚ୍ଛେଦ କରାଯାଉଛି ବୋଲି କହିବାରୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ସିଡିଏମଓ ଓ ପୂର୍ତ୍ତବିଭାଗ ଏହାର ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଅଦ୍ଭୁତ ବେହେରା ପ୍ରତି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ବା ସିଏଚସିରେ ଶବବ୍ୟବଚ୍ଛେଦ ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ।

## ପ୍ରେମିକା ଘର ଜାଳି ଦେବାକୁ ବିଫଳ ପ୍ରେମିକର ଉଦ୍ୟମ

ଅସୁରାଳି,(ସବ୍ୟୁ) :ପ୍ରେମରେ ବିଫଳ ଜଣେ ଯୁବକ ଉନ୍ମତ୍ତ କାଣ୍ଡ ଭିଆଇଛନ୍ତି। ରାତି ଅଧରେ ପେଟ୍ରୋଲ ଢାଳି ପ୍ରେମିକାର ଘର ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ଧାମନଗର ବ୍ଲକର ଗଢିଆଳି ପଞ୍ଚାୟତ ଅଧୀନ ଉଚ୍ଚପଦା ଗ୍ରାମରୁ। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଧୂଷୁରୀ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ଜଣାପଡିଛି। ପୋଲିସରେ ଦାଖଲ ଏଫ୍ଆଇଆର ଅନୁଯାୟୀ,ଉଚ୍ଚପଦା ଗ୍ରାମର ଜଣେ ଯୁବତୀଙ୍କ ସହ ଅସୁରାଳି ମଳିକସାହିର ରାଜା ମଳିକ (୨୩)ଙ୍କର ପୂର୍ବରୁ ପରିଚିତ ଥିଲା। ଉଭୟ ଫୋନରେ କଥାବାର୍ତ୍ତା ହୁଅନ୍ତି। ଏହି ସମ୍ପର୍କକୁ ପ୍ରେମରେ ପରିଣତ କରିବା ପାଇଁ ରାଜା ସମ୍ପୃକ୍ତ ଯୁବତୀଙ୍କୁ କହିବା ପରେ ଯୁବତୀ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ଯୁବତୀ ସମ୍ପର୍କ ରଖିବାକୁ ମନା କରିଦେବା ପରେ ଅଭିଯୁକ୍ତ ବାରମ୍ବାର ଫୋନ୍‌ରେ ଧମକ ଦେବା ସହ ପରିବାର ଲୋକଙ୍କୁ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଘରୁ ଉଠାଇ ନେବାକୁ ମଧ୍ୟ ଧମକ ଦେଇ ଆସୁଥିଲେ। ୫ ଦିନ ତଳେ ବିଳମ୍ବିତ ରାତିରେ ଅଭିଯୁକ୍ତ ଯୁବତୀଙ୍କ ଘର ନିକଟରେ ପହଂଚି ପେଟ୍ରୋଲ ଢାଳି ନିଆଁ ଲଗାଇଥିଲେ। ନଡ଼ା ଗଦା ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଘରର କବାଟ ଓ ଏକ ମୋଟରସାଇକେଲ୍ ଆଂଶିକ କ୍ଷତିଗ୍ରସ୍ତ ହୋଇଛି । ପରିବାର ଲୋକଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ପହଂଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ବଡ଼ ଧରଣର କ୍ଷତି ଟଳିଯାଇଥିଲା। ନିଆଁ ଲଗାଇ ଅଭିଯୁକ୍ତ ରାଜା ଘଟଣାସ୍ଥଳରୁ ପଳାଇ ଯାଇଥିଲା ବୋଲି ଯୁବତୀଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏ ନେଇ ଯୁବତୀଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ଧୂଷୁରୀ ଥାନାରେ କେସ୍ ନଂ-୩୦୬/୨୦୨୬ ରୁଜୁ ହୋଇଛି

### ଓଡ଼ିଶା ସରକାର
### ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

32001/553/2627

### ଘୋଷଣା

**No. 736 Date. 23/06/2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ଅଁଳାବଣି, ଥାନା-ଯଶିପୁର ନଂ-୧୦୧, ତହସିଲ-ଯଶିପୁର, ଜିଲ୍ଲା- ମୟୂରଭଞ୍ଜ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା : ଖଇରିଭଣ୍ଡନ ବ୍ୟାରେଜ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୩୬୪/LA, ତା. ୦୫.୦୮.୨୦୨୫ରିଖରେ ପ୍ରକାଶିତ ହୋଇଅଛି । ଏବଂ ଅଧିସୂଚନା ର ସଂଶୋଧିତ ପତ୍ର ସଂଖ୍ୟା : ୪୭୨/LA, ତା.୨୨/୧୦/୨୦୨୫ ରିଖ ଓ ସଂଶୋଧିତ ପତ୍ର ସଂଖ୍ୟା : ୨୯୧/LA, ତା.୨୦/୦୩/୨୦୨୬ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ଅଁଳାବଣି, ଥାନା-ଯଶିପୁର ନଂ-୧୦୧, ତହସିଲ-ଯଶିପୁର, ଜିଲ୍ଲା- ମୟୂରଭଞ୍ଜ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ମୟୂରଭଞ୍ଜ ଜିଲ୍ଲା ୱେବସାଇଟ https://mayurbhanj.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ୱେବସାଇଟ. https://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ ଅର୍ଜନ ଓ ଥଇଥାନ ଅଧିକାରୀ, ଖଇରିଭଣ୍ଡନ ବ୍ୟାରେଜ ପ୍ରକଳ୍ପ, ମୟୂରଭଞ୍ଜ ଯଶିପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ଯଶିପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅଁଳାବଣି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮.୯୦ | ଏ ୭.୧୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ........................... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ - ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ଯଶିପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ/ପ୍ରଯୁଜ୍ୟ ନୁହେଁ | | | | | | | |

ଧାରା ୧୯ ର ଉପଧାରା (୭) ଅଧିନରେ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ଅଧିସୂଚନା ନଂ-୩୬୪ ତା. ୦୫/୦୮/୨୦୨୫ ରିଖ ଅନୁଯାୟୀ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ. ..........

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/- ଜିଲ୍ଲାପାଳ

**ଭୂମି ଅନୁସୂଚୀ**

ଭୂ-ଅର୍ଜନ ମାମଲା ସଂଖ୍ୟା- ୮୧/୦୨/୨୦୨୫
ରକବା ଏ. ୭.୧୦ ଡି

ଖଇରିଭଣ୍ଡନ ଜଳସେଚନ ପ୍ରକଳ୍ପର ଖଇରିଭଣ୍ଡନ ବ୍ୟାରେଜ ନିର୍ମାଣ ନିମନ୍ତେ
ମୌଜା-ଅଁଳାବଣି, ଥାନା : ଯଶିପୁର ନଂ-୧୦୧, ତହସିଲ : ଯଶିପୁର, ଜିଲ୍ଲା : ମୟୂରଭଞ୍ଜ

| କ୍ରମିକ ନମ୍ବର | ଖାତା | ପ୍ଲଟ | କିସମ | ମୋଟ ଜମିର ପରିମାଣ (ଏକର) | ଅଧିକୃତ ଜମିର ପରିମାଣ (ଏକର) | ଖାତା ରୟତ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧ | ୨୮୨<br>୨୯୧<br>୩୫୦<br>୩୬୦/୩୮୮ | ଆଶୁ<br>ଆଶୁ<br>ଶାରଦ ଏକ<br>ଆଶୁ | ୦.୪୨<br>୦.୪୭<br>୦.୨୦<br>୦.୧୮ | ୦.୩୪<br>୦.୨୫<br>୦.୦୮<br>୦.୧୮ | ଆଇବନ ପାତ୍ର, ପି- କଳାକାର ପାତ୍ର, ଜା-ପାତ୍ର ତନ୍ତି, ବା-ନିଜଗାଁ | |
| ୨ | ୭ | ୨୮୧<br>୨୮୭<br>୩୫୧<br>୩୫୩<br>୩୪୯ | ଆଶୁ<br>ଆଶୁ<br>ଶାରଦ ଏକ<br>ଶାରଦ ତିନି<br>ଶାରଦ ଏକ | ୦.୨୬<br>୦.୨୦<br>୦.୨୩<br>୦.୦୬<br>୦.୦୬ | ୦.୧୭<br>୦.୨୦<br>୦.୧୮<br>୦.୦୬<br>୦.୦୬ | ଅଭିନ ପାତ୍ର, ପି-କଳାକାର ପାତ୍ର, ଜା-ପାତ୍ର ତନ୍ତି, ବା-ନିଜଗାଁ | |
| ୩ | ୧୨ | ୨୫୧ | ଶାରଦ ଏକ | ୦.୪୦ | ୦.୦୬ | କାନ୍ଦା ମାଝୀ, ପି: କାହ୍ନୁ ମାଝୀ, ଜା-ସାନ୍ତାଳ, ବା-ନିଜଗାଁ | |
| ୪ | ୧୪ | ୩୬୮/୩୯୨ | ଡାହି ଦୁଇ | ୦.୨୦ | ୦.୦୬ | ଖଗେଶ୍ୱର ମହାନ୍ତ, ପି- ଅଭି ମହାନ୍ତ ଜା-କୁଡୁମି, ବା-ଯଶିପୁର | |
| ୫ | ୧୯ | ୩୬୨/୩୯୦ | ଆଶୁ | ୦.୧୪ | ୦.୧୪ | ଗୋପୀନାଥ ପାତ୍ର, ପି- ଗଙ୍ଗା ପାତ୍ର, ଜା-ତନ୍ତି, ବା-ନିଜଗାଁ | |
| ୬ | ୨୮ | ୩୭୬/୪୦୦<br>୩୭୬/୪୦୧ | ପାଳ ଦୁଇ<br>ପାଳ ଦୁଇ | ୦.୦୫<br>୦.୦୫ | ୦.୦୫<br>୦.୦୫ | ଦିଗାମ୍ବର ମହାନ୍ତ, ପି-ଅର୍ଜୁନ ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୭ | ୩୦ | ୩୬୮ | ଡାହି ଦୁଇ | ୦.୨୧ | ୦.୧୦ | ଦୈତାରୀ ମହାନ୍ତ, କ୍ଷେତ୍ରମୋହନ ମହାନ୍ତ, ଲଛମନ ମହାନ୍ତ, ପି-ମହେଶ୍ୱର ମହାନ୍ତ, ଜା-କୁଡୁମି, ବା-ଯଶିପୁର | |
| ୮ | ୬୩ | ୩୫୭<br>୩୫୮ | ଆଶୁ<br>ଆଶୁ | ୦.୨୦<br>୦.୨୩ | ୦.୨୦<br>୦.୨୩ | ମନବୋଧ ମହାନ୍ତ, ପି-ଟାଙ୍ଗୁର ମହାନ୍ତ, ଜା-କୁଡୁମି, ବା-ଯଶିପୁର | |
| ୯ | ୭୭ | ୩୬୨ | ଆଶୁ | ୦.୨୦ | ୦.୨୦ | ସାଗର ପାତ୍ର, ପି-ଗଙ୍ଗା ପାତ୍ର ଜା-ପାତ୍ର ତନ୍ତି, ବା-ନିଜଗାଁ | |
| ୧୦ | ୭୯ | ୩୬୮/୩୯୧ | ଡାହି ଦୁଇ | ୦.୨୨ | ୦.୦୯ | ଶ୍ୟାମ ମହାନ୍ତ, ପି: ଅଭି ମହାନ୍ତ,, ଜା-କୁଡୁମି, ବା-ଯଶିପୁର | |
| ୧୧ | ୮୧ | ୩୬୯<br>୩୭୧<br>୩୭୨ | ପାଳ ଦୁଇ<br>ପାଳ ଦୁଇ<br>ଡାହି ଦୁଇ | ୦.୪୦<br>୦.୨୬<br>୦.୪୮ | ୦.୪୦<br>୦.୨୬<br>୦.୪୮ | ଶ୍ୟାମ ସୁନ୍ଦର ପାତ୍ର, ଅଯୋଧ୍ୟା ପାତ୍ର, ପି-ଗଣନାଥ ପାତ୍ର, ଜା-ପାତ୍ର ତନ୍ତି, ବା-ନିଜଗାଁ | |
| ୧୨ | ୮୩ | ୨୯୨ | ଆଶୁ | ୦.୮୫ | ୦.୮୫ | ସୁଦର୍ଶନ ପାତ୍ର, ପି- ଚନ୍ଦୁ ପାତ୍ର, ଜା- ପାତ୍ର ତନ୍ତି, ବା-ନିଜଗାଁ | |
| ୧୩ | ୮୪ | ୩୫୯ | ଆଶୁ | ୦.୫୭ | ୦.୫୭ | ସୁନ୍ଦର ମୋହନ ପାତ୍ର, ସହନ ପାତ୍ର, ପି: ନାଲୁ ପାତ୍ର, ସାତୁଆ ପାତ୍ର, ପି: ଆନନ୍ଦ ପାତ୍ର, ଜା-ତନ୍ତି, ବା: ଶୁଣ୍ଢୀବିଲା | |
| ୧୪ | ୮୫ | ୩୭୬<br>୩୭୬/୩୯୯ | ପାଳ ଦୁଇ<br>ପାଳ ଦୁଇ | ୦.୦୫<br>୦.୦୫ | ୦.୦୫<br>୦.୦୫ | ସୁଦାମ ମହାନ୍ତ, ପି-ଅର୍ଜୁନ ମହାନ୍ତ, ଜା-କୁଡୁମି, ବା-ନିଜଗାଁ | |
| ୧୫ | ୮୭ | ୨୮୮<br>୨୮୦<br>୩୪୮<br>୩୫୨<br>୩୬୦ | ଆଶୁ<br>ଆଶୁ<br>ଶାରଦ ଏକ<br>ଶାରଦ ତିନି<br>ଆଶୁ | ୦.୩୩<br>୦.୨୪<br>୦.୦୭<br>୦.୨୭<br>୦.୨୬ | ୦.୨୨<br>୦.୧୮<br>୦.୦୨<br>୦.୨୭<br>୦.୨୬ | ସୁମନ ପାତ୍ର, ପି-କଳାକାର ପାତ୍ର, ଜା-ପାତ୍ର ତନ୍ତି, ବା-ନିଜଗାଁ | |
| ୧୬ | ୮୯ | ୩୭୩ | ଡାହି ଦୁଇ | ୦.୦୫ | ୦.୦୩ | ହଟିଆ ପାତ୍ର, ପି-କନ୍ଦରା ପାତ୍ର, ନଟିଆ ପାତ୍ର, ପି-ଭାଇଗ ପାତ୍ର, ମକୁରୁ ପାତ୍ର, ସୁରେନ୍ଦ୍ର ପାତ୍ର, ପି: ରାଜୁ ପାତ୍ର, ସୁକମଣି ପାତ୍ର, ସ୍ୱା: ରାଜୁ ପାତ୍ର, ଜା: ପାତ୍ର ତନ୍ତି, ବା-ନିଜଗାଁ | ମକୁରୁ ପାତ୍ର, ସୁରେନ୍ଦ୍ର ପାତ୍ର ଅଂଶ ପକ୍ଷେ ବେଆଇନ ଖରିଦ ସୂତ୍ରେ ଦଖଲ ସୁଦାମ ମହାନ୍ତ, ପି-ଅର୍ଜୁନ ମହାନ୍ତ, ଜା-କୁଡୁମି, ବା-ନିଜଗାଁ ପୋଲା କବଲା ୬/୨/୬୭ |
| ୧୭ | ୯୧ | ୩୬୩ | ଆଶୁ | ୦.୭୪ | ୦.୭୪ | ହେମ ମହାନ୍ତ, ସ୍ୱା-ଗାଡୁ ମହାନ୍ତ, ଜା: କୁଡୁମି, ବା-ନିଜଗାଁ | |
| ୧୮ | ୯୧/୫ | ୩୬୫ | ଆଶୁ | ୦.୩୦ | ୦.୦୨ | ଗୋବର୍ଦ୍ଧନ ମହାନ୍ତ, ପି: ଗାଜୁଆ ମହାନ୍ତ, ଜା : କୁର୍ମି କ୍ଷତ୍ରିୟ, ବା: ଅଁଳାବେଣି | |
| | ମୋଟ | ୩୪ | | ୮.୯୦ | ୭.୧୦ | | |

Sd/- AMIN — Sd/- Revenue Inspector O/o the Spl. L.A. & R.O. Mayurbhanj, Karanjia — Sd/- Revenue Supervisor — Sd/- Zone Officer (L.A.) — Sd/- Special L.A. & R.O. Khairibandhan Barrage Project

OIPR : 32001/32560/3/26-27/0005

## ବେତନଟୀ ରଥଯାତ୍ରାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀର ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଦ୍ୱିତୀୟବାର୍ଷିକ ରଥଯାତ୍ରା ଗୁରୁବାର ଆରମ୍ଭ କରାଯାଇଥିବା ବେଳେ ଅପରାହ୍ନ ସାଢେ ପାଞ୍ଚଟା ସୁଦ୍ଧା ପୁରୁଣାକୋର୍ଟଛକ ଅତିକ୍ରମ କରିଛି । ସୂଚନା ମୁତାବକ ଗୁରୁବାର ଅପରାହ୍ନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡିକରି ରଥାରୂଢ କରିବା ପରେ ମୟୁରଭଞ୍ଜ ମହାରାଜାଙ୍କ ଦ୍ୱାରା ଛେରା ପହଁରା କରାଯାଇଥିଲା । ଏହାପରେ ରଥଟଣା ଆରମ୍ଭ କରାଯାଇଥିବା ବେଳେ ବେତନଟୀ -ବଡ଼ସାହି ରାସ୍ତାରେ ଯାନବାହନ ଚଳାଚଳ ଉପରେ କଟକଣା କରାଯାଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ଜୟଶ୍ରୀରାମ ସେନା, ଆମ ଗାଁ ଖଟି ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇ ମୃଦୁପାନୀୟ ଯୋଗାଇ ଦିଆଯାଇଥିଲା ଝ ଭିଡ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ କଟକଣା ସାଙ୍ଗକୁ ବ୍ୟାପକ ସୁରକ୍ଷା ଦୃଷ୍ଟିରୁ ବେତନଟୀ ପୁଲିସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା । ରଥଟଣାକୁ ଦୃଷ୍ଟିରେ ରଖି ବେତନଟୀ କାଳୀକାଛକ, ହାଟଛକ, ପୁରୁଣା କୋର୍ଟଛକ ମାନଙ୍କରେ ପର୍ଯ୍ୟାୟକ୍ରମେ ଯାନବାହନ ଚଳାଚଳକୁ ବନ୍ଦ ରଖଯାଇଥିଲା । ରଥଟଣାକୁ ସଫଳ ଏବଂ ଶୃଙ୍ଖଳିତ କରିବାକୁ ଆୟୋଜକ କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମରେ ପୁରା ଅଞ୍ଚଳ ଲୋକାରଣ୍ୟ ହୋଇପଡ଼ିଥିଲା ।

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/295/2627

### ଘୋଷଣା

**No. RDM-LAB-GM-0018-2025- 16725/ R&DM, Dated. 21.04 2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପେଣ୍ଟୁରାଖାଲି, ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୧୯୦୫୫, ତା. ୨୭.୦୫.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ପେଣ୍ଟୁରାଖାଲି, ଥାନା-ପାଟପୁର, ତହସିଲ-ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପେଣ୍ଟୁରାଖାଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୦୩୦ | ଏକର ୦.୩୯୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ସାନଖେମୁଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୧୭.୧୧.୨୦୨୫ ।

**ପେଣ୍ଟୁରାଖାଲି ଗ୍ରାମର ଜମିର ବିବରଣୀ**

ମୌଜା- ପେଣ୍ଟୁରାଖାଲି, ତହସିଲ - ସାନଖେମୁଣ୍ଡି, ଜିଲ୍ଲା-ଗଞ୍ଜାମ

| ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୪୨ | ୩୧ | ଖଲିଆ ନାୟକ, କୁରିଆ ନାୟକ, ଜାଡ଼ି ନାୟକ, ଶଶି ନାୟକ, ଟୁରି ନାୟକ, ହେମ ନାୟକ, ପି: ବାଉରି ନାୟକ, ଜା: କୁରୁମ, ବା: ତାଳପୁର | ୦.୫୭୦ | ବିଲ ଅଣଜଳସେଚିତ ଏକ | ୦.୨୧୫ | |
| ୧୯୧/୫୭ | ୩୭<br>୪୦ | ଲବ ଗୌଡ଼, ପି: ବନମାଳି ଗୌଡ଼ ଜା: ଗୌଡ଼ , ବା: ଗୋକର୍ଣ୍ଣମେରି | ୦.୦୭୦<br>୦.୦୭୦ | ବିଲ ଅଣଜଳସେଚିତ ଏକ | ୦.୦୫୫<br>୦.୦୫୫ | |
| ୧୯୧/୬୮ | ୩୦ | ଭଗବାନ ଗୌଡ଼, ପି: କୁରିଆ ଗୌଡ଼ ଜା: ଗୌଡ଼, ବା: ତାଳପୁର | ୦.୩୨୦ | ବିଲ ଅଣଜଳସେଚିତ ଏକ | ୦.୦୬୫ | |

ମୋଟ ୦.୩୯୦ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0070

### ଓଡ଼ିଶା ସରକାର
### ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

24001/298/2627

### ଘୋଷଣା

**No. RDM-LAB-GM-0011-2025- 16704 R&DM, Dated. 21.04 2026**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ତୁଣ୍ଡୁରା, ଥାନା-ପାଟପୁର, ତହସିଲ-ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୧୮୯୨୬, ତା. ୨୩.୦୫.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ତୁଣ୍ଡୁରା, ଥାନା-ପାଟପୁର, ତହସିଲ-ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁଣ୍ଡୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୦.୪୫୪ | ଏକର ୦.୦୮୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ଗଞ୍ଜାମ — ତହସିଲ- ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବର୍ଦ୍ଧିତ ବୈଧ ତାରିଖ : ୩୧.୦୭.୨୦୨୫ ।

**ତୁଣ୍ଡୁରା ଗ୍ରାମର ଜମିର ବିବରଣୀ**

ମୌଜା- ତୁଣ୍ଡୁରା, ତହସିଲ - ଦିଗପହଣ୍ଡି, ଜିଲ୍ଲା-ଗଞ୍ଜାମ

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | ଅଭିଲିଖିତ ରୟତଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୨୩ | ୧୨୪୫ | ପଦର | ୦.୦୪୭ | ୦.୦୧୦ | ଉଲା ପ୍ରଧାନ, ପି- ଦଣ୍ଡପାଣି ପ୍ରଧାନ ଜା-କୁରୁମ, ବା: ନିଜଗାଁ | |
| ୨ | ୪୪ | ୧୨୪୬ | ପଦର | ୦.୦୩୫ | ୦.୦୧୦ | କୁରୀ ପ୍ରଧାନ, ପି: ଭରତ ପ୍ରଧାନ ଜା- କୁରୁମ, ବା: ନିଜଗାଁ | |
| ୩ | ୬୭ | ୧୨୫୬ | ପଦର | ୦.୦୭୫ | ୦.୦୧୫ | କୁରିଆ ପ୍ରଧାନ, ପି : ଡମ୍ବ ପ୍ରଧାନ ଜା: କୁରମ, ବା: ନିଜଗାଁ | |
| ୪ | ୯୦ | ୧୨୫୨ | ପଦର | ୦.୧୩୫ | ୦.୦୧୫ | ଦିନା ପ୍ରଧାନ, ପି: ତବଡିଆ ପ୍ରଧାନ ଝୁମ୍ପା ପ୍ରଧାନ, ସ୍ୱା: ତବଡିଆ ପ୍ରଧାନ ଜା: କୁରୁମ, ବା: ନିଜଗାଁ | |
| ୫ | ୧୬୦ | ୧୨୪୭<br>୧୨୫୧ | ପଦର | ୦.୦୪୦<br>୦.୦୩୦ | ୦.୦୧୦<br>୦.୦୧୦ | ସତ୍ୟ ପ୍ରଧାନ, ସୁଦାମ ପ୍ରଧାନ, ଗଦା ପ୍ରଧାନ, କୃଷ୍ଣ ପ୍ରଧାନ, ପି: ନଟିଆ ପ୍ରଧାନ, ଆସିଲି ପ୍ରଧାନ, ସ୍ୱା: ନଟିଆ ପ୍ରଧାନ ଜା: କୁରୁମ, ବା: ନିଜଗାଁ | |
| ୬ | ୧୮୦/୧୬ | ୧୨୫୫ | ପଦର | ୦.୦୯୨ | ୦.୦୧୦ | ଭୀକାରି ପ୍ରଧାନ, ପି : ଉଲା ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | |
| | | | | ମୋଟ | ୦.୦୮୦ ଏକର | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଂଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0073

## ସମ୍ପାଦକୀୟ

# ତଳ ବରଡ଼ା ଖସୁଛି...

ତାଳ ଗଛ ଉଚ୍ଚତାରେ ଖୁବ୍ ବଡ଼ । ଏହାର ବରଡ଼ା ଗୁଡ଼ିକ ଧୀରେ ଧୀରେ କ୍ରମଶଃ ଖସି ପଡ଼େ । ତେବେ ଏହି ବରଡ଼ା ଖସିବା କଥାକୁ ନେଇ ସବୁବେଳେ ଉଦାହରଣ ଦିଆଯାଏ । ଏ ଉଦାହରଣ ପ୍ରତୀକାତ୍ମକ ଅବଶ୍ୟ । ଏପରି ଉଦାହରଣ ଅର୍ଥ ଚେତାବନୀ । ତଳ ବରଡ଼ା ଖସିବା ଆରମ୍ଭ ହେଲେ ମଝି ବରଡ଼ା କୁଆଡ଼େ ହସି ପକାଏ । ତା'ର ବିଚାର କରିବାର କି ସହାନୁଭୂତିଶୀଳ ହେବାର ବୁଦ୍ଧି ବୋଧେ ନ ଥାଏ । ନିଜ ଜାଗାରେ ସେ ଦୃଢ଼ ହୋଇ ରହିଛି ବୋଲି ଭାବିନିଏ । କିନ୍ତୁ ଉପର ବରଡ଼ା ଏ ସବୁ ଲକ୍ଷ୍ୟ କରିଥାଏ ଆଉ ଚେତେଇ ଦିଏ ମଝି ବରଡ଼ାକୁ 'ତୋ' ଦିନ କାଳ ଆସୁଛି ।' ମଝି ବରଡ଼ା ଏହା ଶୁଣି ହୁଏତ ନିଜର ଭବିଷ୍ୟତ ବିଷୟରେ ସଚେତନ ହୋଇ ଯାଉଥିବ । ଆଜି ନହେଲେ କାଲି ବା ଅନାଗତ ଭବିଷ୍ୟତରେ ତା'ର ଯେ ଏପରି ଦୁର୍ଦ୍ଦଶା ଘଟିବ ଓ ସେ ତଳ ସ୍ଥାନକୁ ଯିବା ପରେ ତଳ ବରଡ଼ା ହୋଇ ଖସି ପଡ଼ିବ, ଏପରି ଆଶଙ୍କା ତାକୁ ହୁଏତ ଆଚ୍ଛନ୍ନ କରି ସାରିଥିବ ।

ପ୍ରତ୍ୟେକ ମଣିଷ ଜାତିପ୍ରତି ଏହା ଚେତାବନୀ । ଏହା ମୁନି ଋଷିମାନଙ୍କ ଆପ୍ତବାକ୍ୟ ଏ ନୁହେଁ କି ଅନ୍ୟାନ୍ୟ ଧର୍ମଗ୍ରନ୍ଥର ନୀତିବାଣୀ ବି ନୁହେଁ । କିନ୍ତୁ ସରଳ କଥାଟି ଭିତରେ ଯେଉଁ ସୁନ୍ଦର ଉଦାହରଣଟି ରହିଛି, ତାହା ଖୁବ୍ ମନଛୁଆଁ ବୋଲି ମନେ ହୋଇଥାଏ ।

ଏ କଥା ସତ ଯେ ମନୁଷ୍ୟ ଅନ୍ୟାନ୍ୟ ଜନ୍ତୁଠାରୁ ଅତ୍ୟଧିକ ବୁଦ୍ଧିମାନ ପ୍ରାଣୀ । ଅବଶ୍ୟ ସମସ୍ତଙ୍କ କ୍ଷେତ୍ରରେ ଏହି ବିଦ୍ୟା ଓ ବୁଦ୍ଧି ସମାନ ନଥାଏ । କେତେଜଣ ଯେ ଭଲ ପାଠ ପଢ଼ିବେ ଓ ଅତ୍ୟନ୍ତ ବୁଦ୍ଧିମାନ ହୋଇ ସମାଜରେ ପ୍ରତିଷ୍ଠିତ ହୋଇ ଧନୀକ ଶ୍ରେଣୀରେ ଗଣା ହେବେ ଏବଂ ଆଉ କେତେକ ବିଦ୍ୟାବୁଦ୍ଧିରେ ଯେ ସେମାନଙ୍କର ସମକକ୍ଷ ହେବେ, ସେପରି କହି ହେବ ନାହିଁ । ସମସ୍ତେ ସମାନ ନୁହନ୍ତି । କେହି କେହି ଜନ୍ମରୁ ବୁଦ୍ଧିହୀନ ବା ଭିନ୍ନକ୍ଷମ । ସେମାନଙ୍କ ପ୍ରତି ମଧ୍ୟ ଆମେ ଦୟାଶୀଳ ହେଉନାହୁଁ । ଏପରିକି ମାନସିକ ରୋଗ କାରଣରୁ କେହି କେହି ଭିନ୍ନ ଆଚରଣ ପ୍ରଦର୍ଶନ କଲେ, ଆମମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କୁ ପରିହାସ କରନ୍ତି । କ୍ରୋଧ ପ୍ରକାଶ ମଧ୍ୟ କରନ୍ତି । ଏହା ଉଚିତ ନୁହେଁ । ଭିନ୍ନକ୍ଷମଙ୍କ ପ୍ରତି ଦୟାଶୀଳ ହୋଇ ସ୍ୱତନ୍ତ୍ର ଭାବେ ସେମାନଙ୍କ ଭଲ କାର୍ଯ୍ୟକୁ ଉତ୍ସାହିତ କରି ସେମାନଙ୍କୁ ସମାଜରେ ଯେପରି ସମସ୍ତେ ଭଲ ପାଇ ଭଲ ବ୍ୟବହାର ପ୍ରଦର୍ଶନ କରିବେ, ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ଖୁବ୍ ଭଲ ଲାଗେ । ସେ ପ୍ରଧାନମନ୍ତ୍ରୀ ହେବା ପରେ ନୂଆଦିଲ୍ଲୀର ଲାଲକିଲାରେ ସ୍ୱାଧୀନତା ଦିବସର ଭାଷଣ ଦେବାବେଳେ କହିଥିଲେ, 'ମୁଁ ଭାରତର ପ୍ରଧାନମନ୍ତ୍ରୀ ନୁହେଁ, ପ୍ରଧାନ ସେବକ ।'

**ପ୍ରକୃତରେ 'ଭାବ ହିଁ ସବୁ କିନ୍ତୁ ଭାଷାର ମୋହ ତ ଛାଡ଼ି ହୁଏ ନାହିଁ ।' ଭାବର ଠାକୁରଙ୍କୁ ରଥଯାତ୍ରାରେ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଲୋକ ପୁରୀ ଯାଇଥାନ୍ତି । କିନ୍ତୁ ଭଲ ପାଇବା ପାଇଁ ଯେତେ ନୁହେଁ, ନିଜ ସ୍ୱାର୍ଥର କାମନା କରନ୍ତି ବେଶୀ ଭକ୍ତଗଣ । ଏତେ ଯଦି ଲୋକଙ୍କର ଭକ୍ତି, ତା ହେଲେ ବ୍ୟଭିଚାର, ବଳାତ୍କାର ପ୍ରଭୃତି ଘଟଣା ଏତେ ସଂଖ୍ୟାରେ ବଢୁଛି କାହିଁକି ?**

କଲେଜରେ ପଢୁଥିଲାବେଳେ ବି.ଏ ଶ୍ରେଣୀରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଗଦ୍ୟ ବିଷୟଟିଏ ଥିଲା । ତାହାର ଶୀର୍ଷକ ଥିଲା 'ସମନ୍ୱୟ', ଲେଖକ–ନିତ୍ୟାନନ୍ଦ ମହାପାତ୍ର । ଏବେ 'ପତ୍ର ଓ ପ୍ରତିମା' ବହିଟି ତାଙ୍କର ଉତ୍କଳ ବିଶ୍ୱବିଦ୍ୟାଳୟର ଏମ.ଏ. ପାଠ୍ୟକ୍ରମରେ ରହିଛି । ପୂର୍ବରୁ ଅନେକ ବର୍ଷ ଧରି ବିଶ୍ୱ ଭାରତୀ (ଶାନ୍ତି ନିକେତନ)ରେ ପୁସ୍ତକଟି ପାଠ୍ୟ ପୁସ୍ତକ ଥିଲା । 'ସମନ୍ୱୟ' ବିଷୟଟି ସେହି ପୁସ୍ତକରେ ରହିଛି । ତାହାରି ଆଦ୍ୟ ଅଂଶଟି ଏହିପରି– 'ନନ୍ଦିଘୋଷ ରଥର କି ସାର୍ଥକତା–ଯଦି ସାତ ସମୁଦ୍ର ସେ ପାରିରୁ ତା'ର ନିଶାଣ ନ ଦିଶିଲା ? ଚମତ୍କାର କଥା । ସୁନ୍ଦର ପ୍ରଶ୍ନଟିଏ ତୋର । ମାତ୍ର ଏଇ ପ୍ରଶ୍ନର ଉତ୍ତର ତୁ ନିଜେ ଦେଇ ସାରିଛୁ । 'ଭାବ ବିନା ଭାଷାର ମୂଲ୍ୟ କ'ଣ ?' ବୋଲି ପଚାରିବା ସଙ୍ଗେ ସଙ୍ଗେ ତୁ ନିଜେ ମାନିଛୁ– ଭାବ ହିଁ ସବୁ କିନ୍ତୁ ଭାଷାର ମୋହ ତ ଛାଡ଼ି ହୁଏ ନାହିଁ ।' ଅର୍ଥାତ୍ ରଥ ହିଁ ସବୁ–କିନ୍ତୁ ନିଶାଣର ମୋହ ତ ଛାଡ଼ି ହୁଏ ନାହିଁ– ଈଶ୍ୱର ଏକ କଳ୍ପନା, ତଥାପି ବାସ୍ତବ ମନୁଷ୍ୟ ତା'ର ଉପାସନା କରେ– ନିରାକାରକୁ ଆକାର ଭିତରେ ବାନ୍ଧି ରଖେ ସାକାର ଉପାସକ । ସାଧନ (Means)କୁ ଛାଡ଼ିଲେ ସାଧବସ୍ତୁ (End) ପ୍ରାପ୍ତି ଅସମ୍ଭବ ।

ପ୍ରକୃତରେ 'ଭାବ ହିଁ ସବୁ କିନ୍ତୁ ଭାଷାର ମୋହ ତ ଛାଡ଼ି ହୁଏ ନାହିଁ ।' ଭାବର ଠାକୁରଙ୍କୁ ରଥଯାତ୍ରାରେ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଲୋକ ପୁରୀ ଯାଇଥା'ନ୍ତି । କିନ୍ତୁ ଭଲ ପାଇବା ପାଇଁ ଯେତେ ନୁହେଁ, ନିଜ ସ୍ୱାର୍ଥର କାମନା କରନ୍ତି ବେଶୀ ଭକ୍ତଗଣ । ଏତେ ଯଦି ଲୋକଙ୍କର ଭକ୍ତି, ତା ହେଲେ ବ୍ୟଭିଚାର, ବଳାତ୍କାର ପ୍ରଭୃତି ଘଟଣା ଏତେ ସଂଖ୍ୟାରେ ବଢୁଛି କାହିଁକି ?

ଉପର ବରଡ଼ା ଆମକୁ ଚେତେଇ ଦେଉ । ଆମେ ବି ରଥଯାତ୍ରା ଦିନ ରଥାରୂଢ଼ ଦିଅଁମାନଙ୍କୁ ଦର୍ଶନ କରିବାକୁ ହୁଏ ତ ଭବିଷ୍ୟତରେ ଆସି ପାରିବୁ ନାହିଁ । ଦର୍ଶନ ପାଇଁ ତେଣୁ ଏତେ ବ୍ୟାକୁଳତା କାହିଁକି ? ଏ କ'ଣ ସତ ଆମର ବୁଦ୍ଧିହୀନତା ନା, ପାଗଳାମୀ ନା ଅନ୍ୟ କିଛି ?

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକାଶର ଦୋଛକିରେ ମଣିଷ ଓ ପୃଥିବୀ



**ପ୍ରଭାକର ସାହୁ**

ପ୍ରତ୍ୟେକ ଯୁଗ ନିଜ ସମୟର ମଣିଷକୁ କିଛି ମୌଳିକ ପ୍ରଶ୍ନର ସାମ୍ନା କରାଏ । ସେହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ଏକ ସଭ୍ୟତାର ଭବିଷ୍ୟତ ନିର୍ଦ୍ଧାରଣ କରେ । ଆମ ସମୟର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି–ବିକାଶର ପ୍ରକୃତ ଅର୍ଥ କ'ଣ ? ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାଜପଥ, ବିଶାଳ ଶିଳ୍ପାଞ୍ଚଳ, ବଢୁଥିବା ଜିଡିପି ଓ ଅତ୍ୟାଧୁନିକ ପ୍ରଯୁକ୍ତି କି ବିକାଶର ଏକମାତ୍ର ପରିଚୟ ? ନା , ବିକାଶର ପ୍ରକୃତ ମାନଦଣ୍ଡ ସେହି ସମାଜ, ଯେଉଁଠାରେ ମଣିଷ ସମ୍ମାନର ସହ ବଞ୍ଚେ, ପ୍ରକୃତି ସୁରକ୍ଷିତ ରହେ, ସାମାଜିକ ନ୍ୟାୟ ପ୍ରତିଷ୍ଠିତ ହୁଏ ଏବଂ ଆଗାମୀ ପିଢ଼ି ପାଇଁ ଆଶାର ଦ୍ୱାର ଖୋଲା ରହେ ।

ଏକବିଂଶ ଶତାବ୍ଦୀର ମାନବ ସଭ୍ୟତା ଏକ ଅଦ୍ଭୁତ ବିରୋଧାଭାସ ଦେଇ ଗତି କରୁଛି । ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ବିପ୍ଳବ, ଜୈବପ୍ରଯୁକ୍ତି, ମହାକାଶ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନର ଅବିଶ୍ୱସନୀୟ ସଫଳତା, ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଉତ୍ତାପ, ବନ୍ୟା, ମରୁଡ଼ି, ଜଙ୍ଗଲ ବିନାଶ, ଜଳ ସଙ୍କଟ, ଜୈବବିବିଧତାର କ୍ଷୟ ଏବଂ ବଢୁଥିବା ସାମାଜିକ ବୈଷମ୍ୟ । ଯେଉଁ ମଣିଷ ମଙ୍ଗଳ ଗ୍ରହରେ ବସତି ସ୍ଥାପନର ସ୍ୱପ୍ନ ଦେଖୁଛି, ସେହି ମଣିଷ ନିଜ ଗ୍ରହର ପରିବେଶ ସନ୍ତୁଳନକୁ ଭାଙ୍ଗି ଦେଉଛି । ବୈଜ୍ଞାନିକମାନେ ଏହି ଯୁଗକୁ ଆନ୍ଥ୍ରୋପୋସିନ୍ ବୋଲି କହୁଛନ୍ତି–ଏମିତି ଏକ ଯୁଗ, ଯେଉଁଠାରେ ପୃଥିବୀର ଭବିଷ୍ୟତ ମଣିଷର କାର୍ଯ୍ୟକଳାପ ଉପରେ ନିର୍ଭର କରୁଛି ।

ଏହି ସଙ୍କଟ କେବଳ ପରିବେଶର ନୁହେଁ ଏହା ମଣିଷର ଚିନ୍ତାଧାରାର ସଙ୍କଟ । ବହୁ ବର୍ଷ ଧରି ଆମେ ବିକାଶକୁ କେବଳ ଉତ୍ପାଦନ, ଉପଭୋଗ ଓ ଅର୍ଥନୈତିକ ଅଭିବୃଦ୍ଧିର ଚଷମାରେ ଦେଖିଛୁ ।

ପ୍ରକୃତିକୁ ଆମେ ସହଯାତ୍ରୀ ନୁହେଁ, ସମ୍ପଦର ଭଣ୍ଡାର ବୋଲି ଭାବିଛୁ । ଫଳରେ ନଦୀ, ଜଙ୍ଗଲ, ପାହାଡ଼, ସମୁଦ୍ର ଓ ବାୟୁ ଆଜି ମଣିଷର ଅତ୍ୟଧିକ ଲୋଭର ମୂଲ୍ୟ ଦେଉଛନ୍ତି । ପ୍ରକୃତି ଉପରେ ବିଜୟ ହାସଲ କରିବାର ଅହଙ୍କାର ଶେଷରେ ମଣିଷକୁ ହିଁ ଅସୁରକ୍ଷିତ କରିଛି ।

ଭାରତୀୟ ଦର୍ଶନ ହଜାର ହଜାର ବର୍ଷ ପୂର୍ବରୁ ଏହି ସତ୍ୟକୁ ଅନୁଭବ କରିଥିଲା । ଉପନିଷଦର ଈଶାବାସ୍ୟମିଦଂ ସର୍ବମ୍ କେବଳ ଏକ ଧାର୍ମିକ ଉକ୍ତି ନୁହେଁ ଏହା ମଣିଷ ଓ ପ୍ରକୃତିର ସହାବସ୍ଥାନର ଦର୍ଶନ । ଋଗ୍ ବେଦରେ ପୃଥିବୀକୁ ମାତା ଓ ମଣିଷକୁ ତାଙ୍କ ସନ୍ତାନ ବୋଲି କୁହାଯାଇଛି । ମହାତ୍ମା ଗାନ୍ଧି ଏହି ଚିନ୍ତାଧାରାକୁ ଆଧୁନିକ ଭାଷାରେ ବ୍ୟାଖ୍ୟା କରି କହିଥିଲେ– ପୃଥିବୀ ପ୍ରତ୍ୟେକ ମଣିଷର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ପୂରଣ କରିପାରିବ ନାହିଁ । ଆଜି ଜଳବାୟୁ ସଙ୍କଟର ପ୍ରେକ୍ଷାପଟରେ ଏହି ବାଣୀ ପୂର୍ବାପେକ୍ଷା ଅଧିକ ସତ୍ୟ ଓ ପ୍ରାସଙ୍ଗିକ ମନେହୁଏ ।

ଆଜି ବିଶ୍ୱ ସମୁଦାୟ ମଧ୍ୟ ଏହି ଉପଲବ୍ଧିରେ ପହଞ୍ଚିଛି ଯେ, ପରିବେଶ ଓ ବିକାଶ ପରସ୍ପର ବିରୋଧୀ ନୁହେଁ । ଉଭୟ ପରସ୍ପରର ପରିପୂରକ । ସୁସ୍ଥ ପରିବେଶ ବିନା ସ୍ଥାୟୀ ଅର୍ଥନୈତିକ ପ୍ରଗତି ସମ୍ଭବ ନୁହେଁ । ଏହି କାରଣରୁ ଜାତିସଂଘର ସସ୍ଥାୟୀ ବିକାଶ ଲକ୍ଷ୍ୟ (SDGs) ଦାରିଦ୍ର୍ୟ ଦୂରୀକରଣ, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ସମାନତା ଓ ଜଳବାୟୁ କାର୍ଯ୍ୟକୁ ଏକ ସୂତ୍ରରେ ବାନ୍ଧିଛି । ଏହା ଆମକୁ ସ୍ମରଣ କରାଏ ଯେ ବିକାଶର ଅର୍ଥ କେବଳ ଆଜିର ସମୃଦ୍ଧି ନୁହେଁ, ଆସନ୍ତାକାଲିର ସୁରକ୍ଷା ମଧ୍ୟ ।

ଅର୍ଥନୀତିବିତ୍ ଅମର୍ତ୍ତ୍ୟ ସେନ ତାଙ୍କ ପ୍ରସିଦ୍ଧ ଗ୍ରନ୍ଥ Development as Freedomରେ କହିଛନ୍ତି, ବିକାଶର ପ୍ରକୃତ ଅର୍ଥ ହେଉଛି ମଣିଷର ସାମର୍ଥ୍ୟ ଓ ସ୍ୱାଧୀନତାର ବିସ୍ତାର । ଏହାର ଅର୍ଥ ହେଲା– ଜଣେ ଶିଶୁ ଗୁଣାତ୍ମକ ଶିକ୍ଷା ପାଉ, ଜଣେ ମା' ସ୍ୱାସ୍ଥ୍ୟସେବା ପାଉ, ଜଣେ କୃଷକ ନିଜ ପରିଶ୍ରମର ନ୍ୟାୟସଙ୍ଗତ ମୂଲ୍ୟ ପାଉ, ଜଣେ ଶ୍ରମିକ ସମ୍ମାନର ସହ ବଞ୍ଚିପାରୁ ଏବଂ ସମାଜର ଶେଷ ଧାଡ଼ିରେ ଥିବା ମଣିଷ ମଧ୍ୟ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖୁ । ଏହିପରି ବିକାଶ ହିଁ ପ୍ରକୃତ ଅର୍ଥରେ ମାନବିକ ବିକାଶ ।

**ଏକବିଂଶ ଶତାବ୍ଦୀ ଆମ ସମ୍ମୁଖରେ କେବଳ ଏକ ପ୍ରଶ୍ନ ରଖିଛି–ଆମେ କେମିତି ବିକାଶ ଚାହୁଁଛୁ ? ସେହି ବିକାଶ, ଯାହା କେବଳ ସଂଖ୍ୟାରେ ବଢ଼େ, ନା' ସେହି ବିକାଶ, ଯାହା ମଣିଷ, ପ୍ରକୃତି ଓ ପ୍ରଗତି ମଧ୍ୟରେ ଏକ ନୂତନ ସନ୍ତୁଳନ ଗଢ଼ିତୋଳେ ? ଏହି ପ୍ରଶ୍ନର ଉତ୍ତର ହିଁ ଆଗାମୀ ସଭ୍ୟତର ଦିଗ ନିର୍ଦ୍ଧାରଣ କରିବ ।**

ସେହିପରି ବିକାଶର ଆଲୋକ ଯଦି କେବଳ ମହାନଗରର କାଚ ଅଟ୍ଟାଳିକାରେ ପ୍ରତିଫଳିତ ହୁଏ, କିନ୍ତୁ ଗାଁର ମାଟିଘର ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ, ତେବେ ସେହି ଆଲୋକ ଅସମ୍ପୂର୍ଣ୍ଣ । ଯଦି ଜିଡିପି ବଢ଼େ କିନ୍ତୁ ବେକାରି, କୁପୋଷଣ ଓ ସାମାଜିକ ବୈଷମ୍ୟ ମଧ୍ୟ ବଢ଼େ, ତେବେ ସେହି ବିକାଶ ସଂଖ୍ୟାର ସଫଳତା ହୋଇପାରେ, ମାନବତାର ସଫଳତା ନୁହେଁ । ପ୍ରଗତିର ପ୍ରକୃତ ପରିମାପ ମଣିଷର ଜୀବନର ଗୁଣବତ୍ତାରେ, କେବଳ ଅର୍ଥନୈତିକ ସୂଚକରେ ନୁହେଁ ।

ଆଜି ବିଶ୍ୱ ଯେଉଁ ପଥରେ ଅଗ୍ରସର ହେଉଛି, ସେଠାରେ ସବୁଜ ଅର୍ଥନୀତି, ବୃତ୍ତାକାର ଅର୍ଥନୀତି , ସ୍ୱଳ୍ପ ଅଙ୍ଗାରକାମ୍ଳ ଉନ୍ନତି ଓ ପ୍ରକୃତି–ଆଧାରିତ ସମାଧାନ ପରି ଧାରଣା ଆଉ ବିକଳ୍ପ ନୁହେଁ, ବରଂ ଅନିବାର୍ଯ୍ୟ । ନବୀକରଣଯୋଗ୍ୟ ଶକ୍ତି, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁର ବୈଜ୍ଞାନିକ ପରିଚାଳନା, ପରିବେଶ ଅନୁକୂଳ ସହର ଯୋଜନା ଓ ସବୁଜ ପ୍ରଯୁକ୍ତି ଭବିଷ୍ୟତର ବିକାଶର ମୂଳଭିତ୍ତି ହେବାକୁ ଯାଉଛି । ଯେଉଁ ଦେଶ ଏହି ପରିବର୍ତ୍ତନକୁ ଯେତେ ଶୀଘ୍ର ଗ୍ରହଣ କରିବ, ସେହି ଦେଶ ସେତେ ଅଧିକ ସ୍ଥାୟୀ ଓ ସମୃଦ୍ଧ ହେବ ।

ଭାରତ ପରି ବିଶାଳ ଓ ବିବିଧତାପୂର୍ଣ୍ଣ ଦେଶ ପାଇଁ ଏହି ସନ୍ତୁଳନ ଅଧିକ ଗୁରୁତ୍ୱପୂର୍ଣ୍ଣ । ଆମର ବିକାଶ ଏପରି ହେବା ଦରକାର, ଯାହା ରୋଜଗାର ସୃଷ୍ଟି କରିବ, ପ୍ରକୃତିକୁ ସୁରକ୍ଷା ଦେବ, ଗ୍ରାମ ଓ ସହର ମଧ୍ୟରେ ସନ୍ତୁଳନ ରକ୍ଷା କରିବ ଏବଂ ପ୍ରଯୁକ୍ତିକୁ ମାନବ କଲ୍ୟାଣର ସେବାରେ ନିୟୋଜିତ କରିବ । ଏପରି ବିକାଶ ହିଁ ଆତ୍ମନିର୍ଭର, ଅନ୍ତର୍ଭୁକ୍ତିମୂଳକ ଓ ସ୍ଥାୟୀ ଭାରତର ଭିତ୍ତି ସ୍ଥାପନ କରିପାରିବ ।

ଶେଷରେ, ବିକାଶର ପ୍ରକୃତ ପରୀକ୍ଷା ସେତେବେଳେ ହୁଏ, ଯେତେବେଳେ ସମାଜର ସବୁଠାରୁ ଦୁର୍ବଳ ମଣିଷ ମଧ୍ୟ ଦୃଢ଼ ବିଶ୍ୱାସର ସହ କହିପାରେ–ଏହି ପରିବର୍ତ୍ତନରେ ମୋର ମଧ୍ୟ ଅଂଶ ଅଛି । ବିକାଶ ସେତେବେଳେ ହିଁ ସାର୍ଥକ, ଯେତେବେଳେ ତାହା ମଣିଷକୁ ଅଧିକ ନ୍ୟାୟପୂର୍ଣ୍ଣ ତଥା ପୃଥିବୀକୁ ଅଧିକ ବାସଯୋଗ୍ୟ କରିଥାଏ ।

ଏକବିଂଶ ଶତାବ୍ଦୀ ଆମ ସମ୍ମୁଖରେ କେବଳ ଏକ ପ୍ରଶ୍ନ ରଖିଛି–ଆମେ କେମିତି ବିକାଶ ଚାହୁଁଛୁ ? ସେହି ବିକାଶ, ଯାହା କେବଳ ସଂଖ୍ୟାରେ ବଢ଼େ, ନା' ସେହି ବିକାଶ, ଯାହା ମଣିଷ, ପ୍ରକୃତି ଓ ପ୍ରଗତି ମଧ୍ୟରେ ଏକ ନୂତନ ସନ୍ତୁଳନ ଗଢ଼ିତୋଳେ ? ଏହି ପ୍ରଶ୍ନର ଉତ୍ତର ହିଁ ଆଗାମୀ ସଭ୍ୟତର ଦିଗ ନିର୍ଦ୍ଧାରଣ କରିବ ।

**(ଲେଖକ ରାଜ୍ୟ ସରକାରଙ୍କର ଜଣେ ଅବସରପ୍ରାପ୍ତ ସୂଚନା ଅଧିକାରୀ)**
**ମୋ–୯୪୩୯୬୫୪୨୨୨**

# ଜୈନ ଓ ବୌଦ୍ଧ ଧର୍ମ ପ୍ରଭାବରେ ଶ୍ରୀକ୍ଷେତ୍ର ରଥଯାତ୍ରା



**ଡକ୍ଟର ତୁଷାରକାନ୍ତି ଦାସ**

ପୁରାତନ କାଳରେ ଧର୍ମ ରାଜାନୁଗତିକ ଥିଲା । ଅନ୍ୟ ଧର୍ମ ପ୍ରତି ସେ ସମୟରେ ରାଜା ମହାରାଜାମାନଙ୍କର ଘୃଣା ଓ ବିଦ୍ୱେଷ ନଥିଲା । ବ୍ରାହ୍ମଣ୍ୟ ଧର୍ମରେ ପ୍ରଭାବିତ ତତ୍କାଳୀନ ଶ୍ରୀକ୍ଷେତ୍ର ସର୍ବଧର୍ମର ସମନ୍ୱୟ ସ୍ଥଳୀ ଥିଲା । ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ନଦୀ ସମୁଦ୍ରର ସଂଗମସ୍ଥଳୀ, ବିରଳ ଜନପଦ ଧର୍ମ ପ୍ରଚାର ପାଇଁ ଅନୁପଯୁକ୍ତ ଥିଲେ ମଧ୍ୟ ମୁନି, ଋଷି, ସାଧୁସନ୍ଥମାନଙ୍କର ସମାଗମ କାରଣରୁ ସ୍ନାନ, ଦାନ, ଜପ, ତପ ଓ ଯଜ୍ଞର ପରିବେଶ ସୃଷ୍ଟି ହୋଇଥିଲା । ଜୈନଗ୍ରନ୍ଥ ଓ ବୌଦ୍ଧ ଜାତକରୁ ଏ ଦୁଇ ଧର୍ମର ଶ୍ରୀକ୍ଷେତ୍ରରେ ପ୍ରବେଶ ଓ ପ୍ରଭାବ ସମ୍ବନ୍ଧୀୟ ଘଟଣାବଳିର ସତ୍ୟତା ଦେଖିବାକୁ ମିଳେ ।

ଜୈନ ଧର୍ମର ପ୍ରତିଷ୍ଠାତା ପ୍ରଥମ ତୀର୍ଥଙ୍କର, ଋଷଭନାଥଙ୍କୁ ବିଷ୍ଣୁଙ୍କର ଅବତାର ବୋଲି କୁହାଯାଏ । ଭଗବାନ ବିଷ୍ଣୁଙ୍କର ବାଇଶିଟି ଅବତାର ମଧ୍ୟରେ ଋଷଭ ଏକ ଅବତାର । ଋଷଭନାଥଙ୍କୁ ଆଦିନାଥ, ଆଦିଶଜିନ, ଆଦି ପୁରୁଷ ଓ ଜିନନାଥ ଭାବେ ମଧ୍ୟ ବର୍ଣ୍ଣନା କରାଯାଇଛି । ଜୈନ ଧର୍ମାବଲମ୍ବୀମାନେ ହଜାର ହଜାର ବର୍ଷ ପୂର୍ବେ ଋଷଭନାଥଙ୍କ ଆବିର୍ଭାବ ହୋଇଥିଲା ବୋଲି ମତ ଦିଅନ୍ତି । ଜୈନଧର୍ମର ଚବିଶି ତୀର୍ଥଙ୍କରମାନଙ୍କ ମଧ୍ୟରେ ସେ ପ୍ରଥମ ତୀର୍ଥଙ୍କର । ଯେହେତୁ ଋଷଭନାଥଙ୍କୁ ବିଷ୍ଣୁଙ୍କର ଅବତାର ବୋଲି କୁହାଯାଏ ଏବଂ ସେ ଜିନନାଥ ନାମରେ ନାମିତ, ଐତିହାସିକମାନେ ମତ ଦିଅନ୍ତ ଯେ ଜିନନାଥରୁ ଜଗନ୍ନାଥ ଉଦ୍ଭୃତ । ହରିବଂଶ ପୁରାଣ ଓ ହରିଉଦୟବୃତ୍ତିର ଉଲ୍ଲେଖ ଅନୁଯାୟୀ ଖ୍ରୀଷ୍ଟପୂର୍ବ ୫୯୯ରୁ ୫୨୭ ମଧ୍ୟରେ ମହାବୀର ବର୍ଦ୍ଧମାନ କଳିଙ୍ଗରେ ଜୈନ ଧର୍ମ ପ୍ରଚାର କରିବାର ଦୃଷ୍ଟାନ୍ତ ରହିଛି । ବ୍ରାହ୍ମଣ୍ୟ ଧର୍ମରେ ଦୀକ୍ଷିତ ତତ୍କାଳୀନ କଳିଙ୍ଗ ରାଜାଙ୍କର ଜୈନ ଧର୍ମ ପ୍ରତି କୌଣସି ଅସୁୟା ଭାବ ନଥିଲା ବରଂ ଏହାର ନୀତି ଓ ଆଦର୍ଶକୁ ସେ ଗ୍ରହଣ କରି ଏହାର ପ୍ରସାର ନିମନ୍ତେ ପ୍ରଚେଷ୍ଟା କରିଥିଲେ ।

ଐର ବଂଶର ସମ୍ରାଟ ଖାରବେଳ ମୂଳତଃ ବ୍ରାହ୍ମଣ୍ୟ ଧର୍ମର ହୋଇ ମଧ୍ୟ ଜୈନ ଧର୍ମ ଗ୍ରହଣ କରିଥିଲେ ଓ ଏହି ଧର୍ମର ପ୍ରସାର କରି ବହୁ କୀର୍ତ୍ତିରାଜି ପ୍ରତିଷ୍ଠା କରି ଯାଇଛନ୍ତି । ଖାରବେଳଙ୍କ ରାଜତ୍ୱ କାଳରେ ଶ୍ରୀକ୍ଷେତ୍ରକୁ ଶ୍ରୀତୀର୍ଥ ବୋଲି କୁହା ଯାଉଥିଲା । ସେତେବେଳେ ମହାନଦୀର ଗତିପଥ ଆଜି ପରି ନଥିଲା । ମହାନଦୀ ବାଙ୍କୀ ନିକଟରୁ ଦକ୍ଷିଣ ମୁହାଁ ହୋଇ ବଙ୍ଗୋପସାଗରରେ ପଡିଥିଲା ଏବଂ ମହାନଦୀକୁ ବାଙ୍କୀ ନଦୀ ବୋଲି କୁହା ଯାଉଥିଲା । ବାଙ୍କୀ ନଦୀ ଓ ବଙ୍ଗୋପସାଗରର ମିଳନସ୍ଥଳର ଦକ୍ଷିଣ ପାର୍ଶ୍ୱ ଶ୍ରୀତୀର୍ଥ ଓ ଉତ୍ତର ପାର୍ଶ୍ୱ ପୁରୁଷ ତୀର୍ଥ ନାମରେ ଖ୍ୟାତ ଥିଲା । ଏହି ଉଭୟ ତୀର୍ଥରେ ବ୍ରାହ୍ମଣ୍ୟ ଧର୍ମର ସାଧୁସନ୍ଥ, ରାଜା ମହାରାଜାମାନେ, ସ୍ନାନ, ଦାନ, ଜପ ଓ ଯଜ୍ଞାଦି କରି ଯଶ ଓ ପୂଣ୍ୟ ଅର୍ଜନ କରୁଥିଲେ । କଳିଙ୍ଗ ରାଜା ଖାରାବେଳଙ୍କ ଜୈନ ଧର୍ମ ଗ୍ରହଣ ପରେ ଉଭୟ ଶ୍ରୀତୀର୍ଥ ଓ ପୁରୁଷ ତୀର୍ଥରେ ଜୈନ ମୁନି ଓ ଋଷିମାନେ ଜପ ତପ କରି ସିଦ୍ଧି ଲାଭ ଉପରାନ୍ତେ ଏହି ଧର୍ମର ପ୍ରଚାର ଓ ପ୍ରସାର କରିଥିଲେ । ଖାରବେଳଙ୍କ ଜୈନ କୀର୍ତ୍ତି ମଧ୍ୟରେ ଭୁବନେଶ୍ୱରର ଖଣ୍ଡଗିରି ଓ ଉଦୟଗିରି ଯେଉଁଠାରେ ଜୈନ ସନ୍ନ୍ୟାସୀମାନେ ପଥର ଖୋଦେଇ ଗୁମ୍ଫା ମାନକରି ସେ ମହାବୀରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ । ଖାରବେଳଙ୍କ ପରେ ଗୁପ୍ତ ରାଜାମାନେ ମଧ୍ୟ ଓଡ଼ିଶାରେ ଜୈନ ଧର୍ମର ପ୍ରସାର କରିଥିଲେ । ଶୈଳୋଦ୍ଭବ ବଂଶର ରାଜା ଧର୍ମରାଜଙ୍କ ଜୈନକୃତ୍ତି, ଯାଜପୁରର ବିଭିନ୍ନ କ୍ଷେତ୍ରରେ ପାରସନାଥ ଓ ଚନ୍ଦ୍ରନାଥଙ୍କ ପ୍ରତିକୃତି ସ୍ଥାପନ ଓ କେନ୍ଦୁଝରର ପୋଡସିଙ୍ଗିଡି ଜୈନ କୃତି ଗୁପ୍ତ ରାଜାମାନଙ୍କର ଜୈନ ଧର୍ମ ପୃଷ୍ଠପୋଷକତାର ପରିଚୟ ଦିଏ । ଜୈନ ଧର୍ମର ପ୍ରତିଷ୍ଠାତା ଋଷଭନାଥ ଓ ମାଧବ ରୂପେ ପୂଜା ପାଉଥିବା ଶ୍ରୀଜଗନ୍ନାଥ ଦୁହେଁ ବିଷ୍ଣୁଙ୍କ ରୂପ ହୋଇଥିବାରୁ ଶ୍ରୀକ୍ଷେତ୍ରର ବ୍ରାହ୍ମଣ୍ୟ ଧର୍ମର ସାଧୁ ସନ୍ଥମାନେ ଜୈନ ଧର୍ମର ନୀତି ଓ ଆଦର୍ଶକୁ ଗ୍ରହଣ କରି ଜୈନ ଧର୍ମରେ ଦୀକ୍ଷିତ ହୋଇଥିଲେ ।

ଶ୍ରୀକ୍ଷେତ୍ରରେ ବୌଦ୍ଧ ଧର୍ମର ପ୍ରଭାବ ଏଠାରେ ପ୍ରଣିଧାନଯୋଗ୍ୟ । ବିଷ୍ଣୁଙ୍କ ଦଶବତାର ମଧ୍ୟରୁ ଭଗବାନ ବୁଦ୍ଧ ଏକ ଅବତାର । ସିଂହଳୀ କିମ୍ବଦନ୍ତୀ ମହା ପରିନିର୍ବାଣସୁତ ଅନୁଯାୟୀ ଖ୍ରୀଷ୍ଟପୂର୍ବ ୫୪୩ରେ ଭଗବାନ ବୁଦ୍ଧଙ୍କର ଦେହତ୍ୟାଗ ପରେ, ନେପାଳର କୁଶିନଗରଠାରେ ଚନ୍ଦନ କାଠରେ ତାଙ୍କର ଅନ୍ତିମ ସଂସ୍କାର କରାଯାଉଥିଲା ବେଳେ, ତାଙ୍କ ଶିଷ୍ୟ ଖେମାଥୋର ଚିତାଭସ୍ମ ମଧ୍ୟରୁ ବୁଦ୍ଧଙ୍କ ବାମ ସ୍ୱାନ ଦାନ୍ତଟିକୁ ପୁନଃରୁଦ୍ଧାର କରି କଳିଙ୍ଗରାଜା ବ୍ରହ୍ମଦତ୍ତଙ୍କୁ ସମ୍ମାନର ସହିତ ଏକ ଭକ୍ତି ଉପହାର ରୂପେ ପ୍ରଦାନ କରିଥିଲେ । ରାଜା ବ୍ରହ୍ମଦତ୍ତ ଏହାକୁ ରଥରେ ବିରାଜମାନ କରାଇ ସମଗ୍ର କଳିଙ୍ଗ ରାଜ୍ୟରେ ଶୋଭା ଯାତ୍ରା କରି ଦନ୍ତପୁରୀ ନଗରରେ ଏକ ସ୍ତୁପ ନିର୍ମାଣ କରାଇ ଏହାକୁ ସ୍ଥାପନ କରିଥିଲେ । ଐତିହାସିକମାନଙ୍କ ମତରେ ଉକ୍ତ ଦନ୍ତପୁରୀ ନଗର ଅଧୁନା ଓଡ଼ିଶାର ପୁରୀ ସହର । ବୌଦ୍ଧ ଜାତକ, ଜୈନ ଗ୍ରନ୍ଥ, ମାଦଳାପାଞ୍ଜି, ହୁଏନ୍‌ସାଂଙ୍କ ବିବରଣୀ, ପୁରାଣ ଓ ପ୍ରାଚୀନ ଇତିହାସରୁ ପ୍ରମାଣ ମିଳେ ଯେ ଏହି ଦନ୍ତପୁରୀରେ ବୁଦ୍ଧଦନ୍ତ ଦୀର୍ଘକାଳ ଧରି ପୂଜା ପାଉଥିଲେ ।

**ପ୍ରଥମତଃ ତତ୍କାଳୀନ କଳିଙ୍ଗରାଜା ବ୍ରହ୍ମଦତ୍ତ (ଖ୍ରୀଷ୍ଟପୂର୍ବ ୫୪୩) ବୁଦ୍ଧଦନ୍ତକୁ ରଥରେ ବିରାଜମାନ କରାଇ ସମଗ୍ର କଳିଙ୍ଗ ରାଜ୍ୟରେ ଶୋଭାଯାତ୍ରା କରିବା ଓ ଏହାର ୮୦୦ ବର୍ଷର ପରେ ସିଂହଳୀ ରାଜା ମେଘବାହାନ (ଖ୍ରୀ.ଦ୍ଧ. ୩୦୨–୩୩୦) ଅନୁରାଧାପୁରରେ ଏହି ଦନ୍ତକୁ ରଥଯାତ୍ରାରେ ନେଇ ଛଅ ଦିନ ପରେ ଦନ୍ତ ମନ୍ଦିରରେ ସ୍ଥାପନ କରିବା ପୁରୀ ରଥଯାତ୍ରା ସହିତ ସାମଞ୍ଜସ୍ୟ ଥିବାର ସତ୍ୟତା ପ୍ରତିପାଦନ କରେ । ବୁଦ୍ଧ ଦନ୍ତ ବିନା ଦନ୍ତପୁରୀ ଏବେ ଶ୍ରୀକ୍ଷେତ୍ର ପୁରୀ ଓ ଦନ୍ତରଥ ଯାତ୍ରା ଏବେ ବୌଦ୍ଧ ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏଥିରେ ଅତ୍ୟୁକ୍ତି ନାହିଁ ।**

ସିଂହଳର ଧର୍ମକୀର୍ତ୍ତିଙ୍କ ଦ୍ୱାରା ପାଲି ଭାଷାରେ ଲିଖିତ ଦାଠାଧାତୁବଂଶ ଗ୍ରନ୍ଥ ଅନୁଯାୟୀ ଏହି ଦନ୍ତସ୍ତୁପ ନିର୍ମାଣର ପ୍ରାୟ ୮୦୦ ଶହ ବର୍ଷ ପରେ ବ୍ରାହ୍ମଣ୍ୟ ଧର୍ମର ଗୁହଶିବ କଳିଙ୍ଗର ରାଜାଥିଲା ବେଳେ ବ୍ରାହ୍ମଣ୍ୟ ଧର୍ମର ହୋଇ ମଧ୍ୟ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ତାଙ୍କ ରାଜତ୍ୱ ସମୟରେ ପାଟଳୀପୁତ୍ର ରାଜା ପାଣ୍ଡୁ କଳିଙ୍ଗ ଆକ୍ରମଣ କରି ଗୁହଶିବଙ୍କୁ ପରାଜିତ କରି ବୁଦ୍ଧଦନ୍ତକୁ ପାଟଳିପୁତ୍ରକୁ ନେଇ ଯାଇଥିଲେ । ପାଣ୍ଡୁଙ୍କ ପରବର୍ତ୍ତୀ ରାଜା ବୁଦ୍ଧଦନ୍ତର ମହିମା ଉପଲବ୍ଧି କରି ଗୁହଶିବଙ୍କୁ ବୁଦ୍ଧଦନ୍ତ ଫେରାଇ ଦେଇଥିଲେ । ଗୁହଶିବ ବୁଦ୍ଧଦନ୍ତ ପୁର୍ନଲାଭ ପରେ ଉଜ୍ଜୟିନୀ ରାଜକୁମାର ଦନ୍ତକୁମାରଙ୍କୁ ଦନ୍ତପୂଜାର ଦାୟିତ୍ୱ ନ୍ୟସ୍ତ କରିଥିଲେ । ସମୟ କ୍ରମେ ଗୁହଶିବଙ୍କ କନ୍ୟା ହେମମାଳାଙ୍କ ସହ ପ୍ରଣୟ ଡୋରିରେ ବାନ୍ଧି ହୋଇ ରାଜାଙ୍କ ଅନୁମତି କ୍ରମେ ଦନ୍ତ କୁମାର ହେମମାଳାଙ୍କୁ ବିବାହ କରିଥିଲେ । ପରବର୍ତ୍ତୀ କାଳରେ କିଛି ରାଜା ମେଳି ବାନ୍ଧି ବୁଦ୍ଧଦନ୍ତକୁ ହରଣ କରିବା ନିମିତ୍ତ ଚକ୍ରାନ୍ତ କରି ଗୁହଶିବଙ୍କ ସହିତ ଯୁଦ୍ଧ ଯୋଜନା କରୁଥିଲାବେଳେ ଏକଥା ଜାଣିପାରି ଦନ୍ତକୁମାର ହେମମାଳାଙ୍କ ସହ ମିଶି ଏହି ବୁଦ୍ଧଦନ୍ତକୁ ଗୁପ୍ତରେ ତାମ୍ରଲିପ୍ତ (ତାମିଲକୁଦ) ବନ୍ଦର ବାଟେ ସିଂହଳ ନେଇଯାଇଥିଲେ । ସେହିଦିନଠାରୁ ସିଂହଳର ତତ୍କାଳୀନ ରାଜା ମେଘବାହାନଙ୍କ ପୃଷ୍ଠପୋଷକତାରେ ଅନରାଧାପୁର ଠାରେ ଦନ୍ତ ମନ୍ଦିରରେ ବୁଦ୍ଧଦନ୍ତ ପୂଜା ପାଇ ଆସୁଅଛି । ପ୍ରତି ବୈଶାଖ ଶୁକ୍ଳ ତ୍ରୟୋଦଶୀରେ ଏହି ଦନ୍ତକୁ ଏକ ରଥରେ ବିରାଟ ଶୋଭାଯାତ୍ରାରେ ନିଆଯାଇ ମଣ୍ଡପରେ ସ୍ଥାପନ କରାହୁଏ, ଏବଂ ଛଅ ଦିନ ଅନ୍ତେ ପୁନଶ୍ଚ ଶୋଭାଯାତ୍ରାରେ ବୁଦ୍ଧଦନ୍ତକୁ ଦନ୍ତ ମନ୍ଦିରରେ ସ୍ଥାପନ କରାଯାଏ ।

ପ୍ରଥମତଃ ତତ୍କାଳୀନ କଳିଙ୍ଗରାଜା ବ୍ରହ୍ମଦତ୍ତ (ଖ୍ରୀଷ୍ଟପୂର୍ବ ୫୪୩) ବୁଦ୍ଧଦନ୍ତକୁ ରଥରେ ବିରାଜମାନ କରାଇ ସମଗ୍ର କଳିଙ୍ଗ ରାଜ୍ୟରେ ଶୋଭାଯାତ୍ରା କରିବା ଓ ଏହାର ୮୦୦ ବର୍ଷର ପରେ ସିଂହଳୀ ରାଜା ମେଘବାହାନ (ଖ୍ରୀ.ଦ୍ଧ. ୩୦୨–୩୩୦) ଅନୁରାଧାପୁରରେ ଏହି ଦନ୍ତକୁ ରଥଯାତ୍ରାରେ ନେଇ ଛଅ ଦିନ ପରେ ଦନ୍ତ ମନ୍ଦିରରେ ସ୍ଥାପନ କରିବା ପୁରୀ ରଥଯାତ୍ରା ସହିତ ସାମଞ୍ଜସ୍ୟ ଥିବାର ସତ୍ୟତା ପ୍ରତିପାଦନ କରେ । ବୁଦ୍ଧ ଦନ୍ତ ବିନା ଦନ୍ତପୁରୀ ଏବେ ଶ୍ରୀକ୍ଷେତ୍ର ପୁରୀ ଓ ଦନ୍ତରଥ ଯାତ୍ରା ଏବେ ବୌଦ୍ଧ ପ୍ରଭାବରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏଥିରେ ଅତ୍ୟୁକ୍ତି ନାହିଁ ।

**(ଲେଖକ ଜଣେ ଅବସରପ୍ରାପ୍ତ ପ୍ରଫେସର ଓ ସୁଲେଖକ)**
**କନକବଟ**
**ସାଶ୍ୱତ ବିହାର, ଶୈଳଶ୍ରୀ ବିହାର,**
**ଭୁବନେଶ୍ୱର ମୋ–୯୪୩୭୧୩୩୫୩୭**

# ସମୟର ମହତ୍ତ୍ୱ

**ପ୍ରଭାତ କୁମାର ମହାପାତ୍ର**

କୁହାଯାଏ, ସମୟ କେବେ କାହାକୁ ଅପେକ୍ଷା କରେ ନାହିଁ । ତେଣୁ ସମୟକୁ କେହି କେହି ଭଗବାନ ବୋଲି ମାନି ନିଅନ୍ତି । ବିଦ୍ୱାନ ମାନେ ସମୟକୁ ଧନ ସହିତ ତୁଳନା କରିଛନ୍ତି । ଯେଉଁ ସମୟ ବିତିଯାଇଛି, ତାହାର ଅନୁଭୂତିରୁ ଲାଭ ଉଠାଇବା ଉଚିତ, କିନ୍ତୁ ସେଥିପାଇଁ ଅନୁତାପ କରିବା ଉଚିତ ନୁହେଁ । ଏହାଦ୍ୱାରା କେବଳ ମନରେ ଗ୍ଲାନି ବା ଦୁଃଖ ହିଁ ଆସିଥାଏ । ଯଦି ଅତୀତରେ କୌଣସି ସ୍ତରରେ ଅଜ୍ଞତାବଶତଃ କିଛି ଭୁଲ ହୋଇ ଯାଇଥାଏ, ତେବେ ସେଥିରେ ସୁଧାର ଆଣି ଆଗାମୀ ସମୟକୁ ଭଲ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ । ସମୟ ଅମୂଲ୍ୟ ଅଟେ । ଶାରୀରିକ ସ୍ତରରେ ଦେଖିଲେ, ଏକ ନବଜାତ ଶିଶୁ ବହୁତ କୋମଳ ଏବଂ ସୁନ୍ଦର ଦେଖାଯାଏ । ଧୀରେ ଧୀରେ ସେ ବଡ଼ ହୁଏ । କୋମଳତା କମିବାକୁ ଲାଗେ । ଏମିତି ଏକ ସମୟ ଆସେ ଯେତେବେଳେ ଶରୀର ଜରାଜୀର୍ଣ୍ଣ ହୋଇଯାଏ ଏବଂ ମୁହଁରେ କୁଞ୍ଚନ ପଡ଼ିଯାଏ । ଜଣେ ଯେତେ ଚେଷ୍ଟା କଲେ ମଧ୍ୟ ଶୈଶବ ଭଳି କୋମଳତା, ସ୍ନିଗ୍ଧତା ଏବଂ ମଧୁରତାକୁ ବଜାୟ ରଖିପାରେ ନାହିଁ । ଯେଉଁଠାରେ ସମୟ ଏହିଭଳି ସୌନ୍ଦର୍ଯ୍ୟକୁ ଅପହରଣ କରିଥାଏ, ସେହିପରି ମଣିଷ ବଡ଼ ହେବା ସହିତ ଏହି ସମୟ ତାକୁ ଅନୁଭୂତି ଓ ନୂତନ ଜ୍ଞାନର ଉପହାର ଦେଇଥାଏ ଏବଂ ପରିଚୟର ପରିଧିକୁ ବିସ୍ତାର କରିଥାଏ । ଯେତେବେଳେ ସମୟର ଗତି ଏହିପରି, ତେବେ ଏହା ସହିତ ତାଳମେଳ ରଖି ଚାଲିବା ଉଚିତ ।

ସମୟ ଯଦି ଅପହର୍ତ୍ତା, ତେବେ ସେ ଦାତା ମଧ୍ୟ । କେବଳ ସର୍ତ୍ତ ଏତିକି ଯେ, ତା' ଦ୍ୱାରା ଦିଆଯାଇଥିବା ବିଶେଷତାଗୁଡ଼ିକୁ ପୁଞ୍ଜି ଭଳି ସାଇତି ରଖିବାକୁ ହେବ । ସମୟର ଗୁରୁତ୍ୱକୁ ପ୍ରତିପାଦନ କରି କୁହାଯାଇଛି ଯେ, ଯଦି କୌଣସି ଦିନ କିଛି ନୂଆ କାମ କରାଯାଇ ନଥାଏ କିମ୍ବା କୌଣସି ନୂଆ ବ୍ୟକ୍ତିଙ୍କ ସହ ପରିଚୟ ହୋଇନଥାଏ, ତେବେ ସେହି ଦିନକୁ ନିଜ ଜୀବନରୁ ବାଦ୍ ଦେବା ଉଚିତ ଏବଂ ମାନିନେବା ଉଚିତ ଯେ ତାହା ଜୀବନର ଏକ ନିରର୍ଥକ ଦିନ ଥିଲା ।

ନୂଆ କାମ କରିବା ଦ୍ୱାରା ବହୁମୁଖୀ ପ୍ରତିଭାର ବିକାଶ ହୁଏ । ନୂଆ ନୂଆ ବ୍ୟକ୍ତିଙ୍କ ସହ ପରିଚୟ ହେବା ଦ୍ୱାରା ସମ୍ପର୍କ ବଢ଼ିଥାଏ । ଏହିପରି ସମୟକୁ ସାର୍ଥକ ଭାବେ ବଞ୍ଚିବା ଦ୍ୱାରା ଯେକୌଣସି ବ୍ୟକ୍ତି ଜୀବନରେ ଏକ ବଡ଼ ସଫଳତା ପାଇପାରିବେ । ପ୍ରକୃତି ସମସ୍ତଙ୍କ ସହ ସମାନ ବ୍ୟବହାର କରେ । ବ୍ୟକ୍ତି ଯେତେବେଳେ ଜାଗ୍ରତ ହୋଇଯାଏ, ତା' ସମ୍ମୁଖରେ ସଫଳତାର ସୂର୍ଯ୍ୟ ଦେଖାଯିବାକୁ ଲାଗେ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ**

# ସାପୁଆ ନଦୀ ବନ୍ୟା : ଉଭୟ ପାର୍ଶ୍ୱରେ ୮ ଘାଇ

## ୩୦ ଗ୍ରାମର ୪୦ ହଜାର ଲୋକ ବିପନ୍ନ, ୧୫୦ ହେକ୍ଟର ଚାଷ ଜମି ଜଳମଗ୍ନ



ଆଠଗଡ ,(ସବ୍ୟୁ): ଗତ ବର୍ଷ ର ପ୍ରଥମ ବନ୍ୟା ।ଏହି ବନ୍ୟାରେ ଭୟଙ୍କର କ୍ଷତି ହୋଇଛି । ଲଘୁଚାପ ଜନିତ ଦୁଇ ଦିନ ଲଗାଣ ବର୍ଷା ଯୋଗୁଁ ଆଠଗଡ଼ ସାପୁଆ ନଦୀ ରେ ବନ୍ୟା ଆସି ଥିଲା । ସନ୍ଧ୍ୟା ସମୟରୁ ହଠାତ୍ ବନ୍ୟା ଜଳ ବୃଦ୍ଧି ପାଇ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ର ୭ ଟି ଓ୍ୱାର୍ଡ ଯଥା ୧,୨,୩,୧୧,୧୨,୧୩, ଏବଂ ୧୬ ନଂ ଓ୍ୱାର୍ଡ ସମେତ ଆଠଗଡ଼ ବ୍ଲକ ର ୧୨ ଗ୍ରାମ ପଞ୍ଚାୟତ ଯଥା ଇଚ୍ଛାପୁର,ସଠିଲୋ ସମସରପୁର,ଦୋରଡ,କୁଲାଇଲୋ ଯୋରନ୍ଦା, ତରଡିଙ୍ଗ,ମହାକାଳବସ୍ତ, ବେଣ୍ଟପଦା, ରାଜନଗର,ମେଘା କଟକିଆ ସାହି ଆଦି ପଞ୍ଚାୟତ ର ୪୦ ହଜାର ରୁ ଉର୍ଦ୍ଧ୍ୱ ଲୋକ ବିପନ୍ନ ହୋଇ ଥିବା ଜଣାପଡିଛି । ସଂପୃକ୍ତ ଅଞ୍ଚଳ ର ୧୫୦ ହେକଟର ରୁ ଅଧିକ ଚାଷଜମି ଜଳମଗ୍ନ ହୋଇ ଥିବା ଜଣାପଡିଛି । ପୁରୁଣା କଟକ ସମ୍ବଲପୁର ରାସ୍ତା ର କଲରାଗଡ ନିକଟରେ ରାସ୍ତା ଏବଂ ସାପୁଆ ବ୍ରିଜ ଉପରେ ପାଣି ଚାଲିବା, ସମସରପୁର ଗ୍ରାମ ପଞ୍ଚାୟତ ନଡୁଆପଡା ସାପୁଆ ବ୍ରିଜ ନିକଟରେ ବିପଦଜନକ ଭାବରେ ରାସ୍ତା କୁ ଧୋଇଦେବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି ।ସେହିପରି ଇଚ୍ଛାପୁର ଗ୍ରାମପଞ୍ଚାୟତ ର ପତଣ୍ଡା,ଅରଖପାଟଣା, ମୁକ୍ତାଦେଈପୁର ଏବଂ ଗୁଡୁପଡା, ଖୁଣ୍ଟକଟା ଗ୍ରାମ ପଞ୍ଚାୟତ ର ରେଗେଡାପଡା,ଜେନାପଦା ପଞ୍ଚାୟତ ର ଜେନାପଦା ଦେଶ ସମସରପୁର,ଆଙ୍କୁଲା, ଆଦି ଗ୍ରାମର ପାଣି ପଶିବା ସହିତ ଗହୀର ରେ ଚାଷଜମି ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିପରି ଆଠଗଡ଼ ସହର ଉପକଣ୍ଠ ସାପୁଆ ନଦୀ ସେତୁ ନିକଟସ୍ଥ ସରକାରୀ କୃଷି ଫାର୍ମ ଠାରୁ ଲକ୍ଷ୍ମୀ ବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ମଧ୍ୟରେ ନଦୀ ର ଉଭୟ ପାଶ୍ୱର୍ରେ ୬ ରୁ ଅଧିକ ଘାଇ ସୃଷ୍ଟି ହୋଇ ଥିବା ଜଣାପଡିଛି । ଫଳରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ର ୭ ଟି ଓ୍ୱାର୍ଡ ର ତଳସାହି,ଗଦାସାହି,୪ ନଂ ଓ୍ୱାର୍ଡ ଦଳିତ ବସ୍ତି, ଶବର ସାହି ,କନ୍ଟୋଲ ସ୍ଥିତ ହରିଶରଣପୁର, ଜଗନ୍ନାଥ ସାହି, କୁମ୍ଭାର ସାହି,ଦଳିତ ବସ୍ତି, ଆଦି ର ରାସ୍ତା ଉପରେ ୩ ଫୁଟ ଉଚ୍ଚତା ର ପାଣି ଚାଲିଥିବା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ଘାଇ ସୃଷ୍ଟି ହେବାରୁ ବନ୍ୟା ପାଣି ତରଡିଙ୍ଗ,ବାଇଲୋ, ଯୋରନ୍ଦା,କୁଲାଇଲୋ ପଞ୍ଚାୟତ କରିକମଳ ଗ୍ରାମ ରେ ପାଣି ପଶି ଯୋଗାଯୋଗ ବିଚ୍ଛିନ୍ନ କରିବା ସହିତ ବେଣ୍ଟପଦା ପଞ୍ଚାୟତ ମାନପୁର ନିକଟରେ ଘାଇ ସୃଷ୍ଟି ହୋଇ ବାଲିପଦା ହଂସ ଭୂଇଁ ମହାକାଳବସ୍ତ ପଞ୍ଚାୟତ ର ଦହିସରା, ହରିପୁର ମଞ୍ଜାରୀପଦା, ଗ୍ରାମ ରେ ପାଣି ପଶିବା ସହିତ ରାଜନଗର ଗ୍ରାମ ପଞ୍ଚାୟତ ତଇଲାମାଳ, ରାଜନଗର,ମେଘା,କଟକିଆ ସାହି ପଞ୍ଚାୟତ ର ବ୍ୟାପକ କ୍ଷୟକ୍ଷତି ହୋଇଛି । ଖବର ପାଇ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ବିପନ୍ନ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଆଠଗଡ ନିକଟସ୍ଥ ସାପୁଆ ନଦୀ ସେତୁ ନିକଟରେ ଜଳବନ୍ଦୀ ଥିବା ତିନୋଟି ପରିବାର ର ଆଠ ଜଣ ସଦସ୍ୟ ଙ୍କୁ ଅଗ୍ନିଶମ ବିଭାଗ ଜରିଆରେ ଉଦ୍ଧାର କରି ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଥଇଥାନ କରିଥିଲେ । ଏହି ଅବସରରେ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୧୦୦୦ ଲୋକ ଙ୍କୁ ସକାଳୁ ଶୁଖିଲା ଖାଦ୍ୟ ଏବଂ ଅପରାହ୍ନରେ ରନ୍ଧା ଖାଦ୍ୟ ଦିଆ ଯାଇଥିବା ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଠଗଡ଼ ଉପଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟରେ ଆଠଗଡ଼ ବିଧାୟକ ସାଂପ୍ରତିକ ବନ୍ୟା ପରିସ୍ଥିତି ଉପରେ ଆଲୋଚନା କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ତେବେ ବନ୍ୟା ପାଣି ଛାଡିବା ପରେ କ୍ଷୟକ୍ଷତିର ସଠିକ ଆକଳନ କରାଯାଇ ସରକାର ଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ସୂଚନା ଦେଇଛନ୍ତି ।

# ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ କନ୍ଧମାଳ ସାଂସଦ

ଦଶପଲ୍ଲା,(ସବ୍ୟୁ): : ଦଶପଲ୍ଲା ଏନ ଏ ସି ଓ ବ୍ଲକ ବିଭିନ୍ନ ଅଞ୍ଚଳକୁ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ । ଦଶପଲ୍ଲା ବିଜ୍ଞାପିତ ଅଂଚଳ ୧୬ନଂ ଓ୍ୱାର୍ଡରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଉକ୍ତ ଅଂଚଳର ବହୁ ମହିଳା ଓ ପୁରୁଷ ନିଜ ନିଜର ଦୁଃଖ ଲିଖିତ ଭାବେ ଜଣାଇଥିଲେ । ଏହାର ତୁରନ୍ତ ସମାଧାନ ପାଇଁ ତହସିଲଦାର ଓ ଏନ ଏ ସି କାର୍ଯ୍ୟନିର୍ବାହୀ ଅଫିସରଙ୍କୁ ନିର୍ଦ୍ଦେଶ ଦେଇ ଥିଲେ ।ଏହି କାର୍ଯ୍ୟକ୍ରମ ପରେ ସାଂସଦ କଙ୍କଣ ମେ଼, ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି ସୁନାପ୍ରତିମା ଉଚ୍ଚ ବିଦ୍ୟାଳୟ କୁଜାମେ଼, ପରିଦର୍ଶନ କରିବା ସହ ବୃକ୍ଷ ରୋପଣ କରିଥିଲେ । ପରେ ଆବାସିକ ସ୍କୁଲ କୁଜାମେ଼, ପରିଦର୍ଶନ କରି କୁଜାମେ଼, ଆଞ୍ଚଳିକ କୁଇ ସମାଜ ଗୃହ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ କୁଇ ସମାଜ ଅଂଚଳ ର ସଭାପତି ଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା ।

# ଓଳସିଂହରେ ଶ୍ରୀଶ୍ରୀ ପତିତପାବନ ଦେବଙ୍କ ଭବ୍ୟ ରଥଯାତ୍ରା

ନିରାକାରପୁର,(ସବ୍ୟୁ): ଖୋରଧା ଜିଲ୍ଲା ଓଳସିଂହ ଗ୍ରାମର ଆରାଧ ଦେବତା ଶ୍ରୀ ଶ୍ରୀ ପତିତପାବନ ଦେବଙ୍କ ପବିତ୍ର ରଥଯାତ୍ରା ମହୋତ୍ସବ ସମ୍ପନ୍ନ ହୋଇଯାଇଛି । ଘୋଷଯାତ୍ରା ଅବସରରେ ଭୋର ସମୟରୁ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କ ସତନ୍ତ୍ର ପୂଜାର୍ଚ୍ଚନା, ସେବାପୂଜା ଓ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା । ଏହା ପରେ ଦେବତାଙ୍କୁ ସୁସଜ୍ଜିତ ରଥରେ ବିଜେ କରାଯାଇଥିଲା । ଭକ୍ତମାନେ ବ୍ୟାକୁଳତାର ସହ ରଥ ଟାଣିବା ସହ ଶ୍ରୀଜୀଉଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଥିଲେ ।ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଏହି ଅବସରରେ ଦେବରାଜ ବରିସଲ, ଜମ୍ମେଶ୍ୱର ବୈରୀଗଞ୍ଜନ, ଭାଗବତ ପରିଡା, ପ୍ରେମାନନ୍ଦ ପରିଡା, ସଂସାରୀ ବୈରୀଗଞ୍ଜନ ପ୍ରମୁଖଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଯୁବକ ସଂଘର ସଦସ୍ୟ, ସ୍ୱେଚ୍ଛାସେବୀ ଓ ମହିଳାମାନେ ସକ୍ରିୟ ଯୋଗଦାନ କରି ସହଯୋଗର ହାତ ବଢ଼ାଇଥିଲେ ।


**ଚକ୍ରଧରପୁର ଡିଭିଜନରେ ବିଭିନ୍ନ ସମ୍ପତ୍ତି ପାଇଁ ଇ-ନିଲାମ ନୋଟିସ୍**

ଭାରତର ରାଷ୍ଟ୍ରପତି, ଭାରତୀୟ ସଂଘ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନର ବରିଷ୍ଠ ବାଣିଜ୍ୟିକ ପରିଚାଳକ ଚକ୍ରଧରପୁର ଡିଭିଜନରେ ନିମ୍ନଲିଖିତ ସମ୍ପତ୍ତି ବର୍ଗ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/website ରେ ସୂଚିତ ହୋଇଛି । ବର୍ଗ, କ୍ୟାଟାଲଗ୍ ନଂ. ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଏବଂ ନିଲାମ ବନ୍ଦ ସମୟ ନିମ୍ନରେ ଉଲ୍ଲିଖିତ: • ବିବିଧ, ଏମଏସଏସ-ଡବ୍ଲ୍ୟୁଭିଏମ-୩, ୨୫.୦୭.୨୦୨୬, ୧୧:୪୫ ଘଣ୍ଟା ଏବଂ ୧୩:୨୫ ଘଣ୍ଟା । • କ୍ୟାଟରିଂ, ସିଏଚିଡି-ସିକେପିଡିଆରଭି- ଜୁଲାଇ , ୨୭.୦୭.୨୦୨୬, ୧୨:୦୦ ଘଣ୍ଟା ଏବଂ ୧୬:୪୦ ଘଣ୍ଟା । • ବିବିଧ, ଏମଏସଏସ-ଜିଜାକ୍ୱେୟାର ୨୮.୦୭.୨୦୨୬, ୧୨:୦୦ ଘଣ୍ଟା ଏବଂ ୧୨:୪୦ ଘଣ୍ଟା । • ବିବିଧ, ଇଏମଆଇ-ସିକେପିଡିଭିଜନ -୨୬-୬, ୩୧.୦୭.୨୦୨୬, ୧୨:୦୦ ଘଣ୍ଟା ଏବଂ ୧୩:୦୦ ଘଣ୍ଟା । • ଦେୟ ଏବଂ ବ୍ୟବହାର, ଆଉଟ୍ଲେଟ୍- ବୁକ ରୁମ ୨୬, ୩୧.୦୭.୨୦୨୬, ୧୨:୦୦ ଘଣ୍ଟା ଏବଂ ୧୨:୩୦ ଘଣ୍ଟା । • ବିବିଧ, ଏମଏସଏସ-ଡିଜିଏଲ-ଲୋଏସଜି ୨୬, ୦୧.୦୮.୨୦୨୬, ୧୨:୧୫ ଘଣ୍ଟା ଏବଂ ୧୨:୪୫ ଘଣ୍ଟା । ଆଗ୍ରହୀ ଅଂଶୀଦାରମାନେ ଏହା ଉପରେ ଧ୍ୟାନ ଦିଅନ୍ତୁ ଏବଂ ସାଇଟର ବିବରଣୀ ଏବଂ ଇ-ନିଲାମ ନୋଟିସ୍ ବିଷୟରେ ସମ୍ବନ୍ଧିତ ସୂଚନା ପାଇଁ ଉପରେ ଉଲ୍ଲେଖିତ ୱେବସାଇଟ୍ ଦେଖନ୍ତୁ । ଯଦି କୌଣସି ପ୍ରଶ୍ନ / ସ୍ପଷ୍ଟୀକରଣ ପାଇଁ, ଦୟାକରି ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-493) ସିନିୟର ଡିଭିଜନାଲ କମର୍ସିଆଲ୍ ମ୍ୟାନେଜର, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହସ ଖୁସିରେ ସେବା କରୁ


# ଲୁହା ପାଇପ ସହ ବାଇକ ଜବତ : ଦୁଇ ଗିରଫ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ପୋଲିସ ଚଢ଼ାଉ କରି ୪୨ ଟି ଲୁହାପାଇପ ଜବତ କରିବା ସହ ଅଭିଯୁକ୍ତ ମାନେ ବ୍ୟବହାର କରୁଥିବା ଦୁଇଟି ଆପାଚି ବାଇକ ଜବତ କରିଛି ।ଏହି ଘଟଣାରେ ସମ୍ପୃକ୍ତ ଦୁଇ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେମାନଙ୍କ ଜାମିନ ନା ମଞ୍ଜୁର ହେବାରୁ ସେମାନଙ୍କୁ ଦଶପଲ୍ଲା ସବଜେଲ ପଠାଇ ଦିଆଯାଇଛି । ଗିରଫ ଦୁଇ ବ୍ୟକ୍ତି ହେଉଛନ୍ତି ସ୍ଥାନୀୟ ଖଣ୍ଡପଡା ଗ୍ରାମର ତ୍ରିନାଥ ପାଳ(୫୨) ଓ ବଳରାମ ନାଏକ(୨୦) । ଗୁରୁବାର ରାତିସାରା ପୋଲିସ ପେଟ୍ରୋଲିଂ ଜାରି ରହିଥିଲା ।

ଏହି କ୍ରମରେ ଏ ଏସ ଆଇ ଶିବ ପ୍ରସାଦ ପ୍ରଧାନ ସଦଳବଳେ ଗୋହିରିଆପଡା,ଖଣ୍ଡପଡା,ଯୋଗିବନ୍ଧ ଓ ସାତପାଟଣା ପେଟ୍ରୋଲିଂ କରୁଥିବା ବେଳେ ଚୋରା ଲୁହାପାଇପ ବିକ୍ରୟ ହେଉଥିବା ବିଶେଷ ସୂତ୍ର ରୁ ଖବର ପାଇଥିଲେ । ଏଏସ ଆଇ ଶିବ ପ୍ରସାଦ ପ୍ରଧାନ ସଦଳବଳେ ଖଣ୍ଡପଡା ଗ୍ରାମର ତ୍ରିନାଥ ପାଳ ଙ୍କ ବାରଣ୍ଡାରେ ଏହି ଲୁହାପାଇପ ଗୁଡିକ ଓଜନ ଚାଲିଥିବା ବେଳେ ଚଢ଼ାଉ କରିଥିଲେ ।

ଚଢ଼ାଉ ସମୟ ରେ ପୋଲିସ ୧୬ ସେମି ଗୋଲେଇ ଓ ୧୪୬ ସେମି ଲମ୍ବର ୨୨ ଟି ଲୁହାପାଇପ ଜବତ କରିଥିବା ବେଳେ ୧୬ ସେମି ଗୋଲେଇ ୧୧୬ ସେମି ଲମ୍ବର ୨୦ ଟି ଲୁହାପାଇପ ଜବତ କରିବା ସହ ଓଜନ ମେସିନ ଓ ତ୍ରିନାଥ ଏବଂ ବଳରାମ ବ୍ୟବହାର କରୁଥିବା ଦୁଇଟି କଳା ଓ ଧଳା ରଙ୍ଗର ଆପାଚି ବାଇକ ଜବତ କରିଥିଲେ । ମାତ୍ର ଏହି ଲୁହାପାଇପ ସମ୍ପର୍କ ରେ ଉଭୟ ତ୍ରିନାଥ କିମ୍ବା ବଳରାମ କୌଣସି ସଠିକ ତଥ୍ୟ ଦେଇ ନ ପାରିବାରୁ ପୋଲିସ ଉଭୟୁ ଥାନା କୁ ଆଣି ପଚରାଉଚରା କରିବା ସହ ଏକ ମାମଲା ରୁଜୁକରି ଉଭୟୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।


**LOST**

I, Satyabrata Mohanty, has lost my original Sale Deed bearing Doc. No. 11121103483 dt. 14.11.2011 executed Hi-tech Estate Promoters & Pvt Ltd, in favour of Satyanarayana Mohanty in respect of Flat No. G/D- 6/01 Ground floor, Block- D/6 at Hitech Plaza, I had not mortgaged the Said Flat anywhere nor obtained any money from any person.



**BHUBANESWAR DEVELOPMENT AUTHORITY BHUBANESWAR**

13001/1211/2627

AKASH SHOVA BUILDING,
SACHIVALAYA MARG, BHUBANESWAR -751001
Visit us at: http://www.bda.gov.in

RFP No. 395 Date: 14.07.26

The Executive Engineer, Division- V, BDA, Bhubaneswar on behalf of Bhubaneswar Development Authority invites Request for proposal (RFP) in ONLINE MODE only for the work:"SELECTION OF AN AGENCY FOR SUPPLY OF EXCAVATORS & MANPOWER WITH OPERATOR ON DAILY RENT BASIS FOR BDA- 3rd call". The RFP documents will be available in the website: https://tendersodisha.gov.in from Dtd. 17.07.2026 to 27.07.2026 up to 5.30 PM. The last date of receipt of proposals in online mode is up to 5.30PM on Dtd. 27.07.2026 and the RFP will be opened at 11.30 AM on Dtd. 28.07.2026 in the office chamber of the Executive Engineer, Division No-V, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the website https://tendersodisha.gov.in for further details. Any addendum / corrigendum cancellation of RFP can be seen in this website only.

OIPR : 13001/13033/3/26-27/0101 Sd/- Executive Engineer Division No-V, BDA


# କାନନ କ୍ଷେତ୍ରରେ ରଥଯାତ୍ରା



ବାରଙ୍ଗ (ସବ୍ୟୁ): : ପବିତ୍ର ରଥଯାତ୍ରା ଅବସରରେ ନନ୍ଦନକାନନ ସ୍ଥିତ କାନନ କ୍ଷେତ୍ର ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ମହା ଆଡମ୍ବରର ଓ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିବା ଏହି ଯାତ୍ରା ରାତ୍ରି ସାଢ଼େ ୮ ଘଟିକା ପର୍ଯ୍ୟନ୍ତ ଚାଲିଥିଲା । ପରମ୍ପରା ଅନୁଯାୟୀ ଗୋଟିଏ ରଥରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡ ଭାଇ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇ ରାଜା ଅଭୟ ସାମନ୍ତରାୟଙ୍କ ଦ୍ୱାରା ଛେରା ପହଁରା ନୀତି ସମ୍ପନ୍ନ କରାଯାଇଥିଲା ।ନନ୍ଦନକାନନ ଥାନାରୁ ଭୋଗ ହାଣ୍ଡି ଆସି ତିନି ଠାକୁରଙ୍କୁ ଅର୍ପଣ ପରେ ରଥ ଭିଡା ହୋଇଥିଲା । ହି ରଥଯାତ୍ରାକୁ ସଫଳ କରିବା ପାଇଁ କାନନ କ୍ଷେତ୍ର ପରିଚାଳନା କମିଟି ଏବଂ ସ୍ଥାନୀୟ ଯୁବକ ସଂଘର କର୍ମକର୍ତ୍ତାମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନନ୍ଦନକାନନ ଥାନା ପକ୍ଷରୁ ପୋଲିସ ନିୟୋଜିତ ହୋଇଥିଲେ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.eT-M-KUR-TLHR-WR-330-2026

କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ଅବଧି ନିମନ୍ତେ ତାଳଚେର ପରିସୀମାର MCL ସାଇଡ଼ିଙ୍ଗ୍ ଏବଂ ଅନ୍ୟ ଏରିଆ ଠାରେ ସ୍ପଟ ଲେଭ୍ ଦ୍ୱାରା କମ୍ BOXN କବାଟ/ ପ୍ୟାନେଲ/ଚଟାଣର ପରିଶୋଧନ ଏବଂ ତାଳଚେର କ୍ୟାରେଜ୍ ଏବଂ ୱାଗନ ଡିପୋ ଠାରେ ୱାଗନ ମରାମତି କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ : ₹5,51,42,528.63, EMD: ₹11,02,900.00, ଶେଷ ହେବା ଅବଧି: 24 ମାସ ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 20.07.2026

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 03.08.2026, 15.00 ଘଟିକା ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ୍

PR-304/R/26-27



**OFFICE OF THE EXECUTIVE ENGINEER, L.I. DIVISION, NAYAGADA**

32001/549/2627

e-mail - eeolicnayagarh@gmail.com

**Short Tender Call Notice No.02/2026-27 Date. 14.07.2026**

Executive Engineer, Lift Irrigation Division, Nayagada invites a sealed quotation from reputed agency/ Tour operators or Private vehicles having sitting capacity not more than Seven including driver.

The application form of Quotation containing General Bid Information and Condition for Hiring of vehicles etc. will be available with the Office of the Executive Engineer, L.I. Division, Nayagada during office hours from Dt. 17.07.2026 to Dt. 20.07.2026 up to 1.00 PM on payment of Rs. 236.00 (Rupees Two hundred thirty six) including 18% GST only in shape of Bank Draft drawn on any Nationalized Bank in favour of E.E., L.I. Division, Nayagada, payable at Nayagada. The date of receipt of quotation from Dt. 17.07.2026 to Dt. 20.07.2026 up to 2.00 PM and shall be opened on the same day at 3.00 PM.

OIPR : 32001/32453/1/26-27/0001 Sd/- EXECUTIVE ENGINEER



25001/747/2627

**OFFICE OF THE EXECUTIVE ENGINEER RURAL WORKS DIVISION. BARGARH**

Email: rd _bgh@yahoo.co.in
Gmail: rwd.bgh@gmail.com

e-Procurement Notice No. ONLINE-BGH- 4 OF 2026-27

| | | | |
|---|---|---|---|
| 1. | Name of the Work | : | Construction of Road works for the year 2026-27 |
| 2. | EMD | : | @ 1% of the Estimated Cost |
| 3. | Other details | : | As per DTCN |

| Procurement Officer | Bid Identification No. | Availability of tender online for bidding | | Last Date & Time of Seeking tender Clarification | Date & Time of opening of tender in R.W. Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer Rural Works Division, Bargarh | ONLINE-BGH-04 OF 2026-27 | 20.07.2026 at 11.00 A.M. | 03.08.2026 Up to 5.00 P.M. | 03.08.2026 upto 4.00 PM | 04.08.2026 at 11.00 A.M. | 10.08.2026 at 11.00 A.M. |

Further details can be seen from the website www.tendersorissa.gov.in

Sd/- Executive Engineer
R.W.Division, Bargarh

OIPR : 25001/25062/1/26-27/0004



8001/211/2627

**Standard Bidding Document**
**Government of Odisha**
**Forest Environment & Climate Change Department,**
**Divisional Forest Officer, Phulbani K.L. Division.**

**SHORT TENDER NOTICE FOR HIRING OF PRIVATE VEHICLES.**

Sealed tenders are invited from interested Individuals/ Service Providers/Travel Agencies (Registered) for providing 2 (Two) Nos. Mahindra Bolero (BS VI Compliant Diesel Driven AC) vehicle which shall conform to the Terms and Conditions in (Annexure-I) for official use in the jurisdiction of Divisional Forest Officer, Phulbani K.L. Division, Phulbani for one Bolero for a period of 8 (Eight) months upto 31.03.2027 and another Bolero for a period of maximum 6 (Six) months upto 31.01.2027 on monthly hire basis. The last date of submission of Tender is on dated 29-07-2026 up to 1.00 PM. The tender papers are to be opened on the same day at 4:00 P.M. in the Office of the Divisional Forest Officer, Phulbani KL Division in presence of applicants.

The application form for tender containing General Bid information and terms & condition etc. for hiring of vehicles will also be available in the office of the undersigned on all working day.

Sd/- Divisional Forest Officer
Phulbani KL Division.

OIPR : 8001/8116/1/26-27/0003


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉପକୂଳରେ...

୧୩୨ମିମି, ଝାରସୁଗୁଡ଼ାର ଲଇକେରାରେ ୧୩୧ ମିମି, ଧନକଉଡ଼ାରେ ୧୨୮ ମିମି, ହରଭଙ୍ଗାରେ ୧୨୦ ମିମି, ଦେଓଗାଁରେ ୧୧୫ ମିମି, ସୋନପୁରରେ ୧୦୨ ମିମି ବର୍ଷା ରେକର୍ଡ କରାଯାଇଛି ।

ଆଜି(ଗୁରୁବାର) ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ବଲାଙ୍ଗୀରରେ ୧୫ ମିମି ବର୍ଷା ହୋଇଥିବା ବେଳେ ଫୁଲବାଣୀରେ ୧୪ ମିମି, ଅନୁଗୁଳରେ ୩୪ ମିମି, ମାଲକାନଗିରିରେ ୧୪ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତାକାଲି(ଶୁକ୍ରବାର) ଠାରୁ ଉପକୂଳରେ ପାଗ ବଦଳିବା ସହିତ ବର୍ଷା ବର୍ଷା କମିବାର ସମ୍ଭାବନା ଅଛି । ତେବେ ପଶ୍ଚିମ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

### ପରିହାସରେ...

୨୦ରେ ଦେଖାଇବାକୁ ପଡ଼ିବ । ୱାଙ୍ଗଚୁକ୍ ମଧ୍ୟ ତାଙ୍କ ସମର୍ଥକ ଓ ସାଧାରଣ ଲୋକମାନଙ୍କୁ ବାର୍ତ୍ତା ଦେଇଛନ୍ତି । ଯେଉଁମାନେ ତାଙ୍କୁ ଅନଶନ ବନ୍ଦ କରିବାକୁ ଅନୁରୋଧ କରୁଛନ୍ତି । ସେ କହିଛନ୍ତି ଯେ ବର୍ତ୍ତମାନ ସହାନୁଭୂତି ଠାରୁ ଅଂଶଗ୍ରହଣ କରିବା ଅଧିକ ଆବଶ୍ୟକ । ଗତ ସପ୍ତାହରେ ଏକ ଭିଡ଼ିଓ ବାର୍ତ୍ତାରେ ସେ ଲୋକଙ୍କୁ କହିଥିଲେ ଯେ ତାଙ୍କୁ ଅନଶନରୁ ନିବୃତ ରହିବା କହିବା ପରିବର୍ତ୍ତେ ସଂସଦ ଚଲୋ ଅଭିଯାନରେ ସାମିଲ ହେବା ଆବଶ୍ୟକ । ସେ ତାଙ୍କ ଅନଶନ ଭାଙ୍ଗିଲେ କେନ୍ଦ୍ର ସରକାର ଏକ ଭୁଲ୍ ବାର୍ତ୍ତା ଦେବେ । ଡାକ୍ତରଙ୍କ କହିବାନୁଯାୟୀ ୱାଙ୍ଗଚୁକ୍‌ଙ୍କ ଓଜନ ୫୬.୬୫ କେଜିକୁ ହ୍ରାସ ପାଇଛି । ଗତ ୨୪ ଘଣ୍ଟାରେ ସେ ୫୦୦ ଗ୍ରାମ୍ ଓଜନ ହରାଇଛନ୍ତି ଓ ଅନଶନ କଲା ଦିନରୁ ପ୍ରାୟ ୯ କେଜି ଓଜନ ହରାଇଲେଣି । ତାଙ୍କର ରକ୍ତଚାପ ୧୦୫/୬୧ ରହିଥିବାବେଳେ ରକ୍ତ ଶର୍କରା ୮୦ ଏମ୍‌ଜି ରହିଛି । ଅକ୍ସିଜେନ୍‌ର ସ୍ତର ୯୭ ରହିଛି । ତେବେ ସେ ଏବେ ସଚେତନ ଅଛନ୍ତି ଓ ମାନସିକ ଭାବେ ସତର୍କ ରହିଛନ୍ତି । ଗତ କିଛିଦିନ ହେବ ରାଜନେତା, ଲେଖକ, ଅଭିନେତା ଓ ସିଭିଲ ସୋସାଇଟର ଲୋକମାନେ ଜନ୍ତର ମନ୍ତର ଯାଇ ତାଙ୍କୁ ଅନଶନ ପ୍ରତ୍ୟାହାର କରିବାକୁ କହିଛନ୍ତି ।


**GOVERNMENT OF ODISHA : DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
**INVITATION FOR BIDS (IFB)**

32001/550/2627

Email ID- se.hwd.samal@gmail.com

'E'-Procurement Notice No. SE-HWD- 04/2026-27

The Superintending Engineer, Head Works Division, Samal on behalf of Governor of Odisha invites Item Rate bid in single cover system to be received in ONLINE MODE from reputed and experienced manpower service provider for providing Outsourcing Personnel on Department of Water Resources, O/o Superintending Engineer, Head Works Division, Samal who must possess valid labour license for engagement of labour for different works mentioned below. The proof of registration from the appropriate authority shall be enclosed along with the Bid.

| | | | |
|---|---|---|---|
| 1 | No of works | : | 1 (one) No. of work |
| 2 | Name of the Work | : | Labour Supply for Operation and Maintenance of Water Supply system at Samal barrage Township for the Period July 2026 to March 2027. |
| 3 | Estimated Cost | : | Approximately 19.36 lakhs |
| 4 | Cost of tender paper | : | Rs. 6000.00 (Non-refundable) |
| 5 | EMD/ Bid Security | : | Rs. 19,400.00 (Refundable) |
| 6 | Class of contractor | : | Registered firm with valid labour license', EPF and ESI registration certificate |
| 7 | Period of Completion of work | : | During the FY 2026-27 |
| 8 | Date and time of availability of bid Document in the website | : | From 10.00 A.M of Dt. 17.07.2026 to 5.00 P.M. of Dt.27.07.2026 in the website (www.tendersodisha.gov.in) |
| 9 | Date, time and place of opening of online tender | : | Dt.28.07.2026 at 11.30 A.M in O/o the Superintending Engineer. Head Works Division. Samal |
| 10 | Date, time and place for finalization of tender through Transparent Lottery System (if required) | : | To be intimated later |
| 11 | Digital Signature Certificate (DSC) | : | The bidders must possess compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | | Superintending Engineer, Head Works Division, Samal. AT/P.O. Samal Barrage Township Dist: Angul, Odisha, PIN-759037 Email ID- se.hwd.samal@gmail.com |

The bidders have to participate in ONLINE bidding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd/- Superintending Engineer
Head Works Division, Samal

OIPR : 32001/32020/1/26-27/0004



8001/213/2627

**BAMRA WILDLIFE DIVISION**

**NOTICE NO. 05 of 2026-27, Date: 15.07.2026**

**WALK IN INTERVIEW**

Bamra Wildlife Division requires candidates for temporary engagement **of DMU Level Project Accountant under SATOYAMA Initiatives for the year 2026-27.** The Walk-in-interview is scheduled on **28.07.2026** at **11:00 AM** in the conference hall of Bamra Wildlife Division at Bamra, Dist- Sambalpur. The application form along with detail terms and conditions shall be available on the website **www.odishaforest.in/ https://sambalpur.odisha.gov.in from 18.07.2026 to 27.07.2026.**

| Position | Number | Qualification | Consolidated Monthly Remuneration (in Rupees) | Remarks |
|---|---|---|---|---|
| DMU Level Project Accountant | One | B.Com with PGDCA & Tally Software and Minimum 5 years of experience. | 30000/- (Rupees Thirty Thousand) only. | -- |

Sd/- Divisional Forest Officer
Bamra Wildlife Division.

OIPR : 8001/8064/3/26-27/0001


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ଏକକ କଳା ପ୍ରଦର୍ଶନୀ ନିଓ-ଅର୍ବାନ୍ ଅବତାର

# ଏ ମିଥୋପୋଏସିସ୍ ଅଫ୍ ଦି କଣ୍ଟେମ୍ପୋରାରୀ ଟାଇମ୍ସ -୨ ର ସମାପନ

ନୂଆଦିଲ୍ଲୀ (ସବ୍ୟୁ): ବୀରେନ୍ଦ୍ର ପାଣିଙ୍କ ୧୬ତମ ଏକକ କଳା ପ୍ରଦର୍ଶନୀ, "ନିଓ-ଅର୍ବାନ୍ ଅବତାର: : ଏ ମିଥୋପୋଏସିସ୍ ଅଫ୍ ଦି କଣ୍ଟେମ୍ପୋରାରୀ ଟାଇମ୍ସ -୨" ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ କଳା ପ୍ରଦର୍ଶନୀ, ନୂଆଦିଲ୍ଲୀରେ ୧ ଜୁଲାଇରୁ ୧୪ ପର୍ଯ୍ୟନ୍ତ ପୁରୁଷୋତ୍ତମ ପବ୍ଲିକ୍ ଟ୍ରଷ୍ଟର ସହଯୋଗରେ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସେଣ୍ଟର ଦ୍ୱାରା ଆୟୋଜିତ ହୋଇଥିଲା। ନିଓ-ଅର୍ବାନ୍ ଅବତାର ଶୀର୍ଷକ ସହିତ ଏହି ପ୍ରଦର୍ଶନୀ, ଅତି ସହରୀକରଣ, ପରିବେଶଗତ ଚିନ୍ତା ଏବଂ ସ୍ଥାନୀୟ ସଂସ୍କୃତିର ଅବହେଳା ସହିତ ଜଡିତ ବର୍ତ୍ତମାନର ଆସନ୍ନ ପରିସ୍ଥିତିରେ ଏକ ନୂତନ ପ୍ରକାରର ଅବତାର କିମ୍ବା ସ୍ୱ' ର ପରିକଳ୍ପନା କରେ। ଏଥିରେ କଳାକାରଙ୍କ ୩୫ ବର୍ଷର ଯାତ୍ରାର ବିଭିନ୍ନ ପର୍ଯ୍ୟାୟରୁ ୮୦ଟି କଳାକୃତି ପ୍ରଦର୍ଶିତ ହୋଇଥିଲା। ସେରିଗ୍ରାଫି-ଆଧାରିତ ପ୍ରିଣ୍ଟର ଦି ଡେ ଡ୍ରିମ୍ସ ଇନ୍ ଭଡୋଡା ସିରିଜ୍ର , ଡେ ଡ୍ରିମ୍ସ ଇନ୍ ଭଡୋଡା, ଦି ସୁପର ହିରୋ, ଦି ଫଣ୍ଡାମେଣ୍ଟାଲ୍ ଫଲମିନେସନ୍, ଦି ଇଭିନିଂ କ୍ରିମ୍-୧ ଏବଂ ୨, ଦି ଲାଷ୍ଟ ଟେମ୍ପେସନ୍ ଅଫ୍ ବୁଦ୍ଧ, ଦି ଫ୍ଲୋଟିଂ ହାର୍ଟ, ପେପର୍ ଫ୍ଲାୱାର୍ ଫର୍ ୟୋର୍ ସ୍ୱିଟ୍ ହାର୍ଟ, ଏବଂ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକ ୧୯୯୦ ଦଶକର ଶେଷ ଭାଗରେ ଭଡୋଡାରେ କଳାକାରଙ୍କ ସମ୍ମୁଖୀନ ହୋଇଥିବା ଦୈନନ୍ଦିନ ଜୀବନରେ ହାଇପରଅର୍ବାନିଜମ୍, ଭୌତିକବାଦୀ ଏବଂ ଗ୍ରାହକ ପ୍ରବୃତ୍ତି ସହିତ ଜଡିତ ଚିନ୍ତାଧାରାକୁ ସମ୍ମୁଖକୁ ଆଣିଥାଏ। କ୍ୟାପସୁଲ୍, ହୃଦୟ, ମସ୍ତିଷ୍କ ଭଳି ଉପାଦାନଗୁଡ଼ିକ ହେଉଛି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ରୂପକ ଏବଂ ଲୋକ ଚିତ୍ର ଏବଂ ବ୍ୟଙ୍ଗ ତାଙ୍କ କଳାକୃତିର ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି । ୩୬୫ ଡେଜ୍ ସିରିଜ୍ ରେ କ୍ୟାପସୁଲରେ ପରିପୂର୍ଣ୍ଣ ଥିବା ହୃଦୟ ବିଶିଷ୍ଟ ଜଣେ ବ୍ୟକ୍ତି; ପ୍ରେମ, ଭାବନା, ଖୁସି ଏବଂ ଶକ୍ତି ପାଇଁ କ୍ୟାପସୁଲ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ମଣିଷ; ବସ୍ତୁ ଖାଉଥିବା ମଣିଷ, ଆଭ୍ୟନ୍ତରୀଣ ଶକ୍ତି ବିନା ମଣିଷ; ସମ୍ପୂର୍ଣ୍ଣ ଭାବରେ ଭୌତିକବାଦୀ ଉପଭୋକ୍ତା ସଂସ୍କୃତିରେ ବୁଡ଼ି ରହି ମହିଳା, ଏବଂ ଅନ୍ୟାନ୍ୟ ସୂକ୍ଷ୍ମ ଚିତ୍ର ଅନ୍ତର୍ଭୁକ୍ତ; ଏଠାରେ, କ୍ୟାପସୁଲ ଦୈନନ୍ଦିନ ଜୀବନରେ ଅତ୍ୟଧିକ ଉପଭୋକ୍ତା ସଂସ୍କୃତିର ଏକ ରୂପକ। ହ୍ୟାଣ୍ଡମେଡ୍ ମେମୋରୀ ସିରିଜ୍ ଏବଂ ସାଙ୍ଗାଇନ୍ ଷ୍ଟୋରୀ ସିରିଜ୍ ଦୈନନ୍ଦିନ ଜୀବନରେ ଅତ୍ୟଧିକ ସହରୀବାଦକୁ ପ୍ରତିଫଳିତ କରେ; କିନ୍ତୁ ପୌରାଣିକ ଅଭିଜ୍ଞତା, ସ୍ଥାନୀୟ ସଂସ୍କୃତିର ସ୍ମୃତି, ବ୍ୟଙ୍ଗର ଉପାଦାନଗୁଡ଼ିକ ଅନ୍ତର୍ଭୁକ୍ତ କରି, ପ୍ରକୃତି ସହିତ ଏକ ନୂତନ ସମ୍ପର୍କକୁ ପୁନଃକଳ୍ପନା ପାଇଁ ଆମନ୍ତ୍ରଣ କରେ। "ନିଓ ଅର୍ବାନ ଅବତାର" କାନଭାସ ସିରିଜ୍ କଳାକୃତି ସାନ ଡିଏଗୋରେ ତାଙ୍କ ରହଣି ସମୟରେ ସେଠାରେ ଦୈନନ୍ଦିନ ଜୀବନରେ ବିଚ୍ଛିନ୍ନତା ଏବଂ ନିଷ୍କ୍ରିୟତାର ଗଭୀର ଦୁଃଖଦ ପର୍ଯ୍ୟାୟକୁ ପ୍ରୋଜେକ୍ଟ କରେ। ବୀରେନ୍ଦ୍ର ପାଣିଙ୍କ ସ୍ପନ୍ଦନଶୀଳ, ରଙ୍ଗୀନ ଏବଂ ଚିତ୍ରଣ ଆଧାରିତ କଳାକୃତି ନିଓ-ଅର୍ବାନ୍ ଅବତାର -ଏ ମିଥୋପୋଏସିସ୍ ଅଫ୍ ଦି କଣ୍ଟେମ୍ପୋରାରୀ ଟାଇମ୍ସ ସିରିଜ୍ ଆଣ୍ଡ କୋର୍ଟ କଳାକୃତି ଯାହା ଭାରତୀୟ ସୌନ୍ଦର୍ଯ୍ୟ ପରମ୍ପରା, ବିଶେଷକରି ଓଡ଼ିଶାର ପଟ୍ଟ ଚିତ୍ର ଏବଂ ତାଳପତ୍ର ଚିତ୍ର, ସ୍ମାରକୀ ସ୍ଥାପତ୍ୟ ଏବଂ ମୃତ୍ତିକଳା ପରମ୍ପରା, ଲୋକ ଏବଂ ପ୍ରଦର୍ଶନ ପରମ୍ପରା, ଏବଂ ବର୍ତ୍ତମାନ ସମୟରେ ଅନାବଶ୍ୟକ ସହରବାଦ, ଉପଭୋକ୍ତାବାଦ ଏବଂ ସ୍ଥାନୀୟ ସଂସ୍କୃତିର ଅବହେଳା ଉପରେ କେନ୍ଦ୍ରିତ। ଦଶାବତାରର ପୌରାଣିକ କାହାଣୀରୁ ସୂଚନା ନେଇ, ପ୍ରତିଛବିଗୁଡ଼ିକ ଷଡ଼ଭୁଜ - ଆମର ବର୍ତ୍ତମାନର କଂକ୍ରିଟ୍ ଜଙ୍ଗଲର ଧାରଣାଗତ ଏବଂ ଦୃଶ୍ୟ ରୂପକ, ସହିତ ସନ୍ନିହିତ ହୋଇଛି । ମୀନ ଅବତାର ଖୋଲା ଆକାଶ ପରିବର୍ତ୍ତେ ଏକ ଗ୍ରୀଡ୍ ଆକାଶରେ ଏବଂ ଏକ ଅନ୍ଧାର ପରିବେଶରେ ପାଣି ସହିତ ଦର୍ଶାଯାଇଛି; ବରାହ ଗଗନସ୍ପର୍ଶୀ ଅଟ୍ଟାଳିକା ଏବଂ ଷଡ଼ଭୁଜ ଚିତ୍ରଣ ମଧ୍ୟରେ ଫସି ରହିଛି। ଏଠାରେ, ବର୍ଣ୍ଣନାର କେନ୍ଦ୍ରୀୟ ଚରିତ୍ର ହେଉଛି ଯାହା ବର୍ତ୍ତମାନର ବିପଦପୂର୍ଣ୍ଣ ପରିବେଶଗତ ଚିନ୍ତା, ସ୍ଥାନୀୟ ସଂସ୍କୃତିର ଅବହେଳା ଏବଂ ନିରନ୍ତର ଗ୍ରାହକବାଦର ସାମ୍ନାରେ ସମସାମୟିକ ଜୀବନରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପୌରାଣିକ କିମ୍ବା ପବିତ୍ର ଚରିତ୍ର ନୁହେଁ। ପ୍ରଦର୍ଶନୀ ଉପରେ ଏକ ଆଲୋଚନା ୧୧ ଜୁଲାଇ, ୨୦୨୬ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ କଳା ଲେଖିକା ସୁଷମା ବହଲ, କଳା ଇତିହାସକାର ପ୍ରଫେସର ସୀମା ବାୱା, ପୁରୁଷୋତ୍ତମ ପବ୍ଲିକ୍ ଟ୍ରଷ୍ଟର ରାଧିକା ଧୁମାଲ ବୀରେନ୍ଦ୍ର ପାଣିଙ୍କ କଳା ଭାଷା ଉପରେ ବକ୍ତବ୍ୟ ରଖିଥିଲେ। ଏହାକୁ କଳା ସମାଲୋଚକ ଜର୍ଜିନା ମାଡକ୍ସ ପରିଚାଳନା କରିଥିଲେ; କଳା ଐତିହାସିକ ଡକ୍ଟର ରାଜଶ୍ରୀ ବିଶ୍ୱାଲ ବୀରେନ୍ଦ୍ର ପାଣିଙ୍କ କଳା କାର୍ଯ୍ୟର ବିବର୍ତ୍ତନର ଗତିପଥ ଉପରେ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ। । ପ୍ରଦର୍ଶନୀଟି କଳା ସମାଜର ପ୍ରସିଦ୍ଧ ବ୍ୟକ୍ତିମାନେ ଯେପରିକି ଗୀତା କପୁର, ପ୍ରଫେସର ପାରୁଲ ଡେଭ ମୁଖାର୍ଜୀ, ପ୍ରଫେସର ଶୁକ୍ଲା ସାୱନ୍ତ, ପ୍ରଫେସର ୱାଇ. ଏସ୍ ଆଲୋନ୍, ଡକ୍ଟର ଅଳକା ପାଣ୍ଡେ, ରବି ଅଗ୍ରୱାଲ, ଇନ୍ଦର ସଲିମ୍ ଏବଂ ଅନ୍ୟମାନଙ୍କ ଦ୍ୱାରା ପରିଦର୍ଶନ ଏବଂ ପ୍ରଶଂସା କରିଥିଲେ । ଏହି ପ୍ରଦର୍ଶନୀକୁ ପୂର୍ବତନ କୂଟନୀତିଜ୍ଞ, ଆଇଆଇସି ନିର୍ଦ୍ଦେଶକ କେ. ଏନ. ଶ୍ରୀବାସ୍ତବ, ଇଣ୍ଡିଆ ହାବିଟାଟ୍ ସେଣ୍ଟର ନିର୍ଦ୍ଦେଶକ ଡକ୍ଟର କେ. ଜି. ସୁରେଶ ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଏବଂ ବନ୍ଧୁ ଏବଂ ବହୁ ପରିଦର୍ଶକ ଉପସ୍ଥିତ ଥିଲେ, ଯାହା ଏକ ଉଲ୍ଲେଖନୀୟ ଘଟଣା ଥିଲା। ବୀରେନ୍ଦ୍ର ପାଣି ନ୍ୟୁୟର୍କ, ସାନ ଡିଏଗୋ (କାଲିଫର୍ନିଆ), କୁଆଲାଲମ୍ପୁର ଏବଂ ଭାରତର ବିଭିନ୍ନ ସ୍ଥାନରେ ତାଙ୍କର ଏକକ କଳା ପ୍ରଦର୍ଶନୀ ସହିତ; ଏବଂ ବିଶ୍ୱବ୍ୟାପୀ ୩୫୦ରୁ ଅଧିକ ଗୋଷ୍ଠୀ କଳା ପ୍ରଦର୍ଶନୀ ଏବଂ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାର; ଦକ୍ଷିଣ କେନ୍ଦ୍ରୀୟ କ୍ଷେତ୍ର ସାଂସ୍କୃତିକ କେନ୍ଦ୍ର, ନାଗପୁର; ଓଡ଼ିଶା ରାଜ୍ୟ ଲଳିତ କଳା ଏକାଡେମୀ ପୁରସ୍କାର ଏବଂ ଅନ୍ୟାନ୍ୟ ପୁରସ୍କାର ଦ୍ୱାରା ସମ୍ମାନିତ ହୋଇଛନ୍ତି । କଳା ଐତିହାସିକ ଡକ୍ଟର ରାଜଶ୍ରୀ ବିଶ୍ୱାଲଙ୍କ ସହିତ, ସେ ନ୍ୟୁ ବ୍ରିଜ୍ ଇଣ୍ଡିଆ ନାମିତ ସାଂସ୍କୃତିକ ପ୍ରୟାସ ମାଧ୍ୟମରେ ଏକ ନୂତନ ସାଂସ୍କୃତିକ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କଳା କାର୍ଯ୍ୟକଳାପରେ ସାମିଲ ଅଛନ୍ତି।




## ପ୍ରଥମେ ନିଜକୁ ଶକ୍ତିଶାଳୀ କରନ୍ତୁ, ତା ପରେ ସମସ୍ତେ ସମ୍ମାନ ଦେବେ : ଦେଶାଇ

ଭୁବନେଶ୍ୱର,(ସବ୍ୟୁ): ଏଆଇସିସି ଓଡିଶା ପ୍ରଭାରୀ ଲାଲଜୀ ଦେଶାଇ, ସହ ପ୍ରଭାରୀ ମୟୁର ଜୟକୁମାର ଏବଂ ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧକ୍ଷତାରେ ବିଏଲଏ-୧ ଏବଂ କଂଗ୍ରେସ ଦଳର ସମସ୍ତ ବିଭାଗ ମୁଖ୍ୟମାନଙ୍କ ଏକ ସଭା ଅନୁଷ୍ଠିତ ହୋଇଯାଇଛ । ଏହି ବୈଠକରେ ଓପିସିସି ସଂଗଠନ ପ୍ରଭାରୀ




ସନ୍ତୋଷ ସିଂ ସାଲୁଜା ମଧ ଉପସ୍ଥିତ ଥିଲେ । ଜିଲ୍ଲା ଅନୁଯାଇ ବିଏଲଏ-୧ ପ୍ରତିନଧି ମାନଙ୍କ ସହ ପ୍ରଭାରୀ ଶ୍ରୀ ଦେଶାଇ ଆଗାମୀ ନିର୍ବାଚନକୁ ଆଖି ଆଗରେ ବୁଥ ସ୍ତରରେ ପାଇଁ କଣ ରଣନୀତି ହେବ ସେ ବିଷୟରେ ପରାମର୍ଶ ଦେବା ସହ ବିଏଲଏ-୧ ମାନଙ୍କ ମତାମତ ଶୁଣିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ସଭାରେ ଦଳର ସମସ୍ତ ବିଭାଗ ମୁଖ୍ୟଙ୍କ ସହ ହୋଇଥିଲା । ଏହି ସଭାରେ ସମସ୍ତ ବିଭାଗ ମୁଖ୍ୟ ନିଜ ନିଜ ସୁବିଧା ଅସୁବିଧା ଓ ଯୋଜନା ବିଷୟରେ କହିଥିଲେ । ପ୍ରଭାରୀ ଶ୍ରୀ ଦେଶାଇ ବିଭାଗୀୟ ମୁଖ୍ୟ ମାନଙ୍କୁ କହିଲେ, ପ୍ରଥମେ ନିଜକୁ ଶକ୍ତିଶାଳୀ କର, ପରେ ସମସ୍ତେ ଆପଣଙ୍କୁ ସମ୍ମାନ ଦେବେ, ଆପଣଙ୍କ କଥା ଶୁଣିବେ ୫ ଆମେ ଆପଣଙ୍କ କଥା ଶୁଣିବୁ ଏବଂ କାର୍ଯ୍ୟକାରୀ କରିବୁ ୫ ରାଜନୈତିକ ଦଳ ମଧ୍ୟରେ ବିରୋଧାଭାଷ ରହିବ, କାରଣ ରାଜନୈତିକ ଦଳ ଭଜନ ମଣ୍ଡଳୀ ନୁହନ୍ତି କିନ୍ତୁ ଏହା ନୁହେଁ ଯେ ଆମେ ବାହାରେ ଦଳ ଏବଂ ନେତା ମାନଙ୍କ ବିରୁଦ୍ଧରେ କହିବା । ଯୋଜନା ଓ କାର୍ଯ୍ୟକ୍ରମ ସବୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହୋଇପାରିବ ଏହା ଉପରେ ପ୍ରଭାରୀ ଶ୍ରୀ ଦେଶାଇ ଜୋର ଦେଇଥିଲେ ।କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାର ବିଏଲଏ-୧ ଏବଂ କଂଗ୍ରେସ ଦଳର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ ।

## ଟେଟ୍ରାହେଡ୍ରନ ପକ୍ଷରୁ ମା' ପାଇଁ ଗଛଟିଏ



କଟକ,(ସବ୍ୟୁ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଏଡୁକେସନାଲ ଟ୍ରଷ୍ଟ ପକ୍ଷରୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଏବଂ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଉପଲକ୍ଷେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ଅଧକ୍ଷ ତ୍ରିଦେବ ବେହେରା ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ ଏକ ମାଧ୍ୟମ ବୋଲି କହିଥିଲେ। ଟାଙ୍ଗୀ ଅଞ୍ଚଳରେ ଦୁଇ ହଜାର ଉର୍ଦ୍ଧ ବିଭିନ୍ନ କିସମର ଚାରା ରୋପଣ କରିବା ସହ ରକ୍ଷଣାବେକ୍ଷଣ ଟ୍ରଷ୍ଟ ପକ୍ଷରୁ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେମଣ୍ଡଳ ସଭାପତି ହୃଷୀକେଶ ସାମଲ, ଯୁବ ସଂଗଠକ ଆକାଶ ପାତ୍ର, ବିଶ୍ୱଜିତ ଆଞ୍ଚଲ, ଚୌଧୁରୀ ମାନସ ସାହୁ ଓ ରୋହିତ ମହାନ୍ତିଙ୍କ ସମେତ ଅଞ୍ଚଳର କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ବାଇକ ଉପରେ ଚଢ଼ିଗଲା ହାଇୱା, ଦୁଇ ମୃତ

ଭଦ୍ରକ,(ସବ୍ୟୁ):୧୬ ନଂ ଜାତୀୟ ରାଜପଥର ଭଦ୍ରକ ଗେଲପୁର ଗୋପବନ୍ଧୁପୁର ଛକ ନିକଟରେ ବାଇକ ଉପରେ ଏକ ହାଇୱା ଟ୍ରକ ଚଢ଼ିଯିବାରୁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତ ଅନ୍ୟ ଜଣେ ଗୁରୁତର ଅଛନ୍ତି ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲା କେନ୍ଦୁଆପଦା ଆମ୍ବର ଅଞ୍ଚଳରୁ ଏକ ମଟର ସାଇକେଲ ଯୋଗେ ଦୀପକ ଦାସ,ଅଜୟ ଶବର ଓ ତାଙ୍କ ସାଙ୍ଗ ଭଦ୍ରକ ମେଡିକାଲକୁ ନିଜ ଭଣଜାର ଜନ୍ମ ପ୍ରମାଣ ପତ୍ର ନେବା ପାଇଁ ଆସିଥିଲେ । ମେଡିକାଲ କର୍ତ୍ତୃପକ୍ଷ ମନା କରି ଦେବାରୁ,ସେମାନେ ଘରକୁ ଫେରି ଯାଉଥିଲେ । ଗୋପବନ୍ଧୁପୁର ଛକ ନିକଟରେ ଏକ ସାଇକେଲ ଦୋକାନ ପାଖରେ ଗାଡ଼ି ଛିଡା କରି ଜଣେ ପରିସ୍ରା ଯାଇଥିବାବେଳେ ଦୀପକ ଓ ଅଜୟ ଗାଡ଼ି ପାଖରେ ଛିଡା ହୋଇଥିଲେ । ହାଇୱା ଟ୍ରକଟି ଜୋରରେ ଆସି ସେମାନଙ୍କ ଉପରେ ଚଢି ଯାଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଏହି ଘଟଣା ପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ଦମକଳ ବାହିନୀ ଓ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଥିବାବେଳେ ଗ୍ରାମାଞ୍ଚଳ ପୋଲିସ ହାଇଓ୍ୱା ଟ୍ରକଟିକୁ ଜବତ କରିବା ସହ ଉତ୍ତେଜିତ ଲୋକ ମାନଙ୍କୁ ବୁଝାଶୁଝା କରୁଛି । ଫଳରେ ଜାତୀୟ ରାଜପଥର ଗୋଟିଏ ପାର୍ଶ୍ୱରେ ଗାଡି ଚଳାଚଳ ପ୍ରାୟ ୨ଘଣ୍ଟା ଧରି ବନ୍ଦ ରହିଥିଲା ।

## ଆମ ବସ୍‌ରୁ ଲୁଟ୍ କରୁଥିବା ୮ ଆନ୍ତଃରାଜ୍ୟ ଲୁଟେରା ଗିରଫ, ୧୦ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ଆମ ବସ୍‌ରେ ଲୁଟ୍ କରୁଥିବା ୮ଜଣ ଆନ୍ତଃରାଜ୍ୟ ମହିଳା ଲୁଟେରାଙ୍କୁ ନୂଆପଲ୍ଲୀ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଏହା ପୂର୍ବରୁ ଦଳେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଥିଲା ନୂଆପଲ୍ଲୀ ଥାନା ପୋଲିସ । ମହାରାଷ୍ଟ୍ର, ବିହାର, ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବାଂଲାଦେଶ ସୀମାନ୍ତ ଅଞ୍ଚଳରୁ ଏହି ଲୁଟେରାମାନେ ଆସି କଟକ, ଭୁବନେଶ୍ୱର ଆମବସ୍ ଓ ଗହଳି ସ୍ଥାନମାନଙ୍କରୁ ମୋବାଇଲ ଓ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷ ଲୁଟ୍‌ପାଟ କରିଥାନ୍ତି । ଲୁଟ୍ ସାମଗ୍ରୀକୁ ଏମାନଙ୍କ ଠାରୁ ପୁରୁଷ ସହଯୋଗୀମାନେ ନେଇ ବାଂଲାଦେଶ ଓ କୋଲ୍‌କାତା ପ୍ରଭୃତି ଅଞ୍ଚଳରେ ବିକ୍ରି କରନ୍ତି । ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗ୍ ଭୁବନେଶ୍ୱରରେ ସକ୍ରିୟ ରହି ଆମ ବସ୍‌ରେ ଯାଉଥିବା ଯାତ୍ରୀଙ୍କ ଠାରୁ ମୋବାଇଲ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରୁଥିବା ନୂଆପଲ୍ଲୀ ଥାନା ପୋଲିସକୁ ସୂଚନା ମିଳିବା ପରେ ତଦନ୍ତ କରି ଦୁଇ ପର୍ଯ୍ୟାୟରେ ଲୁଟେରାମାନଙ୍କୁ ଗିରଫ କରାଗଲାଣି । ମିଳିଥିବା ସୂଚନାର ସତ୍ୟାସତ୍ୟ ଯାଞ୍ଚ ପାଇଁ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶୁକ୍ରବାର ସକାଳେ ଥାନା ଅଞ୍ଚଳରେ ପାଟ୍ରୋଲିଂରେ ବାହାରିଥିଲା । ପୂର୍ବାହ୍ନ ପ୍ରାୟ ୧୧ଟା ୪୫ରେ ୮ଜଣ ହିନ୍ଦୀଭାଷୀ ମହିଳା ସିଆର୍‌ପି ଛକ ବସ୍ ଷ୍ଟପେଜରେ ମାଷ୍ଟରକ୍ୟାଣ୍ଟିନ ରେଳ ଷ୍ଟେସନ ଅଭିମୁଖେ ଯିବା ପାଇଁ ଅଟୋରିକ୍ସାକୁ ଅପେକ୍ଷା କରିଥିବା ନେଇ ପୋଲିସକୁ ମଧ୍ୟ ସୂଚନା ମିଳିଥିଲା ।

## ବିଓବି ପକ୍ଷରୁ ରଥଯାତ୍ରା ଅବସରରେ ଭକ୍ତମାନଙ୍କ ପାଇଁ ସେବା ଶିବିର

ଭୁବନେଶ୍ୱର, (ସବ୍ୟୁ) : ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପୁରୀଠାରେ ଅନୁଷ୍ଠିତ ରଥଯାତ୍ରା-୨୦୨୬ ଅବସରରେ ଦର୍ଶନ କରିବାକୁ ଆସିଥିବା ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁବିଧା ଓ କଲ୍ୟାଣ ପାଇଁ ବିଭିନ୍ନ ସେବାମୂଳକ



ପଦକ୍ଷେପ ଗ୍ରହଣ କରାଯାଇଥିଲା। ରଥଯାତ୍ରା ସମୟରେ ପୁରୀରେ ବିପୁଳ ସଂଖ୍ୟକ ଜନ ସମାଗମକୁ ଦୃଷ୍ଟିରେ ରଖି ବ୍ୟାଙ୍କ ଅଫ୍ ବରୋଦା ଓଡିଶା ପୋଲିସ୍ ସହ ସମନ୍ୱୟ ରକ୍ଷା କରି ପ୍ରମୁଖ ସ୍ଥାନଗୁଡିକରେ ବ୍ରାଣ୍ଡେଡ୍ ବ୍ୟାରିକେଡ୍ ସ୍ଥାପନ କରିଥିଲା ଯାହା ଜନ ସମାଗମର ସୁପରିଚାଳନାରେ ସହାୟକ ହୋଇଥିଲା। ଏଥି ସହିତ ବ୍ୟାଙ୍କ ପକ୍ଷରୁ ଭକ୍ତମାନଙ୍କୁ ପାଣିପାଗର ପ୍ରଭାବରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ କ୍ୟାପ୍ ଓ ଛତା ବଣ୍ଟନ କରାଯାଇଥିଲା। ରଥଯାତ୍ରା ମାର୍ଗରେ ଥିବା ବ୍ୟାଙ୍କର ଗ୍ରାଣ୍ଡ୍ ରୋଡ୍ ସମ୍ମୁଖରେ ଏକ ସ୍ୱତନ୍ତ୍ର ସେବା ଶିବିର ସ୍ଥାପନ କରାଯାଇ ଭକ୍ତମାନଙ୍କୁ ଥଣ୍ଡା ପାଣି ଓ ଜଳଖିଆ ବଣ୍ଟନ କରାଯାଇଥିଲା। ଏଥି ସହିତ ଯାତ୍ରୀମାନଙ୍କ ବିଶ୍ରାମ ପାଇଁ ବିଶ୍ରାମ ସ୍ଥଳୀର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ତଥା ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ, ଉପ-ମହାପ୍ରବନ୍ଧକ ଦେବୀ ପ୍ରସାଦ ମହାନ୍ତି ଏବଂ ଉପ-ମହାପ୍ରବନ୍ଧକ (ସି ଆଣ୍ଡ ଏ) ରାକେଶ ଝା ପ୍ରମୁଖ ଏହି ସେବା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭକ୍ତମାନଙ୍କ ସହ ବିଭିନ୍ନ ସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି ସେବାମୂଳକ ପଦକ୍ଷେପ ବ୍ୟାଙ୍କ ଅଫ୍ ବରୋଦାର ସାମାଜିକ ଦାୟିତ୍ୱବୋଧତା, ଜନସେବା ପ୍ରତି ଅଙ୍ଗୀକାର ଏବଂ ସମାଜ ସହ ଦୃଢ଼ ସମ୍ପର୍କକୁ ପ୍ରତିଫଳିତ କରୁଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ନିଜର ସମାବେଶୀ ଦୃଷ୍ଟିଭଙ୍ଗୀ ଓ ଗ୍ରାହକ-କୈନ୍ଦ୍ରିକ ସେବାର ମୂଲ୍ୟବୋଧକୁ ଆହୁରି ସୁଦୃଢ଼ କରିବା ସହ ସମାଜରେ ନିଜର ସମ୍ପର୍କକୁ ଆହୁରି ସୁଦୃଢ଼ କରିପାରିଛି।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ

## ରଥଯାତ୍ରା ଅବସରରେ ସେବା ଶିବିର

ଭୁବନେଶ୍ୱର (ସବ୍ୟୁ) : ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଆଞ୍ଚଳିକ ମୁଖ୍ୟ ସଞ୍ଜିବ ରଞ୍ଜନ ସହାୟ ଏବଂ କ୍ଷେତ୍ରୀୟ ମୁଖ୍ୟ ଜିତେନ୍ଦ୍ର କୁମାର ସାମଲଙ୍କ ମାର୍ଗଦର୍ଶନରେ ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ରାୟଗଡା, ନବରଙ୍ଗପୁର, ଜୟପୁର ଏବଂ ପାରଳାଖେମୁଣ୍ଡି ସମେତ ଚାରୋଟି କେନ୍ଦ୍ରରେ ଅତ୍ୟନ୍ତ ଭକ୍ତିଭାବ ଓ ଉତ୍ସାହର ସହିତ ପବିତ୍ର ରଥଯାତ୍ରା ପାଳନ କରାଯାଇଥିଲା। ଏହି ଅବସରରେ ସାମାଜିକ ସେବା ପ୍ରତି ବ୍ୟାଙ୍କର ପ୍ରତିବଦ୍ଧତାକୁ ଜାରି ରଖି ୟୁନିୟନ୍ ବ୍ୟାଙ୍କର କର୍ମଚାରୀମାନେ ଚାରୋଟି କେନ୍ଦ୍ରର ବଡଦାଣ୍ଡରେ ଭକ୍ତମାନଙ୍କୁ ବିସ୍କୁଟ୍, ପାନୀୟ ଜଳ ଏବଂ କ୍ୟାପ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ଶ୍ରଦ୍ଧାଳୁ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ରାୟଗଡା କେନ୍ଦ୍ରରେ ସ୍ଥାପିତ ହୋଇଥିବା ଷ୍ଟଲ୍, ଯାହାକୁ ରାୟଗଡା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ବିଶିଷ୍ଟ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ। ଏହି ରଥଯାତ୍ରା ସେବା କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସାମାଜିକ ଦାୟିତ୍ୱବୋଧତା ଓ ବ୍ୟାଙ୍କିଙ୍ଗ୍ ସେବା ସହିତ ସମାଜ ପ୍ରତି ଏହାର ଅଙ୍ଗୀକାରକୁ ପୁନର୍ବାର ପ୍ରତିଫଳିତ କରିଥିଲା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାୟଗଡା କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ପରିଚାଳନା, ଆଞ୍ଚଳିକ ମୁଖ୍ୟ, ଉପ-ଆଞ୍ଚଳିକ ମୁଖ୍ୟ, ଅଧିକାରୀଗଣ, କର୍ମଚାରୀଗଣ, ସ୍ୱେଚ୍ଛାସେବୀ ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ଯାହାଙ୍କର ନିରନ୍ତର ପ୍ରୟାସ ଏହି ମହତ୍ କାର୍ଯ୍ୟକୁ ସଫଳ କରାଇଥିଲା।

## ନାବାଳକକୁ ଲଙ୍ଗଳା କରି ମାଡ଼: ଭିଡିଓ ଭାଇରାଲ

## ଜଣେ ଗିରଫ: ୭ ଫେରାର୍

କଟକ,(ସବ୍ୟୁ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଠସାହିରେ ୩ଦିନ ପୂର୍ବରୁ ଏକ ସମ୍ବେଦନୀଶୀଳ ଅପରାଧିକ ମାମଲା ଘଟିଛି । ଯାହା ଅତ୍ୟନ୍ତ ଅମାନୁଷିକ, ବର୍ବରତାର ସବୁ ସୀମା ଅତିକ୍ରମ କରିଛି । ମଣିଷ ସମାଜ ପ୍ରତି ଏଭଳି ଘଟଣା ନିହାତି ନିନ୍ଦନୀୟ ଓ ଲଜ୍ୟାର ବିଷୟ । ସ୍ଥାନୀୟ ଥଟାରୀ ସାହିର ଜଣେ ନାବାଳକକୁ ସମ୍ପୂର୍ଣ୍ଣ ଭାବେ ଲଙ୍ଗଳା କରି ବାଉଁଶରେ ମାଡ଼ ମାରିବା ସହିତ ରାସ୍ତାରେ ଚଲାଇ ଚଲାଇ ଅଭିଯୁକ୍ତମାନେ ନେଇଥିଲେ । ଏହା ପରେ ସେହି ଭିଡ଼ିଓକୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ହ୍ୱାଟର୍ସଆପ୍ ଗ୍ରୁପ୍‌ରେ ଭାଇରାଲ୍ କରି ଦେଇଥିଲେ । ଭୟରେ ସମ୍ପୃକ୍ତ ନାବାଳକ ଜଣକ ଘରେ କାହାକୁ କିଛି ନକହି ପୁରୀ ଚାଲିଯାଇଥିବା ବେଳେ ଆଜି ଘରକୁ ଫେରିବା ପରେ ଏହି ଘଟଣା ତାଙ୍କ ମା' ଜାଣିବାକୁ ପାଇଥିଲେ । ଏହାପରେ ସେ ଥାନାରେ ୮ ଜଣଙ୍କ ନାଁରେ ଏତଲା ଦେଇଥିଲେ । ପୁଲିସ ମଠସାହିରେ ଚଡ଼ଉ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୭ଜଣ ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି । ସମ୍ପୃକ୍ତ ନାବାଳକଙ୍କ ଘର ଚାଉଳିଆଗଞ୍ଜର ଥଟାରୀ ସାହିରେ ହୋଇଥିବା ବେଳେ ତାଙ୍କ ସାଙ୍ଗମାନଙ୍କ ଘର ସ୍ଥାନୀୟ ମଠସାହିରେ । ଏହି କାରଣରୁ ପ୍ରତ୍ୟେକ ଦିନ ଖେଳିବା ପାଇଁ ନାବଳକ ଜଣକ ମଠସାହି ଯାଇଥାଆନ୍ତି । ଗତ ୧୫ଦିନ ହେବ ମଠସାହି ଅଞ୍ଚଳରେ ବ୍ୟାଟେରୀ ଚୋରି ହେଉଥିଲା । ସ୍ଥାନୀୟ ୭/୮ଜଣ ଯୁବକ ସମ୍ପୃକ୍ତ ନାବାଳକଙ୍କ ଉପରେ ଜୋରଜବରଦସ୍ତ ଲଦି ଦେଇଥିଲେ । ସେମାନେ କହିଥିଲେ ଯେ, ତୁ ବ୍ୟାଟେରୀ ଚୋରି କରୁଛୁ । ଏହାର ସିସି କ୍ୟାମେରା ଫୁଟେଜ୍ ରହିଛି । ଥାନାରେ ଏତଲା ଦିଆଯିବ । ଯେପର୍ଯ୍ୟନ୍ତ ଏହି ଘଟଣାର ସମାଧାନ ନହୋଇଛି, ସେ ପର୍ଯ୍ୟନ୍ତ ନାବାଳକ ଜଣଙ୍କୁ ମଠସାହିକୁ ଆସିବାକୁ ବାରଣ କରାଯାଇଥିଲା । କିନ୍ତୁ ୩ଦିନ ପୂର୍ବରୁ ଏକଥାକୁ ନମାନି ନାବାଳକ ଜଣକ ଥଟାରୀ ସାହିରୁ ମଠସାହିକୁ ତାଙ୍କ ସାଙ୍ଗକୁ ଦେଖା କରିବାକୁ ଯାଇଥିଲେ । ଅପରାହ୍ଣ ସମୟରେ ୭/୮ଜଣ ଯୁବକ ନାବାଳକଙ୍କୁ ଏକ କ୍ୟାବିନ୍ ନିକଟକୁ ଡାକି ଛୁରୀ ଦେଖାଇ ଥିଲେ । ଏହାପରେ ତାଙ୍କ ପ୍ୟାଣ୍ଟ୍ ଓ ସାର୍ଟ ଖୋଲି ଉଲଗ୍ନ କରି ଦେଇଥିଲେ । ବାଉଁଶରେ ମାଡ଼ ମାରି ରାସ୍ତାରେ ଚଲାଇ ଚଲାଇ ନେଇଥିଲେ । ଏହି ଭିଡ଼ିଓ ସ୍ଥାନୀୟ ଅଞ୍ଚଳରେ ପ୍ରଥମେ ଭାଇରାଲ୍ ହୋଇଥିଲା । ଏହାପରେ ପୀଡ଼ିତ ନାବାଳକଙ୍କ ମା'ଘଟଣା ସମ୍ପର୍କରେ ଜାଣିବା ପରେ ଆଜି ସନ୍ଧ୍ୟାରେ ଥାନାରେ ଏତଲା ଦେଇଥିଲେ ।

## ଭୁବନେଶ୍ୱରରେ ଆଉ ଏକ ନୂତନ ଷ୍ଟୋର ଖୋଲିଲା ଇନ୍ଦ୍ରିୟା ଜୁଏଲାରୀ

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପର ଗହଣା ବ୍ରାଣ୍ଡ ଇନ୍ଦ୍ରିୟା, ଭୁବନେଶ୍ୱରର ସହିଦ ନଗର ଠାରେ ନିଜର ନୂତନ ଷ୍ଟୋର ଖୋଲି ଓଡ଼ିଶାରେ ନିଜର ବ୍ୟବସାୟିକ ଉପସ୍ଥିତିକୁ ଆହୁରି ସୁଦୃଢ଼ କରିଛି ଓଡ଼ିଶାରେ ଏହା ବ୍ରାଣ୍ଡର ୫ମ ଷ୍ଟୋର ଏବଂ ଏହି ସାଂସ୍କୃତିକ ଭାବେ ଗୁରୁତ୍ୱପୂର୍ଣ୍ଣ ବଜାରରେ ନିଜର ପ୍ରସାର କରିବା ପାଇଁ ଇନ୍ଦ୍ରିୟାର ପ୍ରତିବଦ୍ଧତାକୁ ଦର୍ଶାଉଛି। ଭୁବନେଶ୍ୱରର ସହିଦ ନଗରର ଜନପଥ ରୋଡ଼ରେ ରହିଥିବା ଏହି ନୂତନ ଷ୍ଟୋରଟି ଏଭଳି ଏକ ସହରରେ ଗ୍ରାହକଙ୍କ ସହ ଯୋଡ଼ି ହେବ, ଯେଉଁଠାରେ ଗହଣା କିଣାକିଣି ପାରମ୍ପରିକ ଭାବେ ବିଶ୍ୱାସ ଏବଂ ଦୀର୍ଘଦିନର ସମ୍ପର୍କ ଉପରେ ଆଧାରତି ହେବ। ଅନ୍ୟପଟେ, ଆଜିର ନୂତନ ପିଢ଼ିର ଗ୍ରାହକମାନେ ଆଧୁନିକ ଡ଼ିଜାଇନ ପ୍ରମାଣିତ କାରିଗରୀ ଏବଂ ଏକ ଉନ୍ନତ ସପିଙ୍ଗ ଅନୁଭୂତି ଚାହୁଁଛନ୍ତି। ନିଜର ସ୍ୱତନ୍ତ୍ର କଲେକ୍ସନ ଏବଂ ଅନୁଭୂତି ଭିତିକ ଖୁଚୁରା ଫର୍ମାଟ ସହିତ ଇନ୍ଦ୍ରିୟା ଭୁବନେଶ୍ୱରର ବିବାହ ସାମଗ୍ରୀ କିଣୁଥିବା ଗ୍ରାହକ, ଆଧୁନିକ ଚାକିରିଆ, ଉପହାର ଦେବା ପାଇଁ ଏବଂ ଦୈନନ୍ଦିନ ବ୍ୟବହାର ଲାଗି ଗହଣା ଖୋଜୁଥିବା ସମସ୍ତ ବର୍ଗର ଗ୍ରାହକଙ୍କ ବଦଳୁଥିବା ପସନ୍ଦକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି। ଇନ୍ଦ୍ରିୟାର ନୂତନ ଷ୍ଟୋର ବିବାହ ଗହଣା, ପାର୍ବଣ କଲେକ୍ସନ, ସମସାମୟିକ ଉନ୍ନତ ପିସ ଏବଂ ହାଲୁକା ଦୈନନ୍ଦିନ ବ୍ୟବହାର୍ଯ୍ୟ ଗହଣା ମଧ୍ୟରେ ୩୨,୦୦୦ରୁ ଅଧିକ ଡ଼ିଜାଇନର ଏକ ବିସ୍ତୃତ ସମ୍ଭାର ନେଇ ଆସିଛି।




## ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟପରିସର ମଧ୍ୟରେ ରଥଯାତ୍ରା ୨୦୨୬ ପାଳନ କରିଛି

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଏବଂ ସମୃଦ୍ଧ ପରମ୍ପରାକୁ ସଂରକ୍ଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ବେଦାନ୍ତ ଆଲୁମିନିୟମ ପୁରୀର ପ୍ରଭୁ ଜଗନ୍ନାଥ ମନ୍ଦିର ପରିସରରେ ବ୍ୟାପକ ସାମୁଦାୟିକ ସେବା ପ୍ରୟାସ ଏବଂ ତୀର୍ଥଯାତ୍ରୀ କଲ୍ୟାଣ ପଦକ୍ଷେପ ଏବଂ ଓଡ଼ିଶା ତଥା ଛତିଶଗଡ଼ରେ ଏହାର ପ୍ଲାଣ୍ଟ ପରିସର ମଧ୍ୟରେ ସ୍ପନ୍ଦନଶୀଳ ସାଂସ୍କୃତିକ ପଦକ୍ଷେପ ଆୟୋଜନ କରି ରଥଯାତ୍ରା ୨୦୨୬ ପାଳନ କରିଛି। ଏହି ପ୍ରୟାସ ମାଧ୍ୟମରେ, କମ୍ପାନୀ ଲକ୍ଷ ଲକ୍ଷ ଭକ୍ତଙ୍କୁ ସମର୍ଥନ କରିବା ଏବଂ ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁଳ ଭାବରେ ପୂଜିତ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ ପାଳନ କରିବାରେ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ରିତ କରିବା ଲକ୍ଷ୍ୟ ରଖିଛି। ସେବାର ନୀତି ଦ୍ୱାରା ପରିଚାଳିତ, ଆଶା ବିନା ଅନ୍ୟମାନଙ୍କୁ ସେବା କରିବାର ନିଃସ୍ୱାର୍ଥପର ପ୍ରୟାସ, ବେଦାନ୍ତ ଆଲୁମିନିୟମର ରଥଯାତ୍ରା ପଦକ୍ଷେପଗୁଡ଼ିକ ଭକ୍ତମାନଙ୍କୁ



ସମର୍ଥନ କରିବା, ସାମୁଦାୟିକ ବନ୍ଧନକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ପାଇଁ ଉତ୍ସର୍ଗୀକୃତ।

କମ୍ପାନୀର ପଦକ୍ଷେପଗୁଡ଼ିକ ମଧ୍ୟରେ ଖାଦ୍ୟ ଏବଂ ପାନୀୟ ଜଳ ବଂଟନ, ତୀର୍ଥଯାତ୍ରୀଙ୍କ ପାଇଁ ସ୍ୱେଚ୍ଛାସେବୀ ସହାୟତା, ଭକ୍ତି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପାରମ୍ପରିକ କଳା ଫର୍ମର ପ୍ରୋତ୍ସାହନ ଏବଂ ସାମୁହିକ ଉତ୍ସବ ପାଇଁ ସମର୍ଥନ ଅନ୍ତର୍ଭୁକ୍ତ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସହଯୋଗ ଏବଂ ପରିବେଶଗତ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସ ଦ୍ୱାରା ପରିପୂର୍ଣ୍ଣ, ଏହି ପ୍ରୟାସଗୁଡ଼ିକ ପ୍ରଭୁ ଜଗନ୍ନାଥଙ୍କ କାଳଜୟୀ ଐତିହ୍ୟକୁ ସମ୍ମାନ ଜଣାଇ ସମସ୍ତ ଭକ୍ତଙ୍କ ପାଇଁ ଏକ ନିରାପଦ, ଅନ୍ତର୍ଭୁକ୍ତ ଏବଂ ପରିପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଏହି ଅବସରରେ ମତାମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ରଥ ଯାତ୍ରା ହେଉଛି ବିଶ୍ୱାସ, ସେବା ଏବଂ ଏକତାର ଏକ ଉତ୍ସବ ଯାହା ଓଡ଼ିଶାର ସାଂସ୍କୃତିକ ଆତ୍ମାକୁ ପ୍ରତିଫଳିତ କରିଥାଏ। ବେଦାନ୍ତ ଆଲୁମିନିୟମରେ, ତୀର୍ଥଯାତ୍ରୀ କଲ୍ୟାଣକୁ ପ୍ରୋତ୍ସାହିତ କରୁଥିବା, ଆମର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଥିବା ଏବଂ ଲୋକଙ୍କୁ ଏକାଠି କରୁଥିବା ପଦକ୍ଷେପ ମାଧ୍ୟମରେ ଏହି ଦୀର୍ଘକାଳୀନ ପରମ୍ପରାକୁ ପାଳନ କରିବାରେ ଆମର ସମ୍ପ୍ରଦାୟ ସହିତ ଯୋଗଦାନ କରି ଆମେ ସମ୍ମାନିତ। ଏକତା, ସେବା ଏବଂ ସାମୂହିକ ଉତ୍ସାହକୁ ପ୍ରେରଣା ଦେଉଥିବା ପରମ୍ପରାକୁ ସମର୍ଥନ କରି ଆମେ ଓଡ଼ିଶାର ସମ୍ପ୍ରଦାୟ ସହିତ ଆମର ସହଭାଗୀତାକୁ ମଜବୁତ କରିବା ପାଇଁ ପ୍ରତିବଦ୍ଧ ଅଟୁ। ଓଡ଼ିଶାର ଝାରସୁଗୁଡାରେ, ରଥଯାତ୍ରା ପାଳନରେ ୧୦,୦୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କୁ ବିଶ୍ୱାସ, ଭକ୍ତି ଏବଂ ସାଂସ୍କୃତିକ ଐତିହ୍ୟର ଏକ ମହାନ ଉତ୍ସବରେ ଏକତ୍ରିତ କରିଥିଲା। ଏହି ଉତ୍ସବରେ ଉତ୍ସାହଜନକ ଅଂଶଗ୍ରହଣ ଦେଖାଯାଇଥିଲା ଯେଉଁଥିରେ ୨୦୦୦ ରୁ ଅଧିକ ଭକ୍ତ ପ୍ରସାଦ ଗ୍ରହଣ କରିଥିଲେ। ପାରମ୍ପରିକ ଜଗନ୍ନାଥ ପୂଜାପାଠ ସହିତ, ଏହି ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଶଂସିତ ଭକ୍ତି କଳାକାରଙ୍କ ଦ୍ୱାରା ପ୍ରଦର୍ଶନ, ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଏବଂ କର୍ମଚାରୀଙ୍କ ନେତୃତ୍ୱରେ ସାଂସ୍କୃତିକ ପ୍ରଦର୍ଶନ ପ୍ରଦର୍ଶିତ ହୋଇଥିଲା।

## ଜ୍ୱି ମୁଭିଜ୍ ଆଣ୍ଡ ଟିଭିରେ ରଥଯାତ୍ରାର ସିଧା ପ୍ରସାରଣ

ବାଲିଅନ୍ତା(ସବ୍ୟୁ): ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରାର ସିଧା ପ୍ରସାରଣ ଓ୍ୱି ମୁଭିଜ୍ ଆଣ୍ଡ ଟିଭି ଜରିଆରେ କରାଯାଉଛି । । ଜୁଲାଇ ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଓ୍ୱି ଗ୍ରାହକମାନେ ରଥଯାତ୍ରାର ସିଧାପ୍ରସାରଣକୁ ଓ୍ୱି ମୁଭିଜ୍ ଆଣ୍ଡ ଟିଭିରେ ଦେଖିପାରିବେଏବଂ ଗୁଣ୍ଡିଚା ଯାତ୍ରା, ବାହୁଡା ଯାତ୍ରା, ସୁନା ବେଶ, ଅଧର ପଣା ଓ ନିଳାଦ୍ରୀ ବିଜେ ଆଦି ଦେଖିପାରିବେ ଯାହା ଦର୍ଶକମାନଙ୍କୁଏହି ଯାତ୍ରାର ପ୍ରତିଟି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଦେଖିବାର ସୁଯୋଗ ପ୍ରଦାନ କରିବ । ସିଧା ପ୍ରସାରଣ ବାହାରେ ମଧ ସିମାରୋମି ସହିତ ସହଯୋଗିତାରେ ଓ୍ୱି ପକ୍ଷରୁ ଏହି ୧୨ ଦିନ ବ୍ୟାପୀ ଯାତ୍ରା ପାଇଁ ସ୍ୱତନ୍ତ୍ରବିଷୟ ପ୍ରସ୍ତୁତ କରାଯାଇଛି ।

## ଅମୃତ ଭାରତ ଷ୍ଟେସନ ଯୋଜନା

# ଓଡ଼ିଶାର ୭ ପୁନଃନିର୍ମିତ ରେଳ ଷ୍ଟେସନର ଶୁଭ ଉଦ୍‌ଘାଟନ

**ଭୁବନେଶ୍ୱର/ନୂଆଦିଲ୍ଲୀ:** ଭିତ୍ତିଭୂମିର ରୂପାନ୍ତର ଏବଂ ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଦେଶବ୍ୟାପୀ ୭୫ଟି ପୁନର୍ନିର୍ମିତ ରେଳ ଷ୍ଟେସନର ଉଦ୍ଘାଟନ କରିଛନ୍ତି। ଏହି କ୍ରମରେ, ଓଡ଼ିଶାର ସାତୋଟି ପୁନର୍ନିର୍ମିତ ରେଳ ଷ୍ଟେସନ ବଲାଙ୍ଗୀର, ବରପାଲି, ପାରଳାଖେମୁଣ୍ଡି, ତାଳଚେର, କେସିଙ୍ଗା, ବାରିପଦା ଏବଂ ବିମଳଗଡ଼କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ପ୍ରାୟ ୧୦୯ କୋଟି ଟଙ୍କାର ବ୍ୟୟରେ ପୁନର୍ନିର୍ମିତ ଏହି ଷ୍ଟେସନଗୁଡ଼ିକ, ସେମାନଙ୍କର ସମ୍ପୃକ୍ତ ଅଞ୍ଚଳର ସାଂସ୍କୃତିକ ପରିଚୟ , ସ୍ଥାପତ୍ୟ କଳା ଓ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଆଧୁନିକ, ଯାତ୍ରୀ କେନ୍ଦ୍ରିକ ରେଳ ଷ୍ଟେସନ ବିକଶିତ କରିବା ପାଇଁ ଭାରତ ସରକାରଙ୍କ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ରେଳ ଷ୍ଟେସନଗୁଡ଼ିକର ସାମଗ୍ରିକ ବିକାଶ କରାଯାଇଛି। ଏଥିରେ ଆଧୁନିକ ଷ୍ଟେସନ ଭବନ, ଉନ୍ନତ ଚଳାଚଳ ପରିସର , ଅତ୍ୟାଧୁନିକ ପ୍ରତୀକ୍ଷାଳୟ, ଆଧୁନିକ ଶୌଚାଳୟ, ଉନ୍ନତ ପ୍ଲାଟଫର୍ମ ଛାଉଣି , ଡିଜିଟାଲ ଯାତ୍ରୀ ସୂଚନା ପ୍ରଣାଳୀ, ଉନ୍ନତ ଆଲୋକୀକରଣ, ମାନକ ସୂଚନାଫଳକ ଏବଂ ବହୁମାଧ୍ୟମ ପରିବହନ ସଂଯୋଗୀକରଣ ଭଳି ଯାତ୍ରୀ ସୁବିଧା ଅନ୍ତର୍ଭୁକ୍ତ। ପରିଚାଳନାଗତ ଆବଶ୍ୟକତା ଓ ପ୍ରତ୍ୟେକ ଷ୍ଟେସନର ବିଶେଷ ଚାହିଦାକୁ ଦୃଷ୍ଟିରେ ରଖି, ଉପଯୁକ୍ତ ଷ୍ଟେସନଗୁଡ଼ିକରେ ଲିଫ୍ଟ ସୁବିଧା ସହିତ ୧୨ ମିଟର ଚଉଡ଼ା ପାଦଚଲା ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ କରାଯାଇଛି, ଯାହା ଦିବ୍ୟାଙ୍ଗ ଓ ବୃଦ୍ଧ ଯାତ୍ରୀଙ୍କ ସମେତ ସମସ୍ତଙ୍କ ପାଇଁ ବାଧାମୁକ୍ତ ଯାତାୟାତ ସୁନିଶ୍ଚିତ କରିବ। ଏହା ସହ ଷ୍ଟେସନ ଭବନ ଗୁଡ଼ିକରେ ସ୍ଥାନୀୟ କଳା, ସଂସ୍କୃତି ଓ ସ୍ଥାପତ୍ୟର ଉପାଦାନ ସ୍ଥାନ ପାଇଛି, ଯାହା ସମ୍ପୃକ୍ତ ଅଞ୍ଚଳର ସ୍ୱତନ୍ତ୍ର ଐତିହ୍ୟକୁ ପ୍ରତିଫଳିତ କରୁଛି।ଏହି ରୂପାନ୍ତରିତ ଷ୍ଟେସନଗୁଡ଼ିକ ଯାତ୍ରୀଙ୍କ ସୁବିଧାକୁ ଯଥେଷ୍ଟ ବୃଦ୍ଧି କରିବ, ଆଞ୍ଚଳିକ ସଂଯୋଗକୁ ସୁଦୃଢ଼ କରିବ ଏବଂ ପର୍ଯ୍ୟଟନ, ବାଣିଜ୍ୟ ତଥା ସ୍ଥାନୀୟ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଏହା 'ବିକଶିତ ଭାରତ'ର ଦୃଷ୍ଟିକୋଣ ଅନୁଯାୟୀ ବିଶ୍ୱସ୍ତରୀୟ ରେଳ ଭିତ୍ତିଭୂମି ଗଢ଼ି ତୋଳିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ସୁନିଶ୍ଚିତ କରୁଛି।

## ନୌସେନାକୁ ମିଳିଲା 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର



**କୋଚି:** ଭାରତଓ ଆମେରିକା ପ୍ରତିରକ୍ଷା ସାଙ୍ଗଠନିକ ସାଝେଦାରୀ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ଭାରତୀୟ ନୌସେନାକୁ ଆଉ ଏକ ଅତ୍ୟାଧୁନିକ 'ଏମଏଚ୍-୬୦ଆର୍ ସିହକ୍' ବହୁମୁଖୀ ସାମରିକ ହେଲିକପ୍ଟର ପ୍ରଦାନ କରାଯାଇଛି। ଗତ ସପ୍ତାହରେ କେରଳର କୋଚିଠାରେ ଆମେରିକା ପକ୍ଷରୁ ଏହି ହେଲିକପ୍ଟର ହସ୍ତାନ୍ତର କରାଯାଇଥିବା ବେଳେ ଚଳିତ ସପ୍ତାହରେ ଆଉ ଦୁଇଟି ହେଲିକପ୍ଟର ଭାରତରେ ପହଞ୍ଚିବ ବୋଲି ନୂଆଦିଲ୍ଲୀ ସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସଫଳତାକୁ ନେଇ ଭାରତରେ ଅବସ୍ଥାପିତଆମେରିକାରାଷ୍ଟ୍ରଦୂତ ସର୍ଜିଓ ଗୋର ଖୁସି ବ୍ୟକ୍ତ କରିବା ସହ ଏହା ଇଣ୍ଡୋ-ପ୍ୟାସିଫିକ୍ (ଭାରତ-ପ୍ରଶାନ୍ତ ମହାସାଗରୀୟ) କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି କହିଛନ୍ତି। ।ରତୀୟ ନୌସେନାର ହେଲିକପ୍ଟର ବାହିନୀକୁ ଆଧୁନିକୀକରଣ କରିବା ଲକ୍ଷ୍ୟରେ ୨୦୨୦ ମସିହାରେ ଆମେରିକା ସହ ପ୍ରାୟ ୨୪ଟି 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର କ୍ରୟ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ୨୦୨୪ ମାର୍ଚ୍ଚ ମାସରେ କୋଚିର ଆଇଏନଏସ୍ ଗରୁଡ଼ଠାରେ ଏହାକୁ ଆନୁଷ୍ଠାନିକ ଭାବେ ନୌସେନାରେ ସାମିଲ କରାଯାଇଥିଲା। ଏହି କ୍ରମରେ ୨୦୨୫ ଡିସେମ୍ବରରେ ଭାରତ ସରକାର ପ୍ରାୟ ୭,୯୯୫ କୋଟି ଟଙ୍କା ବ୍ୟୟରେ ଏହାର ଦୀର୍ଘକାଳୀନ ରକ୍ଷଣାବେକ୍ଷଣ ଓ ଲଜିଷ୍ଟିକ୍ସ ସହାୟତା ପାଇଁ ଆମେରିକାର ଲକହିଡ୍ ମାର୍ଟିନ୍ କମ୍ପାନୀ ସହ ଏକ ସ୍ୱତନ୍ତ୍ର ଚୁକ୍ତି ମଧ୍ୟ କରିଛନ୍ତି। 'ରୋମିଓ' ନାମରେ ପରିଚିତ ଏହି 'ଏମଏଚ୍-୬୦ଆର୍ ସିହକ୍' ହେଲିକପ୍ଟର ବିଶ୍ୱର ସବୁଠାରୁ ବହୁମୁଖୀ ଓ ଶକ୍ତିଶାଳୀ ନୌସେନା ହେଲିକପ୍ଟର ମଧ୍ୟରୁ ଅନ୍ୟତମ। ଏହା ଶତ୍ରୁପକ୍ଷର ବୁଡ଼ାଜାହାଜ ନଷ୍ଟ କରିବା, ସାମୁଦ୍ରିକ ସର୍ଭେଲାନ୍ସ, ଯୁଦ୍ଧ ଜାହାଜରୁ ଅପରେସନ ପରିଚାଳନା, ସର୍ଚ୍ଚ ଆଣ୍ଡ ରେସକ୍ୟୁ ଏବଂ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବାରେ ସମ୍ପୂର୍ଣ୍ଣ ସକ୍ଷମ। ଏହା ଅତ୍ୟାଧୁନିକ ମଲ୍ଟି-ମୋଡ୍ ରୋଡାର, ହେଲଫାୟାର ମିସାଇଲ୍, ଏବଂ ହାଲୁକା ଟର୍ପିଡୋରେ ସଜ୍ଜିତ ହୋଇଥିବାରୁ ଏହା ଭାରତ ମହାସାଗରରେ ଚୀନ୍ କିମ୍ବା ଅନ୍ୟ କୌଣସି ସାମୁଦ୍ରିକ ବିପଦର ମୁକାବିଲା କରିବା ପାଇଁ ଭାରତୀୟ ନୌସେନାର ଶକ୍ତିକୁ ଦ୍ୱିଗୁଣିତ କରିବ।

## ଚାଲିଲା ହାଇଡ୍ରୋଜେନ୍ ଟ୍ରେନ



**ଚଣ୍ଡୀଗଡ଼:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ପ୍ରଥମ ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଟ୍ରେନ୍ ନର୍ଦ୍ଦେର୍ଣ୍ଣ ରେଲୱେ ଅଧୀନରେ ହରିୟାଣାର ଜିନ୍ଦ୍ରୁ ସୋନିପତ୍ ମଧ୍ୟରେ ୮୯ କିଲୋମିଟର ରେଳ ଲାଇନରେ ଚାଲିବ। ପ୍ରଥମ ଥର ପାଇଁ ଭାରତରେ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯିବ। ଏହି ପ୍ରଯୁକ୍ତିବିଦ୍ୟା ବିଦ୍ୟୁତ୍ ଉତ୍ପାଦନ ପାଇଁ ହାଇଡ୍ରୋଜେନ୍ ଇନ୍ଧନ ସେଲ୍ ବ୍ୟବହାର କରିବ। ଏହି ପ୍ରକଳ୍ପରେ ହାଇଡ୍ରୋଜେନ୍ ସଂରକ୍ଷଣ ଓ ଇନ୍ଧନ ଭର୍ତ୍ତି ସୁବିଧା ମଧ୍ୟ ରହିଛି। ହାଇଡ୍ରୋଜେନ୍ ଟ୍ରେନ୍ ପ୍ରଚଳନରେ ଜର୍ମାନୀ, ଜାପାନ, ଚୀନ୍ ଓ ଆମେରିକା ପରେ ଭାରତ ପଞ୍ଚମ ଦେଶ ହୋଇପାରିଛି। ଭାରତ ଏପରି ଟ୍ରେନ ଥିବା ଦେଶଗୁଡ଼ିକର ଏକ ସ୍ୱତନ୍ତ୍ର ଗୋଷ୍ଠୀରେ ସାମିଲ ହୋଇଛି। ଏହା ଭାରତକୁ ରେଳ କ୍ଷେତ୍ରରେ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ସୁନିଶ୍ଚିତ କରିବାରେ ଏକ ଦୀର୍ଘ ଯାତ୍ରା କରିବ ବୋଲି ଟ୍ରେନ୍ ସେବା ଉଦଘାଟନ କରିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି। ପାଇଲଟ୍ ପ୍ରୋଜେକ୍ଟ ଭାବରେ ବିକଶିତ ଏହି ଟ୍ରେନ୍ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟା ପରୀକ୍ଷା କରିବାରେ ସାହାଯ୍ୟ କରିବ ଓ ଭାରତରେ ପରିବେଶ ଅନୁକୂଳ ରେଳ ଯାତ୍ରା ପାଇଁ ଭବିଷ୍ୟତ ଯୋଜନାକୁ ସମର୍ଥନ କରିବ। ବିଶ୍ୱର ପ୍ରଥମ ହାଇଡ୍ରୋଜେନ ଚାଳିତ ଯାତ୍ରୀବାହୀ ଟ୍ରେନ୍ ଆଲଷ୍ଟମ୍ କୋରାଡିଆ ଆଇଲିଣ୍ଟ ଜର୍ମାନୀ ଆରମ୍ଭ କରିଥିଲା।

## ଉଗାଣ୍ଡାରେ ସ୍କୁଲ ବସ୍ ଓଲଟି ୨୧ ମୃତ

**କମ୍ପାଲା:** ପୂର୍ବଆଫ୍ରିକୀୟଦେଶ ଉଗାଣ୍ଡାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ପ୍ରାୟ ୨୦ ଜଣ ପ୍ରାଥମିକ ସ୍କୁଲ ଶିଶୁ ଓ ଜଣେ ବସ୍ କର୍ମୀଙ୍କ ସମେତ ସମୁଦାୟ ୨୧ ଜଣଙ୍କର ମୃତ୍ୟୁ ହୋଇଛି। ଉଗାଣ୍ଡା ପୋଲିସ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ପୂର୍ବ ଉଗାଣ୍ଡାର କାପଚୋରୱା ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି। ରାଜଧାନୀ କମ୍ପାଲାରେ ଥିବା 'କିଙ୍ଗ ଡେଭିଡ୍ ଜୁନିୟର ସ୍କୁଲ୍' ର ଛାତ୍ରଛାତ୍ରୀମାନେ ଏକ ଶିକ୍ଷାମୂଳକ ଭ୍ରମଣରେ ସିପି ଫଲ୍ସ ଜଳପ୍ରପାତକୁ ଯାଇଥିଲେ ଏବଂ ସେଠାରୁ ଫେରିବା ସମୟରେ ଏହି ଅଘଟଣ ଘଟିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବସ୍ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ବସଟି ରାସ୍ତା କଡ଼କୁ ଚାଲିଯାଇ ଏକ ବଡ଼ ପଥର ସହ ପିଟି ହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାଟି ଏତେ ଭୟାବହ ଥିଲା ଯେ ବସର ସମ୍ପୂର୍ଣ୍ଣ ଛାତ ଉଡ଼ିଯାଇ ସିଟଗୁଡ଼ିକ ବାହାରକୁ ଦୃଶ୍ୟମାନ ହେଉଥିଲା। ଏହି ଦୁର୍ଘଟଣାରେ ଅନେକ ଶିଶୁ ଓ ୩ ଜଣ ବୟସ୍କ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇ ଅଳ୍ପକେ ବର୍ତ୍ତି ଯାଇଛନ୍ତି, ଯେଉଁମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଗାଡ଼ିଗୁଡ଼ିକର ସମୁଚିତ ରକ୍ଷଣାବେକ୍ଷଣର ଅଭାବ, ଦ୍ରୁତ ଗତି ଏବଂ ଖରାପ ରାସ୍ତା ଯୋଗୁଁ ଉଗାଣ୍ଡାରେ ପ୍ରାୟତଃ ଏଭଳି ସଡ଼କ ଦୁର୍ଘଟଣା ଘଟିଥାଏ ବୋଲି ପୋଲିସ ପ୍ରକାଶ କରିଛି।

## ଗ୍ୟାଙ୍ଗଷ୍ଟର ନିତୀଶ କୌଶଳ ଗିରଫ



**ୱାସିଂଟନ:** ପଞ୍ଜାବର ଭଗବାନପୁରିଆ ଗ୍ୟାଙ୍ଗର ସହଯୋଗୀ କୁଖ୍ୟାତ ନିତୀଶ କୌଶଳ ଆମେରିକାର ଆଇନ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆମେରିକାର ଭର୍ମଣ୍ଟରେଗିରଫହୋଇଥିବା ଏଫ୍‌ବିଆଇ ପକ୍ଷରୁ ଗୁରୁବାର କୁହାଯାଇଛି। 'ଅପରେସନ୍ ହାର୍ଡ ବଲ୍' ନାମରେ ଏକ ଅପରେସନରେ ଆମେରିକାରେ ଭାରତ ସହିତ ଲିଙ୍କ୍ ଥିବା ତିନୋଟି ସଂଗଠିତ ଅପରାଧ ଗୋଷ୍ଠୀର ୧୫ ଜଣ ସଦସ୍ୟଙ୍କୁ ଗିରଫ କରିବାର କିଛି ସପ୍ତାହ ପରେ ଏହି ଗିରଫଦାରୀ ହୋଇଛି। ନିତୀଶ କୌଶଳ ସମେତ ସମସ୍ତ ଗିରଫ ଅଭିଯୁକ୍ତଙ୍କୁ ଆମେରିକାର ଫେଡେରାଲ ଜେଲରେ ଅତି କମ୍ରେ ୧୦ ବର୍ଷ ଜେଲ କାଟିବାକୁ ପଡ଼ିପାରେ।ବିଷ୍ଣୋଇ, ଭଗବାନପୁରିଆ ଓ ଧଣ୍ଡା ସଂଗଠିତ ଅପରାଧ ଗୋଷ୍ଠୀର କାର୍ଯ୍ୟକଳାପ ସହିତ ଜଡିତ ୩୪ ଜଣଙ୍କ ବିରୋଧରେ ଆମେରିକୀୟ କର୍ତ୍ତୃପକ୍ଷ ଅଭିଯୋଗ ଆଣିଥିଲେ। ତେବେ କୌଶଳଙ୍କ ସମେତ ୧୧ ଜଣ ଏପର୍ଯ୍ୟନ୍ତ ଆମେରିକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗିରଫ ହୋଇନଥିଲେ। କାଲିଫର୍ଣ୍ଣିଆ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟର ଆମେରିକା ଡିଷ୍ଟ୍ରିକ୍ଟ କୋର୍ଟ ନିତୀଶ ବିରୋଧରେ ଜୁନ୍ ୨୫ରେ ଗିରଫ ପରୱାନା ଜାରି କରିଥିଲା।

## ଅନୁରାଗ କୁମାର ଦିଲ୍ଲୀ ପୋଲିସ କମିଶନର

**ନୂଆଦିଲ୍ଲୀ:** ବଦଳିଛନ୍ତି ଦେଶର ରାଜଧାନୀ ଦିଲ୍ଲୀର ପୁଲିସ୍ କମିଶନର। ଶୁକ୍ରବାର କେନ୍ଦ୍ର ସରକାର ବରିଷ୍ଠ ଆଇପିଏସ ଅଧିକାରୀ ଅନୁରାଗ କୁମାରଙ୍କୁ ଦିଲ୍ଲୀର ନୂଆ ପୁଲିସ୍ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି।ପୂର୍ବରୁ ସତୀଶ ଗୋଲଚା ଦିଲ୍ଲୀର ପୁଲିସ୍ କମିଶନର ଭାବେ କାମ କରୁଥିଲେ। ୨୦୨୫ ଅଗଷ୍ଟରେ ସତୀଶ ଦିଲ୍ଲୀ ପୁଲିସ୍ କମିଶନର ଭାବେ ଦାୟିତ୍ୱ ନେଇଥିଲେ। କିନ୍ତୁ ଠିକ ବର୍ଷେ ପୂରିବା ଆଗରୁ ତାଙ୍କ ସ୍ଥାନ ଅନୁରାଗ କୁମାର ନେଇଛନ୍ତି।୧୯୯୪ ବ୍ୟାଚ୍ ଏଜିଏମୟୁଟି କ୍ୟାଡର ଆଇପିଏସ କୁମାର ଗୁଇନ୍ଦା ବିଭାଗରେ ସ୍ପେଶାଲ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ନୂଆ ନିଯୁକ୍ତର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ ତାଙ୍କୁ ଆଇବି ଦାୟିତ୍ୱରୁ ମୁକ୍ତ କରିଥିଲା। ଏଥିସହ ତାଙ୍କୁ ମୂଳ ଏଜିଏମୟୁଟି କ୍ୟାଡରକୁ ଫେରିବାକୁ ମଞ୍ଜୁରୀ ଦେଇଥିଲା।ଏହି ନିଷ୍ପତ୍ତି ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁମାରଙ୍କ ନୂଆ ନିଯୁକ୍ତି ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି।

## ସ୍କୁଲ ଭ୍ୟାନକୁ ଧକ୍କା ଦେଲା ଟ୍ରେନ୍; ୩ ଛାତ୍ର ମୃତ

**ମୁର୍ଶିଦାବାଦ:** ପଶ୍ଚିମବଙ୍ଗରେ ଏକ ଦୁଃଖଦ ଘଟଣାକ୍ରମରେ ମୁର୍ସିଦାବାଦ ଜିଲ୍ଲାର ଆଜିମଗଞ୍ଜ-କଟୱା ସେକ୍ସନର କର୍ଣ୍ଣସୁବର୍ଣ୍ଣ ଷ୍ଟେସନ ଓ ଗୋବିନ୍ଦପୁର ରେଳ ଫାଟକ ମଧ୍ୟରେ ଶୁକ୍ରବାର ଏକ ଲୋକାଲ ଟ୍ରେନ ସ୍କୁଲ ଭ୍ୟାନ୍‌କୁ ଧକ୍କା ଦେବାରୁ ତିନି ଜଣ ସ୍କୁଲ ଛାତ୍ର ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ସକାଳ ୭ଟାରେ ହୋଇଥିଲା। ଅନ୍ୟ ଚାରି ଜଣ ଛାତ୍ର ଓ ଭ୍ୟାନ୍ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ପୁଲିସ ଓ ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, ନିମତିତା-କାଟୱା ଲୋକାଲ୍ ଟ୍ରେନ୍ ଡାଉନ୍ ଲାଇନରେ ଯାତ୍ରା କରୁଥିବା ସମୟରେ ଏକ ଖୋଲା ଲେଭଲ୍ କ୍ରସିଂରେ ସ୍କୁଲ ଭ୍ୟାନକୁ ଧକ୍କା ଦେଇଥିଲା।

## ୨୦ରୁ ସଂସଦର ମୌସୁମୀ ଅଧିବେଶନ

# ଅନେକ ବିଲ୍, ଅଧ୍ୟାଦେଶ ଆଣିବାକୁ ସରକାରଙ୍କ ଲକ୍ଷ୍ୟ

**ନୂଆଦିଲ୍ଲୀ:** ସଂସଦର ମୌସୁମୀ ଅଧିବେଶନରେ ସରକାର କେତେକ ଅଧ୍ୟାଦେଶ ଓ ବିଲ୍ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ବିଲ୍‌କୁ ସମର୍ଥନ ପାଇଁ ସଂସଦରେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ଆବଶ୍ୟକତା ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୦ରୁ ମୌସୁମୀ ଅଧିବେଶନ ଆରମ୍ଭ ହୋଇ ଅଗଷ୍ଟ ୧୩ ଯାଏ ଚାଲିବ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସରକାର ପ୍ରଥମେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାଦେଶ ଓ ବିଲ୍ ଆଣିବେ। ଯେଉଁଥିରେ ପ୍ରସ୍ତାବିତ ଆୟକର ସଂଶୋଧନ ବିଲ୍ ରହିଛି। ଏହାଛଡା ପ୍ରିଭେନ୍‌ସନ୍ ଅଫ୍ ଇନ୍‌ସଲ୍ଟ ଟୁ ନ୍ୟାସନାଲ ଅନର (ସଂଶୋଧନ ବିଲ) ଆଗତ କରିବେ। ଏହି ବିଲ୍ ଆଗତ ହେଲେ ବନ୍ଦେ ମା'ତରମ୍‌କୁ ଜାତୀୟ ସଙ୍ଗୀତ, ଜନଗଣମନ, ତ୍ରିରଙ୍ଗା ପତାକା ଓ ସମ୍ବିଧାନ ପରି ସମାନ ଆଇନ୍‌ଗତ ସୁରକ୍ଷା ମିଳିବ। ୧୯୭୧ ମସିହା ଆଇନ୍ ଅନୁଯାୟୀ ଜାତୀୟ ସଂଗୀତକୁ ଅପମାନ କରିବା ଓ ଏଥିରେ ବାଧା ସୃଷ୍ଟି କରିବା କିମ୍ବା ବିଘ୍ନ ଘଟାଇବା ପାଇଁ ୩ ବର୍ଷ ଜେଲ୍ ଦଣ୍ଡ ରହିଛି। ବନ୍ଦେ ମା'ତରମକୁ ମଧ୍ୟ ଏହାର ପରିସରକୁ ଅଣାଯିବ। ସରକାର ଏ ବିଲ୍ ପାରିତ ନେଇ ଆଶ୍ୱସ୍ତ ଅଛନ୍ତି। ସଂସଦରେ ବିଜେପି ତା'ର ସହଯୋଗୀ ଦଳ ସହ ଏ ସଂକ୍ରାନ୍ତରେ ଆଲୋଚନା କରି କ୍ଷେତ୍ର ପ୍ରସ୍ତୁତ



କରିଛନ୍ତି। ବରିଷ୍ଠ ଏନ୍‌ଡିଏ ନେତାମାନେ ଦିଲ୍ଲୀରେ ବୈଠକ କରି ରଣନୀତି ପ୍ରସ୍ତୁତ କରିଛନ୍ତି। ଏନ୍‌ଡିଏର କିଛି ମନ୍ତ୍ରୀ ଗୋଷ୍ଠୀଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୈଠକ କରିଛନ୍ତି। ଏଥିରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଉପସ୍ଥିତ ଥିଲେ। ତେବେ ଇତି ଅବସରରେ ବିରୋଧୀ ଦଳ ମଧ୍ୟ ମୌସୁମୀ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି। ଆସନ୍ତା ୨୦ରେ ବିରୋଧୀ ନେତାମାନେ ବୈଠକ କରି ଲୋକସଭା ଓ ରାଜ୍ୟସଭା ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରିବେ ବୋଲି ସୂଚନା ମିଳିଛି। ତେବେ ସଂସଦର ଚିତ୍ର ଇତି ମଧ୍ୟରେ ବଦଳି ଯାଇଛି। ଟିଏମ୍‌ସିର ୨୦ ସାଂସଦ ଏନ୍‌ସିପିଆଇରେ ଯୋଗଦେଇ ନୂଆ ଗୋଷ୍ଠୀ ଗଠନ କରିଛନ୍ତି। ସେମାନେ ଏନ୍‌ଡିଏରେ ସାମିଲ ହେବେ ବୋଲି ଘୋଷଣା କରିଛନ୍ତି। ଏହି ଗୋଷ୍ଠୀକୁ ଆନୁଷ୍ଠାନିକ ଭାବେ ସ୍ୱୀକୃତି ମିଳିନାହିଁ। ସେହିଭଳି ଶିବସେନା,ୟୁବିଟିର ୬ ସାଂସଦ ମଧ୍ୟ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗ ଦେଇଛନ୍ତି। ସଂସଦରେ ଏନ୍‌ଡିଏ ସାଂସଦଙ୍କ ସଂଖ୍ୟା ୨୯୩ରୁ ବୃଦ୍ଧି ପାଇ ୩୦୦ରୁ ଅଧିକ ହୋଇଛି।

## ବ୍ରିଟେନରେ ଭାରତୀୟ ମହିଳାଙ୍କୁ ଛୁରି ଭୁସି ହତ୍ୟା

**ଲଣ୍ଡନ:** ବ୍ରିଟେନରେ ବସବାସ କରୁଥିବା ୨୪ ବର୍ଷୀୟା ଭାରତୀୟ ମହିଳା କିରଣଦୀପ କୌରଙ୍କୁ ତାଙ୍କ ଘରେ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣା ପରେ ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ମୃତ ମହିଳାଙ୍କ ପରିବାର ଏହାକୁ ଘୃଣାହିଂସା କହି ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବ୍ରିଟିସ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।ସୂଚନା ଅନୁସାରେ, କିରଣଦୀପ କୌର ବ୍ରିଟେନରେ ନିଜ ସ୍ୱାମୀ ଓ ଛୋଟ ପିଲାଙ୍କ ସହ ରହୁଥିଲେ। ତାଙ୍କ ଘର ଭିତରେ ତାଙ୍କୁ ଛୁରିରେ ଏକାଧିକ ଥର ଆକ୍ରମଣ କରାଯାଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହି ଘଟଣାରେ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରି ପଚରାଉଚରା କରାଯାଉଛି। ତେବେ ହତ୍ୟା ପଛର ପ୍ରକୃତ କାରଣ ସମ୍ପର୍କରେ ପୁଲିସ ଏପର୍ଯ୍ୟନ୍ତ କୌଣସି ଅନ୍ତିମ ମତ ପ୍ରକାଶ କରିନାହିଁ। ମୃତ ମହିଳାଙ୍କ ପରିବାରର ଅଭିଯୋଗ ହେଉଛି, ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ, ବରଂ ଘୃଣାଜନିତ ଅପରାଧ। ପରିବାର ପକ୍ଷରୁ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ସ୍ଥାନୀୟ ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନେ ମଧ୍ୟ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ ପୀଡ଼ିତ ପରିବାରକୁ ନ୍ୟାୟ ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। ପୁଲିସ କହିଛି, ଫରେନସିକ ବିଶେଷଜ୍ଞଙ୍କ ସହାୟତାରେ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରାଯାଇଛି। ସାକ୍ଷୀଙ୍କ ବୟାନ ମଧ୍ୟ ରେକର୍ଡ କରାଯାଉଛି। ତଦନ୍ତ ଶେଷ ହେବା ପରେ ହତ୍ୟା ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ଜୈସ୍-ଏ-ମହମ୍ମଦର ଆଉ ୫ ସନ୍ଦିଗ୍ଧ ସଦସ୍ୟ ଗିରଫ

**ଅହମଦାବାଦ:** ଦେଶର ବିଭିନ୍ନ ସ୍ଥାନରେ ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଥିବା ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ୍-ଏ-ମହମ୍ମଦ (ଜେଇଏମ୍) ସହ ସମ୍ପୃକ୍ତ ଆଉ ୫ ଜଣ ସନ୍ଦିଗ୍ଧଙ୍କୁ ଗୁଜରାଟ ପୁଲିସର ଆତଙ୍କବାଦ ନିରୋଧୀ ଦଳ (ଏଟିଏସ୍) ଗିରଫ କରିଛି। ଏହି ଗିରଫଦାରି ସହ ଏହି ମାମଲାରେ ମୋଟ ଗିରଫ ସଂଖ୍ୟା ୧୧ରେ ପହଞ୍ଚିଛି। ପୁଲିସ କହିଛି, ଅଭିଯୁକ୍ତମାନେ ଦେଶର ବିଭିନ୍ନ ସହରରେ ବିସ୍ଫୋରଣ ଘଟାଇବା ପାଇଁ ଷଡ଼ଯନ୍ତ୍ରକରୁଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ବିଲାଲ ଆବିଦ୍ ଶେରା, ମହମ୍ମଦ ଆୟୁବ କାଦିୱାଲ ଓରଫ ମହମ୍ମଦ ଖାଦିୟାସନ, ମହମ୍ମଦ ଶାଫି ମୁଖୀ ଓରଫ ଶାଫି ଚାପି, ମହମ୍ମଦ ହାସନ କରାଡିଆ ଓରଫ ହାସନ ହାଇଦରପୁରୀ ଓ ମହମ୍ମଦ ଆୟୁବ ସୁନାସାରା ଓରଫ ମହମ୍ମଦ ଖାଲି।ପୁଲିସକହିଛି, ନୂଆକରି ଗିରଫ ହୋଇଥିବା ୫ ଜଣଙ୍କୁ ଗୁଜରାଟ, ଦିଲ୍ଲୀ ଓ ଉତ୍ତରପ୍ରଦେଶରେ ଚାଲିଥିବା ସମନ୍ୱିତ ଅଭିଯାନରେ ଧରାଯାଇଛି। ପୂର୍ବରୁ ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ପଚରାଉଚରା କରିବା ପରେ ଏହି ନୂଆ ଗିରଫଦାରି ସମ୍ଭବ ହୋଇଥିବା ପୁଲିସ କହିଛି। ତଦନ୍ତରେ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ସୋସିଆଲ ମିଡିଆ ଓ ସୁରକ୍ଷିତ ଅନ୍ଲାଇନ୍ ମାଧ୍ୟମରେ ଜୈସ୍-ଏ-ମହମ୍ମଦର ପାକିସ୍ତାନସ୍ଥିତ ସଂଚାଳକଙ୍କ ସହ ଯୋଗାଯୋଗରେ ଥିଲେ। ସେମାନଙ୍କୁ ବିସ୍ଫୋରକ ପ୍ରସ୍ତୁତି, ଲକ୍ଷ୍ୟସ୍ଥଳ ଚୟନ ଓ ଆକ୍ରମଣ ପ୍ରକ୍ରିୟା ସମ୍ପର୍କରେ ନିର୍ଦ୍ଦେଶ ଦିଆଯାଉଥିଲା। ପୁଲିସ ବିଭିନ୍ନ ଇଲେକ୍ଟ୍ରୋନିକ୍ ଉପକରଣ, ମୋବାଇଲ ଫୋନ୍ ଓ ଡିଜିଟାଲ ପ୍ରମାଣ ଜବତ କରିଛି, ଯାହାର ଯାଞ୍ଚ ଚାଲିଛି। ପୁଲିସ କହିଛି, ଅଭିଯୁକ୍ତମାନଙ୍କ ଯୋଜନା ଆରମ୍ଭିକ ପର୍ଯ୍ୟାୟରେ ଥିଲା ଏବଂ ସମୟ ଥାଉଥାଉ ଏହାକୁ ପଣ୍ଡ କରାଯାଇଛି। ଏହି ଚକ୍ର ସହ ଆଉ କିଛି ଲୋକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବାରୁ ତଦନ୍ତକୁ ଆହୁରି ବ୍ୟାପକ କରାଯାଇଛି। ପୁଲିସ କହିଛି, ଜାତୀୟ ସୁରକ୍ଷା ସହ ଜଡ଼ିତ ଏହି ମାମଲାରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରଖି ତଦନ୍ତ କରାଯାଉଛି। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର, ଯୋଗାଯୋଗ ବ୍ୟବସ୍ଥା ଓ ସମ୍ଭାବ୍ୟ ନେଟ୍‌ୱର୍କର ମଧ୍ୟ ଖୋଳତାଡ଼ କରାଯାଉଛି।



ଉତ୍ତରାଖଣ୍ଡ ରାଜଧାନୀ ଡେରାଡୁନରେ ଧୁମଧାମରେ ରଥଯାତ୍ରା ପାଳିତ

## ଏନଡିଏ ସଂସଦୀୟ ଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ'



**ନୂଆଦିଲ୍ଲୀ :** ଜୁଲାଇ ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଜୁଲାଇ ୨୧ ତାରିଖ ସକାଳ ୯.୩୦ରେ ସଂସଦ ଭବନରେ ଏନ୍ଡିଏ ସଂସଦୀୟଦଳ ବୈଠକ ରହିଛି। ତେବେ ଏଣିକି ଏନ୍ଡିଏସଂସଦୀୟଦଳ ବୈଠକର ନାଁ ରହିବ 'ମଙ୍ଗଳ ମିଳନ' ।ସଂସଦ ଅଧିବେଶନ ସମୟରେ ପାରମ୍ପରିକ ଭାବେ ମଙ୍ଗଳବାର ହେଉଥିବା ବୈଠକକୁ ସଂସଦୀୟ ଦଳ ବୈଠକ କୁହାଯାଏ। ଏହି ବୈଠକର ଏବେ ନୂଆ ନାଁ ରହିବ 'ମଙ୍ଗଳ ମିଳନ'। ସରକାରୀ ସୂତ୍ର ଅନୁଯାୟୀ ରଣନୀତିଜ୍ଞମାନେ ଏବେ ପୂର୍ଣ୍ଣ ବିଶ୍ୱସ୍ତ ଯେ ଶାସକ ମେଣ୍ଟର ଗୃହରେ ଆବଶ୍ୟକୀୟ ସଂଖ୍ୟା ରହିଛି। ଯେତେବେଳେ ଆବଶ୍ୟକ ପଡ଼ିବ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ବିଲ୍ ଗୃହୀତ କରିବାପାଇଁ ମଧ୍ୟ ଏନ୍ଡିଏ ମେଣ୍ଟ ପାଖରେ ସଂଖ୍ୟା ରହିଛି। ନିକଟରେ ଏନ୍ସିପିସିଆଇରେ ଯୋଗ ଦେଇଥିବା ବିଦ୍ରୋହୀ ତୃଣମୂଳ କଂଗ୍ରେସ ସାଂସଦଙ୍କୁ ସରକାରୀ ସ୍ୱୀକୃତି ମିଳିବ। ଯଦି ସେମିତି ହୁଏ ସର୍ବ ଦଳୀୟ ବୈଠକକୁ ମଧ୍ୟ ଉକ୍ତ ଦଳକୁ ନିମନ୍ତ୍ରଣ କରାଯିବ। ଅନ୍ୟପକ୍ଷେ ଆଜି ଦିନରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ବାସଭବନରେ ଏକ ଉଚ୍ଚ ସ୍ତରୀୟ ବୈଠକ କରିଛନ୍ତି । ଆସନ୍ତା ମୌସୁମୀ ଅଧିବେଶନରେ ଏନ୍ଡିଏର ରଣନୀତି କ'ଣ ରହିବ ସେନେଇ ଏହି ବୈଠକରେ ଆଲୋଚନା ହୋଇଛି।

## ଗୁଜରାଟରେ 'ରଥଯାତ୍ରା', ଯୋଗ ଦେଲେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ

**ଗାନ୍ଧିନଗର:** ଗୁଜରାଟର ଅଦାଲଜ ସହରର ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆରମ୍ଭ ହେବାପରେ ବିଶ୍ୱାସର ଏକ ଜୀବନ୍ତ ସମୁଦ୍ରରେ ପରିଣତ ହୋଇଥିଲା। ନିକଟବର୍ତ୍ତୀ ଅଞ୍ଚଳରୁ ୨୫ ହଜାରରୁ ଅଧିକ ଭକ୍ତ ଏକତ୍ରିତ ହୋଇ ଭଗବାନ ଜଗନ୍ନାଥ, ତାଙ୍କ ଭାଇ ପ୍ରଭୁ ବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ଦର୍ଶନ କରିଥିଲେ।ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏହି ଶୁଭ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ "ଜୟ ଜଗନ୍ନାଥ" ର ଧ୍ୱନି ମଧ୍ୟରେ ରଥଯାତ୍ରାର ଶୁଭାରମ୍ଭ କରିଥିଲେ। ସେ ମହାପ୍ରଭୁଙ୍କ ପହଣ୍ଡି ବିଜେରେ ବି ସାମିଲ ହୋଇଥିଲେ। ନରହରି ଆମିନ (ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ତଥା ମେମେରା ବେନ ପଟେଲ (ମେୟର ଗାନ୍ଧିନଗର) ମଧ୍ୟ ଏଥିରେ ସାମିଲ୍ ହୋଇଥିଲେ।ଏହି ବିଶାଳ ରଥଯାତ୍ରା ସକାଳ ୯ଟାରେ ମନ୍ଦିର ଫାଟକରୁ ବାହାରି ଶନି ମନ୍ଦିର, ଉରସାଦ ବ୍ରିଜ୍ ଏବଂ ଅଦାଲଜ ସର୍କଲ ସହିତ ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଯାଇଥିଲା । ଗୁଜୁରାଟରେ ରହୁଥିବା ଓଡ଼ିଆମାନଙ୍କ ସହ ହଜାର ହଜାର ସ୍ଥାନୀୟ ନାଗରିକଙ୍କ ସହ ଏହି ରାସ୍ତାରେ ଭରପୂର ଥିଲା, ସାଂସ୍କୃତିକ ଏକୀକରଣ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ଏକ ସୁନ୍ଦର ପ୍ରଦର୍ଶନ ପ୍ରଦର୍ଶନ କରିଥିଲା ।ରଥଯାତ୍ରା ମା ଅନ୍ନପୂର୍ଣ୍ଣା ମନ୍ଦିରରେ ଶେଷ ହୋଇଛି, ଯେଉଁଠାରେ ସମସ୍ତ ଭକ୍ତଙ୍କ ପାଇଁ ମହାପ୍ରସାଦ ଆୟୋଜନ ପାଇଁ ଟ୍ରଷ୍ଟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରୀତିନୀତି ଏବଂ ବିଶ୍ରାମ ପାଇଁ କିଛି ସମୟ ଅଟକି ରହିବା ପରେ ପବିତ୍ର ରଥ ଅଦାଲଜ ଜଗନ୍ନାଥ ମନ୍ଦିର (ଘର ମନ୍ଦିର)କୁ ଫେରନ୍ତା ଯାତ୍ରା ଆରମ୍ଭ କରିଥିଲା।

ଫିଫା ବିଶ୍ୱକପ୍

# ଆର୍ଜେଣ୍ଟିନାକୁ ଜିତାଇ ପାରିବେ କି ମେସି





ନୂଆଦିଲ୍ଲୀ,୧୭।୭ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଣ୍ଟିନା ଏଥରକୁ ମିଶାଇ ସପ୍ତମଥର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦଳ ୬ଥର ଫାଇନାଲ ଖେଳି ୩ଥର ଚାମ୍ପିଅନ୍ ରନର୍ସ ଅପ୍ ହୋଇଥିଲା । ଏଥର କଣ ହେବ ସାରା ବିଶ୍ୱର ଆର୍ଜେଣ୍ଟିନା ପ୍ରଶଂସଙ୍କୁ ଏହି ପ୍ରଶ୍ନ ଆନ୍ଦୋଳିତ କରୁଛି। ସ୍ପେନକୁ ହରାଇ ଦଳ ଟାଇଟଲ ବଜାୟ ରଖିବ ନାଁ ରେକର୍ଡ ୩-୪ ହେବ। ପୂର୍ବରୁ ୧୯୩୪ ଓ ୧୯୩୮ ସଂସ୍କରଣରେ ଇଟାଲୀ ଏବଂ ୧୯୫୮ ଓ ୧୯୬୨ ସଂସ୍କରଣରେ ବ୍ରାଜିଲ ଦୁଇଥର ଲେଖାଏଁ ଟାଇଟଲ ଜିତିଥିଲେ। ଆର୍ଜେଣ୍ଟିନା ଚାମ୍ପିଅନ ହେଲେ ଇଟାଲୀ ବ୍ରାଜିଲ ସମକକ୍ଷ ହେବ। ସେମିତି ବ୍ରାଜିଲ ୫ ଥର ଚାମ୍ପିଅନ ହୋଇଛି। ଆର୍ଜେଣ୍ଟିନା ଏଥିର ଜିତିଲେ ଜର୍ମାନୀ ଓ ଇଟାଲୀ ସହ ସମକକ୍ଷ ହୋଇପାରିବ। ଜର୍ମାନୀ ଓ ଇଟାଲୀ ୪ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି। ୧୯୩୦ ପ୍ରଥମ ସଂସ୍କରଣରେ ଆର୍ଜେଣ୍ଟିନା ୬-୧ ଗୋଲରେ ଆମେରିକାକୁ ପରାଜିତ କରି ଫାଇନାଲରେ ପରାଜିତ କରିଥିଲା। କିନ୍ତୁ ଫାଇନାଲରେ ଦଳ ୪-୨ ଗୋଲରେ ଉରୁଗୁଏ ଠାରୁ ପରାଜିତ ହୋଇଥିଲା। ୧୯୭୮ରେ ଗ୍ରୁପ ବି'ରେ ଦଳ ଫାଇନାଲରେ ପ୍ରବେଶ କରିଥିଲା। ୩-୧ ଗୋଲରେ ନେଦରଲାଣ୍ଡର୍ସକୁ ଆର୍ଜେଣ୍ଟିନା ପ୍ରଥମଥର ଫିଫା ବିଶ୍ୱକପ ଟ୍ରଫି ତୋଳି ଧରିଥିଲା।୧୯୮୬ ଆର୍ଜେଣ୍ଟିନା ୨-୦ ଗୋଲରେ ବେଲଜିୟମକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଟାଇଟଲ ଲଢ଼େଇରେ ଦଳ ୩-୨ ଗୋଲ ପଶ୍ଚିମ ଜର୍ମାନୀକୁ ହରାଇଥିଲା। ୧୯୯୦ରେ ଇଟାଲୀକୁ ଦଳ ପରାସ୍ତ କରିଥିଲା। ୨୦୧୪ରେ ସୁଟଆଉଟରେ ନେଦରଲାଣ୍ଡକୁ ହରାଇଥିଲା। ପୁଣିଥରେ ୧-୦ ଗୋଲରେ ଜର୍ମାନୀଠାରୁ ରନର୍ସ ଅପରେ ସନ୍ତୁଷ୍ଟ ହୋଇଥିଲା।

ଚଳିତ ବିଶ୍ୱକପରେ ଫଳାଫଳ କଣ ହେବ। ଏନେଇ ସମସ୍ତଙ୍କୁ ଚିନ୍ତା ଘାରିଛି। ୨୦୨୨ ବିଶ୍ୱକପ ସେମିରେ ଆର୍ଜେଣ୍ଟିନା ୩-୦ ଗୋଲରେ କ୍ରୋଏସିଆକୁ ପରାସ୍ତ କରିଥିଲା। ଫାଇନାଲରେ ଫ୍ରାନ୍ସକୁ ୪-୨ ଟାଇବ୍ରେକରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏଥର ୨-୧ ଗୋଲରେ ଇଂଲଣ୍ଡକୁ ହରାଇ ଆର୍ଜେଣ୍ଟିନା ଫାଇନାଲରେ ପହଞ୍ଚିଛି। ରବିବାର ସ୍ପେନ ସହ ଟାଇଟଲ ଲଢ଼େଇ ହେବ। ୧୯୮୬ରେ ଆର୍ଜେଣ୍ଟିନା ଦ୍ୱିତୀୟଥର ବିଶ୍ୱ ଚାମ୍ପିଅନ ହେବା ପରେ ୧୯୯୦ ପରେ ଟାଇଟଲ ବଜାୟ ରଖିପାରିନଥିଲା। ପୁଣି ଦଳ ଚଳିତ ସଂସ୍କରଣରେ ସମାନ ପ୍ରଦର୍ଶନ ଦୋହରାଇଛି। ଅଧିନାୟକ ଲିଓନେଲ ମେସି ଯେମିତି ଫର୍ମରେ ଅଛନ୍ତି ଫଳାଫଳ ଆର୍ଜେଣ୍ଟିନା ସପକ୍ଷରେ ଯିବ ବୋଲି ଆଶା କରାଯାଉଛି।

## ଚାମ୍ପିଅନ ଦଳକୁ ମିଳିବ ୫ ଶହ କୋଟି

ନୂଆଦିଲ୍ଲୀ,୧୭।୭ (ଏଜେନ୍ସି): ରବିବାର ଫିଫା ବିଶ୍ୱକପ ଫାଇନାଲ ଖେଳାଯିବ। ଟ୍ରଫି ପାଇଁ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ୧୬ ବର୍ଷ ପରେ ଫାଇନାଲକୁ ଯାଇଥିବା ସ୍ପେନ ପରସ୍ପରକୁ ଭେଟିବେ। ତେବେ ଫିଫା ବିଶ୍ୱକପ ଟାଇଟଲ ଜିତିବା ଦଳ ପୁରସ୍କାର ପାଇବେ ? ରନର୍ସ ଅପ ଠାରୁ ଆରମ୍ଭ କରି ତୃତୀୟ ଓ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିବା ଦଳ ଗୁଡିକୁ ମଧ୍ୟ ଫିଫା ପକ୍ଷରୁ ଆର୍ଥିକ ପୁରସ୍କାର ଦିଆଯିବ। ଫାଇନାଲ ପୂର୍ବରୁ ଫିଫା ପୁରସ୍କାର ରାଶି ସାର୍ବଜନୀନ କରିଛି। ଫିଫା ବିଶ୍ୱକପର ୨୦୨୬ ସଂସ୍କରଣ ହେବାକୁ ଯାଉଛି। ୯୬ ବର୍ଷର ଇତିହାସ ମଧ୍ୟରେ ଯାହା ଘଟି ନଥିଲା। ଏଥର ସେମିତି କିଛି ଘଟିବ। କାରଣ ଫିଫା ମୋଟ ୮୭୧ ମିଲିୟନ୍ ଡଲାର ବା ୮୪୦୦ କୋଟି ଟଙ୍କା ପୁରସ୍କାର ପ୍ରଦାନ କରିବ।

ପ୍ରଥମଥର ପାଇଁ ୪୮ଟି ଦେଶକୁ ନେଇ ଫିଫା ବିଶ୍ୱକପ ଆମେରିକା, କାନାଡା ଓ ମେକ୍ସିକୋରେ ଖେଳାଯାଇଛି। ମୋଟ୍ ୧୦୪ଟି ମ୍ୟାଚ ଆୟୋଜନ ହୋଇଛି। ଏବେ ଫାଇନାଲ ମ୍ୟାଚ ଜିତିବାକୁଥିବା ଦଳକୁ ଫିଫା ବିଶ୍ୱକପ ଟ୍ରଫି ସହ ୪୯୧ କୋଟି ଟଙ୍କା ମିଳିବ। ରନର୍ସ ଅପ୍ ଦଳ ୯୧୭ କୋଟି ଟଙ୍କା ପାଇବ। ତୃତୀୟ ସ୍ଥାନ ଥିବା ଦଳ ୨୭୯ କୋଟି ଓ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିବା ଦଳ ୨୫୯ କୋଟି ଟଙ୍କା ପୁରସ୍କାର ପାଇବେ। କ୍ୱାର୍ଟରଫାଇନାଲ ଖେଳିବାକୁ ଥିବା ଦଳ ଗୁଡିକ ୧୮୨ କୋଟି ଲେଖାଏଁ,. ରାଉଣ୍ଡ ୧୬ ଦଳ ୧୪୪ କୋଟି ଲେଖାଏଁ, ରାଉଣ୍ଡ-୩୨କୁ ଯାଇଥିବା ଦଳ ୧୦୫ କୋଟି ଲେଖାଏଁ ପାଇବେ। ଗ୍ରୁପ ପର୍ଯ୍ୟାୟରୁ ବିଦା ହୋଇଥିବା ଦଳ ଗୁଡିକ ମଧ୍ୟ ୮୬ କୋଟି ଲେଖାଏଁ ଦିଆଯିବ। ଫିଫା ପରିଚାଳନା କମିଟି ଟୁର୍ଣ୍ଣାମେଣ୍ଟ ଆରମ୍ଭରୁ ମୋଟ ୭୨୭ ମିଲିୟନ ଡଲାର ପୁରସ୍କାର ରାଶି ସମ୍ପର୍କରେ ଘୋଷଣା କରିଥିଲା। କାତାରରେ ଅନୁଷ୍ଠିତ ୨୦୨୨ ଫିଫା ବିଶ୍ୱକପରେ ମିଳିଥିବା ପୁରସ୍କାର ରାଶିଠାରୁ ୫୦% ଅଧିକ।

ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଥିବା ପ୍ରତ୍ୟେକ ଦଳ ପ୍ରାକ୍ ଟୁର୍ଣ୍ଣାମେଣ୍ଟ ଶିବିର, ଯାତ୍ରା ଓ ଲଜିଷ୍ଟିକ ଭଳି ଖର୍ଚ୍ଚ ତୁଲାଇବା ପାଇଁ ୨.୫ ମିଲିୟନ ଡଲାର ପାଇବେ। ପ୍ରତିନିଧି ଦଳ ଖର୍ଚ୍ଚ ଟିକେଟ ଆବଣ୍ଟନରେ ସହାୟତା କରିବା ପାଇଁ ଫିଫା ଅତିରିକ୍ତ ଭାବେ ୧୬ ମିଲିୟନ ଡଲାରରୁ ଅଧିକ ରହିଛି। ଏହାକୁ ଭାଗ ନେଇଥିବା ଦେଶ ଗୁଡିକ ମଧ୍ୟରେ ବଣ୍ଟାଯିବ। ତେଣୁ ୨୦୨୬ ବିଶ୍ୱକପରେ ଭାଗ ନେଇଥିବା ଦଳ ମ୍ୟାଚ ଗୁଡିକ ପୂର୍ବରୁ ୧୨୦ କୋଟି ଟଙ୍କା ପାଇବାକୁ ଫିଫା ପୂର୍ବରୁ ହିଁ ନିଶ୍ଚିତ କରିଥିଲା। ଗ୍ରୁପ ପର୍ଯ୍ୟାୟରୁ ଆଗକୁ ବଢ଼ିବାରେ ଦେଶ ବିଫଳ ହୋଇଥିବା ଦେଶ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

## ଫାଇନାଲ ଦେଖିବେ ଟ୍ରମ୍ପ



ନ୍ୟୁୟର୍କ,୧୭।୭ (ଏଜେନ୍ସି): ରବିବାର ନ୍ୟୁୟର୍କର ନ୍ୟୁୟ ଜର୍ସି ଷ୍ଟାଡିୟମରେ ଫିଫା ବିଶ୍ୱକପ ଫାଇନାଲ ଖେଳାଯିବ। ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଖେଳାଯିବାକୁ ଥିବା ଏହି ମହାମୁକାବିଲା ଦେଖିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯିବେ ବୋଲି ହ୍ୱାଇଟ ହାଉସ ପକ୍ଷରୁ ଗଣମାଧ୍ୟମ ସମ୍ପାଦକ କାରୋଲିନ ଲିଆଭିଟ ଶୁକ୍ରବାର ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଲିଆଭିଟ କହିଛନ୍ତି। ଆମେ ରବିବାର ଫାଇନାଲ ମ୍ୟାଚକୁ ଅପେକ୍ଷା କରିଛୁ। ରାଷ୍ଟ୍ରପତି ଏଥିରେ ଯୋଗଦେବେ। ତାଙ୍କର ଉପସ୍ଥିତରେ ଆମେରିକା ଇତିହାସରେ ସବୁଠୁ ଅଧିକ ଲୋକ ଦେଖିଥିବା, ସୁରକ୍ଷିତ ସଫଳ ବିଶ୍ୱକପର ପରିସମାପ୍ତି ହେବ। ଶନିବାର ନ୍ୟୁୟର୍କ ସ୍ଥିତ ଟ୍ରମ୍ପ ଟାୱାରରେ ହେବାକୁଥିବା ଫିଫା ନୈଶ ଭୋଜିରେ ଆମେରିକା ରାଷ୍ଟ୍ରପତି ଯୋଗଦେବେ ବୋଲି ଲିଆଭିଟ ସୂଚନା ଦେଇଛନ୍ତି।

## ଶନିବାର ବ୍ରୋଞ୍ଜ ଲଢ଼େଇ

ମିଆଁମି,୧୭।୭ (ଏଜେନ୍ସି): ଶନିବାର ଫିଫା ବିଶ୍ୱକପର ବ୍ରୋଞ୍ଜ ପଦକ ଲଢ଼େଇ ଇଂଲଣ୍ଡ ଓ ଫ୍ରାନ୍ସ ମଧ୍ୟରେ ରାତି ୨.୩୦ରେ ଆରମ୍ଭ ହେବ। ଦୁଇ ଦଳ ମିଆଁମି ଷ୍ଟାଡିୟମରେ ମୁହାଁମୁହିଁ ହେବେ। କୋଚ ଡିଡିଆର୍ଙ୍କ ପାଇଁ ଫ୍ରାନ୍ସ ଦାୟତ୍ୱ ନେବାର ଏହା ଶେଷ ମ୍ୟାଚ ହେବ। ସେହିଭଳି ଏହି ମ୍ୟାଚ ଏମ୍ବାପେଙ୍କ ପାଇଁ କିଛି ବ୍ୟକ୍ତିଗତ ରେକର୍ଡ କରିବାର ସୁଯୋଗ ଆଣିବ। ସେମିଫାଇନାଲରେ ଫ୍ରାନ୍ସକୁ ୨-୦ ଗୋଲରେ ସ୍ପେନ ପରାଜିତ କରି ଫାଇନାଲରେ ପ୍ରବେଶ କରିଥିଲେ। ଇଂଲଣ୍ଡକୁ ୨-୧ ଗୋଲରେ ଆର୍ଜେଣ୍ଟିନା ହରାଇ କ୍ରମାଗତ ଫାଇନାଲରେ ପ୍ରବେଶ କରିଥିଲା। ଏହି ଦୃଷ୍ଟିରୁ ସେମିଫାଇନାଲର ଦୁଇ ପରାଜିତ ଦଳ ଇଂଲଣ୍ଡ ଓ ଫ୍ରାନ୍ସ ବ୍ରୋଞ୍ଜ ଲଢ଼େଇରେ ଅବତୀର୍ଣ୍ଣ ହେବେ। ୪୮ ଦଳୀୟ ଏହି ପ୍ରତିଯୋଗିତାରେ ଚମତ୍କାର ଖେଳି ସେମିଫାଇନାଲରେ ପହଞ୍ଚିଥିବା ଏହି ଦୁଇ ଦଳ ବିଶ୍ୱକପ ଆଶାରେ ରହିଥିଲେ, ହେଲେ ଏହି ଆଶା ପୂରଣ ହୋଇପାରିଲା ନାହିଁ। ଏବେ ଉଭୟ ଦଳର ଖେଳାଳିଙ୍କ ପାଇଁ ଦକ୍ଷିଣ ଆମେରିକାରେ ବ୍ରୋଞ୍ଜ ପଦକ ଜିତି ଆଶାସ୍ୱନା ପାଇବାର ସମୟ ଆସିଛି।





## ଫାଓ ଲିଗ: ରୋଭର୍ସ କ୍ଲବ ବିଜୟୀ

ଭୁବନେଶ୍ୱର,୧୭।୭ (ସବ୍ୟ): ଏମଜିଏମ ଫାଓ ଲିଗର ୧୬ତମ ଦିନ ଅନୁଷ୍ଠିତ ମ୍ୟାଚରେ ରୋଭର୍ସ କ୍ଲବ ୪-୧ ଗୋଲରେ କିଶୋର କ୍ଲବକୁ ପରାଜିତ କରିଥିବା ବେଳେ ଓଡ଼ିଶା ପୋଲିସ ଏବଂ ଚାନ୍ଦ କ୍ଲବ ମଧ୍ୟରେ ୨-୨ ଗୋଲରେ ଡ୍ର ରହିଛି।

ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ରୋଭର୍ସ କ୍ଲବ୍ ୪-୧ ଗୋଲରେ କିଶୋର କ୍ଲବକୁ ଧରାଶାୟୀ କରିଥିଲା। ଏହି ରୋଚକ ମ୍ୟାଚରେ ରୋଭର୍ସ କ୍ଲବ ପ୍ରାଧାନ୍ୟ ବିସ୍ତାର କରିଥିଲା। ଦଳ ପକ୍ଷରୁ ଅବିନାଶ ମୁଦୁଲି, ସୁରେଶ ଖଡିଆ ଏବଂ ମହେଶ ହାଂସଦା ଗୋଲ ସ୍କୋର କରିଥିଲେ। କିଶୋର କ୍ଲବର ଅଶାନ୍ତ କେରକେଟା ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୋଲିସ ଓ ଚାନ୍ଦ କ୍ଲବ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଦୁଇଟି ଲେଖାଏଁ ଗୋଲ ଦେଇଥିଲେ। ଓଡ଼ିଶା ପୋଲିସର ପୁରୁଷତ୍ତୋମ କେରକେଟା ଓ ଭୋଳାଶଙ୍କର ମାଝୀ ଦୁଇଟି ଗୋଲ କରିଥିଲେ। ଚାନ୍ଦ କ୍ଲବର ସାଗର ସିଂ ଓ ଜତୁଆ ପୃଷ୍ଟି ଗୋଲ ଦେଇଥିଲେ।

## କ୍ରିକେଟ କିମ୍ବଦନ୍ତୀ ଗ୍ୟାରୀ ସୋବର୍ସଙ୍କ ପରଲୋକ




ନୂଆଦିଲ୍ଲୀ,୧୭।୭ (ଏଜେନ୍ସି): ୱେଷ୍ଟଇଣ୍ଡିଜର ପୂର୍ବତନ ମହାନ କ୍ରିକେଟର ସାରା ଗ୍ୟାରି ସୋଭର୍ସଙ୍କ ପରଲୋକ ହୋଇଛି। ଶୁକ୍ରବାର ୮୯ ବର୍ଷ ବୟସରେ ବାରବାଡୋସ ସ୍ଥିତ ବାସଭବନରେ ସୋଭର୍ସ ଆଖିବୁଜିଛନ୍ତି। କ୍ରିକେଟ ଜଗତର ସର୍ବଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଗ୍ୟାରିଙ୍କୁ ବିବେଚନା କରାଯାଏ। ଏକ ମହାନ୍ ଇନିଂସର ଅନ୍ତ ଘଟିଛି। ଆମ ହୃଦୟରେ, ବର୍ତ୍ତମାନ ଏବଂ ସବୁଦିନ ପାଇଁ ସୋବର୍ସ ସ୍ମୃତି ହୋଇ ରହିବେ ବୋଲି କ୍ରିକେଟ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଟ୍ୱିଟରରେ ଭାବପୂର୍ଣ୍ଣ ପୋଷ୍ଟ କରାଯାଇଛି। ବାମହାତି ବ୍ୟାଟର ଭାବେ ଜଣାଶୁଣା ଗ୍ୟାରି ମଧ୍ୟମ ଦ୍ରୁତ, ସ୍ପିନ ଏବଂ ରିଷ୍ଟ ସ୍ପିନ ଆଦି ବିଭିନ୍ନ ଶୈଳୀରେ ବୋଲିଂ କରିପାରୁଥିଲେ। ଏତଦବ୍ୟତୀତ ଜଣେ ଚମତ୍କାର ଫିଲ୍ଡର ମଧ୍ୟ ଥିଲେ। ବାରବାଡୋସରେ ଜନ୍ମିତ ସୋଭର୍ସ ୧୯୫୪ରୁ ୧୯୭୪ ପର୍ଯ୍ୟନ୍ତ ଇଣ୍ଡିଜ ପାଇଁ ୯୩ଟି ଟେଷ୍ଟ ଖେଳିଥିଲେ। ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବିବେଚିତ ସୋଭସ ଅନ୍ତର୍ଜାତୀୟସ୍ତରରେ ୮୦୦୦ରୁ ଊର୍ଦ୍ଧ୍ୱ ଟେଷ୍ଟ ରନ ସାଙ୍ଗକୁ ୨୩୫ ୱିକେଟ୍ ନେଇଥିଲେ। ଏତଦ ବ୍ୟତୀତ ସେ ସାମଗ୍ରିକ ଭାବେ କ୍ରିକେଟରେ ୨୮୦୦୦ରୁ ଊର୍ଦ୍ଧ୍ୱ ରନ୍ ଏବଂ ୧୦୪୩ ୱିକେଟ ନେଇଥିଲେ। ୨୦୨୩ ମସିହାରେ ଯେତେବେଳେ ଭାରତୀୟ ଦଳ ଧଳା ବଲ ଶୃଙ୍ଖଳା ପାଇଁ ଇଣ୍ଡିଜ୍ ଗସ୍ତ କରିଥିଲା । ଯେତେ ବେଳେ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଭେଟିଥିଲେ ସୋବର୍ସ। ସୋବର୍ସ ଏବଂ ତାଙ୍କ ପତ୍ନୀ ଏହି ଶୃଙ୍ଖଳାରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ସମର୍ଥନ କରିବା ସୋସିଆଲ ମିଡିଆରେ ଖୁବ ଜୋରରେ ଭାଇରାଲ ହୋଇଥିଲା। ୨୦୨୦ରେ ବିରାଟ କୋହଲିଙ୍କୁ ଦଶନ୍ଧିର ଶ୍ରେଷ୍ଠ କ୍ରିକେଟର ପାଇଁ ସାର ଗ୍ୟାରି ସୋବର୍ସ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

## ରାଜ୍ୟ ଫିଡେ ରେଟେଡ ଚେସ୍ ଚାମ୍ପିଅନସିପ ଉଦ୍‌ଘାଟିତ

ଭୁବନେଶ୍ୱର,୧୭।୭ (ସବ୍ୟ): ଯାଜପୁର ୟୁନାଇଟେଡ ଚେସ୍ ଆସୋସିଏସନ ପକ୍ଷରୁ ଅଲଓଡ଼ିଶା ଚେସ ଆସୋସିଏସନ୍ ତତ୍ତ୍ୱାବଧାନରେ ଏବଂ କ୍ରୀଡା ଓ ଯୁବସେବା ବିଭାଗ ସହଯୋଗରେ ୧୩ ବର୍ଷରୁ କମ ଫିଡେ ରେଟେଡ ଚେସ ଚାମ୍ପିଅନସିପ ଆରମ୍ଭ ହୋଇଛି। ଯାଜପୁର ଜିଲ୍ଲାର ଜାରକା ସ୍ଥିତ ଧର୍ମଶାଳା ଇନଡୋର ଷ୍ଟାଡିୟମରେ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। ୪ ଦିନିଆ ଏହି ରାଜ୍ୟସ୍ତରୀୟ ଚେସ ମହାକୁମ୍ଭରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପ୍ରତିଭାବାନ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅନେକ ଅନ୍ତର୍ଜାତୀୟ ଫିଡେ ଖେଳାଳି ମଧ୍ୟ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଚେସ ଆସୋସିଏସନ ସଭାପତି ତପନ କିଶୋର ସାରଙ୍ଗି ସଭାପତିତ୍ୱ କରିଥିଲେ। ଯାଜପୁର ୟୁନାଇଟେଡ ଚେସ ଆସୋସିଏସନର ଯୁଗ୍ମ ସମ୍ପାଦକ ଯୁଗ୍ମ ସମ୍ପାଦକ ରଶ୍ମୀ ରଞ୍ଜନ ସାହାଣୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସମରେନ୍ଦ୍ର ସାହୁ, ପୂର୍ବତନ ସଭାପତି ତଥା ବରିଷ୍ଠ ଚେସ ପ୍ରଶିକ୍ଷକ ଚୈତନ୍ୟ ଜେନା ଚେସର କଳାକୌଶଳ ସମ୍ପର୍କରେ ମତ ରଖିଥିଲେ। ଅଲଓଡ଼ିଶା ଚେସ ଆସୋସିଏସନର ଯୁଗ୍ମ ସମ୍ପାଦକ ତଥା ଅନ୍ତର୍ଜାତୀୟ ଆରବିଟର ଭବେଶ ମହାନ୍ତି କହିଛନ୍ତି ଓଡ଼ିଶାରେ ଚେସର ଲୋକପ୍ରିୟତା ବଢୁଛି। ରାଜ୍ୟର ଯୁବ ଖେଳାଳିମାନେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସଫଳତା ହାସଲ କରୁଥିବାରୁ ଏପରି ପ୍ରତିଯୋଗିତା ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ବଡ ଭୂମିକା ନେବ। ମୁଖ୍ୟ ଅତିଥି ଭାବେ ସମାଜସେବୀ ମୀନତି ସାହୁ, ପବିତ୍ର ମହଲା, ଜିଲ୍ଲା ସଂଘ କୋଷାଧକ୍ଷ ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ଦିନ ଦୁଇଟ ରାଉଣ୍ଡ ସମ୍ପନ୍ନ ହୋଇଛି। ଓପନ ବିଭାଗରେ ମନୀଷ ମିଶ୍ର ଦୁଇ ପଏଣ୍ଟ ସହ ଅଗ୍ରଣୀ ରହିଥିବା ବେଳେ ବାଳିକା ବିଭାଗରେ ନୈନିକା ସାହୁ ଦୁଇ ପଏଣ୍ଟ ସହ ଶୀର୍ଷ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲ୍ଲାରୁ ୧୦୦ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି। ମୁଖ୍ୟ ଆରବିଟର ଜ୍ୟୋତି ଶଙ୍କର ନନ୍ଦ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।



## ଲର୍ଡ୍ସରେ ଅବସର ନେଇପାରନ୍ତି ରୋହିତ

ନୂଆଦିଲ୍ଲୀ,୧୭।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ରୋହିତ ଶର୍ମା ୨୬ ରନ ଆଉଟ ହେବା ପରେ ତାଙ୍କ ଭବିଷ୍ୟତକୁ ନେଇ ସନ୍ଦେହ ବଢ଼ିଛି। ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ଭାରତର ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ୩୯ ବର୍ଷୀୟ ରୋହିତ ଯେପର୍ଯ୍ୟନ୍ତ ରୋହିତ ସେପର୍ଯ୍ୟନ୍ତ ପ୍ରଶ୍ନ ଉଠିଲାନି। ଯୁବ ଖେଳାଳି ଯଶସ୍ୱୀ ଜୟସ୍ୱାଲ ସୁଯୋଗ ଅପେକ୍ଷାରେ ରହିବା ଏହି ମାମଲାକୁ ଜଟିଳ କରିଦେଇଛି। ଦ୍ୱିତୀୟ ଦିନିଆରେ ଖରାପ ଖେଳିବା ପରେ ପିଟିଆଇର ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ଜୁଲାଇ ୧୯ ରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ମ୍ୟାଚ ଶେଷ ମ୍ୟାଚ ହୋଇପାରେ। ଶେଷ ୮ଟି ଦିନିକିଆ ମ୍ୟାଚରେ ରୋହିତ ୨୪୧ ରନ ସଂଗ୍ରହ କରିଛନ୍ତି। ଏଥିରେ କେବଳ ଗୋଟିଏ ଅର୍ଦ୍ଧଶତକ ଅଛି। ଜାତୀୟ ଚୟନକର୍ତ୍ତା ଚାହୁଁଛନ୍ତି, ୩ଟି ଇନିଂସରେ ଦୁଇଟି ଶତକ ହାସଲ କରିଥିବା ଯଶସ୍ୱୀ ଜୟସ୍ୱାଲଙ୍କୁ ଅଧିକ ସୁଯୋଗ ମିଳୁ। ରୋହିତଙ୍କ ଅବସର ନେବା ପାଇଁ କେହି କହିପାରିବେ ନାହିଁ। କିନ୍ତୁ ଏହା ସମ୍ପୂର୍ଣ୍ଣ ସ୍ପଷ୍ଟ ଯେ, ଆଗକୁ ଆସିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଚୟନକର୍ତ୍ତା ନୂଆ ଯୋଜନା କରିବାକୁ ଚାହୁଁଛନ୍ତି। ରୋହିତଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ତାଙ୍କୁ ନିଜେ ହିଁ ନେବାକୁ ପଡିବ ବୋଲି ବିସିସିଆଇର ଜଣେ ବରିଷ୍ଠ ସମ୍ପର୍କରେ ନାମ ଗୋପନ ସମ୍ପର୍କରେ ପିଟିଆଇକୁ କହିଛନ୍ତି। ଚୟନକର୍ତ୍ତା ରୋହିତଙ୍କୁ ସ୍ପଷ୍ଟ କରିଛନ୍ତି ଯେ, ଇଂଲଣ୍ଡ ଗସ୍ତ ପରେ ସେ ଆଉ ଯୋଜନାରେ ନାହାଁନ୍ତି। ଏହି ସିରିଜ ପରେ ସେମାନେ ଆଗକୁ ବଢୁଛନ୍ତି। ଯଦି ରୋହିତ ବିଶେଷକରି ନିଜ ଫିଟନେସ ଉପରେ କାମ କରିବା ପରେ ଖେଳ ଜାରି ରଖିବାକୁ ଚାହୁଁଥିଲେ ତଥାପି ଚୟନକର୍ତ୍ତା ତାଙ୍କ ଭବିଷ୍ୟତ ନିଷ୍ପତ୍ତି ତାଙ୍କ ଉପରେ କରିଛନ୍ତି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665,
TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି